ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, March 17/2026 | Page 16 | ₹ 7.00
୫୨ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 111 | ମୂଲ୍ୟ ₹୭/-

# ଜଳିଗଲା ଏସ୍‌ସିବି ଟ୍ରମା ଆଇସିୟୁ, ୧୦ ରୋଗୀ ମୃତ



ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲ୍‌ଟି ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ପୋଡ଼ି ନଷ୍ଟ ହୋଇଯାଇଥିବା ଆସବାବପତ୍ର। **(ଫଟୋ: ରାଜକିଶୋର ମହାନ୍ତି)**

- **ବାଜିଲାନି ଆଲାର୍ମ, କାମ ଦେଲାନି ପାଣି ସିଞ୍ଚନ ବ୍ୟବସ୍ଥା**
- **ବିଳମ୍ବରେ ପହଞ୍ଚିଲା ଦମକଳ, ଉଦ୍ଧାର ପୂର୍ବରୁ ଆଖି ବୁଜିଲେ ୭**
- **ମୃତକଙ୍କ ପିଛା ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା**

**କଟକ,୧୬।୩(କୁମାରଶ୍ରୀ)**

ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ରବିବାର ରାତି ପ୍ରାୟ ୨ଟା ୪୦ମିନିଟରେ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ହେଲେ ଏଠାକାର ଅଗ୍ନିନିରପତ୍ତା ବ୍ୟବସ୍ଥା ବିଫଳ ହେବାରୁ ୧୦ ଚିକିତ୍ସାଧୀନ ରୋଗୀଙ୍କ ପ୍ରାଣହାନି ଘଟିଛି। ନିଆଁ ଲାଗିଥିଲେ ସୁଦ୍ଧା ଆଲାର୍ମ ବାଜି ନ ଥିଲା କି ପାଣି ସିଞ୍ଚନ ବ୍ୟବସ୍ଥା କାର୍ଯ୍ୟ କରି ନ ଥିଲା। ଏପରିକି ଖବର ପାଇ ନିଆଁ ଲିଭାଇବାକୁ ଆସିବା ପାଇଁ ମେଡିକାଲ ପରିସରସ୍ଥ ଅଗ୍ନିଶମ ବାହିନୀକୁ ୨୦ମିନିଟ ସମୟ ଲାଗି ଯାଇଥିଲା। ଏହି ଅଘଟଣରେ ପ୍ରାଣ ହରାଇଥିବା ରୋଗୀମାନେ ହେଲେ, ଚୌଦ୍ୱାର ଅଞ୍ଚଳର ରମେଶ ଚନ୍ଦ୍ର ପରିଡା(୪୫), ବାଲେଶ୍ୱରର ମଧୁସୂଦନ ଦଳାଇ(୫୬), ଯାଜପୁରର କୃଷ୍ଣଚନ୍ଦ୍ର ବିଶ୍ୱାଳ(୭୫), କେନ୍ଦ୍ରାପଡ଼ାର ରବୀନ୍ଦ୍ର ଦାସ(୩୦), ☞ପୃଷ୍ଠା-୪

# ଜିତିଲେ ମନମୋହନ, ସୁଜିତ୍, ସଂତୃପ୍ତ, ଦିଲୀପ



ମନମୋହନ ସାମଲ



ସୁଜିତ୍ କୁମାର



ସଂତୃପ୍ତ ମିଶ୍ର



ଦିଲୀପ ରାୟ

୧୨ ବର୍ଷ ବ୍ୟବଧାନରେ ଓଡ଼ିଶାରେ ହୋଇଛି ରାଜ୍ୟ ସଭା ନିର୍ବାଚନ । ୪ଆସନ ଲାଗି ସୋମବାର ଅନୁଷ୍ଠିତ ନିର୍ବାଚନରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ସୁଜିତ୍ କୁମାର(ଭାଜପା), ସଂତୃପ୍ତ ମିଶ୍ର(ବିଜେଡି) ଏବଂ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବିଜୟୀ ହୋଇଛନ୍ତି । ଚଳିତ ଥର ରାଜ୍ୟ ସଭା ନିର୍ବାଚନ ବହୁ ରୋଚକପୂର୍ଣ୍ଣ ହୋଇଛି । ବିଜେଡିରୁ ୮ ଏବଂ କଂଗ୍ରେସରୁ ୩ଜଣ ବିଧାୟକ କ୍ରସ୍ ଭୋଟିଂ କରି ଦିଲୀପଙ୍କ ସପକ୍ଷରେ ମତଦାନ କରିଥିବା ଉଭୟ ଦଳ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷେ ବିଜେଡି ବିଧାୟକ ନବ କିଶୋର ମଲ୍ଲିକଙ୍କୁ ନେଇ ବିଧାନସଭା ପରିସର ରଣକ୍ଷେତ୍ର ପାଲଟିଥିଲା। ତେବେ ଆଇନ ତିଆରି କରୁଥିବା ବ୍ୟକ୍ତିମାନେ ଆଇନକୁ ନିଜ ହାତକୁ ନେବା ପାଇଁ ଉଦ୍ୟମ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ରାଜ୍ୟ ସଭା ନିର୍ବାଚନ

**ଭୁବନେଶ୍ୱର,୧୬।୩(ରବିନାରାୟଣ ଜେନା)**

ବହୁ ପ୍ରତୀକ୍ଷିତ ରାଜ୍ୟ ସଭା ନିର୍ବାଚନ ସୋମବାର ଶେଷ ହୋଇଛି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସକାଳ ୯ଟାରେ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ଅପରାହ୍ନ ୪ଟା ପୂର୍ବରୁ ଅର୍ଥାତ୍ ୩ଟା ୩୫ ସୁଦ୍ଧା ଶେଷ ହୋଇଥିଲା। ସନ୍ଧ୍ୟା ୭ଟାରେ ଯେଉଁ ଫଳାଫଳ ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ଚମକପ୍ରଦ। ଏହି ନିର୍ବାଚନରେ ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ପ୍ରାର୍ଥୀ ମନମୋହନ ସାମଲ ☞ପୃଷ୍ଠା-୪

## ଏହି ଗଣିତରେ ବିଜୟୀ

**ଭୁବନେଶ୍ୱର,୧୬।୩(ସୁନିତ୍ ମିଶ୍ର)**

ଓଡ଼ିଶାର ୪ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ନିର୍ବାଚନରେ ଭାଜପାର ୨ ପ୍ରାର୍ଥୀ ସୁଜିତ କୁମାର, ମନମୋହନ ସାମଲ ଏବଂ ଶାସକ ଦଳ ସମର୍ଥନରେ ସ୍ୱାଧୀନରେ ଠିଆ ହୋଇଥିବା ଦିଲୀପ ରାୟ ବିଜୟୀ ହୋଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ବିଜୟୀ ହୋଇଥିବାବେଳେ ବିରୋଧୀ ଦଳ ପକ୍ଷରୁ ମିଳିତ ପ୍ରାର୍ଥୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଭାଗ୍ୟ ବଳରେ





ବିହାର ବିଧାନସଭାରେ ସୋମବାର ରାଜ୍ୟ ସଭା ନିର୍ବାଚନ ମତଦାନ ଚାଲିଥିବାବେଳେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ (ଡାହାଣ)ଙ୍କ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଏନ୍‌ଡିଏ ପ୍ରାର୍ଥୀ ନୀତିନ ନବୀନ ବିଜୟ ସଙ୍କେତ ଦେଖାଉଛନ୍ତି।

# ଟ୍ରମ୍ପ୍ ବାଟବଣା, ମୁହଁ ମୋଡୁଛନ୍ତି ନାଟୋ ସହଯୋଗୀ

**ୱାଶିଂଟନ୍, ୧୬।୩**

ଇରାନ୍ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ବାଟବଣା ହୋଇପଡ଼ିଛନ୍ତି। ସ୍ଥିତି ଏଭଳି ହୋଇଛି , ଟ୍ରମ୍ପ୍ ଯୁଦ୍ଧ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରୁନାହାନ୍ତି କି ଇରାନକୁ ମଧ୍ୟ ରୋକିବାକୁ ବୁଦ୍ଧି ପାଉନାହାନ୍ତି। ଯୁଦ୍ଧ ବୁଝାମଣା କରିବାକୁ ଆଦୌ ପ୍ରସ୍ତୁତ ନ ଥିବା ଇରାନ୍ ଉପସାଗରୀୟ ଦେଶଗୁଡିକ ଉପରେ ଆକ୍ରମଣ ଜାରି ରଖିଥିଲାବେଳେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ପରୋକ୍ଷରେ ଟ୍ରମ୍ପ୍‌ଙ୍କ ପାଇଁ ଚିନ୍ତା ବଢାଇଛି। ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଜାହାଜ ଚଳାଚଳ ବନ୍ଦ କରିଦେଇଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ଯେଭଳି ବଢିଚାଲିଛି ତାହା କେବଳ ଆମେରିକା ନୁହେଁ, ସବୁ ଦେଶଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିପାଇଁ ଟ୍ରମ୍ପ୍ ନାଟୋ ଦେଶଙ୍କ ସହାୟତା ଲୋଡିଛନ୍ତି। କିନ୍ତୁ ଟ୍ରମ୍ପ୍‌ଙ୍କ ତାଗିଦ୍ ସତ୍ତ୍ୱେ ବହୁ ନାଟୋ ସଦସ୍ୟ ରାଷ୍ଟ୍ର ମୁହଁମୋଡିବା ଘଟଣା ଟ୍ରମ୍ପ୍‌ଙ୍କ ଚିନ୍ତା ଆହୁରି ବଢାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ବ୍ୟାରେଲ ପିଛା ମୂଲ୍ୟ ୧୦୫ ଡଲାର ଟପିଛି। ଆଗକୁ ବ୍ୟାରେଲ ପିଛା ମୂଲ୍ୟ



ଡୋନାଲ୍ଡ ଟ୍ରମ୍ପ୍ | କେର୍ ଷ୍ଟାର୍ମର

୨୦୦ ଡଲାରରେ ପହଞ୍ଚାଇବାକୁ ଇରାନ୍ ଧମକ ଦେବା ସହିତ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ କରିବା ରଣନୀତିକୁ ଆପଣାଇଛି। ଟ୍ରମ୍ପ୍ ହର୍ମୁଜ୍ ଷ୍ଟ୍ରେଟ୍‌ରେ ତୈଳ ପରିବହନକାରୀ ଜାହାଜଗୁଡିକୁ ସୁରକ୍ଷା ଦେବା ନେଇ ଚାଇନା ସମେତ ନାଟୋ ରାଷ୍ଟ୍ରମାନଙ୍କୁ ଧମକ ଦେଇଛନ୍ତି। ଏହିସବୁ ରାଷ୍ଟ୍ର ହର୍ମୁଜ୍ ସୁରକ୍ଷା ପାଇଁ ସେମାନଙ୍କ ଯୁଦ୍ଧପୋତ ମୁତୟନ କରନ୍ତୁ ବୋଲି ଟ୍ରମ୍ପ୍ ଧମକ ଦେଇଛନ୍ତି। କିନ୍ତୁ କୌଣସି ରାଷ୍ଟ୍ର ଟ୍ରମ୍ପ୍‌ଙ୍କ ଧମକକୁ ଖାତିର କରି ନାହାନ୍ତି। ଅଷ୍ଟ୍ରେଲିଆ ଯୁଦ୍ଧଜାହାଜ ପଠାଇବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲାବେଳେ ଜାପାନ ମଧ୍ୟ ସମାନ କଥା କହିଛି। ସେପଟେ କାନାଡା, ଯୁକ୍ତରାଜ୍ୟ, ଫ୍ରାନ୍ସ, ଜର୍ମାନୀ ଆଦି ପ୍ରମୁଖ ନାଟୋ ରାଷ୍ଟ୍ର ଏଥିପାଇଁ ସହଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି।

## ରାଜ୍ୟ ସଭାରେ ଟିଏମ୍‌ସି ଏମ୍‌ପିଙ୍କ କକ୍ଷତ୍ୟାଗ

**ପଶ୍ଚିମବଙ୍ଗ ମୁଖ୍ୟ ସଚିବ, ଡିଜିପିଙ୍କ ବଦଳି ପ୍ରତିବାଦ**

**ନୂଆଦିଲ୍ଲୀ, ୧୬।୩**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ବଦଳି କରିଥିବାରୁ ଏହାର ପ୍ରତିବାଦରେ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ସାରାଦିନ ରାଜ୍ୟ ସଭାରୁ କକ୍ଷତ୍ୟାଗ କରିଥିଲେ। ନିର୍ବାଚନ ତାରିଖ ଘୋଷଣାର ଅଳ୍ପ କେଇଘଣ୍ଟା ପୂର୍ବରୁ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କ ସମେତ ଡିଜିପି ପୀୟୂଷ ପାଣ୍ଡେଙ୍କ ବଦଳି ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହିତ ପ୍ରମୁଖ ସଚିବ ଏବଂ ଗୃହ ସଚିବଙ୍କୁ ମଧ୍ୟ ବଦଳି କରାଯାଇଛି। ନନ୍ଦିନୀଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ୍ ଅଫିସର ଦୁଷ୍ୟନ୍ତ ନାରିଆଲାଙ୍କୁ ମୁଖ୍ୟ ସଚିବ ଏବଂ ପୀୟୂଷଙ୍କ ସ୍ଥାନରେ ସିଦ୍ଧନାଥ ଗୁପ୍ତାଙ୍କୁ ଡିଜିପି ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସଭାରେ ଶୂନ୍ୟକାଳ ପୂର୍ବରୁ ଟିଏମ୍‌ସି ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଏହି ପ୍ରସଙ୍ଗ ଉଠାଇ ନିର୍ବାଚନ କମିଶନଙ୍କ ରାତିଅଧିଆ ପଦକ୍ଷେପକୁ ନିନ୍ଦା କରିବା ସହ ଆମେ କକ୍ଷତ୍ୟାଗ କରୁଛୁ ବୋଲି କହିଥିଲେ।

## ଭାରତରେ ପହଞ୍ଚିଲା ଶିବାଲିକ୍

**ମୁନ୍ଦ୍ରା(ଗୁଜରାଟ), ୧୬।୩**

ଉପସାଗରୀୟ ଦେଶରୁ ଏଲ୍‌ପିଜି ନେଇ ଆସୁଥିବା ୨ ଜାହାଜ ମଧ୍ୟରୁ ଶିବାଲିକ୍ ସୋମବାର ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ମଙ୍ଗଳବାର ନନ୍ଦାଦେବୀ ମଧ୍ୟ ଗୁଜରାଟର କାଣ୍ଡଲା ବନ୍ଦରରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଏହି ଦୁଇ ଜାହାଜରେ ୯୨,୭୦୦ ମେଟ୍ରିକ୍ ଟନ୍ ଏଲ୍‌ପିଜି ଆସିଥିଲାବେଳେ ଭାରତରେ ଏଲ୍‌ପିଜି ଯୋଗାଣକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ କିଛି ପରିମାଣରେ ଦୂର ହେବ ବୋଲି ଆଶା କରାଯାଉଛି। ଇରାନ୍ ଏହି ଦୁଇ ଜାହାଜକୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବାକୁ ଅନୁମତି ଦେଇଥିଲା। ଆଉ ଏକ ଜାହାଜ ମଧ୍ୟ ଏଲ୍‌ପିଜି ବୋଝେଇ କରି ହର୍ମୁଜ୍ ନିକଟବର୍ତ୍ତୀ ହୋଇଥିବା ସୂଚନା ମିଳିଛି।

# ରାଜ୍ୟ ସଭାରେ ଏନ୍‌ଡିଏର ବଳ ବୃଦ୍ଧି

**ନୂଆଦିଲ୍ଲୀ, ୧୬।୩**

୨୦୨୬ ଏପ୍ରିଲରେ ଖାଲି ହେଉଥିବା ରାଜ୍ୟ ସଭାର ୩୭ ଆସନ ମଧ୍ୟରୁ ୨୬ଟିରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଅବଶିଷ୍ଟ ୧୧ ଆସନ ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ଦ୍ୱିବାର୍ଷିକ ନିର୍ବାଚନରେ ଓଡ଼ିଶାର ୪, ବିହାର ୫ ଓ ହରିୟାଣାର ୨ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଛି। ନିର୍ବାଚନ କମିଶନଙ୍କ ପୂର୍ବ ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁସାରେ ରାଜ୍ୟ ବିଧାନସଭାଗୁଡ଼ିକରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିବାବେଳେ ୫ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ୨୬ ଜଣଙ୍କ ମଧ୍ୟରୁ ଭାଜପାର ୭, କଂଗ୍ରେସର ୫, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୪ ଏବଂ ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ)ର ୩ ଜଣ ରହିଛନ୍ତି। ସେହିପରି ଶିବସେନା, ଆର୍‌ପିଆଇ(ଏ), ଏନ୍‌ସିପି, ଏନ୍‌ସିପି(ଏସ୍‌ପି), ଏଆଇଏଡିଏମ୍‌କେ, ପିଏମ୍‌କେ ଏବଂ ୟୁପିପିଏଲ୍‌ର ଜଣେ ଲେଖାଏ ପ୍ରାର୍ଥୀ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟ ସଭାକୁ ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଶରଦ ପାୱାର, ଅଭିଷେକ ମନୁ ସିଂଘଭି, ତିରୁଚି ଶିବା ଓ ବିନୋଦ ତାୱଡ଼େ ପ୍ରମୁଖ ରହିଛନ୍ତି। ନିର୍ବାଚନ ଅନୁଷ୍ଠିତ ହୋଇଥିବା ୧୦ ରାଜ୍ୟ ମଧ୍ୟରୁ ୬ଟିରେ ଏନ୍‌ଡିଏ ସରକାର କ୍ଷମତାସୀନ ରହିଛି। ୨୪୩ ଆସନ ବିଶିଷ୍ଟ ଉଚ୍ଚ ସଦନରେ ପୂର୍ବରୁ ଏନ୍‌ଡିଏ ୧୩୪ ସଦସ୍ୟ ଥିବାବେଳେ ଏହି ଫଳାଫଳ ଆସିବା ପରେ ରାଜ୍ୟ ସଭାରେ ଶାସକ ମେଣ୍ଟ ସଦସ୍ୟଙ୍କ ସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି। ସେହିପରି ୪ ରାଜ୍ୟରେ କ୍ଷମତାସୀନ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ୮୦ ସଦସ୍ୟ ପୂର୍ବରୁ ରାଜ୍ୟ ସଭାରେ ରହିଥିବାବେଳେ ସଦ୍ୟ ପରିଣାମ ସହ ସେମାନଙ୍କ ସଂଖ୍ୟା ୭୪କୁ ହ୍ରାସ ପାଇଛି। ଖାଲି ହେଉଥିବା ରାଜ୍ୟ ସଭାର ୩୭ ଆସନ ମଧ୍ୟରୁ ଓଡ଼ିଶାର ୪ ଆସନ ରହିଛି। ସେହିପରି ଆସାମର ୩, ବିହାର ୫, ଛତିଶଗଡ଼ ୨, ହରିୟାଣା ୨, ହିମାଚଳ ପ୍ରଦେଶର ଗୋଟିଏ, ମହାରାଷ୍ଟ୍ର ୭, ତାମିଲନାଡୁ ୬, ତେଲଙ୍ଗାନା ୨ ଓ ପଶ୍ଚିମବଙ୍ଗର ୫ ଆସନ ଖାଲି ପଡ଼ିବାକୁ ଥିଲା।



ନୀତୀଶ କୁମାର



ଅଭିଷେକ ମନୁ ସିଂଘଭି



ଶରଦ ପାୱାର



ପାର୍ଥ ପାୱାର

- ହରିବଂଶ ସିଂଙ୍କ ସ୍ଥାନରେ ନୀତୀଶ କୁମାର
- ପଶ୍ଚିମବଙ୍ଗର ୪ ଆସନରେ ଟିଏମ୍‌ସିର ସ୍ଥିତାବସ୍ଥା
- ପାର୍ଥ ପାୱାର, ବାବୁଲ ସୁପ୍ରିୟୋ ଜିତିଲେ

### ଆସାମ: ୩

ଆସାମରେ ଭାଜପାର ଭୁବନେଶ୍ୱର କଲିତାଙ୍କ ସ୍ଥାନରେ ଦଳର ଯୋଗେନ୍ ମୋହନ ରାଜ୍ୟ ସଭାକୁ ଯାଇଛନ୍ତି। ରାମେଶ୍ୱର ତେଲି (ଭାଜପା)ଙ୍କ ଆସନରେ ଶାସକ ଦଳର ତେରାଶ ଗୋୱାଲା ଉଚ୍ଚ ସଦନକୁ ଯାଇଥିବାବେଳେ ଏଜିପିର ଅଜିତ କୁମାର ଭୂୟାଁଙ୍କ ସ୍ଥାନରେ ୟୁପିପିଏଲ୍‌ର ପ୍ରମୋଦ ବୋରେଙ୍କୁ ପ୍ରତିନିଧିତ୍ୱର ସୁଯୋଗ ମିଳିଛି।

### ବିହାର: ୫

ବିହାରରୁ ଖାଲିପଡୁଥିବା ସମସ୍ତ ୫ ଆସନରେ ଏନ୍‌ଡିଏ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ (ଜେଡିୟୁ)ଙ୍କ ସ୍ଥାନରେ ଦଳର ଅଧ୍ୟକ୍ଷ ନୀତୀଶ କୁମାର ଜିତିଛନ୍ତି। କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର (ଭାଜପା) ନିଜ ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ପ୍ରେମଚନ୍ଦ ଗୁପ୍ତାଙ୍କ ସ୍ଥାନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ଆର୍‌ଜେଡିର ଅମରେନ୍ଦ୍ର ଧାରୀ ସିଂଙ୍କ ଆସନରେ ଶିବେଶ କୁମାର (ଭାଜପା) ରାଜ୍ୟ ସଭାକୁ ଯାଇଛନ୍ତି। ସେହିପରି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଅଧ୍ୟକ୍ଷ ପୁନର୍ବାର ବିଜୟ ହାସଲ କରି ରାଜ୍ୟ ସଭାରେ ନିଜ ଆସନ ସୁରକ୍ଷିତ କରିପାରିଛନ୍ତି।

### ଛତିଶଗଡ଼: ୨

ଛତିଶଗଡ଼ର ୨ ଆସନ ମଧ୍ୟରୁ ଗୋଟିଏରେ ଭାଜପା ଓ ଅନ୍ୟଟିରେ କଂଗ୍ରେସ ବିଜୟୀ ହୋଇଛି। କଂଗ୍ରେସର କେ.ଟି.ଏସ୍. ତୁଲସୀ ପ୍ରତିନିଧିତ୍ୱ କରୁଥିବା ଆସନରୁ ଭାଜପାର ଲକ୍ଷ୍ମୀ ବର୍ମା ବିଜୟୀ ହୋଇଥିବାବେଳେ ଫୁଲୋଦେବୀ ନେତମ୍ (କଂଗ୍ରେସ) ନିଜ ସିଟ୍ ବଜାୟ ରଖିଛନ୍ତି।

### ହରିୟାଣା: ୨

ହରିୟାଣାର ୨ ରାଜ୍ୟ ସଭା ଆସନରେ ୩ ପ୍ରାର୍ଥୀ ଥିଲେ। ଉଭୟ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ପକ୍ଷରୁ ଅନିୟମିତତା ଓ ମତଦାନରେ ଗୋପନୀୟତା ପ୍ରଘଟ ଅଭିଯୋଗ ଆସିବା ପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟ ଗଣତି ସ୍ଥଗିତ ରଖାଯାଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏନେଇ କମିଶନଙ୍କ ଦୃଷ୍ଟି ଆକର୍ଷଣ କରି ରାଜ୍ୟ ସଭା ନିର୍ବାଚନର ସ୍ୱଚ୍ଛତା ବଜାୟ ରଖିବା ପାଇଁ ପତ୍ର ଲେଖିଥିଲେ। କଂଗ୍ରେସ ପ୍ରତିନିଧି ଦଳ କମିଶନଙ୍କୁ ଭେଟିବାକୁ ଚାହୁଁଥିବା ଦର୍ଶାଇ ଖାର୍ଗେ ସମୟ ମାଗିଥିଲେ। ରିର୍ଟନିଂ ଅଫିସର ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ୬ ଘଣ୍ଟା ବିଳମ୍ବରେ ଗଣତି ଆରମ୍ଭ ହୋଇଥିଲା। ପୂର୍ବରୁ ଭାଜପାର କିରଣ କୁମାର ଚୌଧରୀ ପ୍ରତିନିଧିତ୍ୱ କରୁଥିବା ଆସନରେ ଦଳୀୟ ପ୍ରାର୍ଥୀ ସଞ୍ଜୟ ଭାଟିଆ ବିଜୟୀ ହୋଇଛନ୍ତି। କିନ୍ତୁ ଦ୍ୱିତୀୟ ଆସନରେ କଂଗ୍ରେସର କର୍ମବୀର ବୌଦ୍ଧ ଓ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସତୀଶ ନାନ୍ଦଲଙ୍କ ମଧ୍ୟରେ ଟକ୍କର ହୋଇଛି। ଏହି ଆସନରେ କଂଗ୍ରେସର ପରମବୀର ସିଂଙ୍କ ଭୋଟକୁ ଆୟୋଗ ରଦ୍ଦ କରିଦେଇଥିବାରୁ କର୍ମବୀରଙ୍କ ଭାଗ୍ୟ ଝୁଲି ରହିଛି। ଏଭଳି ସ୍ଥିତିରେ କଂଗ୍ରେସର ଅନ୍ୟ ବିଧାୟକଙ୍କ ମତକୁ ରଦ୍ଦ କରାଗଲେ କିମ୍ବା ଦଳରୁ କେହି କ୍ରସ୍ ଭୋଟିଂ କଲେ ହିଁ ସ୍ୱାଧୀନ ପ୍ରାର୍ଥୀ ସତୀଶ ଜିତିବେ ବୋଲି ମନେରାଯାଉଛି,

### ହିମାଚଳ: ୧

ହିମାଚଳ ପ୍ରଦେଶର ଖାଲିପଡ଼ିବାକୁ ଥିବା ଆସନରେ ଭାଜପାର ଇନ୍ଦୁ ଗୋସ୍ୱାମୀ ପୂର୍ବରୁ ପ୍ରତିନିଧିତ୍ୱ କରୁଥିବାବେଳେ ସଦ୍ୟ ନିର୍ବାଚନରେ କଂଗ୍ରେସର ଅନୁରାଗ ଶର୍ମା ବିଜୟୀ ହୋଇଛନ୍ତି।

### ମହାରାଷ୍ଟ୍ର: ୭

ମହାଯୁତି ସରକାର ଶାସନାଧୀନ ମହାରାଷ୍ଟ୍ରରେ ମଧ୍ୟ ଏନ୍‌ଡିଏ ଅଧିକ ବଳିୟାନ୍ ହୋଇଛି। ଭାଜପାର ଧୈର୍ଯ୍ୟଶୀଳ ପାଟିଲଙ୍କ ସ୍ଥାନରେ ବିନୋଦ ତାୱଡ଼େ ଏବଂ ଭାଗବତ କରାଡ଼ଙ୍କ ଆସନରେ ରାମରାଓ ୱାଡ୍‌କୁଟେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ରଜନୀ ପାଟିଲ ପ୍ରତିନିଧିତ୍ୱ କରୁଥିବା ଆସନରେ ଭାଜପାର ମାୟା ଇଭ୍‌ନାତେ ଜିତିଛନ୍ତି। ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀଙ୍କ ଆସନରେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ଜ୍ୟୋତି ୱାଘମରେଙ୍କୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱର ସୁଯୋଗ ମିଳିଛି। କେନ୍ଦ୍ରମନ୍ତ୍ରୀ ରାମଦାସ ଆଠୱଲେ (ଆର୍‌ପିଆଇ–ଏ) ଏବଂ ରାଜ୍ୟ ରାଜନୀତିରେ ଚାଣକ୍ୟ ଭାବେ ପରିଚିତ ଶରଦ ପାୱାର (ଏନ୍‌ସିପି–ଏସ୍‌ପି) ନିଜ ନିଜ ଆସନରୁ ପୁଣି ପ୍ରତିନିଧିତ୍ୱ କରିବେ। ଅନ୍ୟପକ୍ଷେ ଏନ୍‌ସିପି–ଏସ୍‌ପିର ଫୌଜିଆ ଖାନ୍‌ଙ୍କ ଆସନରେ ଦିବଂଗତ ନେତା ଅଜିତ୍ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କୁ ଏଥର ସୁଯୋଗ ମିଳିଛି।

### ତାମିଲନାଡୁ: ୬

ତାମିଲନାଡୁର ଡିଏମ୍‌କେ ନେତା ତିରୁଚି ଶିବା ଏବଂ ଏଆଇଏଡିଏମ୍‌କେର ଏମ୍. ଥମ୍ବିଦୁରାଇ ନିଜ ନିଜ ଆସନରେ ପୁନର୍ବାର ପ୍ରତିନିଧିତ୍ୱର ସୁଯୋଗ ଲାଭ କରିଛନ୍ତି। ଡିଏମ୍‌କେର ପି. ସେଲଭାରାସୁଙ୍କ ଆସନରେ କଂଗ୍ରେସର ଏମ୍. କ୍ରିଷ୍ଟୋଫର ତିଲକ ବିଜୟୀ ହୋଇଛନ୍ତି। ଏନ୍.ଆର୍. ଏଲାଙ୍ଗୋ (ଡିଏମ୍‌କେ)ଙ୍କ ଆସନରେ ତାଙ୍କ ଦଳର ଜେ.ସି. ରବୀନ୍ଦ୍ରନ୍ ବିଜୟୀ ହୋଇଛନ୍ତି। କାନିମୋଝି ଏନ୍‌ଭିଏନ୍ ସୋମୁ (ଡିଏମ୍‌କେ)ଙ୍କ ଆସନରେ ଏଲ୍.କେ. ସୁଦୀଶ (ଡିଏମ୍‌ଡିକେ) ଜିତିଛନ୍ତି। ସେହିପରି ଜି.କେ. ଭାସନ (ଟିଏମ୍‌ସି–ଏମ୍)ଙ୍କ ଆସନରେ ପିଏମ୍‌କେର ଅମ୍ବୁମଣି ରାମଦୋସ୍ ବିଜୟୀ ହୋଇଛନ୍ତି।

### ତେଲଙ୍ଗାନା: ୨

କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ନିଜ ରାଜ୍ୟ ସଭା ଆସନ ସୁରକ୍ଷିତ ରଖିବାରେ ସଫଳ ହୋଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର କେ.ଆର୍. ସୁରେଶ ରେଡ୍ଡୀଙ୍କ ଆସନକୁ ଶାସକ କଂଗ୍ରେସର ଭେମ୍ ନରେନ୍ଦ୍ର ରେଡ୍ଡୀ ଛଡ଼ାଇ ନେଇଛନ୍ତି।

### ପଶ୍ଚିମବଙ୍ଗ: ୫



ରାଜୀବ କୁମାର | ବାବୁଲ ସୁପ୍ରିୟୋ

ମାସକ ପରେ ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗର ୫ ରାଜ୍ୟ ସଭା ଆସନ ମଧ୍ୟରୁ ୪ଟିରେ ଶାସକ ଟିଏମ୍‌ସି ସ୍ଥିତାବସ୍ଥା ବଜାୟ ରଖିବାରେ ସକ୍ଷମ ହୋଇଛି। ସୁବ୍ରତ ବକ୍ସିଙ୍କ ସ୍ଥାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ, ରୀତାବ୍ରତ ବାନାର୍ଜୀଙ୍କ ଆସନରେ କୋଏଲ ବାନାର୍ଜୀ, ମୌସମ ନୂରଙ୍କ ଆସନରେ ମେନକା ଗୁରୁସ୍ୱାମୀ ଏବଂ ସାକେତ୍ ଗୋଖଲେଙ୍କ ଆସନରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରାଜୀବ କୁମାର ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ସିପିଆଇଏମ୍‌ର ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟଙ୍କ ଆସନକୁ ଭାଜପାର ରାହୁଲ ସିହ୍ନା ଛଡ଼ାଇ ନେଇଛନ୍ତି।

# ଡଲାର ଉପରେ ପ୍ରହାର ଇରାନ୍‌ର ରଣନୀତି

**ତେହରାନ୍, ୧୬।୩**

ଆମେରିକାକୁ ହାତରେ ନ ମାରି ଭାତରେ ମାରିବାକୁ ଇରାନ୍ ଆପଣାଇଥିବା ରଣନୀତି ଏବେ ଆମେରିକା ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଉପସାଗରୀୟ ଦେଶଗୁଡିକ ଉପରେ ଆକ୍ରମଣ ଏବଂ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ଇରାନ୍ ନିଜ ଅଭିସନ୍ଧି ଜାରି ରଖିଛି। ବର୍ତ୍ତମାନ ଚାଇନା ଏବଂ ଭାରତକୁ ହର୍ମୁଜ୍ ଦେଇ ତୈଳ ପରିବହନ କରିବାକୁ ଇରାନ୍ ଏକପ୍ରକାର ସମ୍ମତି ଦେଇଛି। ଅନ୍ୟ ରାଷ୍ଟ୍ର ମଧ୍ୟ ଇରାନ ପାଇଁ କୌଣସି ପ୍ରତିକୂଳ ସ୍ଥିତି ସୃଷ୍ଟି ନ କରି କୂଟନୈତିକ ସମ୍ପର୍କ ମାଧ୍ୟମରେ ତେଲ ନେବାକୁ କଥାବାର୍ତ୍ତା କରୁଛନ୍ତି। ହେଲେ ଇରାନ୍ ଏଥିପାଇଁ ଏକ ସର୍ତ୍ତ ରଖିଥିବା



କୁହାଯାଇଛି। ଯେଉଁ ଦେଶ ଇରାନରୁ ତେଲ କିଣିବ ଏବଂ ଡଲାର ବଦଳରେ ଚାଇନା ୟୁଆନ୍ ଦେବ ତାହାକୁ ଇରାନ୍ ହର୍ମୁଜ୍ ଦେଇ ତେଲ ବିକିବାକୁ ପ୍ରସ୍ତୁତ ଅଛି ବୋଲି କହିଛି। ଏହାଦ୍ୱାରା ଅନ୍ତର୍ଜାତୀୟ ବଜାରରେ ଡଲାରର ସ୍ଥିତିକୁ କମ୍‌ଜୋର କରିବାକୁ ଇରାନ୍ ଯୋଜନା କରିଥିବା କୁହାଯାଉଛି। ଇରାନ୍‌ର ଏହି ରଣନୀତି ମଧ୍ୟ ଆମେରିକା ପାଇଁ ଚିନ୍ତାର କାରଣ ପାଲଟିଛି।

## ସ୍ଥଳସେନା ମୁତୟନ କରିବ ଆମେରିକା

ଇରାନ୍‌ର ମୁକୁଟମଣି କୁହାଯାଉଥିବା ଖର୍ଗ ଦ୍ୱୀପକୁ ଅକ୍ତିଆର କରିବାକୁ ଆମେରିକା ସ୍ଥଳସେନା ମୁତୟନ କରିପାରେ। ଏନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ସାମରିକ ଏବଂ ତୈଳ ଯୋଗାଣ କ୍ଷେତ୍ରରୁ ଏହି ଦ୍ୱୀପ ଇରାନ୍ ପାଇଁ ବହୁ ଗୁରୁତ୍ୱ ବହନ କରୁଥିଲାବେଳେ ଏଠାକାର ସାମରିକ ଭିତ୍ତିଭୂମି ଉପରେ ଆମେରିକା ଆକ୍ରମଣ କରି ବ୍ୟାପକ କ୍ଷତି ପହଞ୍ଚାଇଛି। ଏହାପରେ ତୈଳ ଡିପୋଗୁଡିକୁ ଅକ୍ତିଆର କରିବା ଲାଗି ଟ୍ରମ୍ପ୍ ସ୍ଥଳସେନା ମୁତୟନ କରିପାରନ୍ତି ବୋଲି କୁହାଯାଉଛି। ଖର୍ଗ ଦ୍ୱୀପ ଦେଇ ଇରାନ୍‌ର ୯୦ ଭାଗ ତୈଳ କାରବାର ହେଉଥିବାରୁ ଏହା ଉପରେ ଆମେରିକା ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚିନ୍ତା କରୁଛି।

# ପିସିଙ୍କ ଜଲୱା



ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ**

ଲସ୍ ଏଞ୍ଜେଲସ୍‌ରେ ରବିବାର ଅନୁଷ୍ଠିତ ୯୮ତମ ଓସ୍କାର ପୁରସ୍କାର ଉତ୍ସବରେ ଜଲୱା ଦେଖାଇଛନ୍ତି ବଲିଉଡର 'ଦେଶୀ ଗାର୍ଲ' ପ୍ରିୟଙ୍କା ଚୋପ୍ରା। ଯଦିଓ ତାଙ୍କର କୌଣସି ଚଳଚ୍ଚିତ୍ର ପୁରସ୍କାର ଜିତି ନ ଥିଲା କିନ୍ତୁ ତାଙ୍କ ଷ୍ଟାଇଲ୍ ସମସ୍ତଙ୍କ ହୃଦୟ ଜିତିଥିଲା। ସେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଓସ୍କାର ଭଳି ଏକ ବିଶ୍ୱସ୍ତରୀୟ ସମାରୋହରେ ପୁରସ୍କାର ପ୍ରଦାନ କରିବାର ଗୌରବ ପାଇଥିଲେ। ଅଭିନେତା ଜାଭିୟର ବାର୍ଡେମଙ୍କ ସହିତ ମିଶି ପିସି 'ସେଣ୍ଟିମେଣ୍ଟାଲ ଭାଲ୍ୟୁ' ପାଇଁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ନିମନ୍ତେ ପୁରସ୍କାର ପ୍ରଦାନ କରିଥିଲେ। ଡାୟୋରଙ୍କ ଦ୍ୱାରା ଡିଜାଇନ କରାଯାଇଥିବା ଏକ ଚମତ୍କାର ହ୍ୱାଇଟ୍ ଅଫ–ଶୋଲ୍ଡର୍ ଗାଉନ ପିସି ପିନ୍ଧିଥିବା ଦେଖାଯାଇଥିଲା। ଏଥିସହିତ କ୍ଲାସିକ୍ ହଲିଉଡ ଗ୍ଲାମରକୁ ମିଶ୍ରଣ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ପ୍ରିୟଙ୍କାଙ୍କ ସାମଗ୍ରିକ ଲୁକ୍ ଚମତ୍କାର ଥିଲା। ପିସିଙ୍କ ସ୍ୱାମୀ ନିକ୍ ଜୋନାସ ଏକ କଳା ଏବଂ ଧଳା ସୁଟ୍‌ରେ ହ୍ୟାଣ୍ଡସମ୍ ଦେଖାଯାଉଥିଲେ। ୯୮ତମ ଓସ୍କାର ପୁରସ୍କାର ସମାରୋହ ହଲିଉଡ୍‌ର ଲସ୍ ଏଞ୍ଜେଲସ୍‌ର ଡଲ୍ବି ଥିଏଟରରେ ଅନୁଷ୍ଠିତ ହୋଇଥିଲା।




# ପିଲା ଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା

**ନବରଙ୍ଗପୁର,୧୬।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଥାନା ଖଣ୍ଡିଗୁଡ଼ା ଓ ଆଖପାଖ ଅଞ୍ଚଳର କେତେଜଣ ଲୋକ ପିଲା ଚୋର ସନ୍ଦେହରେ ଜଣେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ରବିବାର ରାତି ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ତେବେ ମୃତ ବୃଦ୍ଧଙ୍କ ପରିଚୟ ଏଯାଏ ମିଳିପାରିନାହିଁ। ନବରଙ୍ଗପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ରବିବାର ରାତି ୮ଟାରେ ଜଣେ ବୃଦ୍ଧ ଖଣ୍ଡିଗୁଡ଼ା ଅଞ୍ଚଳରେ ବୁଲୁଥିଲେ। ତାଙ୍କୁ ପିଲାଚୋର ଭାବି ଖଣ୍ଡିଗୁଡ଼ା ଓ ଆଖପାଖ ଗାଁର ଶତାଧିକ ଲୋକ ଏକାଠି ହୋଇ ବୃଦ୍ଧଙ୍କୁ ଘେରିଥିଲେ। ପରେ ନିଷ୍ଠୁର ମାଡ଼ ମାରିଥିଲେ। ଖବରପାଇ ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାରକରି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏବେଯାଏ ମୃତକଙ୍କ ପରିଚୟ ମିଳିନାହିଁ। ନବରଙ୍ଗପୁର ଥାନାରେ କେସ୍ ନଂ. ୯୪/୨୬ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ମୃତକଙ୍କ ପରିଚୟ ଏବେଯାଏ ମିଳି ନ ଥିବାରୁ ମୃତଦେହକୁ ଡାକ୍ତରଖାନା ମର୍ଚ୍ଚୁରିରେ ରଖାଯାଇଛି। ସେଠାରେ ମୃତଦେହ ୪ ଦିନ ରଖାଯିବ। କେହି ଦାବିଦାର ଆସିଲେ ମୃତଦେହ ତାଙ୍କୁ ହସ୍ତାନ୍ତର କରାଯିବ। ନଚେତ୍ ସମ୍ମାନ ସହ ପୌରସଂସ୍ଥା ସହଯୋଗରେ ପୋତି ଦିଆଯିବ। ପରବର୍ତ୍ତୀ ସମୟରେ କେହି ମଧ୍ୟ ତାଙ୍କର ଦାବିଦାର ଆସିଲେ ମାଟିଖୋଲି ମୃତଦେହ ବାହାର କରାଯାଇ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଏ ନେଇ ନବରଙ୍ଗପୁର ଥାନାଧିକାରୀ ସମ୍ବିତ ବେହେରା କହିଛନ୍ତି, କୌଣସି ବ୍ୟକ୍ତି ଉପରେ ସନ୍ଦେହ ହେଲେ ୧୧୨କୁ କଲ୍ କରିବେ। ଆଇନକୁ ହାତକୁ ନ ନେଇ ପୋଲିସ ସହାୟତା ନେବେ।

## ସିପିଇଟି ପରୀକ୍ଷା ଆବେଦନ ସମୟସୀମା ମାର୍ଚ୍ଚ ୧୮କୁ ବୃଦ୍ଧି

**ଭୁବନେଶ୍ୱର, ୧୬।୩(ବନ୍ଦନା ସେଠୀ)**

କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ପାଇଁ ଆବେଦନ ସମୟସୀମାକୁ ବୃଦ୍ଧି କରାଯାଇଛି। ସିଇପିଟି ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରୀଛାତ୍ରମାନେ ମାର୍ଚ୍ଚ ୧୮ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର କମନ୍‌ଆପ୍ଲିକେଶନ ଫର୍ମ (ସିଏଏଫ୍) ପୂରଣ କରିପାରିବେ। ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ସିପିଇଟି ପରୀକ୍ଷା ଆବେଦନ ପାଇଁ ମାର୍ଚ୍ଚ ୧୫ ଶେଷ ତାରିଖ ରହିଥିଲା। ମାତ୍ର ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନର ସମୟସୀମାକୁ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷା ବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରୀଛାତ୍ରମାନଙ୍କୁ ସିପିଇଟି ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏପ୍ରିଲ ୨୭ରୁ ମେ' ୧୦ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଚଳିତବର୍ଷ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଠିକ୍ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ପାଠପଢା ସମାପ୍ତ ହେବା ସହ ଉପଯୁକ୍ତ ସମୟରେ ପରୀକ୍ଷା କରାଯାଇ ଫଳାଫଳ ଘୋଷଣା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମର୍ନିଂ ୱାକ୍ ବେଳେ ମାଡ଼ିଗଲା କାର୍, ୩ ମୃତ

**ପିପିଲି, ୧୬।୩ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)**

ସକାଳୁ ସକାଳୁ ଜାତୀୟ ରାଜପଥ କଡ଼ରେ ମର୍ନିଂ ୱାକ୍ ହେଲା କାଳ। ଉତ୍ତରା କେଇସି କଲେଜ ସମ୍ମୁଖରେ ଭୋର ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ମୃତକ ହେଲେ ଧଉଳି ଥାନା ବସନ୍ତପୁର ଶାସନ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ସ୍ତ୍ରୀ ବବିଲତା ସାହୁ (୬୦), ଯାଜପୁର ଜିଲା ଅଧଲିଆ ଅଞ୍ଚଳର ଯଯାତି କେଶରୀ ରାଉତଙ୍କ ସ୍ତ୍ରୀ ଦୀପାଞ୍ଜଳି ରାଉତ (୩୮) ଓ କାର୍ ଡ୍ରାଇଭର ରାଜସ୍ଥାନ କଲାନି ଅଞ୍ଚଳର ରୋନକ (୧୯)। ରୋନକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବବିଲତା ଓ ଦୀପାଞ୍ଜଳି ସୋମବାର ଭୋର ସମୟରେ ମର୍ନିଂ ୱାକ୍ କରୁଥିଲେ। ସେହି ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର୍ (ନଂ.ଓଡି-୦୨-ବିଜି-୧୯୯୪) ସେମାନଙ୍କ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଭାବେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ନୟନଯୋରକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ମୃତ ମହିଳାଙ୍କ ଶରୀରରୁ ଗୋଡ଼ ଅଲଗା ହୋଇଯାଇଥିଲା। ଖବରପାଇ ଘଟଣାସ୍ଥଳରେ ପିପିଲି ପୋଲିସ ଓ ଅଗ୍ନିଶମ ☞ପୃଷ୍ଠା-୧୨



ଦୁର୍ଘଟଣାଗ୍ରସ୍ତ କାର୍‌କୁ କ୍ରେନ୍ ସହାୟତାରେ ନୟନଯୋରୀରୁ ଉଦ୍ଧାର କରାଯାଉଛି।

## ମହିଳା ଶ୍ରମିକଙ୍କ ଉପରେ ମାଡ଼ିଗଲା ଟ୍ରକ୍

**କେନ୍ଦୁଝର,୧୬।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବାଲିଆଗୋଡ଼ା ନାୟାରା ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଟ୍ରକ୍ ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଜବନ୍ଧ ଗ୍ରାମର ସୂର୍ଯ୍ୟମଣୀ ହାଁସଦା(୫୦)। କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। କ୍ଷତିପୂରଣ ଦାବିରେ ଲୋକେ ଏକ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ସୂର୍ଯ୍ୟମଣୀ କାମ ସାରି ସନ୍ଧ୍ୟାରେ ଘରକୁ ଚାଲିଚାଲି ଫେରୁଥିଲେ। ବିପରିତ ☞ପୃଷ୍ଠା-୧୨

# ୧ ଡଲାର= ୯୨.୪୦ ଟଙ୍କା

**ମୁମ୍ବାଇ,୧୬।୩(ପି.ଟି.)**



ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୧୦ ପଇସା ହ୍ରାସ ପାଇ ୯୨.୪୦ ରହିଛି, ଅର୍ଥାତ୍ ୧ ଡଲାର ମୂଲ୍ୟ ୯୨ ଟଙ୍କା ୪୦ ପଇସା ହୋଇଛି। ଭୂରାଜନୈତିକ ଅନିଶ୍ଚିତତା ଯୋଗୁ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ବିଦେଶୀ ପୁଞ୍ଜି ନିରନ୍ତର ପ୍ରତ୍ୟାହାର ଯୋଗୁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ପୁନର୍ବାର ଖୋଲିବ ବୋଲି ଆଶା ଉଜ୍ଜୀବିତ ହେବାରୁ ଘରୋଇ ଷ୍ଟକ୍ ମାର୍କେଟରେ ଉଲ୍ଲେଖନୀୟ ସୁଧାର ଦେଖାଦେଇଥିବା ସତ୍ତ୍ୱେ ଟଙ୍କା ମୂଲ୍ୟ ହ୍ରାସ ପାଇଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ମୂଲ୍ୟ ୯୨.୪୪ରୁ ଆରମ୍ଭ ହୋଇ ଦିବସ ମଧ୍ୟରେ ସର୍ବନିମ୍ନ ୯୨.୪୭କୁ ହ୍ରାସ ପାଇଥିବାବେଳେ ଶେଷରେ ୯୨.୪୦ରେ ସ୍ଥିର ରହିଛି। ଅର୍ଥାତ୍ ପୂର୍ବ କାରବାର ଦିବସ ତୁଳନାରେ ଟଙ୍କା ମୂଲ୍ୟ ୧୦ ପଇସା ହ୍ରାସ ପାଇଛି। ଶୁକ୍ରବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୨.୩୦ ରହିଥିଲା।

# ବିଜୁ ନବୀନ ଇନ୍‌ସ୍ପିରେଶନାଲ ଟ୍ରଷ୍ଟ ବିରୋଧରେ ତଦନ୍ତ ଦାବି

**କଟକ,୧୬।୩(କାର୍ତ୍ତିକ ସାହୁ)**

### ହାଇକୋର୍ଟରେ ପିଟିଶନ

ବିଜୁ ନବୀନ ଇନ୍‌ସ୍ପିରେଶନାଲ ଟ୍ରଷ୍ଟକୁ ନେଇ ହାଇକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ଟ୍ରଷ୍ଟ ବିରୋଧରେ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି।

ପିଟିଶନ୍‌ର ବିବରଣୀ ଅନୁଯାୟୀ, ନୂଆଦିଲ୍ଲୀ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ୨୦୨୫ ମେ' ୯ରେ ବିଜୁ ନବୀନ ଇନ୍‌ସ୍ପିରେଶନାଲ ଟ୍ରଷ୍ଟ ପଞ୍ଜୀକୃତ ହୋଇଛି। ଉକ୍ତ ଟ୍ରଷ୍ଟର ସଭାପତି ଭାବେ ବିଜୁ ଜନତା ଦଳ ସହ ସମ୍ପୃକ୍ତ ରାଜନୈତିକ ବ୍ୟକ୍ତିତ୍ୱ ଭି. କାର୍ତ୍ତିକେୟ ପାଣ୍ଡିଆନ୍, ସଚିବ ଭାବେ ବିଜୁ ଜନତା ଦଳର ନେତା ସଂତୃପ୍ତ ମିଶ୍ର ଓ ଟ୍ରଷ୍ଟି ଭାବେ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ରହିଛନ୍ତି। ଏ ସମସ୍ତ କର୍ମକର୍ତ୍ତା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହ ସମ୍ପୃକ୍ତ। ଟ୍ରଷ୍ଟ ଏକ ଦାତବ୍ୟ, ସମାଜ କଲ୍ୟାଣ ଅନୁଷ୍ଠାନ। ତେଣୁ ଏହି ଟ୍ରଷ୍ଟର କାର୍ଯ୍ୟକଳାପରେ ଅର୍ଥନୈତିକ ସ୍ୱଚ୍ଛତା ପ୍ରତି ତଦନ୍ତର ଆବଶ୍ୟକତା ରହିଛି। ଟ୍ରଷ୍ଟର ଗଠନ, ଆର୍ଥିକ ଉତ୍ସ ଓ କାର୍ଯ୍ୟକାରିତାକୁ ନେଇ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ☞ପୃଷ୍ଠା-୧୨

# ଆହୁରି ୫ଦିନ ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)**

### ମୟୂରଭଞ୍ଜର ମୋରଡ଼ାରେ ସର୍ବାଧିକ ୫୫ମି.ମି ବୃଷ୍ଟିପାତ

ପୂର୍ବଭାରତ ଉପରେ ରହିଥିବା ଉପ-ଉଷ୍ଣକଟୀବନ୍ଧୀୟ (ସବ୍‌ଟ୍ରପିକାଲ୍) ପଶ୍ଚିମୀ ଜେଟ୍ ଷ୍ଟ୍ରିମ୍ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଅନୁଭୂତ ହେଉଛି। ରାଜ୍ୟରେ ଆସନ୍ତା ୫ଦିନ ଧରି ଘଡ଼ଘଡ଼ି ଓ ବର୍ଷା ପବନ ସହିତ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୭ଦିନ ପର୍ଯ୍ୟନ୍ତ କାଁ ଭାଁ ସ୍ଥାନରେ ବର୍ଷା ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବିଶେଷକରି ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ କୁଆପଥର ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଅନୁଗୋଳ ଜିଲାର କେତେକ ସ୍ଥାନରେ ବର୍ଷା ସହିତ କୁଆପଥର ବର୍ଷା ହୋଇଛି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ମୟୂରଭଞ୍ଜ ଜିଲାର ମୁରୁଡ଼ାରେ ସର୍ବାଧିକ ୫୫ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ମୟୂରଭଞ୍ଜର ବେତନଟିରେ ୫୦ ମି.ମି., ଜି.ବି.ନଗରରେ ୪୪ ମି.ମି., ବାଲିମୁଣ୍ଡାଳୀରେ ୪୦.୮ ମି.ମି., ଯଶୀପୁରରେ ୩୭.୫ମି.ମି. ବର୍ଷା ହୋଇଛି।

## ପଥର ଖାଦାନରେ ବୁଡ଼ି ୧୦ମ ଶ୍ରେଣୀ ଛାତ୍ର ମୃତ

**ନୀଳଗିରି(ପ୍ରଶାନ୍ତ କୁମାର ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ), ୧୬।୩**

ବାଲେଶ୍ୱର ଜିଲା ନୀଳଗିରି ମିରିଗିଣି ଖାଣ୍ଡିଆହୁଡ଼ି ପାହାଡକୁ ବୁଲିବାକୁ ଯାଇ ପରିତ୍ୟକ୍ତ ପଥର ଖାଦାନରେ ଗାଧୋଇବା ବେଳେ ଜଣେ ୧୦ମ ଶ୍ରେଣୀ ଛାତ୍ର ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶେରଗଡ଼ ଅଞ୍ଚଳର ସରୋଜ କୁମାର ଦାସଙ୍କର ଏକମାତ୍ର ପୁତ୍ର ଜ୍ୟୋତିପ୍ରକାଶ। ଜ୍ୟୋତିପ୍ରକାଶ ୩ ସାଙ୍ଗଙ୍କ ସହ ପଥର ଖାଦାନ ମଝିରେ ଥିବା ଜଳପ୍ରପାତରେ ଗାଧୋଉଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ। ସାଙ୍ଗମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଜ୍ୟୋତିଶଙ୍କରଙ୍କୁ ପାଇ ନ ଥିଲେ। ସେହି ବାଟଦେଇ ଯାଉଥିବା ଲୋକେ ଜ୍ୟୋତିଶଙ୍କରଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେଲା ପଥରଖାଦାନ କରି ଛାଡି ଦିଆଯାଇଛି। ସେଠାରେ ପୂର୍ବରୁ ଜଣଙ୍କର ଏଭଳି ମୃତ୍ୟୁ ଘଟିଥିଲା।

# ଗିରିଜା ବଳୀୟାରସିଂହ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

- କବିତା ସଂକଳନ 'ପାଦପୂରଣ' ମନୋନୀତ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୩ (ସୌମ୍ୟରଞ୍ଜନ ରାଉତ)**



ଓଡ଼ିଶାର ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ୨୦୨୫ ବର୍ଷ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। ତାଙ୍କର କବିତା ସଂକଳନ 'ପାଦପୂରଣ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସୋମବାର କେନ୍ଦ୍ର ସାହିତ୍ୟ ଏକାଡେମୀ ଏ ନେଇ ବିଜ୍ଞପ୍ତି ଜାରି କରିଛି। ଆସନ୍ତା ୩୧ ତାରିଖରେ ନୂଆଦିଲ୍ଲୀରେ ଏହି ପୁରସ୍କାର ଦିଆଯିବ। ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ରଫଳକ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯିବ। ଏନେଇ ଗିରିଜା କହିଛନ୍ତି, ପାଠିକା ପାଠକ, ମୋର ବନ୍ଧୁ ଓ ସୃଜନମାନଙ୍କ ଶୁଭେଚ୍ଛା ମତେ ଆନନ୍ଦ ଦେଇଛି। ମୁଁ ଏହି ଖୁସିର ଏକ ନୀରବ ଅଂଶୀଦାର। ମୋର 'ପାଦପୂରଣ' ପୁସ୍ତକ ୨୦୨୦ରେ ପ୍ରକାଶ ପାଇଥିଲା। ସମସ୍ତ ଶୁଭେଚ୍ଛୁଙ୍କୁ ମୁଁ ଆନ୍ତରିକ ☞ପୃଷ୍ଠା-୧୨

# 'ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର' ଶ୍ରେଷ୍ଠ ଚଳଚ୍ଚିତ୍ର

**ଲସ୍ ଏଞ୍ଜେଲ୍ସ,୧୬।୩**

ରବିବାର ଅନୁଷ୍ଠିତ ଓସ୍କାର ପୁରସ୍କାର ବିତରଣ ଉତ୍ସବରେ ପଲ୍ ଥୋମାସ୍ ଆଣ୍ଡରସନ୍‌ଙ୍କ 'ୱାନ୍ ବ୍ୟାଟଲ ଆଫ୍ଟର ଆନାଦର' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହେବା ସହ ଶ୍ରେଷ୍ଠ ନିର୍ଦ୍ଦେଶନା ପାଇଁ ମଧ୍ୟ ପୁରସ୍କୃତ ହୋଇଛି। 'ସିନର୍ସ' ଚଳଚ୍ଚିତ୍ରର ମିଚେଲ ବି ଜୋର୍ଡାନଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ପ୍ରଥମ ଥର ଓସ୍କାର ମିଳିଥିବାବେଳେ 'ହାମନେଟ୍' ଚଳଚ୍ଚିତ୍ରରେ ଅଭିନୟ ପାଇଁ ଜେସି ବୁକ୍‌ଲେଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୯୮ତମ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସିନର୍ସ ଚଳଚ୍ଚିତ୍ରର ସିନେମାଟୋଗ୍ରାଫର ଅଟମ୍ ଡୁରାଲ୍ଡ ଅର୍କାପାଙ୍କୁ ପ୍ରଥମ ଥର ମହିଳା ଫଟୋଗ୍ରାଫି ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ମିଳିଛି। ୱିପନ୍ସ ଚଳଚ୍ଚିତ୍ରରେ ଅଭିନୟ ପାଇଁ ଆମି ମାଡିଗାନ୍ ପ୍ରଥମ ଥର ଶ୍ରେଷ୍ଠ ସହକାରୀ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି। ସିନର୍ସ ଚଳଚ୍ଚିତ୍ର ପାଇଁ ର୍ୟାନ୍ କୁଗ୍‌ଲର ଶ୍ରେଷ୍ଠ ମୌଳିକ ସ୍କ୍ରିନ୍‌ପ୍ଲେ ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ସହକାରୀ ଅଭିନେତା ☞ପୃଷ୍ଠା-୧୨



ମିଚେଲ ବି ଜୋର୍ଡାନ



ଜେସି ବୁକ୍‌ଲେ



ପଲ୍ ଥୋମାସ୍ ଆଣ୍ଡରସନ୍

### ଓସ୍କାର ପୁରସ୍କାର

### ମିଚେଲ ବି ଜୋର୍ଡାନ ଶ୍ରେଷ୍ଠ ଅଭିନେତା, ଜେସି ବୁକ୍‌ଲେ ଶ୍ରେଷ୍ଠ ଅଭିନେତ୍ରୀ

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଂଘ ପକ୍ଷରୁ କିନ୍ନରମାନଙ୍କ ଅଧିକାର ନେଇ ଶୋଭାଯାତ୍ରା, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ମୋକ୍ଷ ପକ୍ଷରୁ ପ୍ରଥମ ଅନନ୍ୟ ଓଡ଼ିଶୀ ନୃତ୍ୟ ଅଭିନୟ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ହଷ୍ଟେଲ୍ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ୩୨ତମ ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ମା' ବଘେଇ କ୍ରିକେଟ ଟୁର୍ନାମେଣ୍ଟ: ସ୍ଥାନ: ବଘେଇଟାଙ୍ଗୀ ଖେଳପଡ଼ିଆ ସମୟ: ସକାଳ ୯ଟା।

**ପୁରୀ**
- ଜିଲା ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ପୁରୀ ପକ୍ଷରୁ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ଉଦ୍‌ଘାଟନ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- କୁନାମଣି ପୁରୀ ଲିଜେଣ୍ଡ କପ୍ ଟୁର୍ନାମେଣ୍ଟ, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।

**ବାଲେଶ୍ୱର**
- ବାରୁଣୀ ଯାତ୍ରା, ସ୍ଥାନ: କଷାଫଳ ନିକଟ ସମୁଦ୍ର ବେଳାଭୂମି, ବାଲେଶ୍ୱର, ସମୟ : ଭୋର ୫ଟା।
- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ (ମହିଳା)ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଏଫଏମ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚରିତ ମାନସ ପ୍ରବଚନର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳବାଡି ଶୀତଳା ମଣ୍ଡପ, ସମୟ: ରାତି ୮ଟା।

**ଭଦ୍ରକ**
- ବାରୁଣୀ ଯଜ୍ଞ, ସ୍ଥାନ: ମାଳିଅରୁଆ କୁଣ୍ଡିକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୯ଟା।
- ପଦ୍ମାବତୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଏରଡ଼ା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସେବା ଯୋଜନାରେ ସ୍ୱତନ୍ତ୍ର ଶିବିର, ସ୍ଥାନ: ପାଳସାହିସ୍ଥିତ ବାବାମଣି ସ୍ନାତକ ମହାବିଦ୍ୟାଳୟ, ଧୁଷୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦୁଝର**
- ମଙ୍ଗଳାଙ୍କ ମନ୍ଦିରରେ ମେଳା ଏବଂ ପୂଜା, ସ୍ଥାନ: ଭୂଇଁପୁର, ଶାଳକଣିଆଁ, ହାଟଡ଼ିହୀ, ସମୟ: ପ୍ରାତଃ ୮ଟା।
- ଅନାଦି ମଠରେ ମେଳା ଏବଂ ଭଜନ ସଙ୍କୀର୍ତ୍ତନ, ସ୍ଥାନ: ବୃନ୍ଦାବନପୁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ଅଷ୍ଟପ୍ରହର ନାମଯଜ୍ଞ ଓ ଘଟୋତ୍ତଳନ, ସ୍ଥାନ: ଘୋଳଘାଟି, ପାତ୍ରସାହି, ମୋରଡ଼ା, ସମୟ: ପୂର୍ବାହ୍ନ ୯ଟା।

**ବ୍ରହ୍ମପୁର**
- ରୟାଲ ଭାଇବ୍ରେସନ-୨୦୨୬, ସ୍ଥାନ: ରୟାଲ କଲେଜ ଅଫ ଫାର୍ମାସୀ ଆଣ୍ଡ ହେଲ୍‌ଥ ସାଇନ୍ସ, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ରଷିକୂଲ୍ୟା ଓ ବଡ଼ନଦୀ ସଙ୍ଗମ ସ୍ଥଳରେ ମହାବାରୁଣୀ ସ୍ନାନ, ସ୍ଥାନ: ଆସିକା ପୁରୁଗେଶ୍ୱର ପଲ୍ଲୀ ସଙ୍ଗମ ସ୍ଥଳ, ସମୟ: ସକାଳ ୮ଟା।

**ଢେଙ୍କାନାଳ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ, କାମାକ୍ଷାନଗର, ସମୟ: ସକାଳ ୯ଟା।

**ଅନୁଗୋଳ**
- ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ରନ୍ଧନ ଗ୍ୟାସ୍ ଅଭାବ ପୂରଣ ଦାବିରେ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଅନୁଗୋଳ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ କ୍ରିକେଟ ଲିଗ୍ ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।

**କେନ୍ଦ୍ରାପଡ଼ା**
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମେଡିକାଲ କଲେଜ ସ୍ଥାପନ ପାଇଁ ଗଣବିକ୍ଷୋଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ପର୍ଯ୍ୟଟନସ୍ଥଳୀ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୧୦।
- ଉତ୍କଳ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଭୋର ୫ଟା।
- ଅଷ୍ଟ ପ୍ରହର ଓ ନାମଯଜ୍ଞ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ବାଲୁଗାଁ ଗଡିଆସାହି ପଞ୍ଚାୟତ ରାକେସିଆ ଭାଗବତ ଗୃହ, ସମୟ:ସକାଳ ୭ଟା।
- ଦଶଦୋଳ ମହୋତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ଦଶଦୋଳ ପଡିଆ, ସମୟ: ସକାଳ ୮ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ମେଡିକାଲ ପଡିଆ, ସମୟ:ସକାଳ ୮ଟା ୩୦।
- ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୩ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ବାଲୁଗାଁ ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା।
- ନାଟ୍ୟଧାରା ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ନାଟ୍ୟମେଳାର ୩ୟ ଦିବସର ନାଟକ ଏକ ନାୟକର ମୃତ୍ୟୁ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

**ନବରଙ୍ଗପୁର**
- ବାଲିଯାତ୍ରା ଆରମ୍ଭ, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ଅପରାହ୍ନ ୨ଟା।

**ସମ୍ବଲପୁର**
- କୋଲ ଇଣ୍ଡିଆ ଇଣ୍ଟର କମ୍ପାନୀ ଲନ ଟେନିସ ଟୁର୍ନାମେଣ୍ଟ, ବୁର୍ଲା ସ୍ଥିତ ମହାନଦୀ କୋଇଲା କମ୍ପାନୀ ମୁଖ୍ୟାଳୟ, ସମୟ : ସକାଳ ୮ଟା।
- ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ତାଲିମ ଶିବିର, ସ୍ଥାନ : ଏନ୍‌ଏସଓ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦।
- ୧୨ ଦଫା ଦାବିରେ ଭୀମ ଆର୍ମି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ଆର୍‌ଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନ ସମିତିର ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ମା' ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୩ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୭ଟା।
- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କୁଷ୍ଠ କଲୋନୀ, ବାସନ୍ତୀ ନଗର, ସମୟ: ସକାଳ ୯ଟା ୩୦।
- ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ, ସ୍ଥାନ: ଏଣ୍ଟରଟେନମେଣ୍ଟ କିଙ୍ଗଡମ, ସିଲେଟ, ଅତାବିରା, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଦଳିପାଲି, ବରପାଲି, ସମୟ: ସକାଳ ୯ଟା।

**କଳାହାଣ୍ଡି**
- କାଳୀକୃଷ୍ଣ ସଂଘ ପକ୍ଷରୁ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନକଟିଗୁଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶାସନର ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ କୁଞ୍ଜଘର, ହରଭଙ୍ଗା, ସମୟ: ସକାଳ ୬ଟା।
- ମାଣିକପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ମାଣିକପୁର ଖେଳ ପଡିଆ, ହରଭଙ୍ଗା, ସମୟ: ସକାଳ ୮ଟା।
- ଦଶମ ରାଜ୍ୟସ୍ତରୀୟ କନ୍ଧମାଳ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଲୋକ କଳା ମଣ୍ଡପ ପଡିଆ, କନ୍ଧମାଳ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବାହ ପାରାୟଣର ଷଷ୍ଠ ଦିବସ, ସ୍ଥାନ: କମିରା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଗଣଧାରଣା, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଦଣ୍ଡଯାତ୍ରା ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଷୋହଳ ପ୍ରହର ଆଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବୀର ହନୁମାନ ପଡ଼ା, ସମୟ: ପ୍ରାତଃ ୫ଟା ୧୫ ଓ ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ଖୁଦପେଜ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ ସାଲେପଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୫୫।
- ୬ତମ ଜୟ ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ପ୍ରାତଃ ୪ଟା ୩୨।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଜିଲା ନିୟୋଜନ ବିଭାଗ ପକ୍ଷରୁ ଜବ୍ ଫେୟାର କାର୍ଯ୍ୟକ୍ରମ, ସ୍ଥାନ: ଡିଏମ୍‌ଏଫ୍ ଅଡିଟୋରିୟମ ହଲ, ବେହେରାମାଲ, ସମୟ: ଅପରାହ୍ନ ୩ଟା ୩୦।

# ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନ ନିର୍ବାଚନ ସ୍ଥଗିତ ଆଦେଶ

**ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ**

କଟକ,୧୬।୩(କାର୍ତ୍ତିକ ସାହୁ)

ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନର ଆସନ୍ତା ୨୮ ତାରିଖରେ ହେବାକୁ ଥିବା ନିର୍ବାଚନକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଉକ୍ତ ବାର୍ ଆସୋସିଏଶନର ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ପଟେଲ, ସଭାପତି ଧର୍ମେଶ କୁମାର ପଟେଲ ଓ ସମ୍ପାଦକ ବିଭୋର ଆନନ୍ଦ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନ ସଭାପତି, ସମ୍ପାଦକ ଏବଂ ନିର୍ବାଚନ ଅଧିକାରୀ ଜାଣିଶୁଣି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପଠାଯାଇଥିବା ଫାଇନାଲ ଭୋଟର ଲିଷ୍ଟର ଅବଜ୍ଞା କରିଛନ୍ତି। ଏଥିସହ ବାର୍ ଆସୋସିଏଶନ ଦ୍ୱାରା ପ୍ରସ୍ତୁତ ଭୋଟର ତାଲିକାକୁ ଭିତ୍ତିକରି ନାମାଙ୍କନ ପ୍ରକ୍ରିୟା ସମ୍ପନ୍ନ କରିଥିବା ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଛି। ସୂଚନାନୁସାରେ, ପରିଷଦ ପକ୍ଷରୁ ପ୍ରେରିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରେ ନାମ ନ ଥିବା ବ୍ୟକ୍ତି ନାମାଙ୍କନ କରିଛନ୍ତି। ଏହା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଆଇନ ତଥା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶର ଉଲ୍ଲଂଘନ ଓ ବିରୁଦ୍ଧାଚରଣ। ଏହାକୁ ଦୃଷ୍ଟିରେ ରଖି ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ଆଦେଶ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ଜିତିଲେ ମନମୋହନ...

ପ୍ରଥମ ପୃଷ୍ଠାରୁ...

ଏବଂ ସୁଜିତ କୁମାର ଦଳୀୟ ଚିହ୍ନରେ ବିଜୟ ଲାଭ କରିଥିବାବେଳେ ବିଜେଡିରୁ ସଂତୃପ୍ତ ମିଶ୍ର ବିଜୟୀ ହୋଇଛନ୍ତି। ମାତ୍ର ଯେଉଁ ଚତୁର୍ଥ ଆସନ ତଥା ସ୍ୱାଧୀନ ପ୍ରାର୍ଥୀ ପାଇଁ ଦୀର୍ଘ ୧୫ଦିନ ଧରି ରାଜ୍ୟର ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପକ୍ଷରୁ କସରତ ଲାଗି ରହିଥିଲା, ସେଥିରେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବଡ଼ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଏନେଇ ଭାରତର ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ସଭା ରିଟର୍ଣ୍ଣିଂ ଅଫିସର ସତ୍ୟବ୍ରତ ରାଉତ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ରାଜ୍ୟ ସଭା ଭୋଟ ଗଣିତ ଅନୁଯାୟୀ, ୧୪୭ ସଦସ୍ୟଙ୍କ ଭୋଟକୁ ନେଇ ପ୍ରଥମେ ଗଣତି କରାଯାଇଥିଲା।

ଗଣତି ପରେ ପ୍ରଥମ ପସନ୍ଦରେ ମନମୋହନ ଓ ସୁଜିତ କୁମାର ଅଧିକ ପସନ୍ଦ ଭୋଟ ଭାବେ ୩୫ଖଣ୍ଡ ଲେଖାଏ ପାଇଥିଲେ। ସେହିପରି ସଂତୃପ୍ତଙ୍କୁ ପ୍ରଥମ ପସନ୍ଦରେ ୩୧ ଖଣ୍ଡ ମିଳିଥିଲା। ବିଜେଡି, କଂଗ୍ରେସ ଏବଂ ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କୁ ୨୩ ଏବଂ ଭାଜପା ସମର୍ଥିତ ଦିଲୀପ ରାୟଙ୍କୁ ୨୩ଖଣ୍ଡ ଭୋଟ ପ୍ରଥମ ପସନ୍ଦ ଭାବେ ମିଳିଥିଲା। ସେହିପରି ଦିଲୀପ ଏବଂ ଦତ୍ତେଶ୍ୱରଙ୍କ ପ୍ରଥମ ପସନ୍ଦ ଭୋଟ ସମାନ ହେବା ପରେ ୧୩ ଖଣ୍ଡ ଭୋଟକୁ ନେଇ ଦ୍ୱିତୀୟ ପସନ୍ଦ ଗଣତି ଆରମ୍ଭ ହୋଇଥିଲା। ଦ୍ୱିତୀୟ ପସନ୍ଦରେ ଦିଲୀପଙ୍କ ଖାତାରେ ୧୧ଖଣ୍ଡ ଭୋଟ ଯୋଡ଼ି ହୋଇଥିଲା। ଫଳରେ ତାଙ୍କ ଭୋଟ ସଂଖ୍ୟା ୩୪ରେ ପହଞ୍ଚି ଥିଲା। ମାତ୍ର ଡା. ହୋତାଙ୍କ ଖାତାରେ ଭୋଟ ସଂଖ୍ୟା ୨୩ରେ ସୀମିତ ରହିଥିଲା। ଫଳରେ ରିଟର୍ଣ୍ଣିଂ ଅଧିକାରୀ ଭାଜପା ସମର୍ଥିତ ପ୍ରାର୍ଥୀ ଦିଲୀପଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ଘୋଷଣା କରିଥିଲେ।

### ଏହି ଗଣିତରେ...

ହୋଇଥିବା ଡାକ୍ତର ଦତ୍ତେଶ୍ୱର ହୋତା ପରାଜିତ ହୋଇଛନ୍ତି। ନିୟମାନୁଯାୟୀ, ଗୋଟିଏ ଭୋଟ୍‌ର ମୂଲ୍ୟ ୧୦୦ ବୋଲି ଧରାଯାଇଥାଏ। ରାଜ୍ୟ ସଭା ଭୋଟିଂ ଫର୍ମୁଲା ହେଉଛି, ବିଧାନସଭାର ମୋଟ୍ ଆସନ ସଂଖ୍ୟା(୧୪୭) ଗୁଣନ(x) ଭୋଟ୍ ମୂଲ୍ୟ(୧୦୦) ହରଣ(÷) ରାଜ୍ୟ ସଭା ପାଇଁ ଖାଲି ଥିବା ଆସନ ସଂଖ୍ୟା (୪) ଯୁକ୍ତ(+) ୧, ଯାହା ଫଳ ଆସିବ ତାହା ସହିତ ପୁଣି ୧ ମିଶିବ। ଅର୍ଥାତ୍ (୧୪୭x୧୦୦÷୪+୧) +୧ ହିସାବରେ ଯାହା ସଂଖ୍ୟା ବାହାରିବ, ଜଣେ ପ୍ରାର୍ଥୀ ସେତିକି ଭୋଟ୍ ହେଲେ ବିଜୟୀ ହେବେ। ଯଦି ଖାଲି ଥିବା ୪ ଆସନକୁ ନେଇ ହିସାବ କରାଯିବ ତେବେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୨୯୪୧ ଖଣ୍ଡ ଭୋଟ୍‌ର ଆବଶ୍ୟକତା ଥିଲା। ସେହି ଅନୁଯାୟୀ ବିଧାନସଭାରେ ଭାଜପାର ସଂଖ୍ୟା ୩ ସ୍ୱାଧୀନ ସମର୍ଥିତ ବିଧାୟକଙ୍କୁ ମିଶାଇଲେ ୮୨ ଥିଲା। ବିଜେଡିର ୪୮ ଜଣ, କଂଗ୍ରେସର ୧୪ ଏବଂ ସିପିଆଇ(ଏମ୍)ର ଜଣେ ଓ ୨ ଜଣ ବିଜେଡିରୁ ନିଲମ୍ବିତ ବିଧାୟକ ରହିଛନ୍ତି। ଭାଜପାର ୮୨ ଖଣ୍ଡ ଭୋଟ୍ ମଧ୍ୟରୁ ମନମୋହନ ସାମଲଙ୍କୁ ୩୫ ଏବଂ ସୁଜିତ କୁମାରଙ୍କୁ ୩୫ ଖଣ୍ଡ ଭୋଟ୍ ମିଳିଥିଲା ଏବଂ ଦିଲୀପଙ୍କୁ ୧୨ ଖଣ୍ଡ ପ୍ରଥମ ପ୍ରସନ୍ଦ ଭୋଟ ମିଳିଥିଲା। ଗୋଟିଏ ଭୋଟ୍ ମୂଲ୍ୟ ୧୦୦ ଲେଖା ଧରିଲେ ସୁଜିତ୍ ଓ ମନମୋହନ ୩୫୦୦ ଲେଖାଏ ପ୍ରଥମ ପସନ୍ଦ ଭୋଟ୍ ପାଇଲେ। ସେହିପରି ବିଜେଡିରୁ ସଂତୃପ୍ତ ମିଶ୍ର ପ୍ରଥମ ପସନ୍ଦ ଭାବେ ୩୧୦୦ ଭୋଟ୍ ପାଇଲେ। ଦତ୍ତେଶ୍ୱର ଏବଂ ଦିଲୀପଙ୍କୁ ପ୍ରଥମ ପସନ୍ଦ ଭାବେ ୨୩୦୦ ଲେଖାଏ ଭୋଟ୍ ମିଳିଥିଲା। ଫଳରେ ଉଭୟଙ୍କ ପ୍ରଥମ ପସନ୍ଦ ଭୋଟ୍ ସମାନ ହେବାପରେ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣତି କରାଯିବାର ନିୟମ ରହିଛି। ସେହି ଅନୁଯାୟୀ ଦିଲୀପ ଏବଂ ଦତ୍ତେଶ୍ୱରଙ୍କ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ଦ୍ୱିତୀୟ ପସନ୍ଦ ଗଣତିର ନିୟମ ହେଉଛି, ସୁଜିତ୍ ଏବଂ ମନମୋହନଙ୍କୁ ବିଜୟୀ ହେବା ଲାଗି ଆବଶ୍ୟକତା ଥିଲା ୨୯୪୧ ଭୋଟ୍ ମାତ୍ର ସେମାନେ ୩୫୦୦ ଲେଖା ଭୋଟ୍ ପାଇଥିଲେ। ଫଳରେ ମନମୋହନ ଏବଂ ସୁଜିତ୍ ପାଇଥିବା ୩୫୦୦ ଲେଖା ଭୋଟ୍‌ରୁ ବିଜୟୀ ହେବାକୁ ଥିବା ୨୯୪୧ ଭୋଟ୍ ବିୟୁକ୍ତ(-) କରାଯାଇଥିଲା। ଉଭୟଙ୍କ ପାଖରେ ରହିଥିବା ଅଧିକା ୫୫୯ ଲେଖାଏ ଦ୍ୱିତୀୟ ପସନ୍ଦର ଭୋଟ୍ ଭାବେ ଦିଲୀପଙ୍କ ଖାତାରେ ମିଶିଥିଲା। ଅର୍ଥାତ୍ ୫୫୯+୫୫୯ =୧୧୧୮ ଖଣ୍ଡ ଭୋଟ୍ ଦ୍ୱିତୀୟ ପସନ୍ଦ ଭାବେ ଦିଲୀପଙ୍କ ଖାତାକୁ ଯାଇଥିଲା। ଫଳରେ ଦିଲୀପ ପାଇଥିବା ୨୩୦୦ ପ୍ରଥମ ପସନ୍ଦ ଭୋଟ୍ ସହ ୧୧୧୮ ଖଣ୍ଡ ଭୋଟ୍ ମିଶିଯାଇଥିଲା। ତାଙ୍କ ଭୋଟ୍ ସଂଖ୍ୟା ୩୪୧୮ ଖଣ୍ଡରେ ପହଞ୍ଚିଥିଲା ଏବଂ ସେ ବିଜୟୀ ହୋଇଥିଲେ। ଦତ୍ତେଶ୍ୱରଙ୍କ ଦ୍ୱିତୀୟ ପସନ୍ଦ ଭୋଟ୍ ଆଉ ଗଣତି କରିବାକୁ ପଡ଼ି ନ ଥିଲା। ଅନ୍ୟପଟେ ଦତ୍ତେଶ୍ୱରଙ୍କୁ ମିଳିବାକୁ ଥିବା ଭୋଟ୍ ମଧ୍ୟରୁ ପାଖାପାଖି ୯୦୦ ଭୋଟ୍ କ୍ରସ୍ ହୋଇ ଦିଲୀପଙ୍କ ଖାତାକୁ ପ୍ରଥମ ପସନ୍ଦ ଭୋଟ୍ ଭାବେ ଯାଇଥିଲା।

### ଜଳିଗଲା ଏସ୍‌ସିବି ଟ୍ରମା...

ଅନୁଗୋଳର ଚେରୁ ପରିଡ଼ା(୧୦୦), କେନ୍ଦ୍ରାପଡ଼ାର ମେନକା ରାଉତ(୭୦), ପଶ୍ଚିମବଙ୍ଗ ଖାଡଗ୍ରାମ ଅଞ୍ଚଳର ଅବଦୁଲ ସତାର(୮୦), ମାହାଙ୍ଗା ଅଞ୍ଚଳର ଗୌରାଙ୍ଗ ଚରଣ ବାରିକ(୪୦), ଭୁବନେଶ୍ୱରର ମହମ୍ମଦ ନୟୁମ(୩୫) ଏବଂ କେନ୍ଦୁଝରର ଦଶୁ ମୁଣ୍ଡା(୬୫)। ଜଳି ଯାଇଥିବା ଆଇସିୟୁ ଭିତରୁ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ଅନ୍ୟ ଆଇସିୟୁରେ ଭର୍ତ୍ତି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା କଟକ ବଡ ମେଡିକାଲ ଇତିହାସରେ ଏଭଳି ବଡ଼ ଅଘଟଣ ପ୍ରଥମ। ଏଭଳି ଅଘଟଣ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ରୋଗୀଙ୍କ ସମ୍ପର୍କୀୟ ଦାୟୀ କରିଛନ୍ତି। ଅପରପକ୍ଷରେ ଅଗ୍ନିକାଣ୍ଡପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନରେ ଏସ୍‌ସିବିରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏଥିସହ ମୃତକଙ୍କ ଆତ୍ମୀୟଙ୍କ ପାଇଁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ଅଗ୍ନିକାଣ୍ଡ ଘଟଣାର ବିଚାରବିଭାଗୀୟ ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଏବଂ ଆହତଙ୍କୁ ୫୦ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

ବଡ ମେଡିକାଲରେ ବିଦ୍ୟୁତ୍ ବିଭ୍ରାଟ ଏକ ନିୟମିତ ଘଟଣା। ଭୋଲଟେଜ୍ ଉଚ୍ଚନୀଚ ହେବା ଯୋଗୁ ପ୍ରାୟତଃ ଏଠାରେ ବିଭିନ୍ନ ବିଭାଗ ଅନ୍ଧାର ହୋଇଯାଏ। ଅଗ୍ନିକାଣ୍ଡ ପରେ ସୋମବାର ବିଦ୍ୟୁତ୍ ଇନ୍ସପେକ୍ଟରଙ୍କ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ଅଗ୍ନିକାଣ୍ଡ ପୂର୍ବରୁ ଟ୍ରମା ଆଇସିୟୁରେ ଦୁଇଥର ଲାଇନ୍ କଟିଥିଲା। ହେଲେ ଡିଜି ସଂଯୋଗ ଥିବାରୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେଉଥିଲା। ହେଲେ ଟ୍ରମା ଆଇସିୟୁର ଦୁଇଟି ଏମ୍‌ସିବି ସୁଇଚ୍ ଡାଉନ୍ ଅର୍ଥାତ୍ ତଳୁଆ ରହିଥିଲା। ଅତ୍ୟଧିକ ବିଦ୍ୟୁତ୍ ପ୍ରବାହ ବା ହାଇ ଭୋଲ୍‌ଟେଜ୍ ଯୋଗୁ ଏମ୍‌ସିବି ଖସିଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ। ରାତି ପ୍ରାୟ ୨ଟା୪୦ମିନିଟରେ ହଠାତ୍ ଆଇସିୟୁ ଭିତରୁ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଆଇସିୟୁ ବାହାରେ ଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ତେବେ କିଛି ସମୟ ପରେ ଟ୍ରମା ଆସିୟୁ ନିଆଁ ଏବଂ ଧୂଆଁରେ ଭରି ଯାଇଥିଲା। ପ୍ରଥମେ ଗୋଟିଏ ଶୀତତାପ ନିୟନ୍ତ୍ରିତ ମେଶିନ(ଏସି) ଏବଂ ଭେଣ୍ଟିଲେଟର ସଂଯୋଗ ହୋଇଥିବା ୨ଟି ଆଇସିୟୁ ଶଯ୍ୟା ଜଳିବାକୁ ଲାଗିଥିଲା। ୨୩ଶଯ୍ୟା ବିଶିଷ୍ଟ ଏହି ଆଇସିୟୁରେ ୧୪ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ପ୍ରଥମେ ସେଠାରେ କାର୍ଯ୍ୟରତ ନର୍ସିଂ ଅଫିସର ଏବଂ ଅନ୍ୟ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହେବାରୁ ବିଭାଗର କର୍ମଚାରୀମାନେ ମେଡିକାଲ ପରିସରସ୍ଥ ଅଗ୍ନିଶମ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ହେଲେ ନିକଟରେ ଥିବା ସତ୍ତ୍ୱେ ଅଗ୍ନିଶମ କର୍ମଚାରୀ ପ୍ରାୟ ୨୦ମିନିଟ ପରେ ସେଠାରେ ପହଞ୍ଚିଥିଲେ। ପରେ ବିଡାନାସୀ, ଚାଉଳିଆଗଞ୍ଜ, ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟର ସହାୟତା ଲୋଡ଼ା ଯାଇଥିଲା। ଏକ ଘଣ୍ଟାର ଉଦ୍ଧାର ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଆଇସିୟୁ ଭିତରୁ ରୋଗୀଙ୍କୁ ଉଦ୍ଧାର କରାଯିବା ବେଳେ ୭ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ସାରିଥିଲା। ଅବଶିଷ୍ଟ ୩ଜଣ ପରବର୍ତ୍ତୀ ସମୟରେ ଆଖି ବୁଜିଥିଲେ। ଏହାଛଡ଼ା ଉଦ୍ଧାର ହୋଇଥିବା ପଶ୍ଚିମବଙ୍ଗର ମହେଶ୍ୱର ମାହାତା(୫୫), ଅନୁଗୋଳର ସୁମନ କୁମାର ସାହୁ(୩୦), ବାଲେଶ୍ୱରର ଦୟାନିଧି ମାଝୀ(୪୫)ଙ୍କୁ ନ୍ୟୁରୋସର୍ଜରୀ ଆଇସିୟୁ, କୋରାପୁଟର କମଳଲୋଚନ ଡିସାରୀ(୨୦)ଙ୍କୁ ଅର୍ଥୋପେଡିକ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶ ସ୍ଥାନରେ ଚନ୍ଦ୍ର ସମେତ ଚତୁଃଗ୍ରହ ଯୋଗ କାରଣରୁ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ଖୁସିହେବା ସହ ବନ୍ଧୁ ପରିଜନଙ୍କ ପ୍ରୀତିଭାଜନ ହୋଇପାରନ୍ତି। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଶେଷ ପର୍ଯ୍ୟାୟରେ ରାହୁଙ୍କ ପ୍ରଭାବରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ** ରାଶ୍ୟାଧିପତି ବାଧକାଧିପ ସଂସ୍ପର୍ଶରେ ରହିଥିବାରୁ ରୋଗପୀଡ଼ାଜନିତ ସ୍ୱାସ୍ଥ୍ୟହାନି କିମ୍ବା ପାରିବାରିକ କଳହର ସୂଚନା ରହିଛି। ଭଲ ସମ୍ପର୍କ ଥିବା ନିକଟ ସମ୍ପର୍କୀୟ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିବା ସମ୍ଭାବନା ରହିଛି।

**ମିଥୁନ** ରାହୁଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ କାରଣରୁ ଶ୍ରୁତିକଟୁ ଭାଷା ପ୍ରୟୋଗକରି ସମାଲୋଚିତ ହେବେ। ଗୁରୁ କ୍ଷେତ୍ରସ୍ଥ ଶନିଙ୍କ ପ୍ରଭାବରେ ସଂଗଠନ, ରାଜନୀତି, ଆଇନ, ଅଦାଲତରେ ଲକ୍ଷ୍ୟ ହାସଲକରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଟଙ୍କାପଇସାକୁ କେନ୍ଦ୍ରକରି କଳହ ଘଟିପାରେ।

**କର୍କଟ** ରାଶ୍ୟାଧିପ ଦୁଃସ୍ଥାନଗତ ହୋଇ ପାପଯୁକ୍ତ କାରଣରୁ ମାନସିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିନପାରେ। ପରିସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବିଗାଡ଼ିଦେବ। ବନ୍ଧୁମାନେ ସାହାଯ୍ୟ ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। ବାଣିଜ୍ୟ, କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ଆଶା ପୂରଣ ହୋଇପାରିବ।

**ସିଂହ** ସପ୍ତମଭାବସ୍ଥ ଏକାଧିକ ଗ୍ରହ ଯୋଗୁ ବିବାଦୀୟ କ୍ଷେତ୍ରରେ ପରାସ୍ତ ହୋଇପାରନ୍ତି। ଆଜିର ଯାତ୍ରା ସଙ୍ଗକୁ ବାଣିଜ୍ୟ ବ୍ୟବସାୟ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ପାରିବାରିକ ସ୍ତରରେ ବଦ୍ଧର୍ଚ୍ଚ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ଅତି ଭଲ ସମ୍ପର୍କ ରହିଥିବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ।

**କନ୍ୟା** ଉଚ୍ଚସ୍ଥ ଶୁକ୍ର ପାପଗ୍ରହ ଯୁକ୍ତହୋଇଥିବାରୁ ଆପଣ ମନୋରଞ୍ଜନ କାର୍ଯ୍ୟକ୍ରମ ପୂର୍ଣ୍ଣତଃ ଉପଭୋଗ୍ୟ ହୋଇପାରିବନାହିଁ। ଆବଶ୍ୟକତାନୁଯାୟୀ ନୂତନ ବସ୍ତ୍ରାଳଙ୍କାର, ଯାନବାହନାଦି କ୍ରୟକରିବା ସକାଶେ ମାନସିକ ପ୍ରସ୍ତୁତି ଚଳାଇପାରନ୍ତି। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ।

**ତୁଳା** କୋଣଭାବସ୍ଥ ଏକାଧିକ ଗ୍ରହ ବୌଦ୍ଧିକ ସହାୟତା ପ୍ରଦାନକରି ସମସ୍ୟାମୁକ୍ତ ହେବାରେ ସାହାଯ୍ୟ କରିବେ। ବ୍ୟୟଭାର କ୍ରମଶଃ କମି କମି ଆସିବ ତଥାପି ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଅବସାଦଜନିତ ସ୍ୱାସ୍ଥ୍ୟ ବିଗିଡ଼ିଯିବ। କର୍ମକ୍ଷେତ୍ରରେ ସ୍ଥାନ ବଦଳିବା କାରଣରୁ ସାମୟିକ ବିବ୍ରତ ହୋଇପାରନ୍ତି।

**ବିଛା** ଅଷ୍ଟମସ୍ଥ ବୃହସ୍ପତି ଭାଗ୍ୟାଧିପଙ୍କୁ ଅବଲୋକନ କରୁଥିବାରୁ ସବୁ ସୁବିଧା ଥାଇ ମଧ୍ୟ ସୁଯୋଗ ହରାଇପାରନ୍ତି। ବ୍ୟତିକ୍ରମ ମଧ୍ୟରେ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତାରୁ ଅଭିଳଷିତ ସ୍ଥାନକୁ ସ୍ଥାନାନ୍ତର ସମ୍ଭବ ହୋଇପାରେ।

**ଧନୁ** ଭାଗ୍ୟସ୍ଥାନକୁ ଏକାଧିକଗ୍ରହ ଦୃଷ୍ଟି ଦେଉଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହେବ। ସ୍ଥଗିତ କାମ ପଡ଼ୋଶୀଙ୍କ ସହଯୋଗରେ ସମ୍ପନ୍ନ ହୋଇଯିବ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସଂଗଠନ, ରାଜନୀତି, ସାହିତ୍ୟ, ପ୍ରଶାସନିକ ସ୍ତରରେ ସମସ୍ୟା ଉପୁଜିବ।

**ମକର** ସୁଖଭାବସ୍ଥ ଗ୍ରହ ପ୍ରଭାବରେ କର୍ମକ୍ଷେତ୍ର ଠିକ୍ ରହିଥିଲେ ମଧ୍ୟ କେତେକ ଅହେତୁକ ଚିନ୍ତାଧାରା ମନକୁ ବିବ୍ରତକରିବ। ଆପୋସ ଆଲୋଚନାରେ ପାରିବାରିକ ସମସ୍ୟା ସମାଧାନ ହେବ। ଆନୁଷ୍ଠାନିକ କାମ, ସାଂଗଠନିକ ସଭା ତଥା ପ୍ରଶାସନିକ କ୍ଷେତ୍ର ଉନ୍ନତ ରହିବ। ଅର୍ଥ କାରବାରରେ ବନ୍ଧୁଙ୍କ ସହ ସୁସମ୍ପର୍କ ପୂର୍ବଭଳି ରହି ନ ପାରେ ।

**କୁମ୍ଭ** ତୃତୀୟ ଅଷ୍ଟମାଧିପତି ଧନ ସ୍ଥାନରେ ଥିବାରୁ ଅର୍ଥକୁ କେନ୍ଦ୍ରକରି ବିବାଦର ସମ୍ମୁଖୀନ ହେବେ। ଉଦ୍ୟୋଗ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିବ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନରେ ସାମାନ୍ୟ ପ୍ରତିବନ୍ଧକର ସୂଚନା ରହିଛି।

**ମୀନ** ରାଶ୍ୟାଧିପ କେନ୍ଦ୍ର ସ୍ଥାନରେ ରହିଥିବାରୁ ପାରିବାରିକ ଏବଂ କର୍ମକ୍ଷେତ୍ର ସମସ୍ୟାମୁକ୍ତ ରହିବ। ପ୍ରଶାସନ, ରାଜନୀତି, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ଅନିଶ୍ଚିତତା ଅନୁଭୂତ ହେବ। ବୃହସ୍ପତି ଧାର୍ମିକ ଚେତନା ସୃଷ୍ଟିକରି ଆପଣଙ୍କୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରିପାରନ୍ତି।

ଆଜି ମାର୍ଚ୍ଚ ୧୭ ତାରିଖ, ଚୈତ୍ର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ବାରୁଣୀ ସ୍ନାନ, ଚୈତ୍ର ମଙ୍ଗଳବାର ଓଷା। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୫୬ ଗତେ ଘ.୧୦।୪୩ ମଧ୍ୟେ, ଘ.୦୧।୦୬ ଗତେ ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ.୦୪।୨୩ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଠ୍ କହିଲେ ଉଠିବା,
ବସ୍ କହିଲେ ବସିବା।**

ଭୃତ୍ୟ ଶ୍ରେଣୀୟ ବ୍ୟକ୍ତି ମାଲିକଙ୍କ କଥାରେ ଉଠ୍ ବସ୍ ହୋଇଥାନ୍ତି। ମାଲିକଙ୍କ ବରାଦ ଅନୁସାରେ କାମ କରିବାକୁ ବାଧ ହୋଇଥାନ୍ତି। ଏକାନ୍ତ ଆଜ୍ଞାନୁବର୍ତ୍ତୀ ବ୍ୟକ୍ତି ଅନ୍ୟର ଇଙ୍ଗିତରେ ପରିଚାଳିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉକୁଣି ମୁଣ୍ଡରେ ଖୋଷା
ପଛବୁଣା ଚଷା
ଛାଇତଳିଆ ବେଉସା
ଇନ୍ଦୁ ପୁଅକୁ ଆଶା
ସଖୀ ମନ୍ଦ ଏ ।**

ଉକୁଣି ରହୁଥିବା ମୁଣ୍ଡରେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପଛରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ସେତେ ଭଲ ଅମଳ ମିଳି ନ ଥାଏ। ଛାଇ ବା ଅନ୍ଧାରୁଆ ଜାଗାରେ ବେଉସା କଲେ ବେପାର ସେତେଟା ହୋଇପାରି ନ ଥାଏ, ତେଣୁ ଲାଭ କମ ମିଳିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ, କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୧୧ କ୍ରସ୍ ଭୋଟିଂରେ ଦିଲୀପ ଜିତିଲେ


ରମେଶ ଜେନା


ସୋଫିଆ ଫିର୍ଦୌସ


ଦାଶରଥି ଗମାଙ୍ଗ


ସନାତନ ମହାକୁଡ


ଅରବିନ୍ଦ ମହାପାତ୍ର


ନବ କିଶୋର ମଲ୍ଲିକ


ଦେବୀ ରଞ୍ଜନ ତ୍ରିପାଠୀ


ଚକ୍ରମଣି କହଁର


ସୌଭିକ ବିଶ୍ୱାଳ


ସୁବାସିନୀ ଜେନା


ରମାକାନ୍ତ ଭୋଇ

ଭୁବନେଶ୍ୱର, ୧୬।୩(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ସୋମବାର ଅନୁଷ୍ଠିତ ହୋଇଥିବା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। କଂଗ୍ରେସର ୩ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଏବଂ ସୋଫିଆ ଫିର୍ଦୌସ କ୍ରସ୍ ଭୋଟିଂ କରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ସେହିପରି ବିଜେଡିର ୮ ବିଧାୟକ କ୍ରସ୍ ଭୋଟିଂ କରିଥିବା ବିଜେଡି ଏଜେଣ୍ଟ ତଥା ବିଧାୟକ ପ୍ରତାପ କେଶରୀ ଦେବ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବାନୁଯାୟୀ, ବିଜେଡି ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲ୍ଲିକ, ରମାକାନ୍ତ ଭୋଇ, ସୌଭିକ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ସୁବାସିନୀ ଜେନା କ୍ରସ୍ ଭୋଟିଂ କରିଛନ୍ତି। ସେହିପରି ଦଳରୁ ନିଲମ୍ବିତ ହୋଇଥିବା ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ର ଦଳୀୟ ହୁଇପ୍‌କୁ ନ ମାନି ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିଲୀପ ରାୟଙ୍କ ସପକ୍ଷରେ ଭୋଟ୍ ଦେଇଥିବା ପ୍ରତାପ କହିଛନ୍ତି। ଫଳରେ କଂଗ୍ରେସ ଏବଂ ବିଜେଡିର ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ଦିଲୀପ ସହଜରେ ବିଜୟୀ ହୋଇପାରିଛନ୍ତି।

ନିଲମ୍ବିତ ୨ ବିଧାୟକ ସନାତନ ଏବଂ ଅରବିନ୍ଦ କ୍ରସ୍ ଭୋଟିଂ କରିବେ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ସେହିପରି ଚକ୍ରମଣି କହଁର ଏବଂ ନବ କିଶୋର ମଲ୍ଲିକ ମଧ୍ୟ ଗତ ୩ ଦିନ ହେଲା ଦଳ ସହିତ ଯୋଗାଯୋଗରେ ନ ଥିଲେ। ଏହି ୨ ବିଧାୟକଙ୍କ ମଧ୍ୟରୁ ଚକ୍ରମଣି କହଁର ଭୋଟ୍ ଦେବା ପରେ ଗଣମାଧ୍ୟମ ପକ୍ଷରୁ ଯେତେବେଳେ କାହାକୁ ଭୋଟ୍ ଦେଲେ ବୋଲି ପଚରାଗଲା ସେ ଦୌଡ଼ିବା ଆରମ୍ଭ କରିଥିଲେ। ଏପରିକି ସୌଭିକଙ୍କୁ ମଧ୍ୟ ଦଳ ତରଫରୁ ଅନେକ ବୁଝାଶୁଝା କରିବା ସତ୍ତ୍ୱେ ସେ ଶେଷ ପର୍ଯ୍ୟନ୍ତ ଦଳୀୟ ବୈଠକକୁ ଆସୁ ନ ଥିଲେ। ତେଣୁ ତାଙ୍କ ଭୋଟ୍ ମଧ୍ୟ ଦଳ ସମର୍ଥନରେ ଠିଆ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କୁ ମିଳିବନି ବୋଲି ବିଜେଡି ଅନୁମାନ କରୁଥିଲା।

ସବୁଠାରୁ କୌତୂହଳର ବିଷୟ ଥିଲା, ଦେବୀରଞ୍ଜନ, ସୁବାସିନୀ ଏବଂ ରମାକାନ୍ତଙ୍କ କ୍ରସ୍ ଭୋଟିଂ କରିବାର ଶୈଳୀ। ଏହି ୩ ଜଣ ଭୋଟିଂ ପୂର୍ବ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଭଳି ନବୀନ ନିବାସ ଯାଉଥିଲେ, ଦଳ ସହିତ ଯୋଗାଯୋଗରେ ରହିଥିଲେ। ଶ୍ରୀମନ୍ଦିରରୁ ନବୀନ ନିବାସକୁ ରବିବାର ଆସିଥିବା ଜଗନ୍ନାଥଙ୍କ ନାକଚଣା ମଧ୍ୟ ଛୁଇଁ ଏହି ୩ ବିଧାୟକ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ପ୍ରତିଜ୍ଞା କରିଥିଲେ। ମାତ୍ର ଦେବୀ, ସୁବାସିନୀ ଏବଂ ରମାକାନ୍ତ ତାଙ୍କ ପ୍ରଥମ ପସନ୍ଦ ଭୋଟ୍ ଦିଲୀପଙ୍କ ସପକ୍ଷରେ ଦେଇ ବାହାରକୁ ଆସିଥିଲେ। ଏହାପରେ ଦେବୀ ରଞ୍ଜନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ସେ ଦିଲୀପ ରାୟଙ୍କୁ ଭୋଟ୍ ଦେଇଛନ୍ତି। ଅଣକଂଗ୍ରେସ ଆନ୍ଦୋଳନର ନେତୃତ୍ୱ ନେଇଥିବା ସମସ୍ତଙ୍କ ପାଇଁ ସେ ତାଙ୍କ ବିବେକାନୁମୋଦିତ ଭୋଟ୍ ଦେଇଛନ୍ତି। ଯେହେତୁ କଂଗ୍ରେସ ସହ ଅସାଧୁ ମେଣ୍ଟ କରାଯାଇଥିଲା ଏବଂ ତାଙ୍କ ମତାମତ ଲୋଡ଼ା ଯାଇ ନ ଥିଲା ସେଥିଲାଗି ସେ ଦିଲୀପଙ୍କୁ ଭୋଟ୍ ଦେଇଥିବା କହିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁତ୍ର ବିଧାୟକ ସୌଭିକ ବିଶ୍ୱାଳ ଭୋଟ୍ ଦେବାପରେ ତାଙ୍କ ବାପାଙ୍କୁ ବହିଷ୍କାର କରାଯିବା କଥା ସହିତ ଆହୁରି ଅନେକ ପ୍ରସଙ୍ଗ କହି ବିଜେଡି ଉପରେ ବର୍ଷିଥିଲେ।

କଂଗ୍ରେସ ବିଧାୟକ ରମେଶ ଜେନା ମଧ୍ୟ ଗତ ୩ ଦିନ ହେଲା ଦେଖା ଦେଉ ନ ଥିବା ସତ୍ତ୍ୱେ ଦଳ ତରଫରୁ ତାଙ୍କ ସହ ଯୋଗାଯୋଗ ନ ହୋଇପାରିବା ନେଇ କିଛି କୁହାଯାଉ ନ ଥିଲା। ମାତ୍ର ଦାଶରଥି ଗମାଙ୍ଗଙ୍କ ଅନୁପସ୍ଥିତି ନେଇ ବାରମ୍ବାର କୁହାଯାଉଥିଲା। ଉଭୟ ଦାଶରଥି ଏବଂ ରମେଶ ପାଖାପାଖି ସମୟରେ ଭୋଟ୍ ଦେବାକୁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ପହଞ୍ଚିଥିଲେ। ଉଭୟ ଯେତେବେଳେ ଦିଲୀପଙ୍କ ସପକ୍ଷରେ ଭୋଟ୍ ଦେଉଥିବା କଂଗ୍ରେସର ଏଜେଣ୍ଟ ଥିବା ପିସିସି ସଭାପତିଙ୍କୁ ଦେଖାଇଲେ ଭକ୍ତ ଏହାକୁ ବିରୋଧ କରିଥିଲେ। ଭକ୍ତ ନିଜ ସ୍ଥାନରେ ଠିଆ ହୋଇ ଉଭୟ ବିଧାୟକ ଦଳୀୟ ହୁଇପ୍ ମାନି ନ ଥିବାରୁ ସେମାନଙ୍କ ଭୋଟ୍ ନାକଚ ହେଉ ବୋଲି ଦାବି କରିଥିଲେ। ମାତ୍ର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥ ଗୋପାଳନ ରାଜ୍ୟ ସଭା ଭୋଟିଂରେ ଦଳୀୟ ହୁଇପ୍ ନ ଥିବା ଦର୍ଶାଇ ଉଭୟଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇଥିଲେ। ଦାଶରଥି ଏବଂ ରମେଶ ଭୋଟ୍ ଦେଇ ଆସିବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ସେମାନେ ଯାହାକୁ ଭୋଟ୍ ଦେବା କଥା ଦେଇଛନ୍ତି। ଦଳ ନିର୍ଦ୍ଦେଶ ଅନୁଯାୟୀ ଭୋଟ୍ ଦେଇଥିବା କହି ଚାଲିଯାଇଥିଲେ। ଏହାପରେ ବିଧାୟିକା ସୋଫିଆ ଫିର୍ଦୌସ ମଧ୍ୟ ଦିଲୀପଙ୍କ ସପକ୍ଷରେ ଭୋଟ୍ ଦେବା ସମୟରେ ଭକ୍ତ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଭକ୍ତ ଦାସ ୩ ଜଣଙ୍କ ନାଁ ନେଇ ବର୍ଷିବା ସହିତ ସେମାନଙ୍କ ସଭ୍ୟ ପଦ ରଦ୍ଦ ଲାଗି ଯାହା ଆଇନଗତ ପଦକ୍ଷେପ ରହିଛି ତାକୁ ଗ୍ରହଣ କରିବେ ବୋଲି କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଗଣମାଧ୍ୟମକୁ ଆସି କହିଛନ୍ତି, ଯେଉଁମାନେ ଆଜି କ୍ରସ୍ ଭୋଟିଂ କରିଛନ୍ତି ସେମାନଙ୍କ ବାପାମାନଙ୍କ ନାଁରେ କ୍ରିମିନାଲ ରେକର୍ଡ ରହିଛି ଏବଂ ସେମାନେ ଜେଲ ଯାଇଥିଲେ। ଭାଜପା ଘୋଡ଼ା ବେପାର କରୁଛି ବୋଲି ଯାହା ଅଭିଯୋଗ କରୁଥିଲେ, ତାହା ପ୍ରମାଣିତ ହୋଇଛି। ବିରୋଧୀ ଦଳର ବିଧାୟକମାନଙ୍କୁ ନିଜ ସପକ୍ଷରେ ନେବା ଲାଗି ଭାଜପା ଅସାଧୁ ଉପାୟ ଅବଲମ୍ବନ କରିଛି ବୋଲି ନବୀନ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଏହି ସମସ୍ତ ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ କାରଣରୁ ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ମିଳିତ ସ୍ୱାଧୀନ ପ୍ରାର୍ଥୀ ହୋତାଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ବିଜେଡି ଓ କଂଗ୍ରେସର ସଂଖ୍ୟା ଥିବା ସତ୍ତ୍ୱେ ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ ପାଇଁ ଦିଲୀପ ରାୟ ବିଜୟ ଲାଭ କରିଛନ୍ତି।

# ନବଙ୍କୁ ନେଇ କମ୍ପିଲା ବିଧାନସଭା

## ଭୋଟ କଳି

ଭୁବନେଶ୍ୱର,୧୬।୩(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନର ଭୋଟ ଗ୍ରହଣ ବେଳେ ସୋମବାର ଅପରାହ୍ନରେ ବିଧାନସଭାରେ ଏକ ଅଭାବନୀୟ ଦୃଶ୍ୟ ପରିଲକ୍ଷିତ ହୋଇଛି। କେହି କିଛି ବୁଝିବା ପୂର୍ବରୁ ମନ୍ତ୍ରୀ, ବିଧାୟକମାନଙ୍କ ଗୋଡ଼ାପଳା ଦୃଶ୍ୟ ସାଙ୍ଗକୁ ମାରଧର ଏବଂ ଠେଲାପେଲା ଉପସ୍ଥିତ ସୁରକ୍ଷାକର୍ମୀ ଏବଂ ସଦସ୍ୟଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି କରିଛି। ପରିସ୍ଥିତି ଏପରି ହୋଇଥିଲା ଯେ ବିଜେଡିର ଜଣେ ବାହାର ସମର୍ଥକଙ୍କ ଶାର୍ଟକୁ ଭାଜପା ସଦସ୍ୟ ଚିରି ଠେଲାପେଲା କରିଥିଲେ। ଅନ୍ୟପକ୍ଷରେ ବିଜେଡିର କେତେକ ସଦସ୍ୟ ଭାଜପା ସଦସ୍ୟଙ୍କୁ ଠେଲାପେଲା କରିଥିବା ଦେଖାଯାଇଥିଲା।

ସକାଳ ୯ଟାରେ ଭୋଟିଂ ଆରମ୍ଭ ହେବା ପରେ ମତଦାନ ପ୍ରକ୍ରିୟା ସୁରୁଖୁରୁରେ ଚାଲିଥିଲା। ଅପରାହ୍ନ ପ୍ରାୟ ୨ଟାବେଳକୁ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ନବ କିଶୋର ମଲ୍ଲିକ ଜଣେ ବାହାର ଲୋକଙ୍କ ସହ ଭୋଟଦେବାକୁ ମତଦାନ କେନ୍ଦ୍ର(୫୪ ନମ୍ବର ପ୍ରକୋଷ୍ଠ) ଭିତରକୁ ପଶିବା ନେଇ ବିଜେଡି ବିଧାୟକ ଓ ଅନ୍ୟ ସଦସ୍ୟ(ତନ୍ମୟ ସ୍ୱାଇଁ) ବିରୋଧ କରିଥିଲେ। ଏହି ସମୟରେ ନବଙ୍କୁ ଭାଜପା ବିଧାୟକମାନେ ଭୋଟଦାନ କକ୍ଷକୁ ଟାଣି ନେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ପ୍ରଥମେ ବିଜେଡି ଓ ଭାଜପା ବିଧାୟକଙ୍କ ମଧ୍ୟରେ କଥା କଟାକଟି ଓ ପରେ ଠେଲାପେଲା ହୋଇଥିଲା। ନବ ମଲ୍ଲିକଙ୍କୁ ନେଇ ଦୁଇ ଦଳର ବିଧାୟକମାନଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା।

ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଜଣେ ଅଜଣା ବ୍ୟକ୍ତି ନବଙ୍କୁ ଧରି ମତଦାନ କେନ୍ଦ୍ରକୁ ଆସିଥିଲେ। ଏହି ସମୟରେ ସେ ଭୋଟଦେବାକୁ ଲାଇନ୍‌ରେ ଛିଡ଼ା ହୋଇଥିବା ବେଳେ ତାଙ୍କ ହାତକୁ ଧରି ଭାଜପା ସଦସ୍ୟମାନେ ଟାଣିଥିଲେ। ଆମେ ତାଙ୍କୁ ଟଙ୍କା ଦେଇଛୁ, ତେଣୁ ଭୋଟଦେବା ଲାଗି ସେମାନେ ଚାପ ପକାଇଥିଲେ। ଏହାକୁ ନେଇ ବିଜେଡି ଓ ଭାଜପା ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ଏହା ଗଣତନ୍ତ୍ରର ହତ୍ୟା ବୋଲି ତୁଷାରକାନ୍ତି କହିଛନ୍ତି। ଏତେ ସୁରକ୍ଷା ବଳୟ ଭିତରେ ବିଧାନସଭା ପରିସରକୁ ଜଣେ ଅଜଣା ବ୍ୟକ୍ତି କିଭଳି ପଶିଲେ ଏବଂ ଘୋଡ଼ା ବେପାର କଥା କହି ସେ ଅସନ୍ତୋଷ ଝାଡ଼ିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଥିଲେ, ଆମେ ନବଙ୍କୁ କେବଳ ସୁରକ୍ଷା ଦେଇଛୁ। ବିଜେଡି ସଦସ୍ୟମାନେ ବରଂ ତାଙ୍କୁ ଧମକ ଚମକ ଦେଉଥିଲେ।


ସୋମବାର ବିଧାନସଭାରେ ରାଜ୍ୟ ସଭା ନିର୍ବାଚନ ବେଳେ ବିଧାୟକ ନବ କିଶୋର ମଲ୍ଲିକଙ୍କ ମତଦାନକୁ ନେଇ ଭାଜପା ଏବଂ ବିଜେଡି ପକ୍ଷରୁ ଗୋଡ଼ାଗୋଡ଼ି।

# ଦଳୀୟ ହୁଇପ୍ ମାନିଲେନି କଂଗ୍ରେସର ୩ ବିଧାୟକ

ଭୁବନେଶ୍ୱର,୧୬।୩(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନରେ ଏଥର ମଧ୍ୟ କଂଗ୍ରେସରେ ଗଡ଼ବଡ଼ ପରିଲକ୍ଷିତ ହୋଇଛି। କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ, ରମେଶ ଜେନା ଏବଂ ସୋଫିଆ ଫିର୍ଦୌସ ପାର୍ଟିର 'ହୁଇପ୍'କୁ ନ ମାନି କ୍ରସ୍ ଭୋଟିଂ କରିଛନ୍ତି। ରାଜ୍ୟ ସଭା ନିର୍ବାଚନରେ ଯେତେବେଳେ ଏହି ତିନି ବିଧାୟକ ଭୋଟ ଦେଉଥିଲେ ସେହି ସମୟରେ ନିୟମ ଅନୁଯାୟୀ, ମତଦାନ ପରେ ଦଳର ଏଜେଣ୍ଟ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଦେଖାଉଥିଲେ। ହେଲେ ଏହି ତିନି ଜଣଯାକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଡା. ଦତ୍ତେଶ୍ୱର ହୋତାଙ୍କୁ ଭୋଟ ନ ଦେଇ ଅନ୍ୟ ପ୍ରାର୍ଥୀଙ୍କୁ ଦେଇଥିବାରୁ ଭକ୍ତ ରିଟର୍ନିଂ ଅଧିକାରୀ ସତ୍ୟବ୍ରତ ରାଉତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପିସିସି ସଭାପତି କହିଛନ୍ତି, ଆଇନ(ସିଡ୍ୟୁଲ-୧୦) ଅନୁଯାୟୀ ସମ୍ପୃକ୍ତ ତିନିଜଣଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦଳ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ: ଭକ୍ତ

ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଏଥର ଅଧିକ ତତ୍ପରତା ପ୍ରକାଶ ପାଇଥିଲା। ପିସିସି ସଭାପତି ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଏକତ୍ର କରି ରଖିବାପାଇଁ ବହୁତ ଉଦ୍ୟମ କରିଥିଲେ। ୮ଜଣ ବିଧାୟକଙ୍କୁ ସାଙ୍ଗରେ ନେଇ ବେଙ୍ଗାଲୁରୁ ଯାଇଥିଲେ। ଏହାବାଦ୍ ଓଡ଼ିଶାରେ ରହିଥିବା ୬ଜଣ ବିଧାୟକଙ୍କ ମଧ୍ୟରୁ ୩ଜଣ ପାର୍ଟି କଥା ମାନି ନ ଥିଲେ।

ଭକ୍ତ କହିଛନ୍ତି, ଦାଶରଥି ଦଳପ୍ରତି ବିଶ୍ୱାସଘାତକତା କରିଛନ୍ତି। ରମେଶ ମୋତେ ଭେଟି ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେବେ ବୋଲି କଥା ଦେଇଥିଲେ। ହେଲେ ସେ ଧୋକା ଦେଇଛନ୍ତି। ତାଙ୍କ ଭବିଷ୍ୟତକୁ ମଧ୍ୟ ଅନ୍ଧାରକୁ ଠେଲି ଦେଇଛନ୍ତି। ସେହିପରି ସୋଫିଆ ଝିଅଙ୍କ ବଡ଼ ଭବିଷ୍ୟତ ଥିବାବେଳେ ସେ ମଧ୍ୟ ଭୁଲ୍ ରାସ୍ତାରେ ଯାଇଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିବୁ। ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟ ଯିବୁ ବୋଲି ଭକ୍ତ କହିଛନ୍ତି।

ସେ କହିଛନ୍ତି, ଏମାନେ ଗଣମାଧ୍ୟମ ସମ୍ମୁଖରେ କଥା ହେଲାବେଳେ ସିଂହ ଭଳି ହେଉଛନ୍ତି, ମାତ୍ର କାର୍ଯ୍ୟରେ ମୂଷା ଓ ଛେଳି ଭଳି ବିକ୍ରି ହୋଇଯାଉଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଘୋଡ଼ା ବେପାର ପଶିଯିବାରୁ ବିଧାୟକମାନେ ଏଭଳି ଭାବେ ନିୟମ ବିରୋଧ କାର୍ଯ୍ୟ କରିଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦ କରାଯିବ।

# ନବୀନଙ୍କ ଭଳି ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୩ (ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ ଭାଜପାର ୨ ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବିଜୟୀ ହେବାପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପକ୍ଷରୁ କ୍ରସ୍ ଭୋଟିଂକୁ ନେଇ କୁହାଯାଇଥିବା ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟ ସଭା ଫଳାଫଳ ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ ଭାଜପା ଏବଂ ଭାଜପା ସମର୍ଥିତ ପ୍ରାର୍ଥୀଙ୍କ ବିଜୟ କେବଳ ଦଳୀୟ ସଫଳତା ନୁହେଁ, ବରଂ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଦୃଢ଼ ନେତୃତ୍ୱ ଓ ଦୂରଦର୍ଶୀ ମାର୍ଗଦର୍ଶନର ପ୍ରତିଫଳନ। ମନମୋହନ, ସୁଜିତ ଏବଂ ଦିଲୀପ ରାଜ୍ୟ ସଭାକୁ ଯିବା ପରେ ଓଡ଼ିଶାର ସ୍ୱର ଆହୁରି ଶାଣିତ ହେବ। କିଛି ସମୟ ପୂର୍ବରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଯେଉଁ ବିଧାୟକମାନେ ନିଜ ବିବେକାନୁମୋଦିତ ଭୋଟ୍ ଦେଲେ, ସେମାନଙ୍କର 'ଆପରାଧିକ ପୃଷ୍ଠଭୂମି' ରହିଥିବା ନବୀନ କହୁଛନ୍ତି। ତାହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ବରଂ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଏକ ଆକ୍ଷେପ ବୋଲି ମୋହନ କହିଛନ୍ତି। ସେ ଆହୁରି କହିଛନ୍ତି, ଜଣେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କଠାରୁ ଏପରି ଅପରିପକ୍ୱ ଏବଂ ଅପମାନଜନକ ଶବ୍ଦ କେବେ ଆଶା କରାଯାଏ ନାହିଁ। ଯେଉଁ ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସ୍ୱାର୍ଥ ଏବଂ ରାଜ୍ୟର ବିକାଶକୁ ପ୍ରାଥମିକତା ଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି, ସେମାନଙ୍କୁ ଅପରାଧୀ କହିବା ଅର୍ଥ ହେଉଛି ସେମାନଙ୍କୁ ନିର୍ବାଚିତ କରିଥିବା ଭୋଟରଙ୍କୁ ଅପମାନିତ କରିବା ସହିତ ସମାନ। ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ କୌଣସି ବ୍ୟକ୍ତିବିଶେଷଙ୍କ ପାଖରେ ବନ୍ଧା ନୁହନ୍ତି। ସେମାନେ କେବଳ ସମ୍ବିଧାନ ଓ ନିଜ ଲୋକଙ୍କ ପାଖରେ ଉତ୍ତରଦାୟୀ। ଯେତେବେଳେ ଏକ ଆଞ୍ଚଳିକ ଦଳ ମଧ୍ୟରେ ଆନ୍ତରିକ ଗଣତନ୍ତ୍ରର ଅଭାବ ପରିଲକ୍ଷିତ ହୁଏ ଏବଂ ନେତୃତ୍ୱ କେବଳ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ହାତବାରିସି ହୋଇଯାଏ, ସେତେବେଳେ ସ୍ୱାଭିମାନୀ ଜନପ୍ରତିନିଧିମାନେ ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ। ନବୀନ ବାବୁ ବୋଧହୁଏ ଭୁଲିଯାଉଛନ୍ତି, ଯେଉଁମାନଙ୍କୁ ଆଜି ସେ ଅପରାଧୀ କହୁଛନ୍ତି, ସେମାନେ କିଛିଦିନ ପୂର୍ବରୁ ତାଙ୍କ ଦଳର ସମ୍ପତ୍ତି ଥିଲେ। ସେମାନଙ୍କ ପାଇଁ ସେ ନିଜେ ପ୍ରଚାର ମଧ୍ୟ କରିଥିଲେ। ସେତେବେଳେ ସେମାନଙ୍କ ପରିବାରର ପୃଷ୍ଠଭୂମି ତାଙ୍କୁ ସ୍ୱଚ୍ଛ ଦେଖାଯାଉଥିଲା କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ବର୍ତ୍ତମାନ ହାରିଯାଇଥିବା ପରିପ୍ରେକ୍ଷୀରେ ଏଭଳି ଅପରିପକ୍ୱ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଓଡ଼ିଶାର ବିକାଶ ପଥରେ ଯିଏ ରହିବେ ନାହିଁ, ରାଜ୍ୟର ଜନସାଧାରଣଙ୍କଠାରେ ତାଙ୍କୁ ପରିବର୍ତ୍ତନ କରିବାର ଶକ୍ତି ରହିଛି। ଭାରତୀୟ ଜନତା ଦଳ ନୂଆ ସରକାର ଗଠନ କରିବା ପରେ ଲୋକଙ୍କ ସରକାର ଭାବେ ଓଡ଼ିଶାର ସମୃଦ୍ଧି ଏବଂ ବିକାଶକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରୁଛନ୍ତି। ଲୋକମାନେ ନିଃସ୍ୱାର୍ଥ ସମର୍ଥନ ଦେଉଛନ୍ତି, ତା'ର ପ୍ରତିଫଳନ ସୋମବାର ରାଜ୍ୟ ସଭା ନିର୍ବାଚନରେ ଦେଖିବାକୁ ମିଳିଛି। ଆଜିର ଏହି ଫଳାଫଳ ହିଁ ଆଗାମୀ ଦିନରେ ଓଡ଼ିଶାକୁ ସମୃଦ୍ଧ କରିବ।


ସୋମବାର ରାଜ୍ୟ ସଭା ନିର୍ବାଚନରେ ବିଜୟୀ ହୋଇଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର, ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ଦଳୀୟ ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି।

# ଉପାସନାଙ୍କ ପାଇଁ ମତଦାନ ବାଧାପ୍ରାପ୍ତ

ଭୁବନେଶ୍ୱର,୧୬।୩(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ବେଳେ ଭାଜପା ବିଧାୟିକା ଉପାସନା ମହାପାତ୍ରଙ୍କ ଯୋଗୁ ମତଦାନ ପ୍ରକ୍ରିୟାରେ ବାଧା ଉପୁଜିଥିଲା। ଫଳରେ ଧାଡ଼ିରେ ଛିଡ଼ା ହୋଇଥିବା ବିଧାୟକମାନଙ୍କୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହେବାକୁ ପଡ଼ିଥିଲା। ଉପାସନାଙ୍କ କହିବା ଅନୁଯାୟୀ, ତାଙ୍କ କଲମ ଚାଲି ନ ଥିବାରୁ ବାଲଟ ପେପରରେ ଦୁଇଥର ଲେଖିବାକୁ ପଡ଼ିଥିଲା। ତେଣୁ ତାଙ୍କୁ ଆଉଥରେ ବାଲଟ ପେପର ଦିଆଯାଉ। ଏ ନେଇ ଭାଜପା, ବିଜେଡି ଓ କଂଗ୍ରେସ ଏଜେଣ୍ଟ ଓ ସଦସ୍ୟଙ୍କ ମଧ୍ୟରେ ତର୍କ-ବିତର୍କ ଆରମ୍ଭ ହୋଇଥିଲା।


ଉପାସନା ମହାପାତ୍ର

ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟ ସଭା ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା, ସଂତୃପ୍ତ ମିଶ୍ର, ବିଧାୟକ ପ୍ରତାପ ଦେବ, ରମେଶ ବେହେରା ପ୍ରମୁଖ ରିଟର୍ନିଂ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କଠାରେ ଆପତ୍ତି ଉଠାଇଥିଲେ। ସେମାନେ କହିଥିଲେ, ଯଦି ପେନ୍ ନ ଚାଲିଲା ତେବେ ପୋଲିଂ ଅଧିକାରୀଙ୍କୁ ଜଣାଇ ପାରିଥାନ୍ତେ। ମାତ୍ର ସେ ତାକୁ ଡ୍ୟାମେଜ କରି ଆଉ ଗୋଟେ ଫର୍ମ କ'ଣ ପାଇଁ ମାଗିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ବିଧାୟକ ସନ୍ତୋଷ ଖଟୁଆ ଓ ଅନ୍ୟମାନେ ଏହାର କାଉଣ୍ଟର କରିଥିଲେ। ପରେ ଉପାସନାଙ୍କୁ ରିଟର୍ନିଂ ଅଫିସର ଆଉ ଏକ ନୂତନ ଫର୍ମ ମତଦାନ ପାଇଁ ପ୍ରଦାନ କରିଥିଲେ। ପ୍ରଥମ ଫର୍ମଟିଏକ 'ଲଫାପା'ରେ ସିଲ୍‌କରାଯାଇଥିବା ଦେଖିବାକୁ ମିଳିଥିଲା। ରିଟର୍ନିଂ ଅଧିକାରୀ ସତ୍ୟବ୍ରତ ରାଉତଙ୍କ କହିବା ଅନୁଯାୟୀ, ଭାରତର ନିର୍ବାଚନ ଆୟୋଗଙ୍କୁ ଏସମ୍ପର୍କରେ ଅବଗତ କରାଯାଇଛି। ରାଜ୍ୟ ସଭା ନିର୍ବାଚନ ପରିଚାଳନା ନିୟମ-୪୧ ଅନୁଯାୟୀ, ଯଦି ଜଣେ ସଦସ୍ୟଙ୍କ ମତଦାନ ବେଳେ ଏଭଳି କିଛି ତ୍ରୁଟି ପରିଲକ୍ଷିତ ହୁଏ ତେବେ ନୂତନ ବାଲଟ ପେପର ପ୍ରଦାନ କରାଯାଇପାରିବ। ଏନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ରାଜ୍ୟ ସଭା ଭୋଟ ବେଳେ ଗଣତାନ୍ତ୍ରିକ ପ୍ରକ୍ରିୟାର ଉଲଂଘନ ହୋଇଛି।


ନିର୍ବାଚନ ଜିତିବା ପରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସର ସତ୍ୟବ୍ରତ ରାଉତ ବିଜୟ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# କ୍ରସ୍ ଭୋଟିଂରୁ ତାତିଲେ କର୍ମୀ

ଜଗତ୍‌ସିଂହପୁର, ୧୬।୩
(ପ୍ରମୋଦ କୁମାର ନାୟକ)

ରାଜ୍ୟ ସଭା ନିର୍ବାଚନରେ ତିର୍ତ୍ତୋଲ ବିଜେଡି ବିଧାୟକ ରମାକାନ୍ତ ଭୋଇ କ୍ରସ୍ ଭୋଟିଂ କରିଥିବା ଜଣାପଡ଼ିବା ପରେ ତାଙ୍କ ନିର୍ବାଚନମଣ୍ଡଳୀରେ ରାଜନୈତିକ ତାତି ବଢ଼ିଛି। ବିଧାୟକ ଭୋଇଙ୍କୁ ତୁରନ୍ତ ଦଳରୁ ବହିଷ୍କାର ଦାବିରେ ବିଜେଡି ନେତାମାନେ ଅଡି ବସିଛନ୍ତି। ପ୍ରତିବାଦ ସ୍ୱରୂପ ରଘୁନାଥପୁର ବ୍ଲକ ରେଢୁଆ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ ସହ ନାରାବାଜି କରିଛନ୍ତି। ଏହି ଆନ୍ଦୋଳନରେ ରେଢୁଆ ସରପଞ୍ଚ କିଶୋର କୁମାର ବେହେରା, ସମିତି ସଭ୍ୟ ବିଶ୍ୱଜିତ ଦାସ, ସଅଁରା ସରପଞ୍ଚ ବଟକୃଷ୍ଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ବୁଧବାରଠାରୁ ବିଧାନସଭାକୁ ରମାକାନ୍ତ ଯିବେ ନା ନାହିଁ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥିସହ ରମାକାନ୍ତ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ କ'ଣ କହି ବୁଝାଇବେ ତାକୁ ନେଇ ଆଲୋଚନା ହେଉଛି। କ୍ରସ୍ ଭୋଟିଂ ପାଇଁ ଜଣେ ବିଧାୟକ ପିଛା ୧୦ କୋଟିରୁ ଅଧିକ ଟଙ୍କା ମିଳିଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

# କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କୁ ବାସଭବନରେ ପୋଲିସ ସୁରକ୍ଷା

ଭୁବନେଶ୍ୱର, ୧୬।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଛନ୍ତି ବୋଲି ଅଭିଯୋଗ ଆସିଥିବା ୧୧ ବିଧାୟକଙ୍କୁ ନେଇ ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। କଂଗ୍ରେସର ରମେଶ ଜେନା, ସୋଫିଆ ଫିର୍ଦୌସ, ଦାଶରଥି ଗମାଙ୍ଗ ଏବଂ ବିଜେଡିର ନବ କିଶୋର ମଲିକ, ଚକ୍ରମଣି କହଁର, ସୁବାସିନୀ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ ଓ ନିଲମ୍ବିତ ବିଧାୟକ ସନାତନ ମହାକୁଡ, ଅରବିନ୍ଦ ମହାପାତ୍ର କ୍ରସ୍ ଭୋଟିଂ କରିଥିବା କୁହାଯାଉଛି। ଏହିବିଧାୟକମାନଙ୍କ ପ୍ରତି କାଳେ ଦଳୀୟ କର୍ମୀଙ୍କ ଆକ୍ରୋଶର ପ୍ରତିଫଳନ ହେବ ତେଣୁ ସେମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଧାୟକଙ୍କ ସରକାରୀ ବାସଭବନ ବାହାରେ ପୋଲିସ ଜଗାଇ ସୁରକ୍ଷା ଯୋଗାଇ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି। ବିଜେଡି ପକ୍ଷରୁ ଏହି ବିଧାୟକମାନଙ୍କ କୁଶପୁତ୍ତଳିକା ଦାହ କରାଯିବା ସହିତ ସେମାନଙ୍କୁ ବିଭିନ୍ନ ସ୍ଥାନରେ ବିରୋଧ କରାଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।


ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ସରକାରୀ ବାସଭବନରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଛନ୍ତି।



ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ କିଆପାଣପୋଷି ଗାଁରେ ରବିବାର ଘୂର୍ଣ୍ଣିଝଡ଼ ପ୍ରଭାବରେ ଘର ଛପର ଉଡ଼ିବା ସହ ଗଛ ଭାଙ୍ଗି ପଡ଼ିଛି। (ଫଟୋ: ତାରାକାନ୍ତ ପଟ୍ଟନାୟକ)

# ପଶ୍ଚିମବଙ୍ଗ: ଏପ୍ରିଲ ୨୩, ୨୯ରେ ନିର୍ବାଚନ

■ ଆସାମ, କେରଳ, ପଣ୍ଡିଚେରୀରେ ୯ ■ ତାମିଲନାଡୁରେ ୨୩ରେ ବିଧାନସଭା ଭୋଟ

| ପଶ୍ଚିମବଙ୍ଗ | ତାମିଲନାଡୁ | ଆସାମ | କେରଳ | ପଣ୍ଡିଚେରୀ |
|---|---|---|---|---|
| ଆସନ ୨୯୪ | ଆସନ ୨୩୪ | ଆସନ ୧୨୬ | ଆସନ ୧୪୦ | ଆସନ ୩୦ |
| ନିର୍ବାଚନ ତାରିଖ ଏପ୍ରିଲ ୨୩,୨୯ | ନିର୍ବାଚନ ତାରିଖ ଏପ୍ରିଲ ୨୩ | ନିର୍ବାଚନ ତାରିଖ ଏପ୍ରିଲ ୯ | ନିର୍ବାଚନ ତାରିଖ ଏପ୍ରିଲ ୯ | ନିର୍ବାଚନ ତାରିଖ ଏପ୍ରିଲ ୯ |

ନିର୍ବାଚନ କମିଶନ (ଇସି) ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ରବିବାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଏପ୍ରିଲ ୨୩ ଓ ୨୯ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ତାମିଲନାଡୁରେ କେବଳ ଏପ୍ରିଲ ୨୩ରେ ଭୋଟ ଗ୍ରହଣ କରାଯିବ। ସେହିପରି ଆସାମ, କେରଳ ଓ ପଣ୍ଡିଚେରୀରେ କେବଳ ଏପ୍ରିଲ ୯ରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ମୋଟ ୮୨୪ ଆସନରେ ହେବାକୁ ଥିବା ନିର୍ବାଚନର ଭୋଟ ଗଣତି ମେ' ୪ରେ ହେବା ସହ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଉକ୍ତ ଘୋଷଣା ସହ ଏହି ସବୁ ଅଞ୍ଚଳରେ ନିର୍ବାଚନୀ ବିଗୁଲ ବାଜିବା ସଙ୍ଗେ ସଙ୍ଗେ ତତ୍କାଳ ନିର୍ବାଚନ ଆଚରଣ ବିଧି (ଏମ୍‌ସିସି) ଲାଗୁ ହୋଇଛି। ପଶ୍ଚିମବଙ୍ଗରେ ୨୦୧୧ରୁ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା ମମତା ବାନାର୍ଜୀ ଚତୁର୍ଥ ଥର ପାଇଁ ବିଜୟ ଆଶା ବାନ୍ଧିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ହାତରୁ କ୍ଷମତା ଛଡ଼ାଇ ନେବା ପାଇଁ ବିରୋଧୀ ଭାଜପା ଜୋରଦାର ଉଦ୍ୟମ ଚଳାଇଛି। ସେହିପରି ଦ୍ରାବିଡ଼ ମୁନେତ୍ରା କାଝାଗାମ୍ (ଡିଏମ୍‌କେ) ନେତୃତ୍ୱାଧୀନ ମେଣ୍ଟ ସରକାର ଚାଲିଥିବା ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପୁନର୍ବାର କ୍ଷମତା ଦଖଲ ପାଇଁ ଅଣ୍ଟା ଭିଡ଼ିଥିବାବେଳେ ବିରୋଧୀ ଅଲ୍ ଇଣ୍ଡିଆ ଦ୍ରାବିଡ଼ ମୁନେତ୍ରା କାଝାଗାମ୍ (ଏଆଇଏଡିଏମ୍‌କେ) ଏବଂ ଭାଜପା ପକ୍ଷରୁ ମେଣ୍ଟ କରାଯାଇଛି। ତେଣୁ ପଶ୍ଚିମବଙ୍ଗ ଓ ତାମିଲନାଡୁର ରାଜନୈତିକ ଉଠାପକା ଉପରେ ସମସ୍ତଙ୍କ ନଜର ରହିବ। ବିଶେଷକରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିବାଦ ମଧ୍ୟରେ ବିଧାନସଭା ନିର୍ବାଚନ ହେଉଥିବାରୁ ଏହା ଫଳାଫଳକୁ କିପରି ପ୍ରଭାବିତ କରୁଛି ତାହା ମେ' ୪ରେ ସ୍ପଷ୍ଟ ହେବ।

ନୂଆଦିଲ୍ଲୀ,୧୫।୩(ପି.ଟି./ଏଜେନ୍ସି)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଲାଗୁ ସହ ବିହାର ପରେ ଦେଶର ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ପ୍ରଥମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଇସି ଜ୍ଞାନେଶ କୁମାରଙ୍କ ସହ ୨ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଓ ବିବେକ ଜୋଷୀ ରବିବାର ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପଣ୍ଡିଚେରୀ ବିଧାନସଭା ଭୋଟ ତାରିଖ ଘୋଷଣା କରିବା ପରେ ☞ପୃଷ୍ଠା-୫

# ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼

■ ୨ ମୃତ, ୮ ଗୁରୁତର
■ ୧୦୦ରୁ ଅଧିକ ଘରର ଛପର ଉଡ଼ିଲା

ବାରିପଦା/କରଞ୍ଜିଆ/ଠାକୁରମୁଣ୍ଡା, ୧୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ କବିତା ମହାନ୍ତ/ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଧୀନ ପୁରୁଣାପାଣି, କଙ୍କଡ଼ା ଓ କିଆପାଣପୋଷି ଗ୍ରାମରେ ରବିବାର ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି। ୧୦୦ରୁ ଅଧିକ ଘରର ଛପର ଉଡ଼ିଯାଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି।

ସୂଚନା ଅନୁଯାୟୀ, ଅପରାହ୍ଣ ୪ଟା ୩୦ରେ ହଠାତ୍ କୁଆପଥର ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିଥିଲା। ବଡ଼ ବଡ଼ ଗଛ ସାଙ୍ଗକୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଭାଙ୍ଗି ପଡ଼ିଥିଲା। ପବନ ଯୋଗୁ ଏକ ଯାତ୍ରୀବାହୀ ଅଟୋ ☞ପୃଷ୍ଠା-୫

# ନିଜକୁ ସାପ କାମୁଡ଼ାଇ ଆତ୍ମହତ୍ୟା ଉଦ୍ୟମ

ସୁନାବେଡ଼ା,୧୫।୩(କୃତ୍ତିବାସ ପ୍ରଧାନ)

ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକ ଭିନ୍ନ ଉପାୟରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଏକ ଘଟଣା କୋରାପୁଟ ଜିଲା ସୁନାବେଡ଼ା ପିଏଚ୍‌ଡି କଲୋନିରେ ଘଟିଛି। ସ୍ତ୍ରୀଙ୍କ ସହ ଝଗଡ଼ା ପରେ ମାଳିଗୁଡ଼ା ଗାଁର ନବୀନ ମାଲି(୩୨) ନିଜକୁ ସାପ କାମୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହାର ଏକ ଭିଡିଓ କରି ନବୀନ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓ ଏବେ ଭାଇରାଲ ହେଉଥିବାବେଳେ ନବୀନ ଗୁରୁତର ହୋଇ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଶନିବାର ଅପରାହ୍ଣରେ ☞ପୃଷ୍ଠା-୫







କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୁପ କରନାହିଁ।—ଶ୍ରୀଅରବିନ୍ଦ

-ବାରୁଣୀ ସ୍ନାନ, ତାରାତାରିଣୀ ଯାତ୍ରା, ଶିବଚତୁର୍ଦ୍ଦଶୀ ଓ ବେଢ଼ା



# ଭାଗ୍ୟ ବଳରେ

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ୧୫ ମାର୍ଚ୍ଚ ବିଳମ୍ବିତ ରାତ୍ରିରେ ଟ୍ରମା କେୟାର ଇଣ୍ଟେନସିଭ୍ କେୟାର ୟୁନିଟ (ଆଇସିୟୁ)ରେ ଅଗ୍ନିକାଣ୍ଡ ଘଟି ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଶର୍ଟସର୍କିଟ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ଭାବେ କୁହାଯାଇଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ, ଅଗ୍ନିକାଣ୍ଡ ଘଟିଥିବା ୟୁନିଟ୍‌ଠାରୁ ମାତ୍ର ୧୦୦ ମିଟର ଦୂରରେ ଅଗ୍ନିଶମ କାର୍ଯ୍ୟାଳୟ ରହିଛି। ଅଗ୍ନିଶମ କର୍ମଚାରୀ ସେଠାରେ ଅଧ ଘଣ୍ଟାଏ ପରେ ପହଞ୍ଚିଥିଲେ। ଶୁଣିବାକୁ ମିଳୁଛି ଯେ, ଅଗ୍ନିକାଣ୍ଡ ଘଟିବା ପରେ ତାହାକୁ ଲିଭାଇବା ପାଇଁ କର୍ମଚାରୀମାନେ ପ୍ରାରମ୍ଭିକ ପ୍ରଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇଥିଲେ। ଦୁର୍ଘଟଣା ଘଟିବା ପରେ ସାଇରନ ନ ବାଜିବା ଓ ସ୍ପ୍ରିଙ୍କଲର ବ୍ୟବସ୍ଥା ଅକାମି ଥିବା କୁହାଯାଉଛି। ଏସବୁ ଘଟଣାକୁ ଦେଖିଲେ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ଦିଗକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏଥିସହିତ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଏବଂ ଓଡ଼ିଶା ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏମ୍‌ସିଏଲ୍) କର୍ମଚାରୀ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବା ବିଷୟ ପଦାକୁ ଆସିଲାଣି। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଭେଣ୍ଟିଲେଟରରୁ ନିଆଁ ଲାଗିଥିବା କହୁଥିବା ବେଳେ ଓଏମ୍‌ସିଏଲ୍ ପକ୍ଷରୁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରେ ତ୍ରୁଟି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏଠି କିଏ ସତ କହୁଛନ୍ତି ତାହା ଜାଣିବା କଷ୍ଟକର। କାରଣ ତଦନ୍ତ ରିପୋର୍ଟ ଅନେକ ସମୟରେ ପ୍ରକୃତ କାରଣଠାରୁ ଦୂରେଇ ଯାଇ ଅସତ୍ୟ ତଥ୍ୟ ଦେଉଥିବା ଅତୀତର ଅନେକ ଘଟଣାରୁ ଜଣାପଡ଼ିଛି।

> **କେବଳ ବଡ଼ ବଡ଼ କଥା ହୋଇପଡ଼ିଲାଣି ଭାରତୀୟମାନଙ୍କ ଚରିତ୍ର। ସମସ୍ତେ ନିଜର ଦାୟିତ୍ୱକୁ ପାସୋରି ଯାଇ କେବଳ ଅନ୍ୟ ଉପରେ ଦୋଷ ଲଦିବାରେ ବ୍ୟସ୍ତ। ଆଜି ଏହି ଦେଶରେ ସାଧାରଣ ନାଗରିକ ପ୍ରତିଟି ମୁହୂର୍ତ୍ତ ବଞ୍ଚିରହିଛି କେବଳ ତା'ର ଭାଗ୍ୟ ବଳରେ।**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ନେଇ ପ୍ରାଥମିକ ପର୍ଯ୍ୟାୟରେ ଏଥିଲାଗି ୪,୪୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ହେଲେ ଅଗ୍ନି ନିର୍ବାପକ ଭଳି ଅତି ଜରୁରୀ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରୁ ନ ଥିବାରୁ ଏପରି ଅସ୍ୱାଭାବିକ ସ୍ଥିତି ଉପୁଜୁଛି। ଯଦି ଟ୍ରମା କେୟାର ଆଇସିୟୁ କଥା ଦେଖାଯାଏ ସେଠାରେ ସାଧାରଣତଃ ଗୁରୁତର ରୋଗୀମାନେ ଚିକିତ୍ସିତ ହୋଇଥାଆନ୍ତି। ଆରୋଗ୍ୟ ପାଇଁ ରୋଗୀଙ୍କ ଶରୀରରେ ବିଭିନ୍ନ ଯନ୍ତ୍ରପାତି ଲାଗିଥାଏ। ସେହି ୟୁନିଟ୍‌ରେ ନିଆଁ ଲାଗିଯିବା ମାତ୍ରେ ମୋଟା ଧୂଆଁ ତତ୍କ୍ଷଣାତ୍ କୋଠରିକୁ ବ୍ୟାପିଯାଇଥିଲା। ରୋଗୀଙ୍କୁ ଯେଉଁ ପରିସ୍ଥିତିରେ ରଖାଯାଇଥାଏ, ସେମାନେ ନିଜେ ବାହାରିବା ଅସମ୍ଭବ ବୋଲି କୁହାଯାଇପାରେ। ଟିକିଏ ଅତୀତକୁ ଦେଖିଲେ ଦେଶର ବିଭିନ୍ନ ହସ୍ପିଟାଲରେ ଅଗ୍ନିକାଣ୍ଡ ଯୋଗୁ ବହୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଖବର ରହିଛି। ରାଜସ୍ଥାନ ଜୟପୁରର ସୱାଇ ମାନସିଂ ହସ୍ପିଟାଲର ଟ୍ରମା କେୟାର ୟୁନିଟ୍‌ରେ ୬ ଅକ୍ଟୋବର ୨୦୨୫ରେ ଅଗ୍ନିକାଣ୍ଡ ଘଟିବାରୁ ଆଇସିୟୁରେ ଥିବା ୧୦ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ୨୦୨୪ ନଭେମ୍ବର ୧୫ରେ ଉତ୍ତରପ୍ରଦେଶର ଝାନ୍‌ସୀସ୍ଥିତ ମହାରାଣୀ ଲକ୍ଷ୍ମୀବାଈ ମେଡିକାଲ କଲେଜରେ ନିୟୋନାଟାଲ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରେ ଅଗ୍ନିକାଣ୍ଡ ଯୋଗୁ ୧୦ ନବଜାତକଙ୍କ ପ୍ରାଣ ଚାଲିଯାଇଥିଲା। ଗୁଜରାଟ ଭାରୁଚ୍‌ର ପଟେଲ ୱେଲଫେୟାର ହସ୍ପିଟାଲରେ ୧ ମେ ୨୦୨୧ରେ ଘଟିଥିବା ଅଗ୍ନିକାଣ୍ଡରେ ୧୮ ଜଣଙ୍କ ପ୍ରାଣ ଯାଇଥିଲା।

କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସମେତ ଉପରଲିଖିତ ଡାକ୍ତରଖାନାଗୁଡ଼ିକ ଗୋଟିଏ ଶିକ୍ଷା ଦେଉଛି। ଘରୋଇ ହେଉ କିମ୍ବା ସରକାରୀ, ସମସ୍ତେ ନିଜର ପ୍ରସାର ଓ ପ୍ରଚାର ଦିଗରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାଫଳରେ ସର୍ବନିମ୍ନ ରକ୍ଷଣାବେକ୍ଷଣ ଓ ସୁରକ୍ଷାଠାରୁ ଧ୍ୟାନ ଦୂରେଇ ଯାଉଛି। ଏହାର ମୁଖ୍ୟ କାରଣ ହେଲା, ସାମ୍ପ୍ରତିକ ଭାରତରେ ପ୍ରଚାରସର୍ବସ୍ୱ କାର୍ଯ୍ୟ କଲେ ସମସ୍ତଙ୍କ ଦୃଷ୍ଟି ପଡ଼ିବ। ଉଦାହରଣ ସ୍ୱରୂପ ବନ୍ଦେ ଭାରତ ଟ୍ରେନ୍ ଆରମ୍ଭ କରାଯାଉଥିବା ବେଳେ ସାଧାରଣ ଯାତ୍ରୀବାହୀ ଓ ଏକ୍ସପ୍ରେସ୍ ଟ୍ରେନ୍ ବିଳମ୍ବିତ ହେବା ସହିତ ଅସୁରକ୍ଷିତ ଏବଂ ଅପରିଷ୍କାର ହୋଇପଡୁଛି। କେବଳ ବଡ଼ ବଡ଼ କଥା ହୋଇପଡ଼ିଲାଣି ଭାରତୀୟମାନଙ୍କ ଚରିତ୍ର। ସମସ୍ତେ ନିଜର ଦାୟିତ୍ୱକୁ ପାସୋରି ଯାଇ କେବଳ ଅନ୍ୟ ଉପରେ ଦୋଷ ଲଦିବାରେ ବ୍ୟସ୍ତ। ଆଜି ଏହି ଦେଶରେ ସାଧାରଣ ନାଗରିକ ପ୍ରତିଟି ମୁହୂର୍ତ୍ତ ବଞ୍ଚିରହିଛି କେବଳ ତା'ର ଭାଗ୍ୟ ବଳରେ।

# ବରିଷ୍ଠ ନାଗରିକଙ୍କୁ ତାଚ୍ଛଲ୍ୟ



ହରିଶଙ୍କର ମିଶ୍ର

ମନୁଷ୍ୟ ସ୍ୱାଭାବିକ ଜୀବନଚକ୍ରରେ ନିର୍ଦ୍ଦିଷ୍ଟ ବର୍ଷ ଅତିକ୍ରମ ପରେ ବୃଦ୍ଧାବସ୍ଥା ପ୍ରାପ୍ତହୁଏ। ଅନେକ ମାତାପିତା ବୃଦ୍ଧାବସ୍ଥାରେ ଅବହେଳାର ଶିକାର ହେଉଥିବା ଅନୁଭବକରି ମିଳିତ ଜାତିସଂଘ ସେମାନଙ୍କର ସମ୍ମାନଜନକ ସ୍ଥିତି ପାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବରିଷ୍ଠ ନାଗରିକ ଘୋଷଣା କରିବା ସହ ୧୯୯୯ରେ ସେମାନଙ୍କ ଲାଗି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ନିଷ୍ପତ୍ତି ନେଇଥିଲା। ସେଇ ନିର୍ଦ୍ଦେଶ ଆଧାରରେ ଆମ ଦେଶରେ ୨୦୦୭ରେ 'ମାତାପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ' ପ୍ରଣୟନ ହେଲା। ୨୦୦୯ରେ ଆମ ରାଜ୍ୟରେ ଭରଣପୋଷଣରୁ ବଞ୍ଚିତ ହେଲେ ବିଚାର ପାଇଁ ପ୍ରାଧିକରଣ ଏବଂ ଅପିଲ ସହ ସାମାଜିକ ପୋଲିସ ବ୍ୟବସ୍ଥା କରାଯାଇ ପିଛିଲା ତାରିଖ ୧।୧୦।୨୦୦୮ରୁ ଏହି ନିୟମ କାର୍ଯ୍ୟକାରୀ କରାଯାଇଛି। ପୁନଶ୍ଚ ଏହି ନିୟମକୁ ବ୍ୟାପକ କରାଯାଇ ୨୦୧୬ରେ ବୟସ୍କ ନାଗରିକ ଅଧିନିୟମ ଅନୁସାରେ ସାମାଜିକ ସୁରକ୍ଷା ନାମରେ ଗୋଟିଏ ବିଭାଗ କାର୍ଯ୍ୟକାରୀ ହେଲା। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଯଥାକ୍ରମେ 'ଅଭୟ' ଓ 'ଅବଦାନ' ନାମରେ ଦୁଇଟି ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ଜିଲାର ଜିଲାପାଳଙ୍କ ସଭାପତିତ୍ୱରେ ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ଗୋଟିଏ ସମନ୍ୱୟ କମିଟି ଗଠନ କରାଯାଇ ବର୍ଷ ମଧ୍ୟରେ ଅନ୍ୟୂନ ଚାରିଥର ବୈଠକ ହେବାର ନିୟମ ସହ ରାଜ୍ୟ ସ୍ତରରେ ଗଠିତ ଅନୁରୂପ କମିଟି ଏହାକୁ ସମୟଭିତ୍ତିକ ପର୍ଯ୍ୟବେକ୍ଷଣ କରିବାକୁ ନିୟମ ରହିଛି। ପ୍ରତ୍ୟେକ ବରିଷ୍ଠ ନାଗରିକ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଅନୁବନ୍ଧିତ ହେବା ସହ ସ୍ଥାନୀୟ ପୋଲିସ ସମସ୍ତ ବରିଷ୍ଠ ନାଗରିକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଆବଶ୍ୟକସ୍ଥଳେ ସହାୟତା ପ୍ରଦାନ କରିବାର ପ୍ରାବଧାନ ରହିଛି। ଏଥିପାଇଁ ଏକ ନିଃଶୁଳ୍କ ଫୋନ ନମ୍ବର ଅଛି। ଭରଣପୋଷଣରୁ ବଞ୍ଚିତ ବରିଷ୍ଠ ନାଗରିକ ଉପଜିଲାପାଳଙ୍କ ପାଖରେ ଆବେଦନ କଲେ ତା'ର ତ୍ୱରିତ୍ ବିଚାର କରାଯିବ। କିନ୍ତୁ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଏଭଳି କଲ୍ୟାଣକାରୀ ନିୟମ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ପାଖରେ ଗୌଣ ହୋଇଯାଉଛି। ଏହି ନିୟମ କିପରି ପରିପାଳନ କରାଯାଉଛି ଏବଂ ଏହା ଆଧାରରେ ସେମାନଙ୍କର ମାନସିକତାରେ କିଭଳି ପରିବର୍ତ୍ତନ ହୋଇଛି ସେ ସମ୍ପର୍କରେ ଏଯାବତ୍ କୌଣସି ପ୍ରତ୍ୟକ୍ଷ ସମୀକ୍ଷା ହୋଇନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ଯଦି ପ୍ରଶ୍ନ ହୁଏ ତେବେ ତା'ର ଉତ୍ତର ମଧ୍ୟ ମିଳି ନ ପାରେ।

ଆମ ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ସମସ୍ତ ଲୋକ ସଂଖ୍ୟାର ୧୮ ରୁ ୨୦ ଶତାଂଶ। କିନ୍ତୁ ସେମାନଙ୍କ ପାଇଁ ଗଠିତ ଜିଲା ସ୍ତରୀୟ ସମନ୍ୱୟ କମିଟିର ନିୟମିତ ବୈଠକ ହୁଏନାହିଁ। ଅବହେଳିତ ହୁଅନ୍ତୁ ବା ନ ହୁଅନ୍ତୁ ଜଣେ ବରିଷ୍ଠ ନାଗରିକ କୌଣସି ପଦସ୍ଥ ଅଧିକାରୀଙ୍କଠାରୁ ଭଲମନ୍ଦର ଫୋନ ବାର୍ତ୍ତାଟିଏ ପାଇଲେ ସେ କେତେ ମାନସିକ ଶାନ୍ତି ପାଇବେ ତାହା ବୋଧହୁଏ ଆଗାମୀ ଦିନର ବରିଷ୍ଠ ନାଗରିକ ତଥା ବର୍ତ୍ତମାନର ପଦସ୍ଥ ଅଧିକାରୀଙ୍କ ମାନସିକତା ଗ୍ରହଣ କରିବାକୁ ଅକ୍ଷମ। ରାଜ୍ୟର କୌଣସି ଜିଲାପାଳ ଏହି ନିୟମ ଆଧାରରେ ବରିଷ୍ଠ ନାଗରିକଙ୍କ ନିକଟତର ହେବାକୁ ମାସିକ ବା ତ୍ରୈମାସିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଉଚିତ ମନେକରନ୍ତି ନାହିଁ। ରାଜ୍ୟର ବରିଷ୍ଠ ନାଗରିକଙ୍କ ମଧ୍ୟରୁ କେତେ ଶତାଂଶ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ଅନୁବନ୍ଧିତ ହୋଇଛନ୍ତି ଏବଂ ଥାନା ମାଧ୍ୟମରେ ମାସିକ କେତେ ବରିଷ୍ଠ ନାଗରିକଙ୍କ ସହ ସମ୍ପର୍କ ସ୍ଥାପନ ହୋଇଛି ତା'ର ବିଭାଗୀୟ ସମୀକ୍ଷା ହୁଏ ନାହିଁ। ବିଭାଗୀୟ ସଚିବ ବା ମନ୍ତ୍ରୀ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ଗଣମାଧ୍ୟମରେ ପ୍ରକାଶ ପାଏନାହିଁ। ସରକାର କେବଳ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନକୁ ଗୁରୁତ୍ୱ ଦିଅନ୍ତି। କିନ୍ତୁ ସେଇ ହିତାଧିକାରୀ ସମ୍ମୁଖୀନ ହେଉଥିବା ସାମାଜିକ ସମସ୍ୟା ପ୍ରତି ନଜର ଦିଅନ୍ତି ନାହିଁ। ଏହି ଯୋଜନାର ସଫଳ ରୂପାୟନ ପାଇଁ ପ୍ରଚଳିତ ଯୋଜନାରେ ପ୍ରାପ୍ତ ଅନୁଦାନକୁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ନାମରେ ହାତଗଣତି ବରିଷ୍ଠ ନାଗରିକଙ୍କୁ ସାମିଲ କରି ଗାମୁଛା, ଟୋପି ଏବଂ ଖାଦ୍ୟପେୟ ବାବଦରେ ଖର୍ଚ୍ଚ ଦର୍ଶାଯାଇଥାଏ। ହାତଗଣତି ବରିଷ୍ଠ ନାଗରିକଙ୍କ ଉପସ୍ଥିତିରେ ଧର୍ମକୁ ଆଖିଠାର ପରି ସଚେତନତା ବୈଠକ କରାଇ ଅନୁଦାନର ପୂର୍ଣ୍ଣ ବିନିଯୋଗ ପ୍ରମାଣପତ୍ର ଦିଆଯାଏ। ଏଥିରୁ ସ୍ପଷ୍ଟ ହୁଏ ଯେ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ସେମାନଙ୍କ ସମସ୍ୟା ଅନୁଧ୍ୟାନ ଓ ସମାଧାନ ଅପେକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆର୍ଥିକ ଲାଭକୁ ଗୁରୁତ୍ୱ ଦିଆଯାଏ। ଏବେ ବି କୌଣସି ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବା ଶ୍ରୀଜଗନ୍ନାଥ ଦର୍ଶନ ବ୍ୟବସ୍ଥା ଦାବିକୁ ଅଣଦେଖା କରୁଥିବା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଦର୍ଶନ ଯୋଜନା ମୂଳରେ ରାଜନୈତିକ ସଫଳତା ଉଦ୍ଦେଶ୍ୟ ସ୍ପଷ୍ଟ ହେଉଛି।



ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଉଛି ଏହି ଆଇନ ପ୍ରଣୟନ ପରେ କିଛି ସ୍ୱେଚ୍ଛାସେବୀ ସଂଗଠନ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ନାମରେ ସରକାରୀ ଅନୁଦାନ ପାଇ ଜରାଶ୍ରମ ଖୋଲି ଆର୍ଥିକ ଲାଭ ପାଉଛନ୍ତି। ସେମାନେ ବରିଷ୍ଠ ନାଗରିକଙ୍କୁ ଖୋଜି ସମ୍ମୁଖୀନ ହେଉଥିବା ଭରଣପୋଷଣ ବା ଅନ୍ୟ ସମସ୍ୟା ସମାଧାନ ପରିବର୍ତ୍ତେ ଜରାଶ୍ରମରେ ରହିବାକୁ ପ୍ରବର୍ତ୍ତାଇଥାନ୍ତି। କିନ୍ତୁ ସେମାନଙ୍କ ଅଧିକାର ପାଇଁ କୌଣସି ଆଇନଗତ ପଦକ୍ଷେପ ନେଇଥିବାର ଦୃଷ୍ଟାନ୍ତ ନାହିଁ। ତେଣୁ ଏହି ଯୋଜନା କିଛି ବୃଦ୍ଧାବୃଦ୍ଧଙ୍କ ଅଧିକାର ପରିବର୍ତ୍ତେ ସେମାନଙ୍କୁ ନିଃସଙ୍ଗ ଜୀବନଯାପନ ପାଇଁ ଏକପ୍ରକାର ବାଧ୍ୟ କରୁଛି। କିଛି ଯୋଗ୍ୟ ପୁଅ ବୃଦ୍ଧ ମାତାପିତାଙ୍କ ସେବା ପରିବର୍ତ୍ତେ ଜରାଶ୍ରମରେ ଛାଡ଼ି ସ୍ୱଚ୍ଛନ୍ଦ ଜୀବନଯାପନ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଜରାଶ୍ରମରେ ଜୀବନ ବିତାଉଥିବା ବରିଷ୍ଠ ନାଗରିକମାନେ ନିଜ ପୁଅ ବୋହୂଙ୍କ ବିରୋଧରେ ଅଭିଯୋଗ ମଧ୍ୟ କରନ୍ତି ନାହିଁ। ତାଙ୍କର ଏହି ବିଶାଳ ହୃଦୟର ପରିଚୟ କିନ୍ତୁ ସେଇ ପୁଅ ବୋହୂଙ୍କୁ ପ୍ରଭାବିତ କରେନାହିଁ। ଆବଶ୍ୟକ ସ୍ଥଳେ ଆଇନ ଜାଲରୁ ମୁକୁଳିବାକୁ ମାତାପିତା ସ୍ୱଇଚ୍ଛାରେ ଜରାଶ୍ରମ ପସନ୍ଦ କରୁଥିବା ଲେଖାଇ ନିଅନ୍ତି। ପ୍ରଶାସନ ତରଫରୁ ମଧ୍ୟ କେବେ ତା'ର ସର୍ବେକ୍ଷଣ କିମ୍ବା ପ୍ରତିକାର କରାଯାଏ ନାହିଁ।

କିଛି ସଂଭ୍ରାନ୍ତ ବର୍ଗର ବରିଷ୍ଠ ନାଗରିକଙ୍କ ପୁଅବୋହୂ ବିଦେଶରେ ଚାକିରି ଯୋଗୁ ସେମାନେ ଅସହାୟ ଭାବରେ ରହୁଛନ୍ତି। ନିକଟରେ ବରିଷ୍ଠ ନାଗରିକଙ୍କ ହିତ ଦୃଷ୍ଟିରୁ ସରକାର ସେମାନଙ୍କ ପ୍ରତି ବିଦେଶରେ ଥିବା ପୁଅ ବୋହୂ ହତାଦର କରୁନାହାନ୍ତି ବୋଲି ଲିଖିତ ପ୍ରମାଣ ପତ୍ର ଆଧାରରେ ଭିଜାର ଅବଧି ବୃଦ୍ଧି କରିବେ ବୋଲି ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ କେତେଜଣ ବ୍ୟକ୍ତି ସେଭଳି ବ୍ୟକ୍ତିଙ୍କୁ ଠାବକରି ସେମାନଙ୍କ ପାଇଁ ଦେୟଯୁକ୍ତ ଜରାଶ୍ରମ ପରିଚାଳନା କରି ସରକାରୀ ଜାଗା ହାତେଇ ବୋହୂପୁଅଙ୍କଠାରୁ ମୋଟା ଅଙ୍କର ଅର୍ଥ ସହ ବେସରକାରୀ ଚାନ୍ଦା ମଧ୍ୟ ପାଉଛନ୍ତି। ସେହି ବର୍ଗର ବ୍ୟକ୍ତିମାନେ ଅର୍ଥ ଓ ସ୍ୱାର୍ଥସର୍ବସ୍ୱ ମନୋଭାବ ସମ୍ପନ୍ନ ନିଜ ବୋହୂପୁଅଙ୍କ ପ୍ରତି ଥିବା ଅମାପ ସ୍ନେହ ଦୃଷ୍ଟିରୁ କେବେବି ତାଙ୍କ ପ୍ରତି ହେଉଥିବା ହତାଦରକୁ ଲିଖିତ ଭାବରେ ଦେବେନାହିଁ। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଯେ ଜୀବନର ସାୟାହ୍ନରେ ପହଞ୍ଚିଥିବା ଏହି ବର୍ଗର ବ୍ୟକ୍ତିଙ୍କ ସୁରକ୍ଷା ପରିବର୍ତ୍ତେ ସେମାନଙ୍କ ଅସହାୟତାକୁ ପୁଞ୍ଜିକରି ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ପାଇଁ ଅର୍ଥ ରୋଜଗାର ସୁଯୋଗ ସୃଷ୍ଟିକରିବା କେତେ ରୁଗ୍ଣ ମାନସିକତା ତାହା ବିଚାରଯୋଗ୍ୟ। ଏବେ ରାଜ୍ୟରେ ଶତାଧିକ ଦୀର୍ଘ ଅନୁଭୂତିସମ୍ପନ୍ନ ବରିଷ୍ଠ ନାଗରିକଙ୍କ ସଂଘ ରହିଥିବା ବେଳେ ସେମାନଙ୍କ ଅନୁଭବକୁ ରାଜ୍ୟର ପ୍ରଗତି ପାଇଁ ଉପଯୋଗ କରିବାକୁ ସରକାର ଗୁରୁତ୍ୱ ଦିଅନ୍ତି ନାହିଁ। ଅନେକ ବରିଷ୍ଠ ନାଗରିକଙ୍କ ସେବାରେ ଅବହେଳା କରୁଥିବା ଉତ୍ତର ଦାୟାଦଙ୍କୁ ପ୍ରଚଳିତ ଆଇନ ପରିସରରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଏ ନାହିଁ। ତେଣୁ ଏହି ନିୟମ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପରିବର୍ତ୍ତେ ବରିଷ୍ଠ ନାଗରିକଙ୍କୁ ତାଚ୍ଛଲ୍ୟ ନାମକରଣ ଯଥାର୍ଥ ମନେହୁଏ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ଆଇନା ଓ ମଇନା



ଡ. ଦ୍ୟୁତୀ ଚନ୍ଦ୍ର ସାହୁ

ଆଇନା ସବୁବେଳେ ସତ କହେ! ହୋଇଥିବ ବୋଧେ! ଏକଥା ସତ ବୋଲି ବି ମୋତେ ଲାଗିଲା। ଯଦିଓ ମୁଁ ସବୁବେଳେ ଆଇନା ଦେଖି ମୋ ରୂପ ସଜାଏ। ଆଇନା ସାମ୍ନାରେ ଠିଆ ହୋଇ ନିଜକୁ ନିଜେ ଦେଖେ। ମୋ ଭଳି ଆପଣମାନେ ବି କରୁଥିବେ ନିଶ୍ଚିତ। ସବୁବେଳେ ଲାଗୁଥିବ ଆଇନା କେତେ ଖାଣ୍ଟି ସତ କହେ। ମଣିଷ ତା'ର ପ୍ରତିଛବି ଜରିଆରେ ଅନେକ ସତକୁ ଆବିଷ୍କାର କରେ। ତେବେ ଏଇ ସାନ ଘଟଣାକୁ ପରଖିଲା ପରେ ସତ ପଛର ସତକୁ ଜାଣି ହେଲା ସହଜରେ।

ଗତ କିଛି ଦିନ ଧରି ସକାଳୁ ସକାଳୁ ଗୋଟେ ମଇନା ଘରର ବାଲ୍‌କୋନି ଭିତରକୁ ପଶି ଆସୁଛି। ବାଲ୍‌କୋନିର ଗୋଟେ କୋଣକୁ ଲାଗିଥିବା ଦର୍ପଣ ସାମ୍‌ନାରେ କିଛି ସମୟ ବସୁଛି। ହଠାତ୍ ଉଠିଯାଇ ନିଜ ଚଂଚୁରେ ଦର୍ପଣକୁ ଆଘାତ କରୁଛି। ଦର୍ପଣର ତଳୁ ଉପର ଘୂରି ଘୂରି ଏଭଳି କରି ଚାଲୁଛି। ପରେ କିଛି ସମୟ ନୀରବରେ ବସି ରହୁଛି ଦର୍ପଣ ସାମ୍ନାରେ। ପୁଣି ଥରେ ଚଂଚୁରେ ଆଘାତ ଦେବାକୁ ଲାଗି ପଡୁଛି। ସକାଳୁ ସକାଳୁ ଏଇ ଦୃଶ୍ୟ ମୋତେ ବିଚଳିତ କରିଦେଉଛି। ପ୍ରଥମେ ଏହା ମୋତେ ଆମୋଦ ଦେଉଥିଲା। କିନ୍ତୁ ନିୟମିତ ଆସି ଦର୍ପଣକୁ ଚଂଚୁରେ ଆଘାତ ଦେବା ମୋତେ ଅଧିକ ବିସ୍ମିତ କଲା। ଏହାକୁ ଟିକେ ଗଭୀର ଦୃଷ୍ଟିଭଙ୍ଗୀରେ ଚିନ୍ତା କରିବାକୁ ମଇନାଟି ମୋତେ ବାଧ୍ୟ କଲା।

ମଇନା ଆସି ଦର୍ପଣକୁ ନିଜ ଚଂଚୁରେ ଖୁମ୍ପି ଚାଲିଥିବା ଦୃଶ୍ୟ ସାଧାରଣ ଲାଗୁଥିଲେ ମଧ୍ୟ ଏହା ମନୁଷ୍ୟ ଜୀବନର ଗଭୀର ଦାର୍ଶନିକ ଅର୍ଥକୁ ପ୍ରକାଶ କରେ। ମଇନା ଦର୍ପଣରେ ନିଜ ପ୍ରତିବିମ୍ବକୁ ଅନ୍ୟ ପକ୍ଷୀ ବୋଲି ଭାବି ହୁଏତ ତାକୁ ଆକ୍ରମଣ କରି ଚାଲିଥିବ। ଅଥଚ ସେ ଜାଣି ନ ଥାଇପାରେ ଯେ ଯାହାକୁ ସେ ଆକ୍ରମଣ କରୁଛି, ସେ ତା'ର ନିଜ ଅସ୍ତିତ୍ୱର ପ୍ରତିଛାୟା କେବଳ। ଦର୍ପଣକୁ ଯଦି କୁହାଯାଇପାରେ ମାୟା, ପ୍ରତିବିମ୍ବ ହୋଇପାରେ ସାରା ଜଗତ। ଆଉ ମଇନା ଭଳି ମଣିଷ କେବଳ ଏକ ଛୋଟିଆ ଜୀବ ମାତ୍ର।

ଜଗତ ସବୁବେଳେ ଏକ ପ୍ରତିବିମ୍ବମୟ ଅନୁଭୂତି ଦିଏ। ଯେଉଁଠାରେ ଜୀବ ବ୍ରହ୍ମ ସ୍ୱରୂପ ହୋଇଥିଲେ ମଧ୍ୟ ଅଜ୍ଞାନ ଯୋଗୁ ନିଜକୁ ପୃଥକ୍ ସତ୍ତା ଭାବେ ଅନୁଭବ କରେ। ମଇନାର ପ୍ରତିବିମ୍ବ ସହ ସଂଘର୍ଷ ଏହି ଅଜ୍ଞାନର ପ୍ରାୟୋଗିକ ଚିତ୍ରଣ ମାତ୍ର। ଏଠାରେ ବାସ୍ତବ ଶତ୍ରୁ କେହି ନୁହେଁ। ଶତ୍ରୁ ହେଉଛି ସେ ନିଜେ। ଏକ ଭ୍ରମଜନିତ ଧାରଣାରେ ସେ ଖାଲି ଛଟପଟ। ସେମିତି ମନୁଷ୍ୟ ନିଜ ଅହଂକାର ଓ ପରିଚୟକୁ ବାହ୍ୟ ପ୍ରତିଛବିରେ ଖୋଜିଥାଏ। ପରିଚୟର ଭ୍ରମରୁ ଅହଂର ଉଦ୍ଭବ ହୋଇଥାଏ। ଏହା ସୂଚାଏ ଯେ, ଅହଂକାର ଅନେକ ସମୟରେ ଭ୍ରମଜନିତ ପ୍ରତିବିମ୍ବ ଉପରେ ନିର୍ଭର କରେ। ଏଥିରୁ ମୁଖ୍ୟତଃ ସଂଘର୍ଷ ଓ ଅସନ୍ତୋଷ ଜନ୍ମ ନେଇଥାଏ। ମଇନାର ଆଚରଣ ଏହି ମାନସିକ ସତ୍ୟର ପ୍ରାକୃତିକ ଉଦାହରଣ ହୋଇପାରେ। ଯେଉଁଠାରେ ଅଜ୍ଞାନ ଆତ୍ମ-ସଂଘର୍ଷକୁ ସୃଷ୍ଟି କରେ। ଜୀବନର ଅଧିକାଂଶ ସଂଘର୍ଷ ବାହ୍ୟ ନୁହେଁ। ଆତ୍ମ-ଭ୍ରମର ଫଳ।



ଯେତେବେଳେ ଜୀବ ନିଜ ସ୍ୱରୂପକୁ ଉପଲବ୍ଧି କରେ, ମାୟାର ପ୍ରଭାବ ଶିଥିଳ ହୋଇଯାଏ। ସେଇଠୁ ସଂଘର୍ଷ ଶାନ୍ତିରେ ପରିଣତ ହୁଏ। କେବେକେବେ ଅନୁଭୂତିକୁ ସତ୍ୟ ଭାବିବା ଦୁଃଖର କାରଣ ହୋଇପାରେ।

ଜ୍ଞାନ କାଳେ ହେଉଛି ମୁକ୍ତିର ମାର୍ଗ। ମଇନା ଯଦି ବୁଝିପାରନ୍ତା ଏହା ମୋର ପ୍ରତିବିମ୍ବ ମାତ୍ର, ତେବେ ସଂଘର୍ଷ ତୁରନ୍ତ ଶେଷ ହୋଇଯାଆନ୍ତା। ସବୁଦିନ ନିତି ଆସି ଚଂଚୁରେ ନିଜ ପ୍ରତିଛବିକୁ ଆଘାତ କରନ୍ତାନି। କିନ୍ତୁ ସତ୍ୟ ବାହ୍ୟଶକ୍ତିରେ ନିହିତ ନୁହେଁ। ସଦାକାଳେ ଜ୍ଞାନରେ ରହିଛି। ଏହା ଉପନିଷଦୀୟ ସିଦ୍ଧାନ୍ତ ସହ ସମ୍ମତ। ଆଧୁନିକ ସମାଜରେ ମନୁଷ୍ୟ ସବୁବେଳେ ସାମାଜିକ ପ୍ରତିଛବି, ପ୍ରତିଷ୍ଠା, ପରିଚୟ ଓ ଅହଂକାରର ଦର୍ପଣରେ ବନ୍ଧା। ଆଜିକାର ସାମାଜିକ ଗଣମାଧ୍ୟମ ଗୋଟିଏ ତୁଚ୍ଛା ଅହଂ ଭିତରେ ଆମକୁ ଏକ କୃତ୍ରିମ ପ୍ରତିବିମ୍ବ ସହିତ ସଂଘର୍ଷ କରାଏ। ପରସ୍ପର ଭିତରେ ବିଦ୍ୱେଷ ଜାତ କରାଏ। କେବେକେବେ ନିଜ ଅଜାଣତରେ ସେ ନିଜକୁ ମହାଜ୍ଞାନୀ ବୋଲି ବିବେଚନା କରାଏ। ଏଣୁତେଣୁ ଲେଖି ନିଜର ମାନସିକ ପିପାସାକୁ ପୂର୍ଣ୍ଣ କରେ। ମଣିଷ ନିଜର ଅହମିକା, ସ୍ୱାର୍ଥ ଭିତରେ ବୁଡି ରହି ଅନ୍ୟକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥାଏ। ଯିଏ ପ୍ରଭାବିତ ହେଲା ତାକୁ କୋଳେଇ ଧରେ। ଅନ୍ୟଥା ତାକୁ କଟୁ ଶବ୍ଦରେ ଭର୍ତ୍ସନା କରିବାକୁ ପଛାଏନି।

ଆଇନା ଓ ମଇନା କେବଳ ପକ୍ଷୀର ଆଚରଣ ନୁହେଁ ବୋଲି ମୁଁ ଭାବେ। ଏହା ମନୁଷ୍ୟ ଚେତନାର ଏକ ଦାର୍ଶନିକ ରୂପ। ଏହି ଘଟଣାକୁ ମଣିଷ ସହ ଯୋଡ଼ିଲେ ଏତିକି କୁହାଯାଇପାରେ ଯେ, ଏହା ମନୁଷ୍ୟର ଆତ୍ମ-ଅଜ୍ଞାନର ପ୍ରତୀକ। ମନୁଷ୍ୟ ମଧ୍ୟ ବହୁ ସମୟରେ ନିଜର ଦୁର୍ବଳତା, ଭୟ ଓ ଅହଂକାରକୁ ଚିହ୍ନିପାରେନି। ଅନ୍ୟ ଉପରେ ଦୋଷ ଲଦି ଅଯଥାରେ ନିଜ ଭିତରେ କୃତ୍ରିମ ଆବରଣ ତିଆରି କରେ। ସେଇ ଆବରଣ ନିଜ ଭିତରେ ଈର୍ଷା, ଘୃଣା, ପରଶ୍ରୀକାତରତା ସୃଷ୍ଟି କରାଏ ଓ ଅଯଥା ପୀଡ଼ା ଦିଏ। ଏକଥା ସତ ଯେ ଯାହା ଦେଖାଯାଏ ସେ ସବୁବେଳେ ସତ୍ୟ ନୁହେଁ। ଯାହା ଦେଖାଯାଏନି ତା' ଭିତରେ ଅନେକ ସତ୍ୟ ଲୁଚି ରହିଥାଏ। ଆମେ ଅନେକ ସମୟରେ ପ୍ରତିବିମ୍ବକୁ ବାସ୍ତବ ଭାବି ଭ୍ରମରେ ପଡ଼ିଥାଉ। ସେଥିପାଇଁ ଧୋକା ଖାଉ। ଅନେକ ଲୋକ ମିଛ ନାଟକ କରନ୍ତି। ନିଜକୁ ଶହେ ପ୍ରତିଶତ ଠିକ୍ ବୋଲି ବାହାରେ ଦେଖାଇ ହୁଅନ୍ତି। କିନ୍ତୁ ବାସ୍ତବରେ ସେମାନଙ୍କ ଭିତରେ ହଳାହଳ ବିଷ ଭରି ରହିଥାଏ। ଘରକୁ ବେଘର କରିବା କିମ୍ବା ଆପଣାର ଲୋକଙ୍କୁ ନିଜର କାର୍ଯ୍ୟ ହାସଲ ପରେ ଶତ୍ରୁ ସଜେଇବାରେ ଖୁବ୍ ଓସ୍ତାଦ ସେମାନେ। ଅଥଚ ସେ ସମାଜ ନଜରରେ ଅତି ଭଲ ମଣିଷଟିଏ ପରି ଅଭିନୟ କରେ। ଆତ୍ମଜ୍ଞାନ ହେଉଛି ସତ୍ୟ ମୁକ୍ତିର ପଥ। ଶୁଦ୍ଧ ଆତ୍ମଜ୍ଞାନ ପର ମଣିଷର ଆଚରଣ ଓ ଉଚ୍ଚାରଣକୁ ଭିନ୍ନ ଭିନ୍ନ ମାର୍ଗରେ ସୂଚାଇଦିଏ ଏବଂ ସତର୍କ କରାଏ। ତା' ସତ୍ତ୍ୱେ ଯିଏ ଭ୍ରମରେ ଚିହ୍ନିପାରେନି ସେ ଦୁଃଖ ପାଏ। ଏଇ ଅର୍ଜିତ ଦୁଃଖକୁ ଆମେ ସହଜରେ ଅନ୍ୟ ଉପରେ ଲଦିଦେବାକୁ ଚେଷ୍ଟା କରୁ। କିନ୍ତୁ ଏତିକି ମନେରଖିବାକୁ ହେବ ନିଜକୁ ଜାଣିଲେ ଜଗତ ସହିତ ଯୁଦ୍ଧ କରିବାର ଆବଶ୍ୟକତା ରହେନି। ଏକଥା ମଇନା ଅବଶ୍ୟ ଚେତେଇଦେଇଛି।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ପରିବର୍ତ୍ତିତ ଜଳବାୟୁରେ ଜଳ ସଙ୍କଟ ବଡ଼ ସମସ୍ୟା ଭାବେ ଉଭା ହେଲାଣି। ତାମିଲନାଡୁର ତିରୁପୁର ସହରରେ ଜଳ ସଙ୍କଟ ଦେଖାଯିବା ପରେ ଏହାର ପ୍ରଭାବ ବୟନ ଶିଳ୍ପ ଉପରେ ପଡ଼ିଥିଲା। କାଳକ୍ରମେ ଏହା ବନ୍ଦ ହୋଇଯିବାରୁ ୫୦,୦୦୦ ଲୋକ ଜୀବିକା ହରାଇଥିଲେ। ଏବେ ୱାଟର ରିସାଇକ୍ଲିଂ ବା ଜଳ ପୁନଶ୍ଚକ୍ରଣ ପ୍ରକ୍ରିୟା ଯୋଗୁ ଲୋକେ ଚାକିରି ଫେରିପାଉଛନ୍ତି। ସହର ପାଖରେ ପ୍ରବାହିତ ନୋୟାଲ ନଦୀରେ ଜଳପ୍ରବାହ ହ୍ରାସପାଇବା ଯୋଗୁ ଜଳସଙ୍କଟ ଦେଖାଯାଇଥିଲା ଏବଂ ଏହା ଦୂରକରିବା ଲାଗି ମାଡ୍ରାସ ଉଚ୍ଚନ୍ୟାୟାଳୟ ଆଦେଶକ୍ରମରେ ୭୦୦୦ ଡାଇଂ ୟୁନିଟ୍ ବନ୍ଦ କରିଦିଆଯାଇଥିଲା। ଫଳରେ କମ୍ପାନୀଗୁଡ଼ିକ ବନ୍ଦ ହୋଇଯିବାରୁ ବୟନ ଶିଳ୍ପ ଦିନକୁ ପାଖାପାଖି ୫୦ କୋଟି ଟଙ୍କା କ୍ଷତି ସହିଲା। ଏବେ ଏହିସବୁ ଡାଇଂ ୟୁନିଟ୍‌ରେ ବର୍ଜ୍ୟପାଣିକୁ ରିସାଇକ୍ଲିଂକରି ବ୍ୟବହାର କରାଯିବାର ବ୍ୟବସ୍ଥା କରାଯାଇଛି। ଦୈନିକ ୧୩୦ ମିଲିୟନ ଲିଟର ପାଣି ରିସାଇକ୍ଲିଂ ହୋଇପାରୁଛି। କେବଳ ଏତିକି ନୁହେଁ ଟେକ୍ସଟାଇଲ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍, ଫାଇବର ବର୍ଜ୍ୟର ମଧ୍ୟ ରିସାଇକ୍ଲିଂ କରାଯାଉଛି। ଏହି ପରିବର୍ତ୍ତନ ଧାରାରେ ତିରୁପୁର ଟେକ୍ସଟାଇଲ କ୍ଷେତ୍ରରେ ରପ୍ତାନି ୧୨,୦୦୦ କୋଟିରୁ ବୃଦ୍ଧି ପାଇ ଏବେ ୪୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି।

## ଚିରନ୍ତନୀ

ଆସିବ ସେ ଦିନ କେବେ ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ ପୁଣି ଦୁଇ ମନ
ସିନ୍ଧୁ ବ୍ୟବଧାନ କାଟି ମିଳନର ଛନ୍ଦେ ମାତି
ନିଭିଯିବ କେବେ ସତେ ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | 5 | | 7 | | | | |
| | | 8 | | | | | | 1 |
| 7 | | | 8 | | | | | 4 |
| 9 | | 4 | | | | 5 | 1 | |
| | | | 1 | | | | | 6 |
| | 5 | 9 | 3 | | | | | |
| 4 | | | 2 | | | | 8 | 5 |
| | | | 7 | | 1 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 8 | 2 | 3 | 6 | 9 | 5 | 4 |
| 2 | 6 | 4 | 1 | 9 | 5 | 3 | 7 | 8 |
| 3 | 9 | 5 | 4 | 7 | 8 | 6 | 1 | 2 |
| 6 | 5 | 9 | 8 | 1 | 4 | 2 | 3 | 7 |
| 4 | 3 | 2 | 7 | 5 | 9 | 8 | 6 | 1 |
| 7 | 8 | 1 | 3 | 6 | 2 | 5 | 4 | 9 |
| 8 | 2 | 3 | 6 | 4 | 1 | 7 | 9 | 5 |
| 5 | 4 | 6 | 9 | 8 | 7 | 1 | 2 | 3 |
| 9 | 1 | 7 | 5 | 2 | 3 | 4 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାନମଣ୍ଡିରେ ଅବ୍ୟବସ୍ଥା

ମହାଶୟ,

ଚାଷୀ ଅମଳ ଧାନକୁ ମଣ୍ଡିରେ ଦେବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଯୋଗାଣ ବିଭାଗ ରାଜ୍ୟର ସମବାୟ ସମିତି ଦ୍ୱାରା ଚାଷୀଙ୍କୁ ଟୋକନ ଦେଇ ଧାନ କ୍ରୟକରିବା ସୁବିଧା ଦିଆଯାଉଥିଲା। କିନ୍ତୁ ଏ ବର୍ଷ ଧାନମଣ୍ଡିରେ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଟୋକନ ପାଇ ଚାଷୀ ମଣ୍ଡିରେ ଧାନ ଦେଇ ପାରୁନାହାନ୍ତି। ତା'ର କାରଣ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଗଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଉଛି ଯେ ରାଜ୍ୟ ସରକାର ଟାର୍ଗେଟ ପ୍ରଦାନକଲେ ଚାଷୀମାନେ ଧାନ ଦେବାରେ ଅସୁବିଧା ହୁଅନ୍ତା ନାହିଁ। ଅପରପଟେ ବର୍ତ୍ତମାନ ଜଗତ୍‌ସିଂହପୁର ଜିଲାର ଅନେକ ମଣ୍ଡିରେ ୩।୨।୨୦୨୬ର ଟୋକନ ଅନୁସାରେ ଧାନ କ୍ରୟ କରାଯାଉଛି। ବର୍ତ୍ତମାନ ମାର୍ଚ୍ଚମାସ ଶେଷ ହେବାକୁ ଯାଉଥିଲେ ମଧ୍ୟ ଅଦ୍ୟାବଧି ତରଜଙ୍ଗା ସେବା ସମିତିରେ ଫେବୃଆରୀ ମାସର ଧାନ ଉଠୁଛି। ଯଦି ମାର୍ଚ୍ଚ ମାସରେ ମଣ୍ଡି ବନ୍ଦ କରିଦେବେ ତା'ହେଲେ ଚାଷୀ ମଣ୍ଡିରେ ଧାନ ନ ଦେଇ ଖୁବ୍ କମ୍ ଦରରେ ଧାନ ବେପାରୀକୁ ଦେବାକୁ ବାଧ୍ୟହେବେ। ଏଥିପ୍ରତି ଖାଉଟି ଯୋଗାଣ ବିଭାଗ ଗୁରୁତର ସହ ପଦକ୍ଷେପ ନେବା ଆବଶ୍ୟକ।

—ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଗୋହତ୍ୟାକାରୀଙ୍କୁ ଫାଶିଦଣ୍ଡ ଦାବିରେ 'ଓଡ଼ିଶା ଗୌପୁତ୍ର ପରିବାର' ପକ୍ଷରୁ ଅନଶନ।



ରବୀନ୍ଦ୍ର ମଣ୍ଡପରେ ସୋମବାର ପରିବେଷିତ ନାଟକ 'ଶେକ୍ସପିୟର'ର ଏକ ଦୃଶ୍ୟ। ଅଧ୍ୟାପକ ରମାକାନ୍ତ ମିଶ୍ର ଏହି ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି।(ଫଟୋ– ବିକାଶ ନାୟକ)



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅବମାନନାର ପ୍ରତିବାଦ ଓ କ୍ଷମା ପ୍ରାର୍ଥନା ଦାବିରେ ସଶକ୍ତ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ: ମନୋରଞ୍ଜନ ମିଶ୍ର)

# ଆନ୍ଦୋଳନ ବ୍ୟାପକ କରିବ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ

**କଟକ,୧୬।୩(କାର୍ତ୍ତିକ ସାହୁ)**

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ରାଜ୍ୟ କମିଟି ବୈଠକ ଖାନନଗରସ୍ଥିତ କାଳୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ରୁ କେନ୍ଦ୍ର ସରକାର ଇପିଏଫ୍ ପେନସନଭୋଗୀଙ୍କ କ୍ଷେତ୍ରରେ ସର୍ବନିମ୍ନ ମାସିକ ପେନ୍‌ସନ ୧ ହଜାର ଟଙ୍କା ଲାଗୁ କରିଥିବା ବେଳେ ଦେଶର ୩୭ ଲକ୍ଷରୁ ଊର୍ଦ୍ଧ୍ୱ ପେନ୍‌ସନଭୋଗୀ ୧ ହଜାର ଟଙ୍କାରୁ କମ ପେନ୍‌ସନ ପାଉଛନ୍ତି। ସେହିଭଳି ଅବଶିଷ୍ଟ ୪୫ ଲକ୍ଷ ପେନ୍‌ସନଭୋଗୀ ୧ ହଜାରରୁ ୩ ହଜାର ୫ ଶହ ମଧ୍ୟରେ ପେନ୍‌ସନ ପାଉଛନ୍ତି। ଦରଦାମ ବୃଦ୍ଧିର ଭରଣା ଲାଗି ପେନ୍‌ସନ ସହ ମହଙ୍ଗାଭତ୍ତା ମଧ୍ୟ ମିଳୁନାହିଁ। ଇତିମଧ୍ୟରେ ଦୀର୍ଘ ୧୨ବର୍ଷ ବିତିଯାଇଥିଲେ ବି କେନ୍ଦ୍ର ସରକାର ସର୍ବନିମ୍ନ ପେନ୍‌ସନ ବୃଦ୍ଧି ଦାବିକୁ ଅଣଦେଖା କରୁଥିବାରୁ ଏହି ବରିଷ୍ଠ ନାଗରିକମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ୨୦୨୨ ନଭେମ୍ବରରେ ସୁପ୍ରିମକୋର୍ଟ ଯୋଗ୍ୟ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ପେନ୍‌ସନ ପ୍ରଦାନ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ମାତ୍ର ୩ ବର୍ଷ ବିତିଯାଇଥିଲେ ବି ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଦ୍ଧିତ ପେନ୍‌ସନ ମିଳି ପାରିନାହିଁ। ଇପିଏଫ୍ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ ଭାବେ ଲାଗୁ କରୁ ନ ଥିବାରୁ ଯୋଗ୍ୟ ହିତାଧିକାରୀମାନେ ବର୍ଦ୍ଧିତ ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ମତବ୍ୟକ୍ତ କରିଛନ୍ତି। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତୁରନ୍ତ ବର୍ଦ୍ଧିତ ପେନ୍‌ସନ ପ୍ରଦାନ, ପେନ୍‌ସନ ସହ ମହଙ୍ଗାଭତ୍ତା ଦେବା, ସମସ୍ତ ପେନ୍‌ସନଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବା ଏବଂ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଅହେତୁକ ବିଳମ୍ବର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥାକୁ ବ୍ୟାପକ କରାଯିବ ବୋଲି ସର୍ବସମ୍ମତକ୍ରମେ ନିଷ୍ପତ୍ତି ହୋଇଛି। ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ, ଖୋର୍ଦ୍ଧା, ପୁରୀ, ଦେବଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଆଦି ଜିଲାର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସରୋଜ କାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟଣା
## କ୍ଷତିପୂରଣ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ସିପିଆଇ(ଏମ୍)

ଭୁବନେଶ୍ୱର,୧୬।୩(ବନ୍ଦନା ସେଠୀ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ୟୁନିଟ୍‌ରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୦ ରୋଗୀଙ୍କ ମୃତ୍ୟୁ ଘଟିବା ସହ ବହୁ ରୋଗୀ ଆହତ ହୋଇଛନ୍ତି। ଏହି ଘଟଣାରେ ସିପିଆଇ (ଏମ୍) ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହିତ ସରକାର ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ୩ମାସରେ ଘଟଣାର ତଦନ୍ତ ଶେଷ କରିବାକୁ ଦାବି କରାଯାଇଛି। ଏଭଳି ଦୁର୍ଘଟଣା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ତୁରନ୍ତ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ମଧ୍ୟ ଦାବି ହୋଇଛି। ମୃତ ରୋଗୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଓ ପରିବାରର ଜଣେ ନିର୍ଭରଶୀଳ ବ୍ୟକ୍ତିଙ୍କୁ ଅନୁକମ୍ପାମୂଳକ ସରକାରୀ ନିଯୁକ୍ତି ଦିଆଯିବା, ଆହତମାନଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବା ସହ ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା, ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନାର ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥାର ତୁରନ୍ତ ଯାଞ୍ଚ କରାଯାଇ ବିହିତ ପ୍ରତିକାର ବ୍ୟବସ୍ଥା କରାଯିବାକୁ ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି।

# କାର କାଚ ଭାଙ୍ଗି ସୁନା ଗହଣା ଲୁଟ୍ ମାମଲା, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୬।୩(ତ୍ରିନାଥ ମହାନ୍ତି)**

କାର କାଚ ଭାଙ୍ଗି ସୁନାଗହଣା ଲୁଟ୍‌ପାଟ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ୟୁନିଟ୍–୬ର ବିଦେଶୀ ଦଳାଇ। ତାଙ୍କ ନିକଟରୁ ଲୁଟ୍ ସୁନାଚେନ୍ ପୋଲିସ ଜବତ କରିଛି। ସୂଚନା ଯୋଗ୍ୟ, ଅଭିଯୋଗକାରିଣୀ ପରିବାର ସହ ୟୁନିଟ–୮ ଅଞ୍ଚଳରେ ରୁହନ୍ତି। ସେ ଗତ ୧୪ ତାରିଖ ଅପରାହ୍ନ ୫ଟାରେ ପରିବାର ସହ କାର ଯୋଗେ ଡେଲ୍ଟା ଛକକୁ ଆସିଥିବାବେଳେ କାରକୁ ସରକାରୀ ଡାକ୍ତରଖାନା ନିକଟରେ ପାର୍କିଂ କରି ପାଖ ମନ୍ଦିରକୁ ଯାଇଥିଲେ। ଉକ୍ତ କାର୍ ଭିତରେ ସେ ତାଙ୍କର ଭ୍ୟାନିଟି ବ୍ୟାଗ ରଖି ଯାଇଥିଲେ। ଯେଉଁଥିରେ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ଏକ ମୋବାଇଲ ଫୋନ୍ ଏବଂ ୧ହଜାର ଶହେ ଟଙ୍କା ଥିଲା। କିଛି ସମୟର ବ୍ୟବଧାନ ପରେ ସେ କାର ନିକଟକୁ ଫେରିବା ବେଳେ, କାର ଭିତରୁ ତାଙ୍କ ଭ୍ୟାନିଟି ବ୍ୟାଗ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ପୋଲିସ ଅଭିଯୁକ୍ତ ବିଦେଶୀଙ୍କୁ ଚିହ୍ନଟ କରିଥିଲା। ବିଦେଶୀଙ୍କ ନାମରେ ବିଭିନ୍ନ ଥାନାରେ ୨୨ରୁ ଅଧିକ ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

# ରାସ୍ତାପାର୍ଶ୍ୱ ହୋର୍ଡିଂକୁ ଧକ୍କାଦେଲା କାର୍
## ଚାଳକଙ୍କ ସମେତ ୨ଯାତ୍ରୀ ଆହତ

**ବାରଙ୍ଗ,୧୬।୩(ଲିଙ୍ଗରାଜ ରାଉତ)**

ତ୍ରିଶୂଳିଆ ବଜାର ନିକଟରେ ସୋମବାର ଏକ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ହୋର୍ଡିଂକୁ ଧକ୍କା ଦେଇଥିଲା। ଏଥିରେ କାର୍ ଚାଳକଙ୍କ ସମେତ ଦୁଇଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ବାରଙ୍ଗ ଥାନା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୋମବାର ଅପରାହ୍ନ ସାଢ଼େ ୩ଟାରେ କଟକରୁ ଓଡି ୦୫ ବିଡି ୩୮୭୨ ନମ୍ବର ବିଶିଷ୍ଟ କାରରେ ଦୁଇ ଜଣ ଯାତ୍ରୀ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ତ୍ରିଶୂଳିଆ ବଜାର ନିକଟରେ ରାସ୍ତାକଡ଼ରେ ଥିବା ହୋର୍ଡିଂକୁ କାରଟି ଧକ୍କା ଦେଇଥିଲା। ଫଳରେ କାରର ସମ୍ମୁଖ ଭାଗ ଭାଙ୍ଗିଯିବା ସହ ଚାଳକଙ୍କ ସମେତ ଦୁଇଜଣ ଯାତ୍ରୀ ଆହତ ହୋଇଥିଲେ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ 'କଣ୍ଟାଡିନୋ'



ବାର୍ଷିକ ଉତ୍ସବ 'କଣ୍ଟାଡିନୋ'ରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କଟକ,୧୬।୩(କାର୍ତ୍ତିକ ସାହୁ)**

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ବାର୍ଷିକ ଉତ୍ସବ କଣ୍ଟାଡିନୋ ବିଶ୍ୱବିଦ୍ୟାଳୟର ମଲ୍ଟି ପର୍ପୋଜ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଓଲିଉଡ ଅଭିନେତା ସନ୍ଦୀପ ମିଶ୍ର, ସମ୍ମାନିତ ଅତିଥି ଗାୟିକା ଦେବାଂଶୀ ଦାଶ ଏବଂ ଯୁବପ୍ରତିଭା ରାକେଶ ଧୁପର ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ତେଜ ପ୍ରତାପ ଏବଂ କୃଷି ବିଭାଗ ଅଧ୍ୟକ୍ଷ ପ୍ରଫେସର ଡ. ଏସ. କୁମାରସ୍ୱାମୀ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ, ଫ୍ୟାଶନ ଶୋ' ଓ ଡ୍ୟାନ୍ସ ଧମାକା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କୃଷି ବିଭାଗ ତୃତୀୟ ବର୍ଷ ବିଦ୍ୟାର୍ଥୀମାନେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲେ। କ୍ରୀଡ଼ା ଓ ସାଂସ୍କୃତିକ କମିଟି ସଂଯୋଜକ ଡ. ଅଭିନବ ମିଶ୍ର ଧନ୍ୟବାଦ ଦେଇଥିଲେ। କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ଏବଂ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

**Repco Home Finance**
**ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**
ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦,
ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅଧୀନରେ ନୋଟିସ**

**ଋଣଗ୍ରହୀତା: ଶ୍ରୀ ଦୁର୍ଯ୍ୟୋଧନ ସାମନ୍ତରାୟ,** ପିତା– ବିଶ୍ୱନାଥ ସାମନ୍ତରାୟ, ସ୍ଥାନ/ପୋଷ୍ଟ– ବୋତଲମା, ଖୋର୍ଦ୍ଧା, ଓଡ଼ିଶା–୭୫୨୦୩୮, **ଆହୁରି ମଧ୍ୟ ସ୍ଥାନ:** ମେସର୍ସ ସାମନ୍ତରାୟ ସ୍ନାକ୍ସ, ସ୍ଥାନ– ବୋତଲମା, ଖୋର୍ଦ୍ଧା–୭୫୨୦୬୨, **ସହ-ଋଣଗ୍ରହୀତା: ୧. ଶ୍ରୀ ବିଶ୍ୱନାଥ ସାମନ୍ତରାୟ,** ପିତା– ଶ୍ରୀ ଧରଣୀ ସାମନ୍ତରାୟ, ସ୍ଥାନ/ପୋଷ୍ଟ– ବୋତଲମା, ଖୋର୍ଦ୍ଧା, ଓଡ଼ିଶା–୭୫୨୦୩୮, **ଆହୁରି ମଧ୍ୟ ସ୍ଥାନ:** ମେସର୍ସ ବିଶ୍ୱନାଥ ବ୍ରଏଲେଟାରୀ, ବୋତଲମା, ଖୋର୍ଦ୍ଧା – ୭୫୨୦୬୨ । **୨. ଶ୍ରୀମତୀ ଅର୍ପିକା ସାମନ୍ତରାୟ,** ସ୍ୱାମୀ– ଶ୍ରୀ ବିଶ୍ୱନାଥ ସାମନ୍ତରାୟ, ସ୍ଥାନ/ପୋଷ୍ଟ:– ବୋତଲମା, ଖୋର୍ଦ୍ଧା, ଓଡ଼ିଶା–୭୫୨୦୩୮, **ଗ୍ୟାରେଣ୍ଟିଦାତା: ଶ୍ରୀ ଶଶାଙ୍କ ଶେଖର ଦାଶ,** ବଡ଼ ବଡ଼ଭାଇ, ଛତ୍ରପଡ଼ା, ଖୋର୍ଦ୍ଧା–୭୫୨୦୩୪, **ଆହୁରି ମଧ୍ୟ ସ୍ଥାନ:** ଦାସ ଫାର୍ମାସ୍ୟୁଟିକାଲ୍ସ, ଖୋର୍ଦ୍ଧା, ଓଡ଼ିଶା–୭୫୨୦୩୦; **ଡିମାଣ୍ଡ ନୋଟିସ ତାରିଖ: ୨୨।୦୧।୨୦୨୬; ଏନ୍‌ପିଏ ତାରିଖ: ୦୧।୦୫।୨୦୨୫; ଋଣ ଖାତା ନଂ. ୧୬୮୧୮୬୦୦୦୦୫୬୮ ତାରିଖ: ୨୪।୦୮।୨୦୧୬,** ଯାହା **ଘର/ଫ୍ଲାଟ୍ ନିର୍ମାଣର** ଯୋଜନା ଅଧୀନରେ **₹୨୦,୦୦,୦୦୦/-** ମଞ୍ଜୁର କରାଯାଇଥିଲା; **ବକେୟା ଅର୍ଥରାଶି: ₹୧୮,୪୯,୧୬୯/-** ସମେତ **ତା୨୦।୦୧।୨୦୨୬ରିଖ** ପରଠାରୁ ତାହା ଉପରେ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ।

**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ- ବେଗୁନିଆ, ମୌଜା- ଆଖୁପଦର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୩୦୫/୧୦, **ପ୍ଲଟ୍ ନଂ. ୭୨୩/୧୦୬୫, ରକବା: ଏ.୦.୨୯୨ ୧/୨ ଡିସିମିଲ।** ଚଉହଦୀ: ଉତ୍ତର: ସନାତନ ସାହୁ, ଦକ୍ଷିଣ: ଜଗନ୍ନାଥ ବାରିକ, ପୂର୍ବ: ଲୋକନାଥ ବାରିକ, ପଶ୍ଚିମ: ସରକାରୀ ରାସ୍ତା।

ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ରୁ ଉକ୍ତ ଋଣର ପରିଶୋଧ ପାଇଁ ଏକ ଅମାନତ ଭାବେ ଆପଣ ଏକ ଋଣ ରାଜିନାମାକୁ କାର୍ଯ୍ୟକାରୀ କରିଥିଲେ ଏବଂ ତା' ସହିତ ଉପରେ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ କବଲା ଜମାକରି ଏକ ନ୍ୟାୟସଙ୍ଗତ ବନ୍ଧକ ମଧ୍ୟ ସୃଷ୍ଟି କରିଥିଲେ:

ଯେହେତୁ ଆପଣ ଋଣକୁ ପରିଶୋଧ କରିବାରେ ଖିଲାପ କରିଛନ୍ତି, ତେଣୁ ଆପଣ ଅତିରିକ୍ତ ସୁଧ ପୈଠ କରିବା ଲାଗି ମଧ୍ୟ ଉତ୍ତରଦାୟୀ ଅଟନ୍ତି। କମ୍ପାନୀ ଉକ୍ତ ଅଧିନିୟମ ଅଧୀନରେ ଉପରଦର୍ଶିତ ତାରିଖଗୁଡ଼ିକରେ ନୋଟିସ ଜାରି କରି ଉପରୋକ୍ତ ଋଣଗ୍ରହୀତା/ ସହ–ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କୁ ଉପରୋକ୍ତ ବକେୟା ଅର୍ଥରାଶି ସମେତ ତାହା ଉପରେ ଲାଗୁ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚଗୁଡ଼ିକୁ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଉକ୍ତ ନୋଟିସ ଆପଣ ସମସ୍ତଙ୍କୁ ପଞ୍ଜୀକୃତ ଡାକ ଜରିଆରେ ପ୍ରାପ୍ତିସ୍ୱୀକାରର ଆବଶ୍ୟକତା ସହ ପଠାଯାଇଥିଲା। ଆମେ ଦୁଃଖର ସହ ଏହା ଉଲ୍ଲେଖ କରୁଅଛୁ ଯେ, ଆପଣ ଋଣର ପରିଶୋଧରେ ଖିଲାପ କରିଛନ୍ତି ଏବଂ ଖାତାର ସଂଚାଳନରେ ଗୁରୁତର ଅନିୟମିତତା ଘଟାଇଛନ୍ତି। ଆମେ ଆପଣଙ୍କ ଖାତାକୁ ନନ୍–ପରଫର୍ମିଂ ଆସେଟ୍ ଭାବେ ଶ୍ରେଣୀଭୁକ୍ତ କରିଛୁ ଏବଂ ଆପଣ ଉପରୋକ୍ତ ଅର୍ଥରାଶି ପୈଠ କରିବା ଲାଗି ଉତ୍ତରଦାୟୀ ଅଟନ୍ତି। ଆମେ ଏତଦ୍ୱାରା ଏହି ନୋଟିସ ତାରିଖରୁ ୬୦ (ଷାଠିଏ) ଦିନ ମଧ୍ୟରେ ଉପରୋକ୍ତ ବକେୟା ଅର୍ଥରାଶିକୁ ପୈଠ କରିବା ଲାଗି ଆପଣଙ୍କୁ ନିର୍ଦ୍ଦେଶ ଦେଉଛୁ, ଯେଉଁଥିରେ ବିଫଳ ହେଲେ କମ୍ପାନୀ ସିକ୍ୟୁରଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ପ୍ରଦତ୍ତ କ୍ଷମତା ଅନୁଯାୟୀ ବନ୍ଧକ ସୁରକ୍ଷିତ ପରିସମ୍ପତ୍ତିକୁ ନିଜ ଦଖଲକୁ ନେବ, ଯାହା ଅଧୀନରେ ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍ ସୁରକ୍ଷିତ ପରିସମ୍ପତ୍ତିକୁ ଅଧିଗ୍ରହଣ କରିବା ସମେତ ତାହାକୁ ଲିଜ୍ ଆକାରରେ ହସ୍ତାନ୍ତର କରିବା, ବିକ୍ରୟ ପାଇଁ ନ୍ୟସ୍ତ କରିବା, ସୁରକ୍ଷିତ ପରିସମ୍ପତ୍ତିର ପରିଚାଳନା ଅଧିକାରକୁ ଅଧିଗ୍ରହଣ କରିବା, ସୁରକ୍ଷିତ ପରିସମ୍ପତ୍ତିର ପରିଚାଳନା କରିବା ପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଏବଂ ଉପରୋକ୍ତ ବିକ୍ରୟରୁ ଲବ୍ଧ ରାଶିକୁ ଆପଣଙ୍କ ଉପରେ ବକେୟା ଦେୟ ବାବଦରେ ସମଯୋଜିତ କରିବା ଲାଗି ହକ୍‌ଦାର ଅଟେ।

ଆମେ ସିକ୍ୟୁରିଟାଇଜେଶନ୍ ଅଧିନିୟମର ଧାରା ୧୩(୮) ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁ, ଯାହା ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିର ବିକ୍ରୟ କିମ୍ବା ହସ୍ତାନ୍ତର ନିମନ୍ତେ ସ୍ଥିର ହୋଇଥିବା ତାରିଖ ପୂର୍ବରୁ, ଯଦି ଯେକୌଣସି ସମୟରେ ସୁରକ୍ଷିତ ଋଣଦାତାଙ୍କୁ ଆପଣଙ୍କ ଦ୍ୱାରା ସୁରକ୍ଷିତ ଋଣଦାତା ବହନ କରିଥିବା ସମସ୍ତ ବ୍ୟୟ, ଶୁଳ୍କ ଏବଂ ଖର୍ଚ୍ଚ ପରିଶୋଧ କରିଦିଆଯାଏ ତେବେ ସୁରକ୍ଷିତ ପରିସମ୍ପତ୍ତିର ହସ୍ତାନ୍ତର କିମ୍ବା ବିକ୍ରୟ ପାଇଁ ପରବର୍ତ୍ତୀ କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ।

**ତାରିଖ: ୧୭।୦୩।୨୦୨୬** **ପ୍ରାଧିକୃତ ଅଧିକାରୀ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଉପମୁଖ୍ୟ ମେକାନିକାଲ୍ ଯନ୍ତ୍ରୀ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **କ୍ର.ସଂ., ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: ୧.ଡବ୍ଲ୍ୟୁଏଲ୍‌ଆଇ-ୟୁଏନ୍‌ଟି-୧୨୭୫-୧, ତାରିଖ: ୧୩।୦୩।୨୦୨୬।** ଜୁନ୍ ୨୦୨୫ରେ ଜାରି ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଏସ୍/ଆରଡିଏସ୍‌ଓସିଜି/୦୦୦୨:୨୦୨୫ ଅନୁଯାୟୀ ଜୁଲାଇ ୨୦୨୫ରେ ଜାରି ହୋଇଥିବା ଶୁଦ୍ଧିପତ୍ର ୧ କିମ୍ବା ସଦ୍ୟତମ ସହିତ ଏବଂ ସଂଲଗ୍ନ କାର୍ଯ୍ୟର ପରିସର ଏବଂ ଠିକାର ବିଶେଷ ସର୍ତ୍ତ ଅନୁଯାୟୀ ଅଣ୍ଡରସ୍ଲଙ୍ଗ୍ ୱାଟର ଟ୍ୟାଙ୍କ ସହ କୋଚ୍‌ଗୁଡ଼ିକ ପାଇଁ ୱାଟର ଲେଭଲ ଇଣ୍ଡିକେଟରର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ। **ପରିମାଣ: ୧୨୭୫ କୋଚ୍। ଟେଣ୍ଡର ମୂଲ୍ୟ: ₹୩,୮୬,୬୫,୬୫୦/-। ଅମାନତ ରାଶି: ₹୩,୪୩,୩୦୦/-। ୨. ଡବ୍ଲ୍ୟୁଏଲ୍‌ଆଇ-ଓଭିଏଚ୍-୧୨୫୦-୧, ତାରିଖ: ୧୩।୦୩।୨୦୨୬।** ଜୁନ୍ ୨୦୨୫ରେ ଜାରି ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଏସ୍/ଆରଡିଏସ୍‌ଓସିଜି/୦୦୦୨:୨୦୨୫ ଅନୁଯାୟୀ ଜୁଲାଇ ୨୦୨୫ରେ ଜାରି ହୋଇଥିବା ଶୁଦ୍ଧିପତ୍ର ୧ କିମ୍ବା ସଦ୍ୟତମ ସହିତ ଏବଂ ସଂଲଗ୍ନ କାର୍ଯ୍ୟର ପରିସର ଏବଂ ଠିକାର ବିଶେଷ ସର୍ତ୍ତ ଅନୁଯାୟୀ ଓଭରହେଡ୍ ୱାଟର ଟ୍ୟାଙ୍କ ସହ କୋଚ୍‌ଗୁଡ଼ିକ ପାଇଁ ୱାଟର ଲେଭଲ ଇଣ୍ଡିକେଟରର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ। **ପରିମାଣ: ୧୨୫୦ କୋଚ୍। ଟେଣ୍ଡର ମୂଲ୍ୟ: ₹୩,୭୯,୦୭,୫୦୦। ଅମାନତ ରାଶି: ₹୩,୩୯,୫୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ। **କାର୍ଯ୍ୟର ସ୍ଥାନ:** ପ୍ରତ୍ୟେକ ପାଇଁ ଖଡ଼ଗପୁର ୱାର୍କଶପ, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ– ଖଡ଼ଗପୁର, ଜିଲ୍ଲା– ପଶ୍ଚିମ ମେଦିନାପୁର, ପିନ୍– ୭୨୧୩୦୧। **ଠିକା ଅବଧି:** ପ୍ରତ୍ୟେକ ପାଇଁ ଏଲ୍‌ଓଏ ଜାରି ହେବା ତାରିଖରୁ ୨୪ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୩।୦୪।୨୦୨୬ରିଖ ୧୫.୦୦ ଘଟିକାରେ। **ବିଡିଂ ପ୍ରଣାଳୀ:** ପ୍ରତ୍ୟେକ ପାଇଁ ଏକକ ପ୍ୟାକେଟ୍ ପ୍ରଣାଳୀ। **ଠିକାର ପ୍ରକାର:** ପ୍ରତ୍ୟେକ ପାଇଁ ସ୍ୱାଭାବିକ ଖୋଲା କାର୍ଯ୍ୟ। **ଟେଣ୍ଡର ପ୍ରକାର:** ପ୍ରତ୍ୟେକ ପାଇଁ ଖୋଲା। ସବିଶେଷ ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ। (PR-1306)

**SBI** **ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା** **ଇ-ନିଲାମ ବିଜ୍ଞପ୍ତି**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in
**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୧।୦୪।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା, (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକ**ଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ** ସୁଦ୍ଧା **ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ **ତା୨୧।୦୪।୨୦୨୬ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ।
ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର.ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରୀବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି। ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ତଥା ଡିଏମ୍ ଅନୁମତି ହାସଲ କରିବା ଏବଂ ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ)। ନିରୀକ୍ଷଣର ତାରିଖ ଓ ସମୟ: ୧୩।୦୪।୨୦୨୬, ୧.୦୦ ଘଟିକାରୁ ୨.୦୦ ଘଟିକା** | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୧,୦୦,୦୦୦/- iv) ବୈଧାନିକ ଟିକସ/ ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |
| ୨. | ଝାରସୁଗୁଡ଼ା ଜିଲ୍ଲା ସବ୍-ରେଜିଷ୍ଟ୍ରି ମଧ୍ୟସ୍ଥ ମୌଜା - ବଡ଼ମାଲ, ଥାନା - ଝାରସୁଗୁଡ଼ା, ବର୍ତ୍ତମାନ ଥାନା - ବଡ଼ମାଲ, ତହସିଲ ଏବଂ ଜିଲ୍ଲା - ଝାରସୁଗୁଡ଼ା, ଥାନା ନଂ. ୩୫, ତହସିଲ ନଂ. ୧୯୯, ଓଡ଼ିଶାରେ ଅବସ୍ଥିତ ଜମିର ସମସ୍ତ ଭାଗ ଓ ଅଂଶବିଶେଷ, ମ୍ୟୁଟେଶନ ଖାତା ନଂ. ୧୨୬/୨୯୩, ପ୍ଲଟ୍ ନଂ. ୮୫୦/୧୭୦୬, ଏ.୦.୦୫୦ (ପାଞ୍ଚ) ଡିସିମିଲ ରକବା ସମ୍ବଳିତ, କିସମ - ଘରବାରି ଜମି ସହିତ ୬୦୦ ବର୍ଗଫୁଟର ଆଜବେଷ୍ଟସ୍ ଛାତ ଥିବା ଗୋଦାମ ଘର। ବିକ୍ରି କବଲା ସଂ. ୧୦୮୬୧୩୦୧୧୮୫ ତାରିଖ: ୨୨।୦୪।୨୦୧୩। ସମ୍ପତ୍ତିର ମାଲିକ ହେଉଛନ୍ତି ଶ୍ରୀ ଅନନ୍ତ ଚରଣ ନାୟକ। **ଜମିର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର:** ରାସ୍ତା; **ଦକ୍ଷିଣ:** ପ୍ଲଟ୍ ନଂ. ୧୩୫୨; **ପୂର୍ବ:** ପ୍ଲଟ୍ ନଂ. ୧୩୫୨; **ପଶ୍ଚିମ:** ପ୍ଲଟ୍ ନଂ. ୧୩୫୨। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୨୫୬୩ (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି) ନିରୀକ୍ଷଣର ତାରିଖ ଓ ସମୟ: ୧୬।୦୪।୨୦୨୬, ୧.୦୦ ଘଟିକାରୁ ୨.୦୦ ଘଟିକା।** | i) ଟ.୪୮,୦୦,୦୦୦/- ii) ଟ.୪,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ/ ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: | ଇ-ନିଲାମ ୱେବସାଇଟ୍: ୟୁଆର୍‌ଏଲ୍: | ସମ୍ପତ୍ତିର ଅବସ୍ଥିତି : | ସମ୍ପତ୍ତିର ଅବସ୍ଥିତି : |
|---|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ | ଏସ୍‌ବିଆଇଏନ୍୪୦୦୦୧୬୧୬୨୫୬୩ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୧୭.୦୩.୨୦୨୬** **ସ୍ୱା./-**
**ସ୍ଥାନ: କୋଲକାତା** **ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in
**Tender No. 5008/P-II/25/2025/PDS** **Dt.13.03.2026**
**No.7001/50/2526** : Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 16.03.2026 |
| 3 | Last Date / Time for receipt of bids in the portal | Dt.24.03.2026 up to 5.00 P.M. |
| 4 | Date/Time of Opening of Technical Bid | Dt.25.03.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/retenders etc. if any shall be published only in above websites.
By Order of Managing Director
**OIPR-7001/7002/1/25-26/0009** **Sd./- General Manager (Distribution)**

**OFFICE OF THE DIVISIONAL FOREST OFFICER, BOLANGIR FOREST DIVISION**
**INFRONT OF HEAD POST OFFICE, BOLANGIR, ODISHA - 767001**
**E-mail ID : dfo.bolangir@odisha.gov.in/dfo-balangir@nic.in Phone No. 06652-295134**
**Memo No.2579/1F-Accounts**
**Dated Bolangir 12 the March 2026**
**TENDER CALL NOTICE FOR HIRING VEHICLE**
**No.8001/163/2526** : Sealed tenders are invited from interested Reputed Travel Agencies/ Tour Operators or private individuals for providing 18 (Eighteen) Nos. of Vehicle (BS VI compliant Diesel driven AC/ Non-AC) vehicles having sitting capacity not more than seven including driver (Bolero-Neo, Bolero- B6 Opt, Bolero- B6 and other same segment vehicles), which shall confirm to the Terms and Conditions (Annexure-III) for official use at Bolangir Forest Division on monthly rent basis so as to reach in the O/o the Divisional Forest Officer, Bolangir Forest Division from **18.03.2026** and to reach on or before **05.04.2026** up to **5.00 P.M.** through Registered/Speed Post/Courier Service and can also be dropped in the "Tender Box placed in the Office of the Divisional Forest Officer, Bolangir Forest Division." The tenders will be opened in the same office on **06.04.2026 at 4.30 P.M.** The Standard Bidding Document and Terms and Conditions can be downloaded from **https://balangir.nic.in** and also can be obtained from the Office of the Divisional Forest Officer, Bolangir Forest Division, Bolangir from **18.03.2026 to 05.04.2026** during office hours.
**Sd./- Divisional Forest Officer**
**OIPR-8001/8061/1/25-26/0003** **Bolangir Forest Division**

**ODISHA UNIVERSITY OF AGRICULTURE AND TECHNOLOGY**
**BHUBANESWAR-751003**
**No.ACDI-ADM-0010-2022/ 3513/UAT Dtd.13th March, 2026**
**M.V. Sc. SPOT ADMISSION NOTICE-2025-26**
**No.1001/61/2526:** Thirteen Nos. of seats are available for admission into M.V. Sc. programme for the academic session 2025-26 through spot counseling & admission. Candidates who have been awarded rank for OUAT PG admission-2025-26 are eligible to participate and the spot counseling and admission will be held on 18.03.2026. The Interested candidate for admission into M.V.Sc. course must report physically on dt.18.03.2026 from 10.00 AM to 11.00 AM at Dr. M.S. Swaminathan Hall, Administrative Building of OUAT.
The guidelines for M.V.Sc. spot Counseling and admission-2025-26 alongwith admission fees are available at admission section of OUAT website www.ouat.ac.in (Academic section > admission section) for information of the applicants. Seats vacated by cancellation of admission till 17.03.2026 (5 P.M.) will be included for spot counseling & admission.
**Sd./-**
**OIPR-1001/1036/1/25-26/0014** **REGISTRAR**

**कार्यपालक अभियंता का कार्यालय**
**लघु वितरणी प्रमंडल संख्या–12**
**संयुक्त कार्यालय भवन**
**डिमना रोड मानगो, जमशेदपुर–831012**
**(Email:-eemdd12mangojamshedpur@gmail.com/ Ph.No. 0657-2954509)**
**ई0–प्रोक्युरमेंट सूचना**
ई–निविदा आमंत्रण सूचना संख्या–डब्लूआर0डी0/एम0डी0डी0–12/जमशेदपुर/SBD–02 /2025–26

| | | |
|---|---|---|
| 1 | कार्य का नाम | Repair and Maintenance of OR-28 and all Structure Ex- Km. 63.40 of CLMC. |
| 2 | प्राक्कलित राशि | रु0 25363877 53(रु0 दो करोड़ तिरपन लाख तिरसठ हजार आठ सौ सतहत्तर एवं पैसे तिरपन ) मात्र। |
| 3 | अग्रधन की राशि | रु0 2,54,000.00 (रु0 दो लाख चौवन हजार) मात्र। (To be Deposited as per sop issued vide letter no. 120 dt. 03-10-2023 of information and technology e-governance Department Jharkhand.) |
| 4 | कार्य पूर्ण करने का समय | 360 Days |
| 5 | वेव–साईट पर निविदा आमंत्रण सूचना के प्रका न की तिथि | 23.03.2026 ( ाम 5:00 बजे) |
| 6 | निविदा अभिलेख डाउनलोड करने की अंतिम तिथि | 13.04.2026 ( ाम 5:00 बजे तक) |
| 7 | निविदा प्राप्त करने की तिथि तथा समय | 13.04.2026 ( ाम 5:00 बजे तक) |
| 8 | निविदा खोलने तिथि | 15.04.2026 (पूर्वाहन् 11:00 बजे) |
| 9 | विज्ञापन दाता का नाम एवं पदनाम | कार्यपालक अभियंता, लघु वितरणी प्रमंडल संख्या–12, मानगो, जम ेदपुर। |
| 10 | प्रोक्यूरमेन्ट पदाधिकारी का सम्पर्क संख्या | 9899780673 |
| 11 | ई प्रोक्यूरमेंट पदाधिकारी का हेल्प लाईन संख्या | 0657–2371765 |

नोटः– प्राक्कलित राशि घट–बढ़ सकती है। केवल ई–निविदा स्वीकार्य। अधिक जानकारी के लिये वेव साईट–http://jharkhandtender.gov.in पर देखा जा सकता है।
कार्यपालक अभियंता
लघु वितरणी प्रमंडल संख्या–12
मानगो, जमशेदपुर।
PR.NO.375214 Water Resource(25-26):D

# ବରିଷ୍ଠ ନାଗରିକଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ରହିବା ଆବଶ୍ୟକ

**ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପରିଚୟ ପତ୍ର ବିତରଣ**

ସାକ୍ଷୀଗୋପାଳ, ୧୬।୩ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ସାକ୍ଷୀଗୋପାଳ ପକ୍ଷରୁ ସୋମବାର ଅପରାହ୍ନ ୩ଟାରେ ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନ ପରିସରରେ ବରିଷ୍ଠ ନାଗରିକଙ୍କୁ ନେଇ ଏକ ସମ୍ମିଳନୀ ଓ ପରିଚୟପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ସତ୍ୟବାଦୀ ବିକାଶ ପରିଷଦ ସମ୍ପାଦକ ଆଇନଜୀବୀ ଅମର ନନ୍ଦ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ବରିଷ୍ଠ ସଦସ୍ୟ ହୃଷୀକେଶ ମିଶ୍ର, ଦୁର୍ନୀତି ନିବାରଣ ସଂଘ ମଞ୍ଚ ସମ୍ପାଦକ ନଟବର ଆଚାର୍ଯ୍ୟ, ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. କାର୍ତ୍ତିକ କୁମାର ଦାଶ, କୋଷାଧ୍ୟକ୍ଷ ଗୋଲକ ଚନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ସଞ୍ଜୟ କୁମାର ଦାସ, ଭୀମସେନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ବାସ୍ତବରେ ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମର ପ୍ରେରଣା ଓ ପଥ ପଦର୍ଶକ। ତେଣୁ ଏହି ପରିଣତ ବୟସରେ ସେମାନଙ୍କ ପ୍ରତି ଆମର ଉଚିତ ଶ୍ରଦ୍ଧା ଓ ସମ୍ମାନ ରହିବା ଆବଶ୍ୟକ। ସେମାନେ ଶାନ୍ତି ଓ ଖୁସିରେ ରହିବେ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଭିନ୍ନ ସମୟରେ ସମସ୍ୟାରେ ଥିବା ବରିଷ୍ଠ ନାଗରିକଙ୍କୁ ନିସ୍ୱାର୍ଥ ଭାବେ ସେବା ଯୋଗାଉଥିବା ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ନାୟକ ଓ ସତ୍ୟବାଦୀ ଥାନାଧିକାରୀ ସୌମ୍ୟ ରଞ୍ଜନ ମହାଲିକଙ୍କ କାର୍ଯ୍ୟଶୈଳୀକୁ ସଂଗଠନ ପକ୍ଷରୁ ପ୍ରଶଂସା କରାଯାଇଥିଲା। ସଙ୍ଗଠନ ସୁଦୃଢ଼ କରିବା ପାଇଁ ଜିଲା ସଭାପତି ଡ. ଦାଶ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ଅନ୍ୟୂନ ଶହେରୁ ଊର୍ଦ୍ଧ୍ୱ ନୂତନ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଶତପଥୀ, ସୋମନାଥ ମହାପାତ୍ର, ଧାଡ଼ିଆ ପ୍ରଧାନ, ବୁଦ୍ଧିଆ ମଲ୍ଲିକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂସ୍କୃତି ଓ ସଂସ୍କୃତ ପାଇଁ ପଦ୍ମଶ୍ରୀ ରଥଶର୍ମା ସ୍ମରଣ ରହିବେ

ପୁରୀ, ୧୬।୩ (ଅଜିତ୍ କୁମାର ମହାନ୍ତି)



ସ୍ମୃତିଚାରଣ ସଭାରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ଅନ୍ୟମାନେ।

ସଂସ୍କୃତି ଓ ସଂସ୍କୃତ ଭାଷାର ସୁରକ୍ଷା ଓ ବିକାଶ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବଚକ ସ୍ୱର୍ଗତ ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କୁ ଏହି ଜାତି ସ୍ମରଣ ରଖିବ ବୋଲି କହିଛନ୍ତି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶତ୍ରୁଘ୍ନ ପାଣିଗ୍ରାହୀ। ଏଥିରେ କଟକୀ ମଠ ମହନ୍ତ ଡକ୍ଟର ବିଜୟ ନାରାୟଣ ରାମାନୁଜ ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ଚାରଣ ଗୋଷ୍ଠୀ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସ୍ୱର୍ଗତ ରଥଶର୍ମାଙ୍କ ୩୭ତମ ସ୍ମୃତିଚାରଣ ଉପଲକ୍ଷେ ଶ୍ରୀନୀଳାଦ୍ରି ସତ୍‌ସଂଘ, ପୁରୀ ଚାରଣ ଗୋଷ୍ଠୀ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ, ସଦାଶିବ ରଥଶର୍ମା ସ୍ମୃତି ସଂସଦ ଓ ରଥଶର୍ମା ପରିବାରର ମିଳିତ ସହଯୋଗରେ ସଦାଶିବ ରଥଶର୍ମା ମାର୍ଗସ୍ଥିତ ସୁନ୍ଦର ୧୪ ଜାଗା ସମ୍ମିଳନୀ କକ୍ଷରେ ଗବେଷକ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ ଫଏହି ଅବସରରେ ଶ୍ରୀମନ୍ଦିର ପରିସରରେ ଗୀତାପାଠ, ବିଷ୍ଣୁ ସହସ୍ରନାମ, ସଂକୀର୍ତ୍ତନ ନଗର ପରିକ୍ରମା, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୀତାପାଠ ଓ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା।

# ୧୯ରେ ପାଳନ ହେବ ରାଷ୍ଟ୍ରୀୟ ନବବର୍ଷ

ପୁରୀ, ୧୬।୩ (ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ତରଫରୁ ଚୈତ୍ରଶୁକ୍ଳ ପ୍ରତିପଦ ଅବସରରେ ରାଷ୍ଟ୍ରୀୟ ନବବର୍ଷ ମହାଆଡ଼ମ୍ବର ସହକାରେ ପାଳନ ହେବାକୁ ଯାଉଛି। ଆସନ୍ତା ୧୯ ତାରିଖ ଭୋର ୫ଟା ୫୫ ମିନିଟ୍ ୩୯ ସେକେଣ୍ଡ ସୂର୍ଯ୍ୟୋଦୟ ସମୟରେ ଘଣ୍ଟ, ସଂକୀର୍ତ୍ତନ ଓ ହୁଳହୁଳି ସହ ନବବର୍ଷକୁ ସ୍ୱାଗତ କରାଯିବ। ପବିତ୍ର ମହୋଦଧି ସ୍ନାନ, ଶ୍ରୀଜଗନ୍ନାଥ ଦର୍ଶନ ସମେତ ପ୍ରତ୍ୟେକ ପରିବାର ଘର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ, ପୂର୍ଣ୍ଣକୁମ୍ଭ ସ୍ଥାପନ ଓ ଗୈରିକ ଧ୍ୱଜା ଲଗାଇ ନବବର୍ଷକୁ ସ୍ୱାଗତ କରିବା ପାଇଁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ନବବର୍ଷ ପାଳନ ପୂର୍ବରୁ ସୋମବାର ସମିତି ସଭାପତି ମହାବୀର ରୁଦ୍ରନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହିନ୍ଦୁ ନବବର୍ଷ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଯୋଜନା ପ୍ରସ୍ତୁତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଅରବିନ୍ଦ ଶତପଥୀ କହିଛନ୍ତି, ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯିବା ପରିପ୍ରେକ୍ଷୀରେ ଅପରାହ୍ନ ୩ଟା ୩୦ରେ ସିଂହଦ୍ୱାର ସମ୍ମୁଖରେ ସାମୂହିକ ଦୀପଦାନ କରାଯିବ। ଏକ ଧାର୍ମିକ ଶୋଭାଯାତ୍ରା ଧ୍ୱନି ସହିତ ଅପରାହ୍ନ ୪ଟାରେ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଟାଉନ୍ ଥାନା ନିକଟରୁ ବାହାରି ପୌରସଦନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯିବା ନେଇ ସ୍ଥିର ହୋଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ବିକାଶ ପରିଷଦର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୌମେନ୍ଦ୍ର ଦାସ, ବିଶ୍ୱହିନ୍ଦୁ ପରିଷଦର ରାଜେନ୍ଦ୍ର ମହାନ୍ତି, ଗୌରବ ମିଶ୍ରଙ୍କ ସହିତ ପ୍ରଜାପିତା ବ୍ରହ୍ମାକୁମାରୀ, ବଜରଙ୍ଗ ଦଳ, ଶିକ୍ଷା ବିକାଶ ସମିତି, ରାଷ୍ଟ୍ରସେବିକା ସମିତି, ସ୍ୱଦେଶୀ ଜାଗରଣ ମଞ୍ଚ, ସଂସ୍କାର ଭାରତୀ, ସଂସ୍କୃତ ଭାରତୀ, ଉତ୍କଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଗ୍ରାହକ ପଞ୍ଚାୟତ, ଅଧିବକ୍ତା ପରିଷଦ, ଭାରତୀୟ ମଜଦୁର ସଂଘ ଓ ଅନ୍ୟ ଧର୍ମାନୁଷ୍ଠାନର ପ୍ରମୁଖମାନେ ଉପସ୍ଥିତ ଥିଲେ। ରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ।

# ମା' ଝାଡ଼େଶ୍ୱରୀ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଚାରିଛକ, ୧୬।୩ (ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ ଲଙ୍କାପଡ଼ା ଆଇଁଷିମୂଳ ଠାରେ ଥିବା ମା' ଝାଡ଼େଶ୍ୱରୀ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ପାଇଁ ଛଣିଜଙ୍ଗ ପଞ୍ଚାୟତ ପୋଖରୀରୁ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ କୁମର ମହାରଣା ଓ କର୍ତ୍ତ୍ରୀ ଭାବେ ମିନତି ମହାରଣା ଯଜ୍ଞରେ ବସିଥିବା ବେଳେ ଅମୂଲ୍ୟ କୁମାର ମିଶ୍ର, ତପନ କୁମାର ମିଶ୍ର ମହାଯଜ୍ଞ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞରେ ନିମାପଡ଼ା-ଗୋପ ଅଞ୍ଚଳର ବିଜୁ ଜନତା ଦଳର ନେତା ସୁବ୍ରତ ଛାଟୋଇ, ୧୮ନଂ ଜିଲାପରିଷଦ ସଭ୍ୟା କୁଞ୍ଜଲତା ସାମଲ, ନିମାପଡ଼ା ବ୍ଲକ ବିଜେଡି ସଭାପତି ଭାଗ୍ୟଧର ଖଟୋଇ, ୨୧ନଂ ଜିଲାପରିଷଦଙ୍କ ପ୍ରତିନିଧି ଦୁର୍ଲଭ ନାୟକ ସହିତ ପ୍ରଦୀପ୍ତ ପ୍ରକାଶ ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ପ୍ରଦୀପ୍ତ ଦାସ, ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ କାର୍ଯ୍ୟକ୍ରମର ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଆସି ପୂର୍ଣ୍ଣାହୁତି ଦେଖିବା ସହିତ ମା' ଝାଡ଼େଶ୍ୱରୀଙ୍କୁ ଦର୍ଶନ କରିଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଉପମୁଖ୍ୟ ମେକାନିକାଲ୍ ଯନ୍ତ୍ରୀ (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କ୍ର.ସଂ., ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ: **୧.ଡବ୍ଲ୍ୟୁଏଲଆଇ-ୟୁଏନ୍‌ଟି-୧୨୭୫-୧, ତାରିଖ: ୧୩।୦୩।୨୦୨୬।** ଜୁନ୍ ୨୦୨୫ରେ ଜାରି ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଏସ୍/ଆରଡିଏସ୍‌ଓସିଜି/୦୦୦୨:୨୦୨୫ ଅନୁଯାୟୀ ଜୁଲାଇ ୨୦୨୫ରେ ଜାରି ହୋଇଥିବା ଶୁଦ୍ଧିପତ୍ର ୧ କିମ୍ବା ସଦ୍ୟତମ ସହିତ ଏବଂ ସଂଲଗ୍ନ କାର୍ଯ୍ୟର ପରିସର ଏବଂ ଠିକାର ବିଶେଷ ସର୍ତ୍ତ ଅନୁଯାୟୀ ଅଣ୍ଡରସ୍ଲଙ୍ଗ ୱାଟର ଟ୍ୟାଙ୍କ ସହ କୋଚ୍‌ଗୁଡ଼ିକ ପାଇଁ ୱାଟର ଲେଭଲ ଇଣ୍ଡିକେଟରର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ। ପରିମାଣ: ୧୨୭୫ କୋଚ୍। **ଟେଣ୍ଡର ମୂଲ୍ୟ:** ₹୩,୮୬,୭୫,୬୫୦/-। **ଅମାନତ ରାଶି:** ₹୩,୪୩,୩୦୦/-। **୨. ଡବ୍ଲ୍ୟୁଏଲଆଇ-ଓଭିଏଚ୍-୧୨୫୦-୧, ତାରିଖ: ୧୩।୦୩।୨୦୨୬।** ଜୁନ୍ ୨୦୨୫ରେ ଜାରି ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଏସ୍/ଆରଡିଏସ୍‌ଓସିଜି/୦୦୦୨:୨୦୨୫ ଅନୁଯାୟୀ ଜୁଲାଇ ୨୦୨୫ରେ ଜାରି ହୋଇଥିବା ଶୁଦ୍ଧିପତ୍ର ୧ କିମ୍ବା ସଦ୍ୟତମ ସହିତ ଏବଂ ସଂଲଗ୍ନ କାର୍ଯ୍ୟର ପରିସର ଏବଂ ଠିକାର ବିଶେଷ ସର୍ତ୍ତ ଅନୁଯାୟୀ ଓଭରହେଡ୍ ୱାଟର ଟ୍ୟାଙ୍କ ସହ କୋଚ୍‌ଗୁଡ଼ିକ ପାଇଁ ୱାଟର ଲେଭଲ ଇଣ୍ଡିକେଟରର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ। ପରିମାଣ: ୧୨୫୦ କୋଚ୍। **ଟେଣ୍ଡର ମୂଲ୍ୟ:** ₹୩,୭୯,୦୭,୫୦୦। **ଅମାନତ ରାଶି:** ₹୩,୩୯,୫୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ। **କାର୍ଯ୍ୟର ସ୍ଥାନ:** ପ୍ରତ୍ୟେକ ପାଇଁ ଖଡ଼ଗପୁର ୱାର୍କଶପ, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ- ଖଡ଼ଗପୁର, ଜିଲ୍ଲା- ପଶ୍ଚିମ ମେଦିନାପୁର, ପିନ୍- ୭୨୧୩୦୧। **ଠିକା ଅବଧି:** ପ୍ରତ୍ୟେକ ପାଇଁ ଏଲ୍‌ଓଏ ଜାରି ହେବା ତାରିଖରୁ ୨୪ ମାସ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୧୩।୦୪।୨୦୨୬ରିଖ ୧୫.୦୦ ଘଟିକାରେ। **ବିଡିଂ ପ୍ରଣାଳୀ:** ପ୍ରତ୍ୟେକ ପାଇଁ ଏକକ ପ୍ୟାକେଟ୍ ପ୍ରଣାଳୀ। **ଠିକାର ପ୍ରକାର:** ପ୍ରତ୍ୟେକ ପାଇଁ ସ୍ୱାଭାବିକ ଖୋଲା କାର୍ଯ୍ୟ। **ଟେଣ୍ଡର ପ୍ରକାର:** ପ୍ରତ୍ୟେକ ପାଇଁ ଖୋଲା। ସବିଶେଷ ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ। (PR-1306)



## ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍

Repco Home Finance

ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ନୋଟିସ**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅଧୀନରେ ନୋଟିସ**

**ଋଣଗ୍ରହୀତା: ଶ୍ରୀ ଦୁର୍ଯ୍ୟୋଧନ ସାମନ୍ତରାୟ,** ପିତା- ବିଶ୍ୱନାଥ ସାମନ୍ତରାୟ, ସ୍ଥାନ/ପୋଷ୍ଟ- ବୋଡଲମା, ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୮, **ଆହୁରି ମଧ୍ୟ ସ୍ଥାନ:** ମେସର୍ସ ସାମନ୍ତରାୟ ସ୍ନାକ୍ସ, ସ୍ଥାନ- ବୋଡଲମା, ଖୋର୍ଦ୍ଧା-୭୫୨୦୬୨, **ସହ-ଋଣଗ୍ରହୀତା: ୧. ଶ୍ରୀ ବିଶ୍ୱନାଥ ସାମନ୍ତରାୟ,** ପିତା- ଶ୍ରୀ ଧରଣୀ ସାମନ୍ତରାୟ, ସ୍ଥାନ/ପୋଷ୍ଟ- ବୋଡଲମା, ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୮, **ଆହୁରି ମଧ୍ୟ ସ୍ଥାନ:** ମେସର୍ସ ବିଶ୍ୱନାଥ ବ୍ରଏଲେଟାରୀ, ବୋଡଲମା, ଖୋର୍ଦ୍ଧା - ୭୫୨୦୬୨। **୨. ଶ୍ରୀମତୀ ଅମ୍ବିକା ସାମନ୍ତରାୟ,** ସ୍ୱାମୀ- ଶ୍ରୀ ବିଶ୍ୱନାଥ ସାମନ୍ତରାୟ, ସ୍ଥାନ/ପୋଷ୍ଟ:- ବୋଡଲମା, ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୮, **ଗ୍ୟାରେଣ୍ଟିଦାତା: ଶ୍ରୀ ଶଶାଙ୍କ ଶେଖର ଦାଶ,** ବଡ଼ ବଡ଼ଭାଇ, ଛତ୍ରପଡ଼ା, ଖୋର୍ଦ୍ଧା-୭୫୨୦୩୪, **ଆହୁରି ମଧ୍ୟ ସ୍ଥାନ:** ଦାସ ଫାର୍ମାସ୍ୟୁଟିକାଲ୍ସ, ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୦; **ଡିମାଣ୍ଡ ନୋଟିସ ତାରିଖ: ୨୨।୦୧।୨୦୨୬; ଏନ୍‌ପିଏ ତାରିଖ: ୦୧।୦୫।୨୦୨୫; ଋଣ ଖାତା ନଂ. ୧୬୮୧୮୬୦୦୦୦୫୬୮ ତାରିଖ: ୨୪।୦୮।୨୦୧୬,** ଯାହା **ଘର/ଫ୍ଲାଟ୍ ନିର୍ମାଣର** ଯୋଜନା ଅଧୀନରେ **₹୨୦,୦୦,୦୦୦/-** ମଞ୍ଜୁର କରାଯାଇଥିଲା; **ବକେୟା ଅର୍ଥରାଶି: ₹୧୮,୪୯,୧୬୯/-** ସମେତ **ତା୨୦।୦୧।୨୦୨୬ରିଖ** ପରଠାରୁ ତାହା ଉପରେ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ।

**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ- ବେଗୁନିଆ, ମୌଜା- ଆଖୁପଦର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୩୦୫/୧୦, **ପ୍ଲଟ୍ ନଂ. ୭୨୩/୧୦୬୫, ରକବା: ଏ.୦.୨୯୨ ୧/୨ ଡିସିମିଲ।** ଚଉହଦୀ: ଉତ୍ତର: ସନାତନ ସାହୁ, ଦକ୍ଷିଣ: ଜଗନ୍ନାଥ ବାରିକ, ପୂର୍ବ: ଲୋକନାଥ ବାରିକ, ପଶ୍ଚିମ: ସରକାରୀ ରାସ୍ତା।

ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ରୁ ଉକ୍ତ ଋଣର ପରିଶୋଧ ପାଇଁ ଏକ ଅମାନତ ଭାବେ ଆପଣ ଏକ ଋଣ ରାଜିନାମାକୁ କାର୍ଯ୍ୟକାରୀ କରିଥିଲେ ଏବଂ ତା' ସହିତ ଉପରେ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ କବଲା ଜମାକରି ଏକ ନ୍ୟାୟସଙ୍ଗତ ବନ୍ଧକ ମଧ୍ୟ ସୃଷ୍ଟି କରିଥିଲେ:

ଯେହେତୁ ଆପଣ ଋଣକୁ ପରିଶୋଧ କରିବାରେ ଖିଲାପ କରିଛନ୍ତି, ତେଣୁ ଆପଣ ଅତିରିକ୍ତ ସୁଧ ପୈଠ କରିବା ଲାଗି ମଧ୍ୟ ଉତ୍ତରଦାୟୀ ଅଟନ୍ତି। କମ୍ପାନୀ ଉକ୍ତ ଅଧିନିୟମ ଅଧୀନରେ ଉପରଦର୍ଶିତ ତାରିଖଗୁଡ଼ିକରେ ନୋଟିସ ଜାରି କରି ଉପରୋକ୍ତ ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କୁ ଉପରୋକ୍ତ ବକେୟା ଅର୍ଥରାଶି ସମେତ ତାହା ଉପରେ ଲାଗୁ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚଗୁଡ଼ିକୁ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଉକ୍ତ ନୋଟିସ ଆପଣ ସମସ୍ତଙ୍କୁ ପଞ୍ଜୀକୃତ ଡାକ ଜରିଆରେ ପ୍ରାପ୍ତିସ୍ୱୀକାରର ଆବଶ୍ୟକତା ସହ ପଠାଯାଇଥିଲା। ଆମେ ଦୁଃଖର ସହ ଏହା ଉଲ୍ଲେଖ କରୁଅଛୁ ଯେ, ଆପଣ ଋଣର ପରିଶୋଧରେ ଖିଲାପ କରିଛନ୍ତି ଏବଂ ଖାତାର ସଂଚାଳନରେ ଗୁରୁତର ଅନିୟମିତତା ଘଟାଇଛନ୍ତି। ଆମେ ଆପଣଙ୍କ ଖାତାକୁ ନନ୍-ପରଫର୍ମିଂ ଆସେଟ୍ ଭାବେ ଶ୍ରେଣୀଭୁକ୍ତ କରିଛୁ ଏବଂ ଆପଣ ଉପରୋକ୍ତ ଅର୍ଥରାଶି ପୈଠ କରିବା ଲାଗି ଉତ୍ତରଦାୟୀ ଅଟନ୍ତି। ଆମେ ଏତଦ୍ୱାରା ଏହି ନୋଟିସ ତାରିଖରୁ ୬୦ (ଷାଠିଏ) ଦିନ ମଧ୍ୟରେ ଉପରୋକ୍ତ ବକେୟା ଅର୍ଥରାଶିକୁ ପୈଠ କରିବା ଲାଗି ଆପଣଙ୍କୁ ନିର୍ଦ୍ଦେଶ ଦେଉଛୁ, ଯେଉଁଥିରେ ବିଫଳ ହେଲେ କମ୍ପାନୀ ସିକ୍ୟୁରଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ପ୍ରଦତ୍ତ କ୍ଷମତା ଅନୁଯାୟୀ ବନ୍ଧକ ସୁରକ୍ଷିତ ପରିସମ୍ପତ୍ତିକୁ ନିଜ ଦଖଲକୁ ନେବ, ଯାହା ଅଧୀନରେ ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍ ସୁରକ୍ଷିତ ପରିସମ୍ପତ୍ତିକୁ ଅଧିଗ୍ରହଣ କରିବା ସମେତ ତାହାକୁ ଲିଜ୍ ଆକାରରେ ହସ୍ତାନ୍ତର କରିବା, ବିକ୍ରୟ ପାଇଁ ନ୍ୟସ୍ତ କରିବା, ସୁରକ୍ଷିତ ପରିସମ୍ପତ୍ତିର ପରିଚାଳନା ଅଧିକାରକୁ ଅଧିଗ୍ରହଣ କରିବା, ସୁରକ୍ଷିତ ପରିସମ୍ପତ୍ତିର ପରିଚାଳନା କରିବା ପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଏବଂ ଉପରୋକ୍ତ ବିକ୍ରୟରୁ ଲବ୍ଧ ରାଶିକୁ ଆପଣଙ୍କ ଉପରେ ବକେୟା ଦେୟ ବାବଦରେ ସମଯୋଜିତ କରିବା ଲାଗି ହକ୍‌ଦାର ଅଟେ।

ଆମେ ସିକ୍ୟୁରିଟାଇଜେଶନ୍ ଅଧିନିୟମର ଧାରା ୧୩(୮) ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁ, ଯାହା ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିର ବିକ୍ରୟ କିମ୍ବା ହସ୍ତାନ୍ତର ନିମନ୍ତେ ସ୍ଥିର ହୋଇଥିବା ତାରିଖ ପୂର୍ବରୁ, ଯଦି ଯେକୌଣସି ସମୟରେ ସୁରକ୍ଷିତ ଋଣଦାତାଙ୍କୁ ଆପଣଙ୍କ ଦ୍ୱାରା ସୁରକ୍ଷିତ ଋଣଦାତା ବହନ କରିଥିବା ସମସ୍ତ ବ୍ୟୟ, ଶୁଳ୍କ ଏବଂ ଖର୍ଚ୍ଚ ପରିଶୋଧ କରିଦିଆଯାଏ ତେବେ ସୁରକ୍ଷିତ ପରିସମ୍ପତ୍ତିର ହସ୍ତାନ୍ତର କିମ୍ବା ବିକ୍ରୟ ପାଇଁ ପରବର୍ତ୍ତୀ କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ।

**ତାରିଖ: ୧୭।୦୩।୨୦୨୬** **ପ୍ରାଧିକୃତ ଅଧିକାରୀ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**


# ଚାଷୀଙ୍କ ସମସ୍ୟାର ପ୍ରତିକାର ପାଇଁ ଜାଗ୍ରତ ଯୁବଶକ୍ତି ସଂଗଠନର ସଙ୍କଳ୍ପ

ନିମାପଡ଼ା, ୧୬।୩ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକରେ ବିଭିନ୍ନ ସମବାୟ ସମିତିରେ ମାର୍ଚ୍ଚ ୧୫ ସୁଦ୍ଧା ମଣ୍ଡିରେ ଧାନ ଦେଇ ନ ପାରି ଶତାଧିକ ଚାଷୀ ହଇରାଣ ହରକତ ହେଉଛନ୍ତି। ନିମାପଡ଼ା ବ୍ଲକର ପଞ୍ଜିକୃତ ହୋଇଥିବା ୧୨ହଜାର ୩ଶହ ଚାଷୀଙ୍କ ମଧ୍ୟରୁ ମାର୍ଚ୍ଚ ୧୪ ସୁଦ୍ଧା ୪ହଜାର ୪୮୦ଜଣ ଚାଷୀ ସେମାନଙ୍କର ଧାନ ଦେଇ ନ ପାରି ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂଆସନ୍ଥ, ଓହଳ, ଭଗବତୀପୁର, ଗଦେଇଜେନା, ଭିଲିଗ୍ରାମ ହରିଆଠେଙ୍ଗ, ତାଳତଅଁଳା, ପାଳଶ୍ରୀ, ଧଳେଶ୍ୱର, ଉଛୁପୁର ଆଦି ସମବାୟ ସମିତି ଗୁଡ଼ିକରେ ଧାର୍ଯ୍ୟ ମୁତାବକ ଏବେ ବି ଚାଷୀଙ୍କ ଠାରୁ ଧାନସଂଗ୍ରହ ହୋଇପାରି ନ ଥିବା ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଚାଷୀମାନେ ସମିତିଗୁଡ଼ିକରେ ଧାନଦେବା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି। ଚାଷୀଙ୍କର ଏହି ଧାନ ଉଠାଣ ସମସ୍ୟାର ପ୍ରତିକାର ପାଇଁ ନିମାପଡ଼ାର ଜାଗ୍ରତ ଯୁବଶକ୍ତି ସଂଗଠନର କର୍ମକର୍ତ୍ତାମାନେ ଅଣ୍ଟା ଭିଡିଛନ୍ତି।

ଏ ସମ୍ପର୍କରେ ସଙ୍ଗଠନର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ବିଜୟାନନ୍ଦ ଦାସ, ଜୟନ୍ତ କୁମାର ଜେନା, ଅଜୟ ମିଶ୍ର, ଦିଲ୍ଲୀପ କୁମାର ରାଉତରାୟ ପ୍ରମୁଖ ଚାଷୀଙ୍କ ଏହି ଧାନ ଉଠାଣ ସମସ୍ୟା ସମ୍ପର୍କରେ ବିଡିଓ ଅଭିଜିତ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରି ବିଡିଓଙ୍କ ଜରିଆରେ ପୁରୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଜାଗ୍ରତ ଯୁବଶକ୍ତି ସଂଗଠନର କର୍ମକର୍ତ୍ତାମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଉଲ୍ଲାସ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେଲେ ୭୧୦

କଣାସ, ୧୬।୩ (ବିଭୂତି ଭୂଷଣ ତ୍ରିପାଠୀ)

ଦ୍ୱିତୀୟ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପରୀକ୍ଷା ସୋମବାର କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣାସ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଉଲ୍ଲାସ ନବଭାରତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ବ୍ଲକର ୨୮ ପଞ୍ଚାୟତରେ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ନିରକ୍ଷରଙ୍କୁ ସାକ୍ଷର କରାଇବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବ୍ୟକ୍ତି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନରେ ସର୍ବନିମ୍ନ ଦକ୍ଷତା ହାସଲ ଏହାର ମୂଳଲକ୍ଷ୍ୟ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାଙ୍କନ ପକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ କଣାସ ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୨୬୮ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ମୂଲ୍ୟାୟନରେ ମୋଟ ୭୧୦ଜଣ ନବସାକ୍ଷର ଅଂଶଗ୍ରହଣ କରିଥିଲେ। କଣାସ ବ୍ଲକର ୧୭ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ସାଧନ କେନ୍ଦ୍ରସ୍ତରୀୟ ନୋଡାଲ ଅଫିସର ରୂପେ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ କୁମାର ବେହେରା ପରୀକ୍ଷା ତଦାରଖ କରଥିଲେ।

# ୫ ଦିନିଆ ଚାରୁକଳା କର୍ମଶାଳା ଉଦ୍‌ଘାଟିତ

ପୁରୀ, ୧୬।୩ (ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର, ପୁରୀ ପକ୍ଷରୁ 'ସମର୍ଥ ନାରୀ: ସମୃଦ୍ଧ ଭାରତ' ଯୋଜନା ଅନ୍ତର୍ଗତ ଏକ ପାଞ୍ଚଦିନିଆ ଚାରୁକଳା କର୍ମଶାଳା ସୋମବାର ଅପରାହ୍ନରେ ଜୟଦେବ ସଭାଗାରରେ ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ନିର୍ଦ୍ଦେଶରେ ଓ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମାର୍ଚ୍ଚ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ପାରମ୍ପରିକ କଳା ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଧ୍ୟାୟୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ହିମାଚଳ ପ୍ରଦେଶ ବେଦବ୍ୟାସ ପରିସରର ନିର୍ଦ୍ଦେଶକ ପ୍ରଫେସର ସତ୍ୟମ୍ କୁମାରୀ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଯେତେବେଳେ ଜଣେ ନାରୀ କଳା ଓ କୌଶଳ ମାଧ୍ୟମରେ ସ୍ୱାବଲମ୍ବୀ ହୁଏ, ସେତେବେଳେ ସମାଜ ଓ ରାଷ୍ଟ୍ରର ପ୍ରକୃତ ପ୍ରଗତି ହୁଏ। 'ସମର୍ଥ ନାରୀ ହିଁ ସମୃଦ୍ଧ ଭାରତ'ର ମୂଳ ସ୍ତମ୍ଭ। 'ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଛନ୍ତି, ସଂସ୍କୃତ ଶିକ୍ଷା ସହିତ ଚାରୁକଳାର ସମନ୍ୱୟ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। ଅନ୍ୟତମ ଅତିଥି ତଥା ସର୍ବଦର୍ଶନ ବିଭାଗାଧ୍ୟକ୍ଷା ପ୍ରଫେସର ଗୌରପ୍ରିୟା ଦାଶ ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

ଶିବିରରେ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ମାଧ୍ୟମରେ ଅଧ୍ୟାୟୀମାନଙ୍କୁ ପଟ୍ଟଚିତ୍ର, ବାଲୁକା ଶିଳ୍ପ, ଆପ୍ଲିକ୍ୟୁ କାର୍ଯ୍ୟ ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ପ୍ରାରମ୍ଭରେ ଛାତ୍ରଙ୍କ ଦ୍ୱାରା ମଙ୍ଗଳାଚରଣ ଓ କୁଳଗୀତ ଗାନ କରାଯାଇଥିଲା। ସହଯୋଗୀ ଆଚାର୍ଯ୍ୟ ଡକ୍ଟର ସାଗରିକା ନନ୍ଦ ପ୍ରାସ୍ତାବିକ ଭାଷଣ ରଖିଥିବା ବେଳେ ଡକ୍ଟର ରଶ୍ମି ମିଶ୍ର କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଶେଷରେ ଡକ୍ଟର ରାଜଶ୍ରୀ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


## SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା — ଇ-ନିଲାମ ବିଜ୍ଞପ୍ତି

''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୭୨, ଇ-ମେଲ୍: sbi.04151@sbi.co.in

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୫୯୯୮୪୩୦**

**ପରିଶିଷ୍ଟ - IV-A**

**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**

**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୧।୦୪।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା, (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକ**ଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ** ସୁଦ୍ଧା **ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ **ତା୨୧।୦୪।୨୦୨୬ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ। ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରୀବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ। **ଉତ୍ତର:** ସଡ଼କ; **ଦକ୍ଷିଣ:** ଡି-୨୮; **ପୂର୍ବ:** ଡି-୪୮; **ପଶ୍ଚିମ:** ଡି-୫୦। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୫୮ (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି। ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ତଥା ଡିଏମ୍ ଅନୁମତି ହାସଲ କରିବା ଏବଂ ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ)। ନିରୀକ୍ଷଣର ତାରିଖ ଓ ସମୟ: ୧୩।୦୪।୨୦୨୬, ୧.୦୦ ଘଟିକାରୁ ୨.୦୦ ଘଟିକା** | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୧,୦୦,୦୦୦/- iv) ବୈଧାନିକ ଟିକସ/ ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |
| ୨. | ଝାରସୁଗୁଡ଼ା ଜିଲ୍ଲା ସବ୍-ରେଜିଷ୍ଟ୍ରି ମଧ୍ୟସ୍ଥ ମୌଜା - ବଡ଼ମାଳ, ଥାନା - ଝାରସୁଗୁଡ଼ା, ବର୍ତ୍ତମାନ ଥାନା - ବଡ଼ମାଳ, ତହସିଲ ଏବଂ ଜିଲ୍ଲା - ଝାରସୁଗୁଡ଼ା, ଥାନା ନଂ. ୩୫, ତହସିଲ ନଂ. ୧୯୯, ଓଡ଼ିଶାରେ ଅବସ୍ଥିତ ଜମିର ସମସ୍ତ ଭାଗ ଓ ଅଂଶବିଶେଷ, ମ୍ୟୁଟେଶନ ଖାତା ନଂ. ୧୨୬/୨୯୩, ପ୍ଲଟ୍ ନଂ. ୮୫୦/୧୭୦୬, ଏ.୦.୦୫୦ (ପାଞ୍ଚ) ଡିସିମିଲ ରକବା ସମ୍ବଳିତ, କିସମ - ଘରବାରି ଜମି ସହିତ ୬୦୦ ବର୍ଗଫୁଟର ଆଜବେଷ୍ଟସ୍ ଛାତ ଥିବା ଗୋଦାମ ଘର। ବିକ୍ରି କବଲା ସଂ. ୧୦୮୬୧୩୦୧୧୮୫ ତାରିଖ: ୨୨।୦୪।୨୦୧୩। ସମ୍ପତ୍ତିର ମାଲିକ ହେଉଛନ୍ତି ଶ୍ରୀ ଅନନ୍ତ ଚରଣ ନାୟକ। **ଜମିର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର:** ରାସ୍ତା; **ଦକ୍ଷିଣ:** ପ୍ଲଟ୍ ନଂ. ୧୩୫୨; **ପୂର୍ବ:** ପ୍ଲଟ୍ ନଂ. ୧୩୫୨; **ପଶ୍ଚିମ:** ପ୍ଲଟ୍ ନଂ. ୧୩୫୨। **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୨୫୬୩ (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି) ନିରୀକ୍ଷଣର ତାରିଖ ଓ ସମୟ: ୧୬।୦୪।୨୦୨୬, ୧.୦୦ ଘଟିକାରୁ ୨.୦୦ ଘଟିକା।** | i) ଟ.୪୮,୦୦,୦୦୦/- ii) ଟ.୪,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ/ ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ। |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: | ଇ-ନିଲାମ ୱେବସାଇଟ୍: ୟୁଆର୍‌ଏଲ: | ସମ୍ପତ୍ତିର ଅବସ୍ଥିତି : | ସମ୍ପତ୍ତିର ଅବସ୍ଥିତି : |
|---|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୫୮ | ଏସ୍‌ବିଆଇଏନ୍୪୦୦୦୧୬୧୬୨୫୬୩ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

**ତାରିଖ: ୧୭.୦୩.୨୦୨୬**
**ସ୍ଥାନ: କୋଲକାତା**
**ସ୍ୱା./-**
**ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in

Tender No. 5008/P-II/25/2025/PDS Dt.13.03.2026

**No.7001/50/2526** : Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 16.03.2026 |
| 3 | Last Date / Time for receipt of bids in the portal | Dt.24.03.2026 up to 5.00 P.M. |
| 4 | Date/Time of Opening of Technical Bid | Dt.25.03.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/retenders etc. if any shall be published only in above websites.

By Order of Managing Director
OIPR-7001/7002/1/25-26/0009 Sd./- General Manager (Distribution)



## OFFICE OF THE DIVISIONAL FOREST OFFICER, BOLANGIR FOREST DIVISION

INFRONT OF HEAD POST OFFICE, BOLANGIR, ODISHA - 767001
E-mail ID : dfo.bolangir@odisha.gov.in/dfo-balangir@nic.in Phone No. 06652-295134
Memo No.2579/1F-Accounts
Dated Bolangir 12 the March 2026

**TENDER CALL NOTICE FOR HIRING VEHICLE**

**No.8001/163/2526** : Sealed tenders are invited from interested Reputed Travel Agencies/ Tour Operators or private individuals for providing 18 (Eighteen) Nos. of Vehicle (BS VI compliant Diesel driven AC/ Non-AC) vehicles having sitting capacity not more than seven including driver (Bolero-Neo, Bolero- B6 Opt, Bolero- B6 and other same segment vehicles), which shall confirm to the Terms and Conditions (Annexure-III) for official use at Bolangir Forest Division on monthly rent basis so as to reach in the O/o the Divisional Forest Officer, Bolangir Forest Division from **18.03.2026** and to reach on or before **05.04.2026** up to **5.00 P.M.** through Registered/Speed Post/Courier Service and can also be dropped in the "Tender Box placed in the Office of the Divisional Forest Officer, Bolangir Forest Division." The tenders will be opened in the same office on **06.04.2026 at 4.30 P.M.** The Standard Bidding Document and Terms and Conditions can be downloaded from **https://balangir.nic.in** and also can be obtained from the Office of the Divisional Forest Officer, Bolangir Forest Division, Bolangir from **18.03.2026 to 05.04.2026** during office hours.

Sd./- Divisional Forest Officer
Bolangir Forest Division
OIPR-8001/8061/1/25-26/0003



## ODISHA UNIVERSITY OF AGRICULTURE AND TECHNOLOGY
## BHUBANESWAR-751003

No.ACDI-ADM-0010-2022/ 3513/UAT Dtd.13th March, 2026

**M.V. Sc. SPOT ADMISSION NOTICE-2025-26**

**No.1001/61/2526:** Thirteen Nos. of seats are available for admission into M.V. Sc. programme for the academic session 2025-26 through spot counseling & admission. Candidates who have been awarded rank for OUAT PG admission-2025-26 are eligible to participate and the spot counseling and admission will be held on 18.03.2026. The Interested candidate for admission into M.V.Sc. course must report physically on dt.18.03.2026 from 10.00 AM to 11.00 AM at Dr. M.S. Swaminathan Hall, Administrative Building of OUAT.

The guidelines for M.V.Sc. spot Counseling and admission-2025-26 alongwith admission fees are available at admission section of OUAT website www.ouat.ac.in (Academic section > admission section) for information of the applicants. Seats vacated by cancellation of admission till 17.03.2026 (5 P.M.) will be included for spot counseling & admission.

Sd./-
REGISTRAR
OIPR-1001/1036/1/25-26/0014



## कार्यपालक अभियंता का कार्यालय
## लघु वितरणी प्रमंडल संख्या–12
## संयुक्त कार्यालय भवन
## डिमना रोड मानगो, जमशेदपुर–831012

(Email:-eemdd12mangojamshedpur@gmail.com/ Ph.No. 0657-2954509)

**ई0–प्रोक्युरमेंट सूचना**

ई–निविदा आमंत्रण सूचना संख्या–डब्लूआर0डी0 / एम0डी0डी0–12 / जमशेदपुर / SBD–02 / 2025–26

| | | |
|---|---|---|
| 1 | कार्य का नाम | Repair and Maintenance of OR-28 and all Structure Ex- Km. 63.40 of CLMC. |
| 2 | प्राक्कलित राशि | रु0 25363877 53(रु0 दो करोड़ तिरपन लाख तिरसठ हजार आठ सौ सतहत्तर एवं पैसे तिरपन ) मात्र। |
| 3 | अग्रधन की राशि | रु0 2,54,000.00 (रु0 दो लाख चौवन हजार) मात्र। (To be Deposited as per sop issued vide letter no. 120 dt. 03-10-2023 of information and technology e-governance Department Jharkhand.) |
| 4 | कार्य पूर्ण करने का समय | 360 Days |
| 5 | वेब–साईट पर निविदा आमंत्रण सूचना के प्रका  न की तिथि | 23.03.2026 (  ाम 5:00 बजे) |
| 6 | निविदा अभिलेख डाउनलोड करने की अंतिम तिथि | 13.04.2026 (  ाम 5:00 बजे तक) |
| 7 | निविदा प्राप्त करने की तिथि तथा समय | 13.04.2026 (  ाम 5:00 बजे तक) |
| 8 | निविदा खोलने तिथि | 15.04.2026 (पूर्वाहन् 11:00 बजे) |
| 9 | विज्ञापन दाता का नाम एवं पदनाम | कार्यपालक अभियंता, लघु वितरणी प्रमंडल संख्या–12, मानगो, जम  ेदपुर। |
| 10 | प्रोक्यूरमेन्ट पदाधिकारी का सम्पर्क संख्या | 9899780673 |
| 11 | ई प्रोक्युरमेंट पदाधिकारी का हेल्प लाईन संख्या | 0657–2371765 |

नोटः– प्राक्कलित राशि घट–बढ़ सकती है। केवल ई–निविदा स्वीकार्य। अधिक जानकारी के लिये वेब साईट–http://jharkhandtender.gov.in पर देखा जा सकता है।

कार्यपालक अभियंता
लघु वितरणी प्रमंडल संख्या–12
मानगो, जमशेदपुर।
PR.NO.375214 Water Resource(25-26):D




ଅଗ୍ନିକାଣ୍ଡ ପରେ ଆଇସିୟୁ ଟ୍ରମା କେୟାର ସେଣ୍ଟର ବାହାରେ ଲୋକଙ୍କ ଭିଡ଼।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ୪୫ ମିନିଟ୍ ଆଇସିୟୁରେ ନିଆଁ

**କଟକ,୧୬।୩(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏସ୍‌ସିବି ମେଡିକାଲରେ ରବିବାର ବିଳମ୍ବିତ ରାତିରେ ଟ୍ରମା କାଜୁଆଲଟିରେ ଅଗ୍ନିକାଣ୍ଡ ଘଟିଛି। ୨୩ ଶଯ୍ୟାବିଶିଷ୍ଟ ଆଇସିୟୁରେ ପ୍ରାୟ ୧୪ଜଣ ଗୁରୁତର ରୋଗୀ ଭର୍ତ୍ତି ହୋଇଥିଲେ। ରାତି ପ୍ରାୟ ୨ଟା୪୦ ମିନିଟରେ ବିଦ୍ୟୁତ୍ କାଟ୍ ହୋଇଥିଲା। ବିଦ୍ୟୁତ୍ ସଂଯୋଗ ହେବାର କିଛି ସମୟ ପରେ କାଜୁଆଲଟିର ପ୍ରଥମ ମହଲାରେ ଥିବା ଟ୍ରମା ଆଇସିୟୁରୁ ନିଆଁ ଓ ଧୂଆଁ ବାହାରିବା ଦେଖି ମେଡିକାଲ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟ ଆତଙ୍କିତ ହୋଇଯାଇଥିଲେ। ନିଆଁ ଧୀରେ ଧୀରେ ବ୍ୟାପିବାକୁ ଲାଗିଥିବାବେଳେ ପ୍ରଥମେ ରୋଗୀ ସମ୍ପର୍କୀୟଙ୍କୁ କର୍ମଚାରୀମାନେ ବାହାରକୁ ପଠାଇଥିଲେ। ଏହାସହ କେତେଜଣ ରୋଗୀଙ୍କୁ ବାହାରକୁ ଆଣିଥିବାବେଳେ ନିଆଁ ଅଧିକ ବ୍ୟାପିବାରୁ ୧୦ଜଣ ରୋଗୀ ସେଠାରେ ଫସିରହିଥିଲେ। ପ୍ରାୟ ୪୫ ମିନିଟ୍ ସମୟ ଯାଏ ଆଇସିୟୁରେ ନିଆଁ ରହିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପରେ ସ୍ମୋକ ଏଭାକୁଏଟ୍ ମେଶିନ ଯୋଗେ ଧୂଆଁକୁ ହଟାଇ ରୋଗୀଙ୍କୁ କାଜୁଆଲିଟିର ପଛପାର୍ଶ୍ୱରେ ଥିବା ର୍‍ୟାମ୍ପ ଯୋଗେ ତଳକୁ ଆଣିଥିଲେ। ରୋଗୀଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ କଳା ହୋଇଯାଇଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା। ରୋଗୀଙ୍କୁ ପ୍ରଥମେ ରାସ୍ତାରେ ରଖାଯାଇଥିଲା। ପରେ ମେଡିସିନ ଆଇସିୟୁ, ଅର୍ଥୋପେଡିକ୍ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ନନ୍‌ଟ୍ରମା କାଜୁଆଲିଟି ଜି ପ୍ଲସ-୫ କୋଠା ଥିବାବେଳେ ଏଠାରେ ଅଗ୍ନିନିରାପତ୍ତା ବ୍ୟବସ୍ଥା କରାଯାଇଥିଲା। ହେଲେ ଠିକ୍ ସମୟରେ ସ୍ପ୍ରିଙ୍କଲର କାମ ଦେଇ ନ ଥିଲା କିମ୍ବା ସାଇରନ ମଧ୍ୟ ବାଜି ନ ଥିଲା। ଏସ୍‌ସିବିରେ ଏଭଳି ଦୁର୍ଘଟଣା ପରେ ମଧ୍ୟ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ପ୍ରଶାସନିକ ଅଧିକାରୀ ସୁବାସ ରାଏ, ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ଘଟଣା ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ସିଧାସଳଖ ମନା କରିଥିଲେ। ଅନ୍ୟପଟେ ଏଭଳି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଇଂ. ପ୍ରକାଶ ସେଠୀ, ସିଏମ୍‌ସି ମେୟର ସୁବାସ ସିଂ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଦିଲ୍ଲୀପ ରାୟ, ଦେବୀ ମିଶ୍ର, କଂଗ୍ରେସ ବରିଷ୍ଠ ନେତା ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ସୁରେଶ ମହାପାତ୍ର, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ ପହଞ୍ଚି ଉକ୍ତ ସ୍ଥାନ ପରିଦର୍ଶନ କରିବା ସହ ମୃତକଙ୍କ ପରିବାର ଓ ଗୁରୁତର ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## କାମ ଦେଲାନି ସ୍ପ୍ରିଙ୍କଲର




## ଜଳିଯାଇଥାନ୍ତା ୪ ମହଲା ଟ୍ରମା କୋଠା

ଅଗ୍ନିଶମ ବିଭାଗର ଜଣେ ପଦାଧିକାରୀଙ୍କ କହିବା ମୁତାବକ, ସ୍ଥିତି ଏଭଳି ଥିଲା ଯେ, ଏସ୍‌ସିବିର ୪ମହଲା ବିଶିଷ୍ଟ ଟ୍ରମା କୋଠା ଜଳି ଯାଇଥାନ୍ତା। କାରଣ ଏସ୍‌ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁନାହିଁ। ବଡ଼ ମେଡିକାଲରେ ମୋଟ ୨୨ଟି ୟୁନିଟ ରହିଛି। ପ୍ରତ୍ୟେକ ୟୁନିଟର ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତଦାରଖ କରି ରିପୋର୍ଟ ଦେବାକୁ ଅଗ୍ନିଶମ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ଏହାର ଅନୁପାଳନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ନିୟମ ଅନୁପାଳନ କରାଯାଇନାହିଁ। ଟ୍ରମା ଆଇସିୟୁ ଗୃହରେ ୨୩ ସଂଖ୍ୟକ ଶଯ୍ୟା ରଖାଯିବା ଦୃଶ୍ୟ ବି ଆଶ୍ଚର୍ଯ୍ୟ କରିଥିଲା। ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯିବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା ବୋଲି ପଦାଧିକାରୀଜଣକ କହିଛନ୍ତି।

## ୧୮ ମିନିଟ୍ ବିଳମ୍ବରୁ ସର୍ବନାଶ

୧୮ ମିନିଟ ବିଳମ୍ବ କରିବା ଯୋଗୁଁ ସର୍ବନାଶ ହୋଇଛି ବୋଲି ଅଗ୍ନିଶମ ବିଭାଗର ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି। ରାତି ଠିକ୍ ୨ଟା ୪୦ମିନିଟରେ ନିଆଁ ଲାଗିଥିଲା। ହେଲେ ମେଡିକାଲ ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ୨ଟା ୫୮ରେ ଫୋନ୍ କଲ୍ ଆସିଥିଲା। ୧୮ମିନିଟ ଧରି କର୍ମଚାରୀମାନେ ନିଜ ଉଦ୍ୟମରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏହି ୧୮ମିନିଟ୍‌କୁ ଗୋଲ୍ଡେନ ଆୱାର ଭାବେ ବିଚାର କରାଯାଇ ପାରିବ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିବା ପରେ ଆଇସିୟୁରେ ଚିକିତ୍ସିତ ଗୁରୁତର ରୋଗୀଙ୍କୁ ଉଦ୍ଧାର କରିବା ପାଇଁ ନୟାନ୍ତ ହୋଇଥିଲେ। ସେମାନଙ୍କ ଶରୀରରେ ଲାଗିଥିବା ବିଭିନ୍ନ ଚିକିତ୍ସା ଉପକରଣକୁ ହଟାଇବା ପାଇଁ ସମୟ ଲାଗି ଯାଇଥିଲା ବୋଲି ସେ ଜଣାଇଛନ୍ତି।

## ଜୀବନକୁ ବାଜି ଲଗାଇ ଉଦ୍ଧାର କଲେ

ଟ୍ରମା ଆଇସିୟୁରେ କାର୍ଯ୍ୟରତ ନର୍ସ, ମେଡିକାଲ ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ଅଗ୍ନିକାଣ୍ଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଗୁରୁତର ରୋଗୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ କାହାର ହାତ ଜଳି ଯାଇଥିଲା ତ' କିଏ ଅଣନିଃଶ୍ୱାସୀ ହୋଇଯାଇଥିଲେ। ତଥାପି ହାର ନ ମାନି ରୋଗୀଙ୍କ ସମେତ ସମ୍ପର୍କୀୟଙ୍କୁ ଉଦ୍ଧାର କରିଥିଲେ। ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହେବାରୁ ଆଇସିୟୁ ଇନ୍‌ଚାର୍ଜ, ନର୍ସିଂ ଅଫିସର ଓ କେତେଜଣ କର୍ମଚାରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ଏବଂ ସେମାନଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି।

## ମୃତଦେହ ବ୍ୟବଚ୍ଛେଦରେ ବାଧା

ଏସ୍‌ସିବି ମେଡିକାଲର ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ମୃତକଙ୍କ ବ୍ୟବଚ୍ଛେଦ ସନ୍ଧ୍ୟା ସୁଦ୍ଧା କରାଯାଇଛି। ହେଲେ ଏହି ଘଟଣା ଯୋଗୁ ପୂର୍ବରୁ ଥିବା ମୃତଦେହଗୁଡ଼ିକ ବ୍ୟବଚ୍ଛେଦ କରିବାରେ ବିଳମ୍ବ ହୋଇଥିଲା। ଫଳରେ ବ୍ୟବଚ୍ଛେଦ ଗୃହ ନିକଟରେ ଅନ୍ୟ ମୃତକଙ୍କ ପରିବାର ଲୋକ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା।

## ନ୍ୟୁ ମେଡିସିନ ଓପିଡିରେ ନିଆଁ ଗୁଜବ

ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ବହିର୍ବିଭାଗରେ ସୋମବାର ନିଆଁ ଲାଗିଥିବା ଖବର ପ୍ରଘଟ ହୋଇଥିଲା। ସେଠାରେ ଥିବା ଡାକ୍ତର, କର୍ମଚାରୀ, ରୋଗୀ ଓ ସମ୍ପର୍କୀୟ ଆତଙ୍କିତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଗୋଟିଏ ଟିମ୍ ବହିର୍ବିଭାଗରେ ପହଞ୍ଚିଥିଲା। କିନ୍ତୁ ନିଆଁ ନୁହେଁ ସେଠାରେ କେବଳ ବିଦ୍ୟୁତ୍ ତାର ସ୍ପାର୍କିଂ ହେଉଥିବା ଜଣାପଡ଼ିଥିଲା।



| ମୃତକ | ବୟସ | ଠିକଣା |
|---|---|---|
| ରମେଶ ଚନ୍ଦ୍ର ପରିଡ଼ା | ୪୫ | ଚୌଦ୍ୱାର |
| ମଧୁସୂଦନ ଦଳାଇ | ୫୬ | ବାଲେଶ୍ୱର |
| କୃଷ୍ଣଚନ୍ଦ୍ର ବିଶ୍ୱାଳ | ୭୫ | ଯାଜପୁର |
| ରବୀନ୍ଦ୍ର ଦାସ | ୩୦ | କେନ୍ଦ୍ରାପଡ଼ା |
| ଚେରୁ ପରିଡ଼ା | ୧୦୦ | ଅନୁଗୋଳ |
| ମେନକା ରାଉତ | ୭୦ | କେନ୍ଦ୍ରାପଡ଼ା |
| ଅବଦୁଲ ସତାର | ୮୦ | ଝାରଗ୍ରାମ (ପଶ୍ଚିମବଙ୍ଗ) |
| ଗୌରାଙ୍ଗ ଚରଣ ବାରିକ | ୪୦ | ମାହାଙ୍ଗା |
| ମହମ୍ମଦ ମୟୁମ | ୩୫ | ଭୁବନେଶ୍ୱର |
| ଦଶ୍ରୁ ମୁଣ୍ଡା | ୬୪ | କେନ୍ଦୁଝର |



## ହାଇକୋର୍ଟରେ ଏସ୍‌ସିବି ମେଡିକାଲ ଅଗ୍ନି ନିର୍ବାପକ ବ୍ୟବସ୍ଥା

ଏସ୍‌ସିବି ମେଡିକାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସଂକ୍ରାନ୍ତରେ ପୂର୍ବରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ତୁରନ୍ତ ଶେଷ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିବି ପକ୍ଷରୁ ସେତେବେଳେ ଦର୍ଶାଯାଇଥିଲା ଯେ ଏସ୍‌ସିବିରେ ରହିଥିବା ୮୭ଟି ବିଲଡିଂ ମଧ୍ୟରୁ ଅଳ୍ପ କେତୋଟିକୁ ବାଦ୍ ଦେଲେ ବାକି ସବୁ ବିଲଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ରହିଛି। ସମସ୍ତ ବିଲଡିଂ ପାଇଁ ୭୬ଟି ପ୍ରକଳ୍ପ କାର୍ଯ୍ୟ କରୁଛି। ମାର୍ଚ୍ଚ ୪ ତାରିଖ ଶୁଣାଣିରେ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସାପ୍ତାହିକ ପର୍ଯ୍ୟବେକ୍ଷଣ ଭିତ୍ତିରେ ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ତାଗିଦ କରିଥିଲେ। ତେବେ ୨୦୨୪ ମେ'ରେ ୩୩ଟି ବିଲଡିଂର ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପନ ପାଇଁ ଟେଣ୍ଡର ବିଡ୍ ଖୋଲିବା ନିମନ୍ତେ ହାଇକୋର୍ଟ ଅନୁମତି ଦେଇଥିଲେ। ୨୦୨୪ ଜୁଲାଇରେ ହାଇକୋର୍ଟ ଶୁଣାଣି କରି ସମସ୍ତ ୭୬ଟି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଆଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏସ୍‌ସିବି ମେଡିକାଲର ଅଗ୍ନି ନିର୍ବାପକ ବ୍ୟବସ୍ଥାର ରୂପରେଖ ଏହି ଘଟଣା ପରେ ସର୍ବସମ୍ମୁଖରେ ପ୍ରକାଶ ହୋଇଛି।

## ଗୁରୁତରଙ୍କୁ ଭେଟିଲେ ନବୀନ



ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲ୍‌ଟିର ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାର ଖବର ପାଇ ପ୍ରାଥମିକସ୍ତରରେ କଟକ ମେୟର ସୁବାସ ସିଂଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ଏସ୍‌ସିବି ମେଡିକାଲରେ ପହଞ୍ଚି ଗୁରୁତର ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାସହ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଗୁରୁତର ଆହତଙ୍କୁ ଭେଟିବା ପରେ ନବୀନ କହିଛନ୍ତି, ଏଭଳି ଅଘଟଣ ଯୋଗୁ ମୁଁ ଦୁଃଖିତ ଏବଂ ମର୍ମାହତ। ପୂର୍ବସରକାର ସମୟରେ ଏହି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବାକୁ ଯୋଜନା କରିଥିଲୁ। ହେଲେ ବର୍ତ୍ତମାନର ସରକାର ଏଦିଗରେ କୌଣସି କାର୍ଯ୍ୟ କରୁନାହିଁ। ଅବହେଳା ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି।



ଅଗ୍ନିକାଣ୍ଡ ପରେ ଆଇସିୟୁରେ ଥିବା ଜଣେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।



## ନ୍ୟାୟିକ ଯାଞ୍ଚ କରାଯାଉଛି

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି। ନ୍ୟାୟିକ ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆଗାମୀ ଦିନରେ ଯେପରି ଏଭଳି ଘଟଣା ନ ଘଟେ ସେନେଇ ସଜାଗ ରହିବୁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଡାକ୍ତରୀ ପ୍ରତିଷ୍ଠାନର ଯାଞ୍ଚ କରାଯାଇଥିଲା। ଏହାସହ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଘଟଣା ନେଇ ପିଡବ୍ଲ୍ୟୁଡି, ବିଦ୍ୟୁତ୍ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯାହା ପଦକ୍ଷେପ ନେବା ଆବଶ୍ୟକ ରହିଛି ତାହା କରାଯିବ।

- ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ଡିଜି



## ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ

ଏଭଳି ଘଟଣା କଟକରେ ପୂର୍ବରୁ କେବେ ଘଟି ନ ଥିଲା। ମେଡିକାଲରେ ବହୁ ଅବ୍ୟବସ୍ଥା ନେଇ ଖବର ପ୍ରକାଶ ପାଇଆସୁଛି। ହେଲେ କେଉଁଥିରେ ବି ସୁଧାର ଆସିପାରିନି। ମେଡିକାଲରେ ଯେଉଁ ଲୋକଙ୍କୁ ନିଯୁକ୍ତି ଦିଆଯାଉଛି ସେମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ। ଏହାସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ନ ଥିବାବେଳେ ଏହାର ତଦାରଖ ଠିକ୍ ଭାବେ କରାଯାଇଛି କି ନାହିଁ ତା'ର ଉତ୍ତର କର୍ତ୍ତୃପକ୍ଷ ରଖନ୍ତୁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। କେଉଁ କାରଣ ଯୋଗୁ ଏଭଳି ଘଟଣା ଘଟିଲା ସେନେଇ ସରକାର ଉତ୍ତର ରଖନ୍ତୁ।

- ସୋଫିଆ ଫିର୍ଦ୍ଦୋସ, ବିଧାୟିକା



## ସ୍ୱର୍ଗଦ୍ୱାର ଯିବା ପାଇଁ ବ୍ୟବସ୍ଥା କରାଯାଇଛି

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣା ଖବର ପାଇ ବିଧାୟକ ସୌଭିକ୍ ବିଶ୍ୱାଳ ମୃତକଙ୍କ ପରିବାରକୁ ଭେଟିଛନ୍ତି। ଏହାସହ ମୃତକଙ୍କ ଶେଷକୃତ୍ୟ ପାଇଁ ସ୍ୱର୍ଗଦ୍ୱାର ଯିବା ବ୍ୟବସ୍ଥା କରାଯାଇଥିବା ସୌଭିକ୍ କହିଛନ୍ତି। ଏଥିପାଇଁ କଟକ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ଉକ୍ତ ଘଟଣାର ତଦନ୍ତ କରିବା ସହ ଏଭଳି ଘଟଣା ଯେପରି ପୁନର୍ବାର ନ ହେଉ ସେନେଇ ସରକାର ଗୁରୁତ୍ୱ ଦିଅନ୍ତୁ।

- ସୌଭିକ୍ ବିଶ୍ୱାଳ, ବିଧାୟକ

# ଏସି, ଭେଣ୍ଟିଲେଟର ମୁଣ୍ଡରେ ଦୋଷ ଲଦିଲେ

## ଏସ୍‌ସିବି କର୍ତ୍ତୃପକ୍ଷ ନୀରବ



କଟକ,୧୬।୩(କୁମାରଶ୍ରୀ): ଟ୍ରମା ଆଇସିୟୁରେ ନିଆଁ କେମିତି ଲାଗିଲା, କାହିଁକି ଲାଗିଲା ତାହା ତଦନ୍ତ ପରିସରକୁ ଆସିଥିବାବେଳେ କର୍ତ୍ତୃପକ୍ଷ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ଅଧୀକ୍ଷକ ପ୍ରଫେସର ଗୌତମ ଶତପଥୀ, ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକଙ୍କୁ ଖବରଦାତା ଏନେଇ ପ୍ରଶ୍ନ କରିଥିଲେ ସୁଦ୍ଧା ସେମାନେ ଏହାକୁ ଏଡ଼ାଇ ଦେଇଥିଲେ। ପ୍ରଶାସନିକ ଅଧିକାରୀ ସୁବାସ ରାୟ ମଧ୍ୟ ନୀରବ ରହିଥିଲେ। ହେଲେ ଅଗ୍ନିକାଣ୍ଡକୁ ନେଇ ବିଭିନ୍ନ ବିଭାଗ ଭିତରେ ଏବେ ଦୋଷ ଠେଲାଠେଲି ଆରମ୍ଭ ହୋଇଯାଇଛି। ଏସ୍‌ସିବି ପରିସରସ୍ଥ ବୈଦ୍ୟୁତିକ ଯନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଆଇସିୟୁ ଭିତରେ ଥିବା ଭେଣ୍ଟିଲେଟରଗୁଡ଼ିକ ଠିକ୍ ଭାବେ କାମ କରୁ ନ ଥିଲା। ପୁରୁଣା ହୋଇଥିବାରୁ ସେଥିରୁ ନିଆଁ ଉତ୍ପନ୍ନ ହୋଇଛି। ଏପରି କି ଯେଉଁ ଦୁଇଟି ଆଇସିୟୁ ଶଯ୍ୟା ଜଳି ପାଉଁଶ ହୋଇଛି, ତାହା ପାଇଁ ଭେଣ୍ଟିଲେଟର ଦାୟୀ। ସେଠାରୁ ହିଁ ନିଆଁ ବ୍ୟାପିଥିଲା। ଅନ୍ୟପକ୍ଷରେ ବିଭିନ୍ନ ଯନ୍ତ୍ରାଂଶର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ବୈଦ୍ୟୁତିକ ଯନ୍ତ୍ରୀ କାର୍ଯ୍ୟାଳୟ ମୁଣ୍ଡକୁ ଦୋଷ ଠେଲିଛି। ଘରୋଇ ସଂସ୍ଥାର ଜଣେ କର୍ମଚାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ଆଇସିୟୁ ଭିତରେ ୨୩ଟି ଶଯ୍ୟା ଥିଲା। ସେଥିରେ ୨୩ଟି ମନିଟର କାର୍ଯ୍ୟ କରୁଥିଲା। ୨୩ଟି ଭେଣ୍ଟିଲେଟର ଆଉ ଗୋଟିଏ ଡାଏଲିସିସ୍ ମେଶିନ ରହିଥିଲା। ତା'ଛଡ଼ା ଟ୍ରମା ଆଇସିୟୁରେ ଏସି ସଂଖ୍ୟା ୭ ରୁ ୮ ହେବ। ଏତେ ସଂଖ୍ୟକ ମେଶିନ ପାଇଁ ବିଦ୍ୟୁତ ସରବରାହ ବ୍ୟବସ୍ଥା ଦୁର୍ବଳ ଥିଲା ବୋଲି ଘରୋଇ ସଂସ୍ଥାର କର୍ମଚାରୀଜଣକ ଅଭିଯୋଗରେ କହିଛନ୍ତି।



## ଭିତରେ ଅଣନିଃଶ୍ୱାସୀ ବାହାରେ ଛଟପଟ

ଟ୍ରମା ଆଇସିୟୁରେ ନିଆଁ ଲାଗିବା ପରେ ବଡ଼ ମେଡିକାଲରେ ବିକଳ ଚିତ୍ର ସାମ୍ନାକୁ ଆସିଥିଲା। ଧୂଆଁ ଆଉ ନିଆଁ ଝାସରେ ଭିତରେ ଅଣନିଃଶ୍ୱାସୀ ହୋଇ ପଡ଼ିଥିବା ଗୁରୁତର ରୋଗୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ବାହାରକୁ ଅଣାଯାଇଥିଲା। ଏଭଳି ରୋଗୀ ଜୀବନରକ୍ଷାକାରୀ ଯନ୍ତ୍ରାଂଶ ସାହାଯ୍ୟରେ ହିଁ ଚିକିତ୍ସିତ ହେଉଥିଲେ। ହେଲେ ଉଦ୍ଧାର କରାଯିବା ପରେ ସେମାନଙ୍କୁ ଅନ୍ୟ ଆଇସିୟୁକୁ ସ୍ଥାନାନ୍ତର କରିବା ପୂର୍ବରୁ ଦୀର୍ଘ ସମୟ ପଦାରେ ପକାଇ ରଖାଯାଇଥିଲା। ବିନା ଭେଣ୍ଟିଲେଟରରେ ଗୁରୁତର ରୋଗୀମାନେ ପଦାରେ ପଡ଼ି ରହି ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା।

## ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦିନରେ ରିପୋର୍ଟ ତଲବ

**କଟକ,୧୬।୩(କାର୍ତ୍ତିକ ସାହୁ)**

**ଏନ୍ଏଚ୍ଆର୍‌ସିରେ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା**

ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡର ସ୍ପର୍ଶକାତର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ରେ ସୋମବାର ମାମଲା ରୁଜୁ ହୋଇଛି। ମୃତକ ଓ ପୀଡ଼ିତଙ୍କୁ କ୍ଷତିପୂରଣ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା ମାମଲା ରୁଜୁ କରିଛନ୍ତି। କମିଶନ୍‌ର ସଦସ୍ୟ ଜଷ୍ଟିସ ବି.ଆର. ଷଡ଼ଙ୍ଗୀ ମାମଲାର ତ୍ୱରିତ ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ୧୫ ଦିନ ଭିତରେ ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜେନାଙ୍କ ଆବେଦନକୁ ଭିତ୍ତିକରି ଏନ୍ଏଚ୍ଆର୍‌ସିରେ କେସ ନଂ-୨୨୭/୧୮/୩/୨୦୨୬ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜଷ୍ଟିସ ଷଡ଼ଙ୍ଗୀ ଆଦେଶ ଦେଇଛନ୍ତି। ଆବେଦନକାରୀ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କି ଆଇସିୟୁରେ ଗୁରୁତର ରୋଗୀମାନେ ଚିକିତ୍ସାଧୀନ ଥିଲେ। ଦୁର୍ଘଟଣା ବିଭାଗ କୋଠାର ପ୍ରଥମ ମହଲାରେ ଥିବା ଆଇସିୟୁରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ୨୩ଜଣ ରୋଗୀ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା, ଘୋର ଅବହେଳା ଏବଂ ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅଭାବ ଯୋଗୁ ଏଭଳି ଘଟଣା ଘଟିବା ସହ କେତେକ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ ଘଟିଛି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦାୟୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ସେ ଦାବି କରିଛନ୍ତି। ମୃତକଙ୍କୁ ୧ କୋଟି ଟଙ୍କା ଏବଂ ଆହତଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି।

## ମୃତଦେହ ପରିବାରକୁ ହସ୍ତାନ୍ତର, ୨୦ ହଜାର ରେଡ଼କ୍ରସ ସହାୟତା

**କଟକ,୧୬।୩(କାର୍ତ୍ତିକ ସାହୁ)**

ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ସୋମବାର ଭୋର ସମୟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ୧୦ଜଣଙ୍କ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ସ୍ଥାନରୁ ମୃତକମାନଙ୍କୁ ଚିହ୍ନଟ କରାଯିବା ସହ ବ୍ୟବଚ୍ଛେଦ କରାଯାଇ ମହାପ୍ରୟାଣ ଗାଡ଼ି ଓ ଆମ୍ବୁଲାନ୍ସ ଯୋଗେ ନିଜ ନିଜ ଗାଁକୁ ପଠାଇ ଦିଆଯାଇଛି। ଯେଉଁମାନେ ପୁରୀ ଯାଇ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ସେମାନଙ୍କୁ ପୁରୀ ପଠାଇ ଦିଆଯାଇଛି। କଟକ ଜିଲା ପ୍ରଶାସନ ଓ ଏମ୍‌ସିବି ମେଡିକାଲ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ମୃତକଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହ ହସ୍ତାନ୍ତର ସମୟରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।

## ଅଘଟଣ ପାଇଁ ସରକାର ଦାୟୀ, ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

କଟକ,୧୬।୩(ଶିଳ୍ପା ପ୍ରିୟଦର୍ଶିନୀ) ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲ୍‌ଟି ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାରେ ଗୁରୁତର ଆହତ ଓ ମୃତକଙ୍କ ପରିବାର ଲୋକଙ୍କୁ କଂଗ୍ରେସର ପ୍ରତିନିଧି ମଣ୍ଡଳୀ ଭେଟିଛନ୍ତି। ପରେ ଓଏମ୍‌ପି ଡାକବଙ୍ଗଳାରେ କଂଗ୍ରେସ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଖବରଦାତା ସମ୍ମିଳନୀ ମାଧ୍ୟମରେ ଏସ୍‌ସିବିର ଅବ୍ୟବସ୍ଥା ସମେତ ଅବହେଳା ପାଇଁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗକୁ କଡ଼ା ସମାଲୋଚନା କରି ସେ କହିଛନ୍ତି, ଏସ୍‌ସିବିର ଆଇସିୟୁର ଏହି ଘଟଣା ଏକ ଅପରାଧ। ୧୦ଜଣ ସାଧାରଣ ଲୋକଙ୍କ ଜୀବନ ଯାଇଛି। ମୁଖ୍ୟମନ୍ତ୍ରୀ ସହାୟତା ରାଶି ଘୋଷଣା କରିଛନ୍ତି, ହେଲେ ଏହା ଯଥେଷ୍ଟ ନୁହେଁ। ଆର୍ଥିକ ରାଶି ସହ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ଚାକିରୀ ଦିଆଯାଉ। ଏସ୍‌ସିବି ମେଡିକାଲରେ ଅଗ୍ନିପିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯାଉ ଥିଲା ନା ନାହିଁ। ଯଦିଓ କରାଯାଇଛି ତେବେ ସେନେଇ ମେଡିକାଲ କର୍ତ୍ତୃପକ୍ଷ ଉତ୍ତର ରଖନ୍ତୁ। ଏଭଳି ଘଟଣା ପାଇଁ ମେଡିକାଲ ଅଧୀକ୍ଷକ ଦାୟୀ, ତାଙ୍କ ଅବହେଳା ଯୋଗୁ ଏପରି ଅଘଟଣ ଘଟିଛି। ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ, ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ କହିଛନ୍ତି।

## ମୃତ୍ୟୁସଂଖ୍ୟାକୁ ନେଇ ଚର୍ଚ୍ଚା

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଥିବାବେଳେ ରାତିରେ ଆଉ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କୋରାପୁଟ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଯୁବକ ଜଣକ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଥିଲେ। ଅଗ୍ନିକାଣ୍ଡ ପରେ ତାଙ୍କୁ ଅସ୍ଥିଶଲ୍ୟ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏନେଇ ହସ୍ପିଟାଲ ପକ୍ଷରୁ ବିଧିବଦ୍ଧ କୌଣସି ସୂଚନା ଦିଆଯାଇ ନାହିଁ। ଏସ୍‌ସିବି ମେଡିକାଲର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରାଙ୍କୁ ପଚାରିବାରୁ ସେ ମୃତ୍ୟୁ ସଂଖ୍ୟା ୧୦ ବୋଲି କହିଛନ୍ତି। ସେହିପରି ଅଗ୍ନିକାଣ୍ଡ ପରେ ସ୍ଥାନାନ୍ତର ସମୟରେ ୧୧ବର୍ଷ ବୟସର ଜଣେ ରୋଗୀଙ୍କୁ ପେଡିଏଟ୍ରିକ ଆଇସିୟୁରୁ ସ୍ଥାନାନ୍ତର କରାଯାଇଥିଲା। ସେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ସାମିଲ ନୁହଁନ୍ତି ବୋଲି ବେହେରା ସୂଚନା ଦେଇଛନ୍ତି।

## ୬ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର,୧୬।୩(ସୁନୀତ ମିଶ୍ର): କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଯାଇଥିବା ଅଗ୍ନିକାଣ୍ଡରେ ୧୦ ରୋଗୀଙ୍କ ମୃତ୍ୟୁ ଯୋଗୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। କେଉଁ କାରଣରୁ ଏଭଳି ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଘଟିଲା ଏହି ଟିମ୍ ତାହାର ଅନୁସନ୍ଧାନ କରିବ। ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟିମ୍‌ରେ ଅଗ୍ନିଶମ ବିଭାଗର ଆଇଜି ଉମାଶଙ୍କର ଦାଶ, ଚିଫ୍ ଇଲେକ୍ଟ୍ରିକାଲ ଇନ୍‌ସ୍ପେକ୍ଟର ବରଦା ପ୍ରସନ୍ନ ଦାଶ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ଇଆଇସି ବିରଞ୍ଚି ନାରାୟଣ ପ୍ରଧାନ, ଚିଫ ଇଞ୍ଜିନିୟର ବିଲ୍ଡିଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ରହିଛନ୍ତି। ଏହି କମିଟି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।



ସୋମବାର ରାତିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏସ୍‌ସିବି ମେଡିକାଲ ଗସ୍ତ କରି ଆହତଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।



ଅଗ୍ନିକାଣ୍ଡ ଘଟଣା ପରେ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା ପ୍ରମୁଖ ଏସ୍‌ସିବି ମେଡିକାଲ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଅଗ୍ନିକାଣ୍ଡରେ ସମ୍ପର୍କୀୟଙ୍କୁ ହରାଇଲେ...

*ବିଭିନ୍ନ ଦୁର୍ଘଟଣାରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସୁସ୍ଥ ହେଉଥିବା ବେଳେ କିଛି ଦିନ ମଧ୍ୟରେ ଘରକୁ ଫେରିଥାନ୍ତେ। ହେଲେ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡରେ ୧୦ ଜଣଙ୍କ ଜୀବନ ଚାଲିଗଲା। ସେମାନଙ୍କୁ ହରାଇ ସମ୍ପର୍କୀୟମାନେ ଏବେ ଅସହାୟ ହୋଇଯାଇଛନ୍ତି।*

### ୱାର୍ଡକୁ ସ୍ଥାନାନ୍ତର ପୂର୍ବରୁ ଜୀବନ ଚାଲିଗଲା



ପଶ୍ଚିମବଙ୍ଗ ଅଞ୍ଚଳର ଅବଦୁଲ ସତର (୮୦)। ସାଇକେଲରୁ ପଡ଼ି ମୁଣ୍ଡରେ ଆଘାତ ଲାଗିବାରୁ ଆଜକୁ ୮ ଦିନ ତଳେ ଏସ୍‌ସିବି ଟ୍ରମା ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଅବଦୁଲଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବାରୁ ଡାକ୍ତର ତାଙ୍କୁ ସୋମବାର ୱାର୍ଡକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ହେଲେ ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡରେ ଅବଦୁଲ୍ ମୃତ୍ୟୁବରଣ କରିଛନ୍ତି ବୋଲି ଅବଦୁଲଙ୍କ ନାତୁଣୀ ଓସ୍‌ମାନ ବିବି କହିଛନ୍ତି। ଆଇସିୟୁ ବାହାରେ ଓସ୍‌ମାନ ରାତିରେ ଶୋଇଥିବାବେଳେ ହଠାତ୍ ହୋହଲ୍ଲା ଶୁଣି ଉଠିଥିଲେ। ଧୂଆଁମୟ ହେବାରୁ ସେଠାରେ ଥିବା କର୍ମଚାରୀ ତାଙ୍କୁ ସେଠାରୁ ବିଦା କରି ଦେଇଥିଲେ। ଅବଦୁଲ ସମ୍ପୂର୍ଣ୍ଣ ସୁସ୍ଥ ହୋଇଆସିଥିବାବେଳେ ମେଡିକାଲରେ ଏଭଳି ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଓସ୍‌ମାନ କହିଛନ୍ତି।

### ମେଡିକାଲରୁ ଡିସ୍‌ଚାର୍ଜ ହୋଇଥାନ୍ତେ ବାପା



ଅନୁଗୋଳ ଅଞ୍ଚଳର ଚେରୁ ପରିଡ଼ା (୧୦୦)। ଗାଈ ଭୂଷି ଦେବାରୁ ୧୧ ଦିନ ତଳେ ଏସ୍‌ସିବିର ଟ୍ରମା ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଚେରୁ ସୁସ୍ଥହୋଇ ଆସୁଥିବାବେଳେ ସୋମବାର ମେଡିକାଲରୁ ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ରବିବାର ଡାକ୍ତର ତାଙ୍କ ପୁଅ ଋଷବ ପରିଡ଼ାଙ୍କୁ କହିଥିଲେ। ହେଲେ ରାତିରେ ନିଆଁ ଲାଗିବାରୁ ଆଇସିୟୁ ପରିସରକୁ ଯିବାକୁ ଋଷବ ଉଦ୍ୟମ କରି ବିଫଳ ହୋଇଥିଲେ। ସକାଳେ ବାପାଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିବା ଜାଣିବାକୁ ପାଇଥିଲେ। ତେବେ ବାପାଙ୍କୁ ସୁସ୍ଥ କରିବାକୁ ଏସ୍‌ସିବିକୁ ଆଣିଥିଲେ ହେଲେ ଏଠାରେ ଏଭଳି ଦାୟିତ୍ୱହୀନତା ଯୋଗୁ ବାପାଙ୍କ ମୃତ୍ୟୁ ହୋଇଥବା ଋଷବ କହିଛନ୍ତି।

### ଘଟଣା ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ଦାୟୀ



ବାଲେଶ୍ୱର ଅଞ୍ଚଳର ମଧୁସୂଦନ ଦଳେଇ (୫୬)। ଗାଡ଼ି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ୧୦ ଦିନ ହେବ ଟ୍ରମା ଆଇସିୟୁରେ ଚିକିତ୍ସା ଜାରି ରହିଥିଲା। ଡାକ୍ତର ବୁଧବାର ବାପାଙ୍କୁ ଡିସ୍‌ଚାର୍ଜ କରିବା ପାଇଁ କହିଥିଲେ। ହେଲେ ଏସ୍‌ସିବିର ଏହି ଅଗ୍ନିକାଣ୍ଡରେ ତାଙ୍କ ମୃତ୍ୟୁ ଘଟିଲା। ଏଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ମଧୁସୂଦନଙ୍କ ପୁଅ ଅମିତାଭ ଦଳେଇ କହିଛନ୍ତି। ମୋ ବାପା ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ଏବେ ପରିବାର ପୋଷିବା ବହୁ କଷ୍ଟକର ହୋଇଯିବ ବୋଲି ଅମିତାଭ କହିଛନ୍ତି।

### ୨ ମାସ ହେବ ଚିକିତ୍ସିତ ହେଉଥିଲେ



ମାହାଙ୍ଗା ଅଞ୍ଚଳର ଗୌରାଙ୍ଗ ଚରଣ ବାରିକ(୪୦)। ଗାଡ଼ି ଦୁର୍ଘଟଣାରେ ମୁଣ୍ଡରେ ଆଘାତ ହେବାରୁ ୨ ମାସ ହେବ ଏସ୍‌ସିବିର ଟ୍ରମା ଆଇସିୟୁରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସ୍ୱାସ୍ଥ୍ୟାବସ୍ଥା ବେଶ୍ ଗୁରୁତର ରହିଥିଲା। ହେଲେ ହଠାତ୍ ଆଇସିୟୁରେ ନିଆଁ ଧୂଆଁମୟ ହେବାରୁ ସମସ୍ତଙ୍କୁ ବାହାରକୁ ଯିବାକୁ କୁହାଯାଇଥିଲା। ସେଠାରେ ତାଙ୍କର ଉଦ୍ଧାର ପ୍ରକ୍ରିୟା ଠିକ୍ ଭାବେ କରାଯାଇ ନ ଥିଲା। ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଗୌରାଙ୍ଗଙ୍କ ସମ୍ପର୍କୀୟ ପିଙ୍କି ବାରିକ କହିଛନ୍ତି।

### ପୁଅକୁ ଖୋଜିଲେ ୯ ଘଣ୍ଟା



ଏସ୍‌ସିବି ଟ୍ରମା କାଜୁଆଲଟିର ଆଇସିୟୁ ଅଗ୍ନିକାଣ୍ଡରେ ବାଲେଶ୍ୱର ଅଞ୍ଚଳର ମୟୂର କୌଶିକ ଦାସଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା କିଶୋର ବଲ୍ଲଭ ଦାସ ଅଭିଯୋଗ କରିଛନ୍ତି। ହେଲେ ଏସ୍‌ସିବି ପକ୍ଷରୁ ପ୍ରକାଶ ପାଇଥିବା ୧୦ ମୃତକଙ୍କ ତାଲିକାରେ କୌଶିକଙ୍କ ନାଁ ଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। କିଶୋରଙ୍କ କହିବା ହେଲା, ତାଙ୍କ ୨୭ବର୍ଷର ପୁଅର ଟ୍ରମା କେୟାର ଆଇସିୟୁରେ ଚିକିତ୍ସା କରାଯାଉଥିଲା। ହେଲେ ବିଳମ୍ବିତ ରାତିରେ ନିଆଁ ଲାଗିବା ପରଠୁ କୌଶିକଙ୍କ ପତ୍ତା ମିଳି ନ ଥିଲା। ପୁଅକୁ ଏସ୍‌ସିବିର ସମସ୍ତ ବିଭାଗଠାରୁ ଆରମ୍ଭ କରି ଆଇସିୟୁରେ ପଚରାଉଚରା କରିଥିଲେ। ହେଲେ ନିରାଶ ହୋଇ ଶେଷରେ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଅପେକ୍ଷା କରି ରହିଥିଲେ। ପ୍ରାୟ ୯ ଘଣ୍ଟା ପରେ ପୁଅର ମୃତ୍ୟୁ ହୋଇଥିବା ନେଇ ମେଡିକାଲ ପକ୍ଷରୁ କିଶୋରଙ୍କୁ କୁହାଯାଇଥିଲା।

### ବାଜିଲାନି ସାଇରନ



ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲଟିରେ ଅଗ୍ନିକାଣ୍ଡ ଘଟିଥିବାବେଳେ ସେଠାରେ ଥିବା ଅଗ୍ନିନିରାପତ୍ତା ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟ କରି ନ ଥିଲା। ନିଆଁ ଲାଗିବା ପରେ ସେଠାରେ କର୍ମଚାରୀଙ୍କ ପାଟି ଶୁଣି ରୋଗୀଙ୍କ ସମ୍ପର୍କୀୟ ଧାଇଁଥିଲେ। ଏନେଇ କେନ୍ଦୁଝରର ମୃତକ ଦଶ୍ରୁ ମୁଣ୍ଡାଙ୍କ ସମ୍ପର୍କୀୟ ସୁରେଶ ମୁଣ୍ଡା କହିଛନ୍ତି, କେନ୍ଦୁଝର ଜିଲା ଝୁମ୍ପୁରାରୁ ବାପାଙ୍କୁ ନେଇ ତିନିଦିନ ହେବ ଏସ୍‌ସିବିକୁ ଆସିଥିଲି। ଆଇସିୟୁରେ ଚିକିତ୍ସା ଚାଲିଥିଲା, ଏପରିକି କିଛିଦିନରେ ସେ ଡିସ୍‌ଚାର୍ଜ ହୋଇଥାନ୍ତେ। ବିଳମ୍ବିତ ରାତିରେ ହଠାତ୍ ଜୋରରେ ପାଟି ଶୁଣିବାକୁ ପାଇଲି। ଉଠିପଡ଼ି ନିଆଁ ଦେଖି ଭୟଭୀତ ହୋଇ ଯାଇଥିଲି, ନିଆଁ ଜୋରରେ ଜଳୁଥିଲା, ହଠାତ୍ ଚାରିଆଡ଼ ଧୂଆଁମୟ ହୋଇଗଲା। ହେଲେ ଅଗ୍ନିକାଣ୍ଡ ନେଇ ସାଇରନ ବାଜି ନ ଥିଲ। କେବଳ କର୍ମଚାରୀ ପାଟି କରି ଲୋକଙ୍କୁ ଉଦ୍ଧାର କରୁଥିଲେ। ରୋଗୀଙ୍କ ଜୀବନକୁ ନେଇ ଖେଳିବା କୌଣସି ମେଡିକାଲ କର୍ତ୍ତୃପକ୍ଷଙ୍କ ଅଧିକାର ନାହିଁ ବୋଲି ସୁରେଶ କହିଛନ୍ତି।

## ସୁସ୍ଥ ଜୀବନ ପାଇଁ ଚାରାରୋପଣ ଜରୁରୀ

**ଜଟଣୀ, ୧୬।୩(ରବୀନ୍ଦ୍ରନାଥ ମହାକୁଡ଼):** କୁସୁମାଟି ଗ୍ରାମସ୍ଥିତ ଗଡିଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପ୍ରେସ କ୍ଲବ ଜଟଣୀ ପକ୍ଷରୁ ଏକ ବୈଠକ ହୋଇଯାଇଛି। ବରିଷ୍ଠ ଖବରଦାତା ରବି ସ୍ୱାଇଁଙ୍କ ନେତୃତ୍ୱରେ ପ୍ରେସ କ୍ଲବର ସଭାପତି ରବୀନ୍ଦ୍ରନାଥ ମହାକୁଡ଼ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସୁରେଶ ମହାରଣା ପରିଚାଳନା କରିଥିଲେ। ଖବରଦାତା ସଂଗ୍ରାମ ହୋତା ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ପ୍ରାକୃତିକ ପରିବେଶ ସୃଷ୍ଟି ଏବଂ ପରବର୍ତ୍ତୀ ପିଢ଼ିଙ୍କ ସୁସ୍ଥ ଜୀବନ ପାଇଁ ଚାରାରୋପଣ, ଜଙ୍ଗଲ ସୃଷ୍ଟି, ପଲିଥିନ ବର୍ଜନ ଆଦି ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏହାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥିର ହୋଇଛି। ଖବରଦାତା ଶ୍ରୀକାନ୍ତ ପରିଜା, ହୃଦାନନ୍ଦ କୋଦମାସିଂ, ଅମରେଶ ରାଉତରାୟ, ଲଳିତ ମହାରଣା, ଶୁଭ୍ରାଂଶୁ ଭଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ହରିହର ଭେଟରେ ଫଗୁ ଖେଳି ବାହୁଡ଼ିଲେ ଠାକୁର

**ଜଟଣୀ, ୧୬।୩(ରବୀନ୍ଦ୍ରନାଥ ମହାକୁଡ଼)**

**ସଜିଲା କୁଦିଆରୀ ଦଶଦୋଳ ମେଳଣ**



ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଦଶଦୋଳ ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗୋଧୂଳି ବେଳାରେ ସ୍ଥାନାଧିପତି ପତିତପାବନ ଦେବ ଓ ଚନ୍ଦ୍ରଶେଖର ଦେବଙ୍କ ହରିହର ଭେଟ ପରେ ସ୍ୱ ମନ୍ଦିରକୁ ଫେରିଛନ୍ତି। ଦୀର୍ଘ ୪୪ ବର୍ଷଧରି ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବଜାୟ ରଖିଥିବା କୁଦିଆରୀ ଦଶଦୋଳ ମେଳଣରେ ବୁଢ଼ାପଡ଼ା ଗ୍ରାମର ସୋମନାଥ ଦେବ, ପଞ୍ଚୁପଲ୍ଲୀ ଗ୍ରାମର ନୀଳକଣ୍ଠେଶ୍ୱର ଦେବ, ଝିଁଖରଡ଼ାର ବାଲୁଙ୍କେଶ୍ୱର ଦେବ, ମଳିପଡ଼ାର ବାଲୁଙ୍କେଶ୍ୱର ଦେବ, ତୋଟାସାହିର ରାଧାକୃଷ୍ଣ ଦେବ, ପାତ୍ରସାହିର ଚନ୍ଦ୍ରଶେଖର ଦେବ, ଜୋରକଣିର ନୀଳକଣ୍ଠେଶ୍ୱର ଦେବ, ବାରିମୁଳର ଗୋପାଳ ଦେବ, ବାଲୁଙ୍କେଶ୍ୱର ଦେବ, ନିରଞ୍ଜନପୁରର ଲକ୍ଷ୍ମୀନାରାୟଣ ଦେବ, କନ୍ତିଆର ରାଧାକୃଷ୍ଣ ଦେବ, ମାଣିତ୍ରିର ରାଧାକୃଷ୍ଣ ଦେବଙ୍କ ସହ ବହୁ ଗ୍ରାମର ଠାକୁର ନିମନ୍ତ୍ରଣ ରକ୍ଷା କରି ମେଳଣ ଯାତ୍ରାରେ ସାମିଲ ହୋଇ ଖୁଣ୍ଟି ଲାଗି ହୋଇଥିଲେ। ଗୋଧୂଳି ବେଳାରେ ଆମନ୍ତ୍ରିତ ଠାକୁରଙ୍କ ନିକଟରେ ଭୋଗ ଆଟିକା ଲାଗି ହେବା ପରେ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ଭେରି ତୁରି, ଆଲଟ, ଚାମର,ବାଜା ବାଣ ସହିତ ଶ୍ରଦ୍ଧାଳୁଙ୍କ ମେଳରେ ମେଳଣ ଅନୁଷ୍ଠିତ ହୋଇ ଠାକୁରମାନେ ମେଲାଣି ନେଇଥିଲେ। ପତିତପାବନ ଓ ଚନ୍ଦ୍ରଶେଖର ଦେବ ମେଳଣ ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମେଳଣ ପରିଚାଳନା କମିଟିର ସଦସ୍ୟ ଏବଂ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ଅବିର ପକାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଭିନ୍ନ ଦୋକାନରୁ ମନୋହରି ଏବଂ ଘରକରଣା ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଗହଳି ହୋଇଥିଲା। ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ମା' ଭଗବତୀ ମନ୍ଦିର ଭିତର ହୁଣ୍ଡିରୁ ୧.୭୭ ଲକ୍ଷ ଟଙ୍କା ମିଳିଲା



**ବାଣପୁର, ୧୬।୩(ଦିଲୀପ କୁମାର ସ୍ୱାଇଁ)**

ବାଣପୁରର ଆରାଧ୍ୟା ମା' ଭଗବତୀ ମନ୍ଦିର ଭିତର ହୁଣ୍ଡି ସୋମବାର ଖୋଲାଯାଇଛି। ପୂର୍ବାହ୍ନ ୧୦ଟାରେ ମା'ଙ୍କ ନିକଟରେ ଧୂପଦୀପ ସମର୍ପିତ ହେବା ପରେ ମନ୍ଦିର ପରିଚାଳନା କମିଟିର ସଭାପତି ତହସିଲଦାର ଟି. ପଦ୍ମନାଭ ଦୋରା, କମିଟି ସଭ୍ୟ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଅନ୍ୟତମ ସଭ୍ୟ ସ୍ଥାନୀୟ ଥାନା ଭାରପ୍ରାପ୍ତ ନିରୀକ୍ଷକ ରମେଶ କୁମାର ଦେବତା, ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, କାର୍ଯ୍ୟାଳୟର କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ମିଶ୍ର, ଅଶ୍ୱିନୀ କୁମାର ମିଶ୍ର, କମଳ ମିଶ୍ର, ମନ୍ଦିର ନିଯୋଗୀ ସେବାୟତ ସଞ୍ଜୟ କୁମାର ମହାପାତ୍ର, ପବିତ୍ର କୁମାର ନାୟକ, ରୁଦ୍ର ନାୟକ, ରବୀନ୍ଦ୍ର ସୁଆର, କ୍ୟାମେରାମ୍ୟାନ ବ୍ରଜକିଶୋର ଜେନା, ଶ୍ରଦ୍ଧାଳୁ ନବକିଶୋର ପ୍ରଧାନଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ଗଣତିମଣତି ପରେ ମୋଟ୍ ୧ଲକ୍ଷ ୭୭ହଜାର ୫୨୮ଟଙ୍କା ଏବଂ ୦.୬୮୦ମିଲିଗ୍ରାମର ଦୁଇଟି ରୁପା ଆଖି ଓ ୦.୨୫୦ ମିଲିଗ୍ରାମର ଗୋଟିଏ ରୁପାର ଝୁମ୍ପା ମିଳିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ମା'ଙ୍କ ମନ୍ଦିର ନାମରେ ଥିବା ସ୍ଥାନୀୟ ୟୁକୋ ବ୍ୟାଙ୍କ ଜମାଖାତାରେ ଜମା କରାଯାଇଥିବା ବେଳେ ଏହି ଦାନ ଅର୍ଥ ମା'ଙ୍କ ଦୈନନ୍ଦିନ ସେବାରେ ଲାଗିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

## ତ୍ରିକଳିଙ୍ଗର ବାର୍ଷିକୋତ୍ସବ, ଆଲୋଚନାଚକ୍ର

**ଖୋର୍ଦ୍ଧା, ୧୬।୩(ପ୍ରଭାତ ପାଣିଗ୍ରାହୀ)**

ଗବେଷଣାତ୍ମକ ପତ୍ରିକା ତ୍ରିକଳିଙ୍ଗର ବାର୍ଷିକୋତ୍ସବ ଓ ୮ମ ବର୍ଷର ପ୍ରଥମ ସଂଖ୍ୟା ଉନ୍ମୋଚନ ଉତ୍ସବ ସ୍ଥାନୀୟ ଜେଲରୋଡ ସ୍ଥିତ ବାସନ୍ତୀ ଦେବୀ ଶ୍ୟାମମାଧବ ପାଠାଗାର ସଭାଗୃହରେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ, ଦ୍ୱିତୀୟ ଅଧିବେଶନରେ ସ୍ମୃତିରେ କଳା ଅପା କାର୍ଯ୍ୟକ୍ରମ ହୋଇଥିବା ବେଳେ ଶେଷ ସୋପନରେ 'ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ କେନ୍ଦ୍ରୀୟ ସ୍ୱୀକୃତି ନ ପାଇବାର କାରଣ ଏବଂ ତାର ନିରାକରଣ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ପାଇକ ବିଦ୍ରୋହର ଐତିହାସିକ ପୃଷ୍ଠଭୂମି, ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ତ୍ୟାଗ, ବଳିଦାନ ଉପରେ ଆଲୋଚନା ହୋଇଥିଲା। ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଡ.ଦିଲୀପ ଶ୍ରୀଚନ୍ଦନ ଉଦ୍‌ଘାଟକ, ଗବେଷକ ଡ. ଜଟାଧାରୀ ମିଶ୍ର ମୁଖ୍ୟ ବକ୍ତା, ଗବେଷକ ଡ.ଜନ୍ମେଜୟ ଚୌଧୁରୀ, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ଗବେଷକ ତ୍ୟବାଦୀ ବଳିୟାରସିଂହ, ଗୋପାଳକୃଷ୍ଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଗବେଷକ ସସ୍ମିତ ପଟ୍ଟନାୟକ ସ୍ୱାଗତ ଭାଷଣରେ କହିଥିଲେ, ୧୮୫୭ର ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ଏଠାରେ ବ୍ରିଟିଶ ବିରୋଧରେ ସଙ୍ଗଠିତ ସଂଗ୍ରାମ ପାଇକ ବିଦ୍ରୋହ ଭାବେ ପରିଚିତ। ଏହି ଯୁଦ୍ଧର ପୃଷ୍ଠଭୂମିର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରମାଣ ଦିଏ। ପ୍ରତ୍ୟେକ ଓଡ଼ିଆ ପାଇକ ବୀରଙ୍କ ପାଇଁ ଗର୍ବିତ ବୋଲି କହିଥିଲେ। ନାରୀନେତ୍ରୀ ଗାୟତ୍ରୀ ବୋଷ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜଟାଧାରୀ ମିଶ୍ରଙ୍କୁ ତ୍ରିକଳିଙ୍ଗ ଗବେଷଣା ସମ୍ମାନ ଏବଂ ଦିଲୀପ ଶ୍ରୀଚନ୍ଦନଙ୍କୁ କଳାବିନୋଦ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃଷ୍ଣ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବହୁ ଗବେଷକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କୁ ନେଲା ପ୍ରଶାସନ



ଚିଲିକା ନୂଆପଡ଼ା ଦଶଦୋଳ ଯାତ୍ରାରେ ଯୋଗଦେଇଥିବା କମଳେଶ୍ୱର ଦେବ ଏବଂ ଅନ୍ୟ ଠାକୁରମାନେ।

**ଦଶଦୋଳ ଯାତ୍ରାରେ କମଳେଶ୍ୱର ଦେବ ଯୋଗ ନ ଦେବା ଘଟଣା**

**କୃଷ୍ଣପ୍ରସାଦ, ୧୬।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ନୂଆପଡ଼ା ଦଶଦୋଳ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ପୀଠାଧିଶ ଗୁପ୍ତେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନ ସହ ପାଟପଟୁଆରରେ ଆସି ପୂଜାମଣ୍ଡପରେ ବିରାଜମାନ ହୋଇଥିଲେ। ତେବେ ବିବାଦ ଯୋଗୁ ଶନିବାରଠାରୁ ମହିଳାମାନେ କମଳେଶ୍ୱର ଦେବ ମନ୍ଦିରରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ଉକ୍ତ ଦଶଦୋଳ ଯାତ୍ରାରେ କମଳେଶ୍ୱର ଦେବ ଯୋଗଦେଇପାରି ନ ଥିଲେ। ତହସିଲଦାର, ଆଇଆଇସି, ଏସ୍‌ଡିପିଓ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନଥିଲା। ଫଳରେ ସୋମବାର ଦେବୋତ୍ତର ବିଭାଗ ନିର୍ଦ୍ଦେଶକ୍ରମେ ପ୍ରଶାସନ ତାଲା ଭାଙ୍ଗି ଠାକୁରଙ୍କୁ ଦଶଦୋଳ ପଡ଼ିଆକୁ ନେଇଥିଲା। ଠାକୁରଙ୍କୁ ନେବା ପାଇଁ ପ୍ରଶାସନ ପକ୍ଷରୁ ପୂଜକଙ୍କୁ ନୋଟିସ ଦିଆଯାଇଥିବା ସତ୍ତ୍ୱେ ପୂଜକ ଆସି ନ ଥିଲେ। ତେଣୁ ପ୍ରଶାସନ ବାହାରୁ ପୂଜକ ଆଣି ଠାକୁରଙ୍କୁ ନେଇଥିଲେ। ଅନ୍ୟପଟେ ମନ୍ଦିର ତାଲା ଭାଙ୍ଗି ପ୍ରଶାସନ ଠାକୁରଙ୍କୁ ନେବା ସମୟରେ ପଞ୍ଚୁପଡ଼ା ପକ୍ଷରୁ ବିରୋଧ କରାଯାଇଥିଲା। ଏପରିକି ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ସ୍ଥାନରେ ଉତ୍ତେଜନା ଲାଗି ରହିଥିବାରୁ ଠାକୁର ମନ୍ଦିରକୁ ଫେରିବା ଯାଏ ୧୪୪ ଧାରା ଜାରି କରାଯାଇଥିବା କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରା ନନ୍ଦ ପ୍ରଧାନ କହିଛନ୍ତି। ଠାକୁରଙ୍କୁ ନେବା ସମୟରେ ତହସିଲଦାର, ଆଇଆଇସି, ଏସ୍‌ଡିପିଓ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## 'ଲେଖକ ଦାୟିତ୍ୱସମ୍ପନ୍ନ ହୁଅନ୍ତୁ'

**ଖୋର୍ଦ୍ଧା, ୧୬।୩(ପ୍ରଭାତ ପାଣିଗ୍ରାହୀ)**

ଚର୍ଯ୍ୟାୟୁଧ ଫାଉଣ୍ଡେଶନ ପକ୍ଷରୁ ଜୟୀ ରାଜଗୁରୁ ଟାଉନ ହଲ୍‌ରେ ଔପନ୍ୟାସିକ ଡ. ପଦ୍ମଜ ପାଲଙ୍କ ୮୦ତମ ଜୟନ୍ତୀ ଅବସରରେ ପଦ୍ମଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ପଦ୍ମଜ ପାଲଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିବା ସହ ସାମ୍ପ୍ରତିକ ସମୟରେ ଲେଖକମାନଙ୍କ ଦାୟିତ୍ୱବଦ୍ଧତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଚର୍ଯ୍ୟାୟୁଧର ସଭାପତି ଅଭିଷେକ ସିଂ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ଉତ୍ସବରେ ବିଶିଷ୍ଟ କଥାକାର ତପନ କୁମାର ମହାପାତ୍ର ପଦ୍ମଜ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍‌ଘାଟକ ଭାବେ ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ଏବଂ ବିଶିଷ୍ଟ ଅତିଥିଭାବେ ପ୍ରଖ୍ୟାତ ଭାଷାବିତ୍ ଓ ସମାଲୋଚକ ପ୍ରଫେସର ନଟବର ଶତପଥୀ ଯୋଗଦେଇ ପଦ୍ମଜ ପାଲଙ୍କ କଥା ସାମ୍ରାଜ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ ପଦ୍ମଜଙ୍କୁ ଓଡ଼ିଆ ସାହିତ୍ୟର ଦିଗବାରେଣୀ ଖୁଣ୍ଟି ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ କଥାକାର ପଦ୍ମଜ ପାଲ କହିଥିଲେ, ପ୍ରତ୍ୟେକ ଲେଖକ ସ୍ୱତନ୍ତ୍ର। କାହା ଦ୍ୱାରା ପ୍ରଭାବିତ ହେବା ଆବଶ୍ୟକ ନୁହେଁ। ଲେଖକ ନିଜ ମଧ୍ୟରେ ନିଜକୁ ଆବିଷ୍କାର କରନ୍ତୁ ଓ ନିଜକୁ ଅତିକ୍ରମ କରିପାରିଲେ ତାହା ଯଥାର୍ଥ ସାହିତ୍ୟ ଭାବେ ପରିଗଣିତ ହୋଇପାରିବ। ଏହାପରେ ପକ୍ଷୀଘର ଦ୍ୱାରା ପ୍ରକାଶିତ ପଦ୍ମଜ ପାଲଙ୍କ ରଚିତ ଉପନ୍ୟାସ 'ଗୋଟିଏ କଳା ଦାମୁଡ଼ିର ଜୀବନ ମୃତ୍ୟୁ ରହସ୍ୟ' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଚଳିତ ବର୍ଷର ଖୋରଧା ସମ୍ମାନ ବିଶିଷ୍ଟ ଚିକିତ୍ସକ ତଥା ସାହିତ୍ୟିକ ଡା. ଇନ୍ଦ୍ରମଣି ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ବର୍ଷୀୟାନ୍ ସାହିତ୍ୟିକା ଗୋଲାପ ମଞ୍ଜରୀ କରଙ୍କୁ ପଦ୍ମଜ ସାହିତ୍ୟ ସମ୍ମାନ ଓ ଯୁବ ଲେଖକ ସୁମିତ ପଣ୍ଡାଙ୍କୁ ପଦ୍ମଜ ପ୍ରତୀକ ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ଗାଳ୍ପିକା ସରୋଜିନୀ ସାହୁ, ଡ.ହିରଣ୍ମୟୀ ମିଶ୍ର, ଆର୍ଯ୍ୟ ଯଜ୍ଞଦତ୍ତ, ପ୍ରକାଶ ମହାପାତ୍ର, ସରୋଜ ବଳ, ଜୟନ୍ତୀ ରଥ, ପ୍ରବୀଣା ମହାନ୍ତି, ଡ. ଆଶୁତୋଷ ମିଶ୍ର, କାମଦେବ ମହାରଣା, ଡ. ବାସୁଦେବ କର, ଡ. ସୁବ୍ରତ ସେନାପତି, ଡ. ସୁରେଶ ଛୋଟରାୟ, ବିଭୁ ହୋତା, ସତ୍ୟବାଦୀ ବଳିୟାରସିଂହ, ଡ. ମିନତି ପଟ୍ଟନାୟକ, ଗୋପାଳକୃଷ୍ଣ ଦାସ, ବିଶ୍ୱନାଥ ମହାପାତ୍ର, ଶୁଭ୍ରାଂଶୁ ବିଶ୍ୱାଳ, ରୋଜାଲିନ୍ ମହାରଣା, ଅମିୟ ପଣ୍ଡା, ଡ. ଶଶୀ ରଥଙ୍କ ସମେତ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ

**ବାଘମାରୀ, ୧୬।୩(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ପଙ୍ଗାରସିଂର ତ୍ରିନାଥ ଦେବ ମନ୍ଦିର ପରିସରରେ ଦ୍ୱିତୀୟ ବାର୍ଷିକ ତ୍ରିନାଥ ଦେବ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ତିନିଦିନଧରି ଏହି ମହୋତ୍ସବରେ ୯ଟି ଦଳ ଦଧିବାମନ ସଂକୀର୍ତ୍ତନ ମଣ୍ଡଳୀ ପଙ୍ଗାରସିଂ, ଗୋପୀନାଥ ସଂକୀର୍ତ୍ତନ ମଣ୍ଡଳୀ ବଡ଼ବେରଣା, ପଥୁରିପଡ଼ା କୀର୍ତ୍ତନ ମଣ୍ଡଳୀ ବାଙ୍କି, ତୁଳସୀପୁର, ଭୋଗଡା, ଇଟିପୁର, ଆଦି ଯୋଗଦେଇ ସଙ୍କୀର୍ତ୍ତନ ପରିବେଷଣ କରିବେ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରଶାନ୍ତ ଦାସ କହିଛନ୍ତି।



## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହଟୁନି ଜବରଦଖଲ

**ଟାଙ୍ଗୀ, ୧୬।୩(ରଘୁନାଥ ସାହୁ)**

ବଡ଼ପାରୀ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ଗ୍ରାମ ନିକଟ ଜଙ୍ଗଲ ପାଦଦେଶରେ ଥିବା ସରକାରୀ ଗୋଚର ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନର ଆଶ୍ରୟ ନେଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ସୂଚନାଥାଉ କି, ବଡ଼ପାରୀ ଗ୍ରାମ ନିକଟରେ ୭୫୦ ହେକ୍ଟର ପରିମିତ ପାହାଡ଼ରେ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ମାଧ୍ୟମରେ ଚାରା ରୋପଣ ଓ ରକ୍ଷଣାବେକ୍ଷଣ କରି ଜଙ୍ଗଲର ଶ୍ରୀବୃଦ୍ଧି କରିଥିଲେ। ଗ୍ରାମର ୯୩ ଜଣ ବ୍ୟକ୍ତି ବଡ଼ପାରୀ ମୌଜା ଖାତା ନଂ.୬୩୫, ପ୍ଲଟ୍ ନଂ.୬୦୦ରୁ ୧୪ ଏକର ୭୦ ଡିସିମିଲ ଗୋଚର ଜମିରୁ ୪୦୦ ଗଛ କାଟିବା ସହ ଜବରଦଖଲ କରି ଅସ୍ଥାୟୀ ଘର ନିର୍ମାଣ କରିଥିଲେ। ଏହାକୁ ବିରୋଧକରି ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ୨୦୧୨ ସେପ୍ଟେମ୍ବର ୧୧ରେ ଟାଙ୍ଗୀ ତହସିଲଦାରଙ୍କ ଉପସ୍ଥିତିରେ ଅସ୍ଥାୟୀ ଘରଗୁଡିକ ଭଙ୍ଗାଯାଇଥିଲା। ଉଚ୍ଛେଦ ପରେ ଉକ୍ତ ଜମିକୁ ସରକାର ଆବଦ୍ଧ ନ କରିବା ଫଳରେ ପୁଣିଥରେ ସେହି ବ୍ୟକ୍ତିମାନେ ଜବରଦଖଲ କରିଥିବା ଜଣାପଡ଼ିଛି। ପରେ ତହସିଲଦାରଙ୍କ ଚିଠି ନଂ.୧୭୩୭/୧୨ରେ ଟାଙ୍ଗୀ ବିଡିଓଙ୍କୁ ଉକ୍ତ ଜମିକୁ ଆବଦ୍ଧ କରିବା ପାଇଁ ୯ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ଦିଆଯାଇଥିଲା। ଏହା ପରେ ମଧ୍ୟ ଉକ୍ତ ଜମିକୁ ଆବଦ୍ଧ କରାଗଲା ନାହିଁ। ଏହା ମଧ୍ୟରେ ସ୍ଥାନୀୟ ତହସିଲଦାରଙ୍କ ବିରୋଧରେ ଗିରିଗୋବର୍ଦ୍ଧନ ଜଙ୍ଗଲ କମିଟି ୩ଥର ଅଦାଲତ ଅବମାନନା ମାମଲା ରୁଜୁ କରିଥିବା ଜଣାପଡ଼ିଛି। ୨୦୨୩ ମସିହାରେ ଉଚ୍ଚ ନ୍ୟାୟାଳୟରେ ୫୦୬୪ ନମ୍ବରରେ ତହସିଲଦାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ତେବେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ତହସିଲ ପ୍ରଶାସନ କାହିଁକି ପଛଘୁଞ୍ଚା ଦେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୧୧ତାରିଖରେ ପୁଣି ଉକ୍ତ ଗୋଚର ଜମିରୁ ଜବରଦଖଲମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ଜଙ୍ଗଲ କମିଟି ପକ୍ଷରୁ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏନେଇ ସ୍ଥାନୀୟ ତହସିଲଦାର ନିଷ୍ଠା ମହାପାତ୍ର କହିଛନ୍ତି, ଅଭିଯୋଗପତ୍ର ହସ୍ତଗତ ହୋଇଛି। ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।

## ସାରୁଅ କ୍ରିକେଟ କ୍ଲବ ଜିତିଲା

**ବେଗୁନିଆ, ୧୬।୩(ସନ୍ଧ୍ୟାରାଣୀ ମିଶ୍ର)**

**ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ମା' ଗହିର ବଘେଇ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ସାରୁଅ ଏବଂ କୁଶପଲ୍ଲା ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ସାରୁଅ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୭ ଉଇକେଟ ବିନିମୟରେ ୧୬୪ରନ ସଂଗ୍ରହ କରିଥିଲା। ଜବାବରେ କୁଶପଲ୍ଲା ଟିମ୍ ୧୫୦ରନ ସଂଗ୍ରହ କରିଥିଲା। ଫଳରେ ସାରୁଅ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସୁମନ୍ତ ପଟ୍ଟନାୟକ, ପ୍ରତାପ ବଳବନ୍ତରାୟ ଓ ରାଜେଶ ସୁବୁଦ୍ଧି ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇ ଏବଂ ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଯଥାକ୍ରମେ ୧୨ ହଜାର ଓ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ତ୍ତିକ ପ୍ରଧାନ, ଆଲୋକ କୁମାର ବେହେରା, ସତ୍ୟ ରଞ୍ଜନ ସେଠୀଙ୍କ ସମେତ କମିଟି ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳି ଏବଂ ଅନ୍ୟମାନେ।

## ରାଇମୂଳ ଚାମ୍ପିୟନ, ଗୋଡ଼ିଆଳି ରନରଅପ୍

**ବୋଲଗଡ଼, ୧୬।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳାର ମା' ବିମଳାକ୍ଷୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏକାଦଶ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ ରାଇମୂଳ ଟିମ୍ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଅଞ୍ଚଳର ୬ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଫାଇନାଲ ମ୍ୟାଚ୍ ରାଇମୂଳ ଏବଂ ଗୋଡ଼ିଆଳି ଟିମ୍ ମଧ୍ୟରେ ହୋଇଥିଲା। ଗୋଡ଼ିଆଳିକୁ ୨-୦ସେଟରେ ହରାଇ ରାଇମୂଳ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତା ଭାଜପା ନେତା ଲୋତକବିନ୍ଦୁ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରା, ଭାସ୍କର ବରାଡ଼, ସୁବଳ ଜେନା, ରାଜକିଶୋର ବେହେରା, ଅଶୋକ ପଟ୍ଟନାୟକ, ଫକୀର ସ୍ୱାଇଁ, ପ୍ରଦୀପ ମହାପାତ୍ର,ସୁର ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫ହଜାର ଟଙ୍କା ସହ ଟ୍ରଫି ଏବଂ ରନରଅପ୍ ଟିମ୍‌କୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଭାପତି କସ୍ତୁରି ଚରଣ ମହାପାତ୍ର, ସଦସ୍ୟ ସୁଶାନ୍ତ ସାମନ୍ତରାୟ, ବିଶ୍ୱ ନନ୍ଦ, ଦେବାଶିଷ ସାମନ୍ତରାୟ, ଆକାଶ ମହାପାତ୍ର, ବିଭୁ ପ୍ରସାଦ ମାର୍ଥା, ଶିବରାମ ମହାପାତ୍ର, ସୀତାରାମ ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ବେଳେ ଅସରଳା ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।




ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଧାରଣା।




ସର୍ବନିମ୍ନ ମଜୁରି ଓ ୧୨ ମାସର ପାରିଶ୍ରମିକ ପ୍ରତିମାସରେ ଦେବା ସମେତ ବିଭିନ୍ନ ଦାବିରେ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ– ମନୋରଞ୍ଜନ ମିଶ୍ର)।

## ସଂକ୍ଷେପରେ

### ମା' ଭଗବତୀ ମନ୍ଦିର ଭିତର ହୁଣ୍ଡିରୁ ୧.୭୭ ଲକ୍ଷ ଟଙ୍କା ମିଳିଲା

**ବାଣପୁର, ୧୬।୩(ଦିଲୀପ କୁମାର ସ୍ୱାଇଁ)**

ବାଣପୁରର ଆରାଧ୍ୟା ମା' ଭଗବତୀ ମନ୍ଦିର ଭିତର ହୁଣ୍ଡି ସୋମବାର ଖୋଲାଯାଇଛି। ପୂର୍ବାହ୍ନ ୧୦ଟାରେ ମା'ଙ୍କ ନିକଟରେ ଧୂପଦୀପ ସମର୍ପିତ ହେବା ପରେ ମନ୍ଦିର ପରିଚାଳନା କମିଟିର ସଭାପତି ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ମୋଟ୍ ୧ଲକ୍ଷ ୭୭ହଜାର ୫୨୮ଟଙ୍କା ଏବଂ ୦.୬୮୦ମିଲିଗ୍ରାମର ଦୁଇଟି ରୁପା ଆଖି ଓ ୦.୨୫୦ ମିଲିଗ୍ରାମର ଗୋଟିଏ ରୁପାର ଝୁଣ୍ଟା ମିଳିଛି। ଦାନ ଅର୍ଥ ମା'ଙ୍କ ମନ୍ଦିର ନାମରେ ଥିବା ବ୍ୟାଙ୍କ ଜମାଖାତାରେ ଜମା କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

### କଲେଜ ଛାତ୍ରଙ୍କୁ ବ୍ରାଉନ୍ ସୁଗାର ବିକ୍ରି: ୪ ଗିରଫ

**ଭୁବନେଶ୍ୱର, ୧୬।୩(ତ୍ରିନାଥ ମହାନ୍ତି)**

ଭୁବନେଶ୍ୱରରେ ବିଭିନ୍ନ କଲେଜର ଛାତ୍ରଙ୍କୁ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୋଗରେ ୪ଜଣ ବେପାରୀଙ୍କୁ ଅବକାରୀ ବିଭାଗ ଓ ପୋଲିସ ଗିରଫ କରିଛି। ଅବକାରୀ ବିଭାଗ ୨ଜଣଙ୍କୁ ଓ ପୋଲିସ ଅନ୍ୟ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ଅବକାରୀ କର୍ମଚାରୀମାନେ ପଳାଶପଲ୍ଲୀରୁ ସୁଶାନ୍ତ କୁମାର ମହାରଣାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୭୧ ଗ୍ରାମ୍ ବ୍ରାଉନ୍ ସୁଗାର ଏବଂ ଗୋଟିଏ ବାଇକ ଜବତ କରିଛନ୍ତି। ସେହିପରି ମଞ୍ଚେଶ୍ୱର ହାଡ଼ବାଇ ବସ୍ତିରୁ ଅଶୋକ କୁମାର ଦାସଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୧୧୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଛି। କିଛିଦିନ ତଳେ ଅଶୋକଙ୍କ ମା'ଙ୍କୁ ଏଭଳି ଘଟଣାରେ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ ବାଲେଶ୍ୱର ଜିଲାରୁ ବ୍ରାଉନ୍ ସୁଗାର ଆଣି ଛୋଟ ପୁଡ଼ିଆ କରି ଭୁବନେଶ୍ୱରର ବିଭିନ୍ନ କଲେଜ ନିକଟରେ ଛାତ୍ରମାନଙ୍କୁ ୫ଶହରୁ ୧ହଜାର ଟଙ୍କାରେ ବିକ୍ରି କରୁଥିଲେ। ଏନେଇ ଅବକାରୀ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପାଇଁ ଦୁଇଟି ଟିମ୍‌ରେ ସାମିଲ ଥିବା ଅଧିକାରୀମାନେ ଗ୍ରାହକ ସାଜି ଘଟଣାସ୍ଥଳକୁ ଯାଇଥିଲେ। ସେହିପରି ସୋମବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ଇନ୍ଦିରା ମଇଦାନରେ ପୋଲିସ ଚଢାଉ କରି ଟିକାବାଲିର ଫିରୋଜ କୁମାର ନାୟକ ଓ ଖୋର୍ଦ୍ଧାର ରତୁରାଜ ରଥଙ୍କୁ ଏକ ମୋଟରସାଇକେଲରେ ବ୍ରାଉନସୁଗାର ନେଉଥିବାବେଳେ କାବୁ କରିଥିଲା। ତଲାସି ସମୟରେ ଦୁଇ ଅଭିଯୁକ୍ତଙ୍କଠାରୁ ମୋଟ ୧୪ ଗ୍ରାମ୍ ବ୍ରାଉନ ସୁଗାର, ଗୋଟିଏ ମୋଟରସାଇକେଲ ଏବଂ ଟଙ୍କା ଜବତ କରାଯାଇଥିଲା।

# କମ୍ପାନୀରେ ଶେୟାର ନିବେଶ ଆଳରେ ୩୯.୫୩ କୋଟି ଠକେଇ

**ଭୁବନେଶ୍ୱର, ୧୬।୩(ତ୍ରିନାଥ ମହାନ୍ତି)**

## କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶ ଇଓଡବ୍ଲ୍ୟୁରେ ମାମଲା ରୁଜୁ

କମ୍ପାନୀରେ ଟଙ୍କା ନିବେଶ କରି ୫୦ ପ୍ରତିଶତ ଲାଭ ପାଇବାର ଲୋଭ ଦେଖାଇ ୩୯.୫୩ କୋଟି ଠକେଇ ହୋଇଛି। ଏନେଇ ବ୍ୟବସାୟୀ ବିକାଶ ଗୁପ୍ତା ରାଉରକେଲାର ରଘୁନାଥପାଲ୍ଲୀ ଥାନାରେ ୨୦୨୫ରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପୋଲିସ କେବଳ ଏକ କେସ୍ (ନଂ. ୪୫୯/୨୫) ରୁଜୁ କରି ଚୁପ୍ ବସିଥିଲା। ଶେଷରେ ବିକାଶ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଭେଟି ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଡିଜିଙ୍କ ନିର୍ଦ୍ଦେଶ ପରେ ଇଓଡବ୍ଲ୍ୟୁ ଏକ କେସ୍ (ନଂ. ୫/୨୬) ରୁଜୁ କରିବା ସହ ରାଜେଶ ବାଘରିଆ, ଅନିଲ ବାଘରିଆ ଏବଂ ଅଙ୍କିତ ବାଘରିଆଙ୍କ ନାମରେ ସଙ୍ଗିନ ଦଫା ଲଗାଇ ତଦନ୍ତ କରୁଛି। ଠକେଇ ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଇଓଡବ୍ଲ୍ୟୁ ପୋଲିସ ଠାରୁ ସଂଗ୍ରହ କରିବ। ଏହି ମାମଲାର ତଦନ୍ତ ପାଇଁ ଇଓଡବ୍ଲ୍ୟୁ ଏକ ଟିମ୍ ଗଠନ କରିଛି। ଖୁବ୍‌ଶୀଘ୍ର ଏହି ଟିମ୍ ରଘୁନାଥପାଲ୍ଲୀ ଥାନାକୁ ଯାଇ ମାମଲା ସମ୍ପର୍କିତ ଦସ୍ତାବିଜ୍ ସଂଗ୍ରହ ସହ ତଦନ୍ତ ଅଧିକାରୀଙ୍କୁ ମାମଲା ସମ୍ପର୍କରେ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ରାଉରକେଲାରେ ଥିବା ଶିଭମ୍ ମିନୋରାଲ କମ୍ପାନୀର ଏମ୍‌ଡି ହେଉଛନ୍ତି ବିକାଶ। ୨୦୧୭ ଫେବୃଆରୀରେ ସ୍ୱସ୍ତିକ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ରାଜେଶ ବାଘରିଆଙ୍କ ସହ ବିକାଶଙ୍କୁ ଅମିତ ଗୁପ୍ତା ନାମକ ବ୍ୟକ୍ତି ପରିଚିତ କରାଇଥିଲେ। ରାଜେଶଙ୍କ କମ୍ପାନୀ ଗତ ଦୁଇବର୍ଷ ହେବ ଭଲ ବ୍ୟବସାୟ କରୁଛି ଓ ୨୦୧୭ ମାର୍ଚ୍ଚରେ ତାଙ୍କ ସଂସ୍ଥା ୧୫୦ ଟନ୍ ସ୍ପଞ୍ଜ ଆଇରନ୍ ଉତ୍ପାଦନ କରିଛି। ଏପରିକି ଓଡ଼ିଶା ଏବଂ ରାଜସ୍ଥାନରେ ତାଙ୍କ ଉତ୍ପାଦ ଆଇରନ୍ ଅଧିକ ବିକ୍ରି ହୋଇଛି ବୋଲି ବିକାଶଙ୍କୁ ରାଜେଶ କହି ବିଭିନ୍ନ ପ୍ରକାର ଲୋଭ ଦେଖାଇଥିଲେ। ତାଙ୍କ କମ୍ପାନୀରେ ଟଙ୍କା ନିବେଶ କଲେ ୫୦ ପ୍ରତିଶତ ଶେୟାର ଲାଭ ମିଳିବ ବୋଲି ରାଜେଶ କହିଥିଲେ। ଏ ନେଇ ଫେକ୍ କାଗଜରେ ଉଭୟ ପକ୍ଷ ମଧ୍ୟରେ ଏଗ୍ରିମେଣ୍ଟ ହୋଇଥିଲା। ଏଗ୍ରିମେଣ୍ଟ ପରେ ବିକାଶ ୬ କୋଟି ଏବଂ ପରେ ୩୯.୫୩ କୋଟି ଟଙ୍କା ନିବେଶ କରିଥିଲେ। ଏହାପରେ କିନ୍ତୁ ଅଭିଯୁକ୍ତମାନେ ଲାଭ ଦେଇ ନ ଥିଲେ। ତେବେ ଯାଞ୍ଚ ପରେ ଅଭିଯୁକ୍ତମାନେ ଫେକ୍ ଏଗ୍ରିମେଣ୍ଟ କରି ଓ ମିଛ କହି ୩୯.୩୫ କୋଟି ଠକି ନେଇଥିବା ବିକାଶ ଜାଣିବାକୁ ପାଇ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଥିଲେ।



ଉତ୍କଳ ମଣ୍ଡପରେ ସୋମବାର 'ଜୟଦେବ ସମାରୋହ' ଉଦ୍‌ଘାଟନ ଅବସରରେ ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ– ବିକାଶ ନାୟକ)

# 'ଜୟଦେବ ସମାରୋହ' ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୩ (ସୌମ୍ୟରଞ୍ଜନ ରାଉତ)**

## ମନ୍ତ୍ରମୁଗ୍ଧ କଲା ଦଳଗତ ଓଡ଼ିଶୀ ନୃତ୍ୟ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ' ସୋମବାର ଉତ୍କଳ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଚିନ୍ତା ଚେତନାର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ ଏହାର ନିର୍ଦ୍ଦେଶନା ଦେଇଥିଲେ। ପରେ ବୃନ୍ଦ ସୀତାର ବାଦନ, ବୃନ୍ଦ ତବଲା ବାଦନ ପରିବେଷଣ ହୋଇଥିଲା। ଇଂ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁ ନିମାକାନ୍ତ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ସମୟ ପୂର୍ବରୁ ଜନ୍ମିତ ପିଲାଙ୍କ ଯତ୍ନକୁ ସୁଦୃଢ଼ କରୁଛି ପ୍ରୋଜେକ୍ଟ ଅଧୁନା ସିଡିପ ୨.୦

**ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)**

ଦେଶର ପ୍ରସୂତି ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ସର୍ବୋଚ୍ଚ ସଂସ୍ଥା ଭାରତୀୟ ପ୍ରସୂତି ଏବଂ ସ୍ତ୍ରୀ ରୋଗ ସମାଜ ମହାସଂଘ (ଏଫଓଜିଏସଆଇ), ପ୍ରୋଜେକ୍ଟ 'ଅଧୁନା' (ଆଡଭାନ୍ସିଂ ଡେଲିଭରୀ ଅଫ୍ ହେଲ୍‌ଥ କେୟାର ଥ୍ରୋ ଅପ୍‌ଗ୍ରେଡେଡ୍ ନ୍ୟୁ ବର୍ନ ଆଣ୍ଡ ଇନ୍‌ଟ୍ରପାର୍ଟମ୍ କେୟାର ଆପ୍ରୋଚେସ୍) ସିପିଡି ୨.୦ ମାଧ୍ୟମରେ ସ୍ୱାସ୍ଥ୍ୟ ଆଧାରିତ ମାତୃତ୍ୱ ଏବଂ ନବଜାତ ଶିଶୁଙ୍କ ଯତ୍ନକୁ ଆଗକୁ ବଢାଇ ଚାଲିଛି। ସିପିଡି ୨.୦ ପ୍ରିମାଚ୍ୟୁରିଟିବା ସମୟ ପୂର୍ବରୁ ଜନ୍ମିତ ପିଲାମାନଙ୍କ ନିରନ୍ତର ଯତ୍ନ ପଦ୍ଧତି ଗ୍ରହଣ କରୁଛି। ପ୍ରକଳ୍ପ 'ଅଧୁନା' ଅଧୀନରେ ସିପିଡି ୨.୦ ଅଧିବେଶନ ପ୍ରସୂତି ଏବଂ ସ୍ତ୍ରୀ ରୋଗ ସମାଜ ସଂଘ, ଓଡ଼ିଶା ସହଯୋଗରେ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଫଓଜିଏସ୍‌ଆଇ ସଭାପତି ଡା. ଭାସ୍କର ପାଲ ଏବଂ ଅଧୁନାର ପ୍ରକଳ୍ପ ନିର୍ଦ୍ଦେଶକ ଡା. ଜୟଦୀପ ଟାଙ୍କଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଧିବେଶନରେ ଡା. ଜୟଶ୍ରୀ ପଟ୍ଟନାୟକ, ଡା. ଭାଗ୍ୟଲକ୍ଷ୍ମୀ ନାୟକ, ଡା. ହରପ୍ରସାଦ ପଟ୍ଟନାୟକ, ଡା. ସୁଜାତା ମିଶ୍ର ଏବଂ ଡା. ଅଶୋକ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ବହୁ ଉପାଦେୟ ତଥ୍ୟ ରଖିଥିଲେ।

# ପ୍ରତାପ ଶାସନ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

**ବାଲକାଟୀ, ୧୬।୩(ମନୋଜ ମଣ୍ଡଳ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପ ଶାସନ ପଞ୍ଚାୟତର ଜ୍ଞାନଦେବୀ କଲ୍ୟାଣ ମଣ୍ଡପରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୨ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଜିଲାପାଳ ଅମ୍ରିତ୍ ଋତୁରାଜ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ ଭୁବନେଶ୍ୱର ମନୋରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର ଲିଲନ ପ୍ରସାଦ ସାହୁ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ସଭ୍ୟା କୁନମୁନ ଲେଙ୍କା, ପ୍ରତାପ ଶାସନ ସରପଞ୍ଚ ରୀନାରାଣୀ ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ।

# 'ସମାଜରେ ନାରୀ ମର୍ଯ୍ୟାଦାର ସହ କାର୍ଯ୍ୟ କରିବା ଆବଶ୍ୟକ'

**ବାଲିପାଟଣା, ୧୬।୩(ଅଭିମନ୍ୟୁ ନାୟକ)**

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ସୋମବାର ସ୍ଥାନୀୟ ମା' କଲ୍ୟାଣମଣ୍ଡପରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଓ ବାଲିପାଟଣା ଶିଶୁ ବିକାଶ ଅଧିକାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ନାରୀ ନିଜର ଆତ୍ମମର୍ଯ୍ୟାଦା ଓ ଆର୍ଥିକ ସ୍ୱଚ୍ଛଳତା ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ମହିଳା ଆୟୋଗ ସଭ୍ୟା ଉର୍ମିଳା ମହାପାତ୍ର ଆୟୋଗର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ମହିଳା ଆୟୋଗ ସଭ୍ୟା ମାନସୀ ପାଢ଼ୀ, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ ପ୍ରହରାଜ, ବାଲିପାଟଣା ତହସିଲଦାର କଳ୍ପନା ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନାରୀ ସୁରକ୍ଷା ପାଇଁ ବିଭିନ୍ନ ସରକାରୀ ପଦକ୍ଷେପ ସମ୍ପର୍କରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ବ୍ଲକ ଶିଶୁ ବିକାଶ ଅଧିକାରୀ ରୁନୁବାଳା ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଆଞ୍ଚଳିକ ରାମଲୀଳା ସମିତିର ପ୍ରସ୍ତୁତି ବୈଠକ

## ଏପ୍ରିଲ ୩ରୁ ୮ ରାମଲୀଳା

**ବାରଙ୍ଗ/ତ୍ରିଶୁଳିଆ, ୧୬।୩(ଲିଙ୍ଗରାଜ ରାଉତ/ତୁଷାର କାନ୍ତ ବେହେରା)**

ଆଞ୍ଚଳିକ ରାମଲୀଳା ସମିତିର ଚଳିତ ବର୍ଷର ବାର୍ଷିକ ସାଧାରଣ ପରିଷଦର ବୈଠକ ମୁଣ୍ଡମୁହାଣ ଗ୍ରାମସ୍ଥିତ ମା' ବିଲ ବଣିଆନିଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ରାମଲୀଳା ସମିତିର କାର୍ଯ୍ୟକାରୀ ସଭାପତି ସୁରେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତିର ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଆୟବ୍ୟୟର ଉପସ୍ଥାପନା କରିବା ସହ ସମ୍ପାଦକ ଦିବାକର ମୁଦୁଲି ଚଳିତ ବର୍ଷର କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆସନ୍ତା ୨୭ ତାରିଖ ରାମନବମୀରେ କଳସ ଯାତ୍ରା ଅନୁଷ୍ଠିତ ହେବ। ଏପ୍ରିଲ ୩ ରୁ ୮ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ରାମଲୀଳା ପରିବେଷଣ କରାଯିବ। ମୁଣ୍ଡମୁହାଣ, ମଧୁପୁର, ଫୁଲପୋଖରି, ନୂଆପାଟଣା, ଓ ଉରାଳୀ ରାମଲୀଳା ସମିତିକୁ ନେଇ ମୋଟ ୫ଟି ଅନୁଷ୍ଠାନ ରାମଲୀଳା ପରିବେଷଣ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ସହ ସମ୍ପାଦକ ବାବୁଲି ବାରିକ କହିଛନ୍ତି। କୋଷାଧ୍ୟକ୍ଷ ଉପେଶ ପାଳ ନୂତନ ଭାବେ ସାମିଲ ହୋଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ତ୍ରୈଲୋକ୍ୟ ରାଉତ, ସୁରେନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀଧର ବାରିକ, ଦଣ୍ଡକିଶୋର ଜେନା, ସୌମ୍ୟରଞ୍ଜନ ସ୍ୱାଇଁ, ବାବୁଲି ସ୍ୱାଇଁ, ବିଜୟ ରାଉତ, ଛବିନ୍ଦ୍ର ସ୍ୱାଇଁ, ଶ୍ୟାମ ସୁନ୍ଦର ସେଠୀ, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କୁଦିଆରି ଦଶଦୋଳ ମେଳଣ



କୁଦିଆରି ଦଶଦୋଳ ମେଳଣରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ଅନ୍ୟ ଅତିଥି।

**ଭୁବନେଶ୍ୱର, ୧୬।୩(ସୌମ୍ୟରଞ୍ଜନ ରାଉତ)**

ଝାଡ଼େଶ୍ୱରୀ ପୂଜା କମିଟି ପକ୍ଷରୁ ୩୯ତମ କୁଦିଆରି ଦଶଦୋଳ ମେଳଣ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ସୁଦର୍ଶନ ସୁନ୍ଦର ରାୟ, ବିଶ୍ୱରଞ୍ଜନ ବଡଜେନା ପ୍ରମୁଖ ଯୋଗଦେଇଥିଲେ। ବିଶେଷ ଆକର୍ଷଣରେ ବଲିଉଡ୍‌ର ପ୍ରଚ୍ଛଦପଟ ଗାୟକ ବାବୁଲ ସୁପ୍ରିୟ ଯୋଗଦେଇ ଓଡିଶାର ସଂସ୍କୃତିକୁ ଭୂୟସୀ ପ୍ରଶଂସା କରିଥିଲେ।

# ପିଜେ କଲେଜ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଟେକ୍ନୋଲୋଜିରେ ସ୍ନାତକ ଦିବସ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର।

**ଭୁବନେଶ୍ୱର, ୧୬।୩(ବନ୍ଦନା ସେଠୀ)**

ପଞ୍ଚାନନ ଜେନା ଶିକ୍ଷା ସମୂହ, ଭୁବନେଶ୍ୱରସ୍ଥିତ ପିଜେ କଲେଜ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଟେକ୍ନୋଲୋଜିରେ ସ୍ନାତକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟ ଚେୟାରମ୍ୟାନ୍ ପ୍ରଣବ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ବିଶ୍ୱାଳ ୨୦୨୫ ସୁଦ୍ଧା ଏମ୍‌ବିଏ/ଏମ୍‌ସିଏରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗ ଅଧ୍ୟାପିକା ଡ. ସ୍ନିଗ୍ଧା ମହାପାତ୍ରଙ୍କୁ ପିଏଚ୍‌ଡି ଉପାଧି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ, ବ୍ୟବସାୟ ପ୍ରଶାସନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଡିନ୍ ପ୍ରଫେସର ଡ. ଈପ୍‌ସିତା ପାତ୍ର, ପ୍ରଶାସନିକ ଅଧିକାରୀ ନିର୍ମଳ ମଲିକ୍, କାବୁଲି ମାର୍ଥା, ବିପିନ କୁମାର ଜେନା ଉପସ୍ଥିତ ଥିଲେ।

# ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ 'ଡ୍ରିମ୍‌ଫେଷ୍ଟ' ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୩(ବନ୍ଦନା ସେଠୀ)**

ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ 'ଡ୍ରିମ୍‌ଫେଷ୍ଟ' ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିନ୍ଦଲ ଷ୍ଟିଲ୍ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ପ୍ରଶାନ୍ତ ହୋତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଓଏସ୍‌ଡି ସମରେନ୍ଦ୍ର ଭୂତିଆ ଏବଂ ପୂର୍ବତନ ବିଧାୟକ ତଥା ପ୍ରେରଣା ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଦିଲୀପ କୁମାର ଶ୍ରୀଚନ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେବା ସହ ଦୀର୍ଘ ୨୬ ବର୍ଷର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ଅନୁଷ୍ଠାନ ଓ ସମସ୍ତ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଟ୍ରଷ୍ଟି ସାଇସମ୍ମିତ ନାୟକ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡ. ରାଜେଶ ସ୍ୱାଇଁ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ବଲିଉଡ୍ ଗୀତିକାର ନୀରଜ ବକ୍ସି ଓ ସୁସ୍ମିତା ମଲ୍ଲିକଙ୍କ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଉତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ନଡ଼ିଆ ଗଛ ଉପୁଡ଼ି ଅଟୋରିକ୍ସା, ଘର କ୍ଷତିଗ୍ରସ୍ତ



କଟକ ସଦର, ୧୬।୩(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ କୋସିଦା ଗ୍ରାମରେ ସୋମବାର ଏକ ନଡ଼ିଆ ଗଛ ଆକସ୍ମିକ ଭାବରେ ଭାଙ୍ଗି ପଡ଼ିଥିଲା। ଫଳରେ ସେହି ଗ୍ରାମର ଦୀପକ ବେହେରାଙ୍କ ଏକ ଅଟୋ ରିକ୍ସା ଓ ଘର ଉପରେ ପଡିଥିଲା। ଏହାଦ୍ୱାରା ତାଙ୍କର ଘର କ୍ଷତିଗ୍ରସ୍ତ ହେବା ସହିତ ଅଟୋଟି ଭାଙ୍ଗି ଯାଉଛି। ନଡ଼ିଆ ଗଛର ମୂଳ ଖାଇ ଯାଇଥିବାରୁ ପବନରେ ଗଛଟି ଭାଙ୍ଗି ପଡ଼ିଥିଲା।

### ବଡମେଡ଼ିକାଲ ଅଗ୍ନିକାଣ୍ଡରେ ଚୌଦ୍ୱାରର ରମେଶ ପରିଡ଼ାଙ୍କ ମୃତ୍ୟୁ

ଚୌଦ୍ୱାର, ୧୬।୩(ଆଶୁତୋଷ ଦାସ)

କଟକ ବଡ ମେଡିକାଲ ଟ୍ରମା କେୟାର ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ୧୦ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ୱାର୍ଡରେ ଗତ ସୋମବାରଠାରୁ ଚିକିତ୍ସିତ ହେଉଥିବା ଚୌଦ୍ୱାର ଚଷାପଡ଼ା ଜେନିପୁର ଗ୍ରାମର ରମେଶ ଚନ୍ଦ୍ର ପରିଡ଼ା (୪୬) ଅଗ୍ନିକାଣ୍ଡରେ ପୋଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ ରମେଶ ଗତ ସୋମବାର ଚାରବାଟିଆ ବଜାରରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବଡ଼ ମେଡିକାଲର ଟ୍ରମା କେୟାର ୱାର୍ଡରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ତାଙ୍କ ଅବସ୍ଥାରେ ସୁଧାର ଆସୁଥିବାବେଳେ ହଠାତ୍ ଏଭଳି ଦୁର୍ଘଟଣାରେ ତାଙ୍କର ଜୀବନ ଚାଲିଯିବା ତାଙ୍କ ପରିବାର ଲୋକଙ୍କୁ ମର୍ମାହତ କରିଛି। ରମେଶଙ୍କ ମୃତ୍ୟୁ ପରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁଅ ଅସହାୟ ହୋଇପଡ଼ିଛନ୍ତି। ମୃତଦେହ ହସ୍ତାନ୍ତର ପରେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି।

### ବିକାଶ ପରିଷଦର ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚନ

କଟକ ସଦର, ୧୬।୩(ସୁଶାନ୍ତ କୁମାର ଜେନା)

ସାମାଜିକ ସଙ୍ଗଠନ ବୟାଳିଶ ମୌଜା ବିକାଶ ପରିଷଦର ରୌପ୍ୟ ଜୟନ୍ତୀ ଉତ୍ସବ ଚଳିତବର୍ଷ ପାଳନ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଦେଉଳିସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ଆଡ୍‌ଭୋକେଟ କେଶବ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସଭ୍ୟମାନେ ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ପତି ପୂର୍ବ ସଭାର ବିବରଣୀ ପାଠ କରିବା ପରେ ରୌପ୍ୟ ଜୟନ୍ତୀ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ପରିଷଦର ସଭ୍ୟ ତଥା ବରିଷ୍ଠ ଚିତ୍ରଶିଳ୍ପୀ ଶୁକଦେବ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ରୌପ୍ୟ ଜୟନ୍ତୀ ଲୋଗୋକୁ ସଭାପତି ଉନ୍ମୋଚନ କରିଥିଲେ। ପରିଷଦର ମୁଖପତ୍ର ପଲ୍ଲିଶ୍ରୀର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶନ ପାଇଁ ସହମତି ପ୍ରକାଶ ପାଇଥିଲା। ଉପସଭାପତି ଗୌତମ ଚରଣ ପରିଡ଼ା, ସ୍ୱାଧୀନ ଷଡ଼ଙ୍ଗୀ, ଗଣେଶ୍ୱର ଦାଶ, ଧୀରେନ୍ଦ୍ର ବେହେରା, ପ୍ରମୋଦ ମହାପାତ୍ର, ସଞ୍ଜୟ ବେହେରା, ଅଶୋକ ମହାନ୍ତି ଏବଂ ଶୁଭାଶିଷ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ରନ୍ଧନ ଗ୍ୟାସ୍ କଳାବଜାର, ଗ୍ରାହକ ହଇରାଣ

**ଘରୋଇ ସିଲିଣ୍ଡର ପିଛା ୨ ହଜାର ଟଙ୍କା**

- ସ୍ଥିତି ଠିକ୍ ଅଛି କହିଲେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ
- ଅଡୁଆ ବଢ଼ାଇଛି କମର୍ସିଆଲ ଗ୍ୟାସ୍ ଯୋଗାଣ କଟକଣା

କଟକ, ୧୬।୩(କୁମାରଶ୍ରୀ)

କଟକରେ ମାଳ ମାଳ ହୋଟେଲ। ବିନା ରନ୍ଧନ ଗ୍ୟାସ୍‌ରେ ରୋଷେଇ କରିବା ମୁସ୍କିଲ। ଏଭଳି ପରିସ୍ଥିତିରେ ଗ୍ୟାସ୍ କଳାବଜାର ଆକାଶଛୁଆଁ ହେବାରେ ଲାଗିଲାଣି। ଘରୋଇ ଗ୍ୟାସ୍ ସିଲିଣ୍ଡର ପିଛା ୨ହଜାର ଟଙ୍କାରେ ବିକ୍ରି କରାଯାଉଛି। କଲେଜ ଛକ ଅଞ୍ଚଳରେ ହୋଟେଲ ବ୍ୟବସାୟ କରୁଥିବା କେତେଜଣ ବ୍ୟକ୍ତି ଏଭଳି ଅଭିଯୋଗ କରିଛନ୍ତି। ଘରୋଇ ସିଲିଣ୍ଡରଗୁଡ଼ିକ ବ୍ୟବସାୟୀକରଣରେ ବ୍ୟବହାର କରାଯାଇ କଳାବଜାରକୁ ପ୍ରୋତ୍ସାହନ ଦିଆଯାଉଥିଲେ ମଧ୍ୟ ଯୋଗାଣ ବିଭାଗ ଚୁପ୍ ବସିଛି। ଅପରପକ୍ଷରେ ସ୍ଥିତି ସ୍ୱାଭାବିକ ଅଛି, କଳାବଜାର ଉପରେ ନଜର ରଖାଯାଇଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କେ. ଚନ୍ଦ୍ରଶେଖର ପାତ୍ର କହିଛନ୍ତି।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁ ଭାରତ ସମେତ ଅନେକ ରାଷ୍ଟ୍ରରେ ଏବେ ଗ୍ୟାସ୍ ସଙ୍କଟ ଦେଖାଦେଇଛି।



ବିଶେଷକରି ଗ୍ୟାସ ସିଲିଣ୍ଡର ଘରୋଇ (ଡୋମେଷ୍ଟିକ୍) ଓ କମର୍ସିଆଲ ଭାବେ ବିକ୍ରି କରାଯାଏ। ଘରୋଇ ସିଲିଣ୍ଡର ପିଛା ମୂଲ୍ୟ ୯୪୦ ଟଙ୍କା ରହିଥିବାବେଳେ ଏହାକୁ କଳାବଜାରରେ ୧୮୦୦ରୁ ୨ହଜାର ମୂଲ୍ୟରେ ବିକ୍ରି କରାଗଲାଣି। ସର୍ବଭାରତୀୟ ଏଲ୍‌ପିଜି ଗ୍ୟାସ୍ ବିତରକ ସଂଘର ଉପସଭାପତି ବିଶ୍ୱନାଥ ମୁଖାର୍ଜୀ କହିଛନ୍ତି, କଟକରେ ଏଜେନ୍ସି ସଂଖ୍ୟା ୧୪ରୁ ୧୫। ପ୍ରତ୍ୟେକ ଏଜେନ୍ସି ନିକଟରେ ୫୦୦ ଉପଭୋକ୍ତା ରହିଛନ୍ତି। ନିୟମ ଅନୁଯାୟୀ ବୁକିଂ କରାଗଲେ ୪ରୁ ୫ ଦିନରେ ନୂଆ ସିଲିଣ୍ଡର ଯୋଗାଇ ଦିଆଯାଉଛି। କମର୍ସିଆଲ ବ୍ୟବହାର ନିମନ୍ତେ ଦୁଇ ପ୍ରକାର ସିଲିଣ୍ଡର ରହିଛି। ଗୋଟିଏ ୪୭.୫ କେଜିର ଏବଂ ଅନ୍ୟଟି ୧୪.୯ କେଜିର। ହେଲେ କମର୍ସିଆଲ ସିଲିଣ୍ଡର ଯୋଗାଣ ଉପରେ କଟକଣା ରହିଛି। ୮୦ ପ୍ରତିଶତ କମ୍ ସିଲିଣ୍ଡର ଏବେ କମର୍ସିଆଲ ଉପଭୋକ୍ତାଙ୍କ ପାଇଁ ମହଜୁଦ ରହିବ। ଅର୍ଥାତ୍ ପୂର୍ବରୁ ଏଜେନ୍ସିଗୁଡ଼ିକୁ ୧୦୦ ସିଲିଣ୍ଡର ଦିଆଯାଉଥିଲା, ଏବେ ୨୦ ସିଲିଣ୍ଡର ଯୋଗାଇ ଦିଆଯିବ। ଘରୋଇ ଉପଭୋକ୍ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ତେବେ କଟକରେ ଗ୍ୟାସ୍ କଳାବଜାର ବୃଦ୍ଧି ପାଇଥିବା ବେଳେ ଯୋଗାଣ ବିଭାଗର ସ୍ୱତନ୍ତ୍ର ଗୋଇନ୍ଦା ବିଭାଗର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅପହରଣ ନାବାଳିକାକୁ ଖୋଜିବାକୁ ଯାଇ ମାଡ଼ ଖାଇଲେ ଭିଣୋଇ

ମଙ୍ଗୁଳି-ଜଗତପୁର, ୧୬।୩(ମାନସ ସାମଲ)

- ୨ ଘଣ୍ଟା ଗୋଟିଏ ଘରେ ଅଟକ ରହିଲେ, ଜଣେ ଗିରଫ
- ନାବାଳିକାଙ୍କ ପତ୍ତା ପାଉନି ପୋଲିସ



ଅପହରଣ ନାବାଳିକା ଶାଳୀଙ୍କୁ ଖୋଜିବାକୁ ଯାଇ ୨ ଘଣ୍ଟା ଅଟକ ରହିବା ସହ ମାଡ୍‌ଖାଇ ଫେରିଛନ୍ତି ଭିଣୋଇ। କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଭଗତପୁର ଅଞ୍ଚଳରେ ଏହି ଘଟଣା ଘଟିଛି। ଏହି ଘଟଣାରେ ଟାଙ୍ଗୀ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ଘାଷିପୁର ଥାନା ଓସ୍ତପୁର ଗ୍ରାମର ରାଜୁ ଖୁଣ୍ଟିଆ ଓରଫ ତୁରୀ ମୁଣ୍ଡା (୨୦)। ପୋଲିସ ସୂଚନା ମୁତାବକ, ଟାଙ୍ଗୀ ଭଗତପୁର ଅଞ୍ଚଳରୁ ଗତ ଫେବୃଆରୀ ୨୯ରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତ ଅପହରଣ କରି ନେଇଯାଇଥିଲେ। ଖୋଜାଖୋଜି ପରେ ନ ମିଳିବାରୁ ଟାଙ୍ଗୀ ଥାନାରେ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରିଥିଲା। ମାର୍ଚ୍ଚ ୧୪ରେ ନାବାଳିକାଙ୍କ ଭିଣୋଇ ସୂଚନା ପାଇ ସନ୍ଦେହରେ କେନ୍ଦୁଝର ଜିଲା ଘାଷିପୁର ଥାନା ଓସ୍ତପୁର ଗ୍ରାମର ରାଜୁ ଖୁଣ୍ଟିଆଙ୍କ ଘରକୁ ଯାଇ ଶାଳୀଙ୍କ ସମ୍ପର୍କରେ ପଚରାଉଚରା କରିଥିଲେ। ଏତିକିରେ ରାଜୁ ଓ ତାର ପରିବାର ଭିଣୋଇଙ୍କୁ ମାଡ ମାରିବା ସହ ଗୋଟିଏ ଘରେ ୨ ଘଣ୍ଟା ଅଟକ ରଖିଥିଲେ। ଘଟଣାକୁ ୧୭ ଦିନ ବିତି ଯାଇଥିଲେ ସୁଦ୍ଧା ନିଖୋଜ ନାବାଳିକାର ପତ୍ତା ପାଉନି ପୋଲିସ। ଏ ନେଇ ଟାଙ୍ଗୀ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।

# ଓଡ଼ିଆ ଗବେଷଣା ପରିଷଦର ୪୬ତମ ବାର୍ଷିକ ଉତ୍ସବ



ଓଡ଼ିଆ ଗବେଷଣା ପରିଷଦର ୪୬ତମ ବାର୍ଷିକ ଉତ୍ସବରେ ଲେଖକ ଓ ସାହିତ୍ୟିକଙ୍କୁ ପୁରସ୍କୃତ କରାଯାଉଛି।

କଟକ, ୧୬।୩(କାର୍ତ୍ତିକ ସାହୁ)

ଓଡ଼ିଆ ଗବେଷଣା ପରିଷଦର ୪୬ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ 'ବିଦ୍ୟାର ନୃତତ୍ତ୍ୱ' ଶୀର୍ଷକରେ ଏକ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ 'ଭାଷାର ନୃତତ୍ତ୍ୱ', 'ସାହିତ୍ୟର ନୃତତ୍ତ୍ୱ' ଓ 'ସଙ୍ଗୀତର ନୃତତ୍ତ୍ୱ' ପ୍ରସଙ୍ଗରେ ଯଥାକ୍ରମେ ପ୍ରଫେସର ସନ୍ତୋଷ କୁମାର ରଥ, ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ ଏବଂ ସୃଷ୍ଟିସ୍ୱରୂପା ମିଶ୍ର ଓ ବ୍ରାଜିଲର ଗବେଷିକା ମିସ୍ ରାଏସ ପ୍ରବନ୍ଧ ପାଠ କରିଥିଲେ। କବି ଶୈଳଜ ରବିଙ୍କ ନିର୍ଦ୍ଦେଶନାରେ ସଂପାନ ପରିଚାଳିତ ହୋଇଥିଲା। ପରିଷଦର ସଭାପତି ସୁଧୀର ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଉପସଭାପତି ଅସିତ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ ଉପସ୍ଥିତ ଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କମଳକାନ୍ତ ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଜଟାଧାରୀ ମହାପାତ୍ରଙ୍କ ସମ୍ପାଦିତ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୀତ 'ଗୀତାଭିଧାନ'ର ପାଠାଧାରିତ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅନୁବାଦକ ଓ ବିଜ୍ଞାନ ଲେଖକ ନିଖିଳମୋହନ ପଟ୍ଟନାୟକଙ୍କୁ କ୍ଷେତ୍ରବାସୀ ସାହିତ୍ୟବିଦ୍ୟା ପୁରସ୍କାର ଏବଂ ସାହିତ୍ୟିକ ଦୁର୍ଯ୍ୟୋଧନ ଦାସଙ୍କୁ କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାରରେ ଦଶହଜାର ଟଙ୍କା ଲେଖାଏ ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସୁରଞ୍ଜନ ଲେଙ୍କା ମାନପତ୍ର ପାଠ ଓ ସୁବାସ ଚନ୍ଦ୍ର ପଟ୍ଟନାୟକ ବିବରଣୀ ପ୍ରଦାନ କରିଥିଲେ।

# ସନାତନୀ ନବବର୍ଷକୁ ପାଳନ ପାଇଁ ନିବେଦନ

ଫୁଲନଖରା, ୧୬।୩(ସତ୍ୟରଞ୍ଜନ ଦାସ ମହାପାତ୍ର)

ମାର୍ଚ୍ଚ ୧୯ ତାରିଖକୁ ସନାତନୀ ନବବର୍ଷ ଭାବେ ପାଳନ କରିବା ପାଇଁ ଅଗ୍ରଣୀ ମାସିକ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ' କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲ, କଲେଜ, କ୍ଲବ, ପାଠାଗାର ଗ୍ରାମ କମିଟି ଆଦି ଅନୁଷ୍ଠାନଗୁଡିକୁ ନିବେଦନ କରାଯାଇଛି। ସେ ଦିନଟି ହେଉଛି ପ୍ରକୃତରେ ସନାତନୀ ନବ ବର୍ଷ। ଏହି ଦିନ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ସର୍ଜନା ଏବଂ କାଳ ଗଣନାର ଆରମ୍ଭ ହୋଇଥିଲା। କେବଳ ସେତିକି ନୁହେଁ ପ୍ରଭୁ ଶ୍ରୀରାମ ଓ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ରାଜା ବିକ୍ରମାଦିତ୍ୟଙ୍କ ସିଂହାସନ ଆହୋରଣ ଏବଂ ବିକ୍ରମ ସମ୍ବତର ପ୍ରଚଳନ ମଧ୍ୟ ଏହି ଦିନ ଆରମ୍ଭ ହୋଇଥିଲା। ପହିଲା ଜାନୁଆରୀ ନୂଆବର୍ଷ ନୁହେଁ। ସେଦିନ କିଛି ବି ନୂଆ ନ ଥାଏ। କିନ୍ତୁ ଚୈତ୍ର ଶୁକ୍ଳ ପ୍ରତିପଦା ସମୟରେ ବୃକ୍ଷମାନେ ନବ ପଲ୍ଲବିତ ହୋଇଥାନ୍ତି। ରାତିରେ ନୁହେଁ, ସକାଳ ସୂର୍ଯ୍ୟଙ୍କ ପହିଲି ସୁନେଲି କିରଣରେ ହିଁ ଆମ ନୂଆ ବର୍ଷ ଆରମ୍ଭ ହୁଏ। ଅନ୍ୟର ପରମ୍ପରାକୁ ଆପଣେଇବାରେ କାହାକୁ ମନାନାହିଁ କିନ୍ତୁ ନିଜ ସଂସ୍କୃତିକୁ ପଦାଘାତ କରିବା ଆଦୌ ଉଚିତ ନୁହେଁ ବୋଲି ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ମତବ୍ୟକ୍ତ କରିଛନ୍ତି। ତେଣୁ ଆସନ୍ତା ନୂଆବର୍ଷକୁ ଗୋ-ପୂଜା, ସୂର୍ଯ୍ୟ ନମସ୍କାର, ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା ପୂର୍ବକ ନିଜ ଭିତରେ ଶୁଭେଚ୍ଛା ଜ୍ଞାପନ କରି ପାଳନ କରିବା ପାଇଁ ପତ୍ରିକା ପକ୍ଷରୁ ନିବେଦନ କରାଯାଇଛି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗର ବାର୍ଷିକ ଉତ୍ସବ 'କଣ୍ଟାଡିନୋ'



ବାର୍ଷିକ ଉତ୍ସବ 'କଣ୍ଟାଡିନୋ'ରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

କଟକ, ୧୬।୩(କାର୍ତ୍ତିକ ସାହୁ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ପକ୍ଷରୁ ବାର୍ଷିକ ଉତ୍ସବ କଣ୍ଟାଡିନୋ ବିଶ୍ୱବିଦ୍ୟାଳୟର ମଲ୍ଟି ପର୍ପୋଜ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଓଲିଉଡ ଅଭିନେତା ସନ୍ଦୀପ ମିଶ୍ର, ସମ୍ମାନିତ ଅତିଥି ଗାୟିକା ଦେବାଂଶୀ ଦାଶ ଏବଂ ଯୁବପ୍ରତିଭା ରାକେଶ ଧୁପର ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ତେଜ ପ୍ରତାପ ଏବଂ କୃଷି ବିଭାଗ ଅଧ୍ୟକ୍ଷ ପ୍ରଫେସର ଡ. ଏସ. କୁମାରସ୍ୱାମୀ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ, ଫ୍ୟାଶନ ଶୋ' ଓ ଡ୍ୟାନ୍ସ ଧମାକା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବିଭିନ୍ନ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କୃଷି ବିଭାଗ ତୃତୀୟ ବର୍ଷ ବିଦ୍ୟାର୍ଥୀମାନେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲେ। କ୍ରୀଡ଼ା ଓ ସାଂସ୍କୃତିକ କମିଟି ସଂଯୋଜକ ଡ. ଅଭିନବ ମିଶ୍ର ଧନ୍ୟବାଦ ଦେଇଥିଲେ। କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ଏବଂ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# କାଠଯୋଡ଼ୀ ମହିଳା ସମିତିର ରୌପ୍ୟ ଜୟନ୍ତୀ ଉତ୍ସବ



ରୌପ୍ୟ ଜୟନ୍ତୀ ଉତ୍ସବ ଅବସରରେ ସମ୍ବର୍ଦ୍ଧିତଙ୍କ ଗହଣରେ ଅତିଥିମାନେ।

କଟକ, ୧୬।୩(କାର୍ତ୍ତିକ ସାହୁ)

କାଠଯୋଡ଼ୀ ମହିଳା ସମିତିର ରୌପ୍ୟ ଜୟନ୍ତୀ ଉତ୍ସବ ନେତାଜୀ ନଗରସ୍ଥିତ ସମିତି ପରିସରରେ ପାଳିତ ହୋଇଯାଇଛି। ଅତିଥି ଭାବେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ସ୍ୱର୍ଗଧାମ ସେବା ସମିତିର ପ୍ରତିଷ୍ଠାତା ସଭାପତି ଶରତ କୁମାର ସାହୁ, ଉତ୍କଳ ଗ୍ରାମ ସ୍ୱରାଜ୍ୟର ପ୍ରତିଷ୍ଠାତା ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ସମେତ ସାମାଜିକ କର୍ମୀ ସୁଧାଂଶୁ ପାତ୍ର, ଅଭିମନ୍ୟୁ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉପସଭାନେତ୍ରୀ ନିରୁପମା ଦାସ ମଞ୍ଚକୁ ଆମନ୍ତ୍ରଣ, କାର୍ଯ୍ୟକାରୀ ସଭାପତି ପ୍ରମିଳା ପତି ଅତିଥି ପରିଚୟ ଓ ସାଧାରଣ ସମ୍ପାଦିକା ସରୋଜିନୀ ମିଶ୍ର ବିବରଣୀ ପାଠ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନେତାଜୀ ନଗର ଉନ୍ନୟନ ପରିଷଦର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ମହେଶ ଚନ୍ଦ୍ର ମହାନ୍ତି, ଡ. ସୁବାସିନୀ ଲେଙ୍କା, ଡ. ବୈଜୟନ୍ତୀ ମିଶ୍ର, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ସମ୍ବିତ୍ କୁମାର ସାହୁ, ଶ୍ରୀନିବାସ ବିଶ୍ୱାଳ ଓ ସଞ୍ଜୟ ମହାରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମିତ୍ରା ସେନାପତିଙ୍କ ମ୍ୟାଜିକ୍ ଶୋ', ପ୍ରମିଳା ପତିଙ୍କ ରଚନା ଓ ନିର୍ଦ୍ଦେଶନାରେ ହାସ୍ୟ ରସାତ୍ମକ ନାଟକ 'ହଉ ହଉ ହେଇଗଲା' ଏବଂ ସମିତିର ସଦସ୍ୟାମାନେ ସାମୂହିକ ଦାଣ୍ଡିଆ ନୃତ୍ୟ ମନୋମୁଗ୍ଧକର ହୋଇଥିଲା। ନିରୁପମା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଉତ୍କଳ ସାହିତ୍ୟ ସମାଜର ବସନ୍ତ ମହୋତ୍ସବ | 'ହଜିଯାଉଛି ବସନ୍ତ'

କଟକ, ୧୬।୩(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶତାବ୍ଦୀ ଭବନରେ ରବିବାର ପୂର୍ବାହ୍ନରେ ବସନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସ୍ରଷ୍ଟା ଦେବଦାସ ଛୋଟରାୟ ମହୋତ୍ସବକୁ ଉଦ୍‌ଘାଟନକରି ଆମ ପରିବେଶରୁ ବସନ୍ତ ହଜିଯାଉଛି ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆସରରେ ମୁଖ୍ୟ ଅତିଥି ଭାବେ ଅଭିନେତା ଶ୍ରୀତମ ଦାସ ଯୋଗଦେଇ ଏପରି ଏକ ବର୍ଣ୍ଣାଢ଼୍ୟ ଆୟୋଜନ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଅଧିକ ଆକର୍ଷଣୀୟ ହେବ ବୋଲି କହିଥିଲେ। ବରେଣ୍ୟ ଅତିଥି ଇଂ. ଅତନୁ କୁମାର ସାମନ୍ତ କହିଲେ, ସଂସ୍କୃତି, ଭାଇଚାରା ଓ





ବସନ୍ତ ମହୋତ୍ସବରେ ଉପସ୍ଥିତ ଅତିଥି।

ଐତିହ୍ୟର ସହରରେ ବସନ୍ତ ମହୋତ୍ସବ ସମସ୍ତଙ୍କୁ ଏକାଠି କରିବାର ପ୍ରୟାସ। କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ରଘୁ ସାହୁ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଅମିତାଭ ଖିଲାର ଧନ୍ୟବାଦ ଦେଇଥିଲେ। ଗୁରୁ ଆଶିଷ ଦାସ ନୃତ୍ୟ ଓ କଣ୍ଠଶିଳ୍ପୀ ତନ୍ମୟ ହୋତା ସଙ୍ଗୀତ ପରିଚାଳନା କରିଥିଲେ। ବେଦବ୍ୟାସ ନାୟକ କବିତା ସଂଯୋଜନା ଏବଂ ବାପୁ ଲେଙ୍କା ମ୍ୟାଜିକ ପ୍ରଦର୍ଶନ କରିଥିଲେ।

# ୩ ବିଧାୟକଙ୍କୁ ବିରୋଧ କଲା କଟକ ଜିଲା କଂଗ୍ରେସ

କଟକ, ୧୬।୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟ ଦେଇଥିବା କଂଗ୍ରେସର ୩ ବିଧାୟକଙ୍କ ଫଟୋକୁ ଜାଳି ବିରୋଧ କଲେ କଂଗ୍ରେସ କର୍ମୀ। କଟକ ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ କଲେଜଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପଥପ୍ରାନ୍ତ ସଭା କରାଯାଇ ବିରୋଧ କରାଯାଇଛି। କିଭଳି ଭାବେ ବିଧାୟକମାନେ ବିକ୍ରି ହୋଇ ଏଭଳି କାର୍ଯ୍ୟ କରିଛନ୍ତି ସେନେଇ କର୍ମୀମାନେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ପିସିସି ସଭାପତି ୩ଜଣଙ୍କୁ ତୁରନ୍ତ ଦଳରୁ





ଜିଲା କଂଗ୍ରେସ ପକ୍ଷରୁ ୩ ବିଧାୟକଙ୍କୁ ବିରୋଧ କରାଯାଇ ବିକ୍ଷୋଭ କରାଯାଉଛି।

ବହିଷ୍କାର କରିବାକୁ ଦାବି କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଟକ ନଗର ଜିଲା କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ଛାତ୍ରନେତା ହରିଶଙ୍କର ରାଉତ, ବରିଷ୍ଠ ନେତା ଜଗନ୍ନାଥ ସାହୁଙ୍କ ସମେତ ଯୁବଛାତ୍ର ନେତା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନ ବ୍ୟାପକ କରିବ ଇପିଏଫ୍ ପେନସନର୍ସ ଆସୋସିଏଶନ

କଟକ, ୧୬।୩(କାର୍ତ୍ତିକ ସାହୁ)

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ରାଜ୍ୟ କମିଟି ବୈଠକ ଖାନନଗରସ୍ଥିତ କାଳୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ରୁ କେନ୍ଦ୍ର ସରକାର ଇପିଏଫ୍ ପେନସନଭୋଗୀଙ୍କ କ୍ଷେତ୍ରରେ ସର୍ବନିମ୍ନ ମାସିକ ପେନ୍‌ସନ ୧ ହଜାର ଟଙ୍କା ଲାଗୁ କରିଥିବା ବେଳେ ଦେଶର ୩୭ ଲକ୍ଷରୁ ଊର୍ଦ୍ଧ୍ୱ ପେନ୍‌ସନଭୋଗୀ ୧ ହଜାର ଟଙ୍କାରୁ କମ ପେନ୍‌ସନ ପାଉଛନ୍ତି। ସେହିଭଳି ଅବଶିଷ୍ଟ ୪୫ ଲକ୍ଷ ପେନ୍‌ସନଭୋଗୀ ୧ ହଜାରରୁ ୩ ହଜାର ୫ ଶହ ମଧ୍ୟରେ ପେନ୍‌ସନ ପାଉଛନ୍ତି। ଦରଦାମ ବୃଦ୍ଧିର ଭରଣା ଲାଗି ପେନ୍‌ସନ ସହ ମହଙ୍ଗାଭତ୍ତା ମଧ୍ୟ ମିଳୁନାହିଁ। ଇତିମଧ୍ୟରେ ଦୀର୍ଘ ୧୨ବର୍ଷ ବିତିଯାଇଥିଲେ ବି କେନ୍ଦ୍ର ସରକାର ସର୍ବନିମ୍ନ ପେନ୍‌ସନ ବୃଦ୍ଧି ଦାବିକୁ ଅଣଦେଖା କରୁଥିବାରୁ ଏହି ବରିଷ୍ଠ ନାଗରିକମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ୨୦୨୨ ନଭେମ୍ବରରେ ସୁପ୍ରିମକୋର୍ଟ ଯୋଗ୍ୟ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ପେନ୍‌ସନ ପ୍ରଦାନ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ମାତ୍ର ୩ ବର୍ଷ ବିତିଯାଇଥିଲେ ବି ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଦ୍ଧିତ ପେନ୍‌ସନ ମିଳି ପାରିନାହିଁ। ଇପିଏଫ୍ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ ଭାବେ ଲାଗୁ କରୁ ନ ଥିବାରୁ ଯୋଗ୍ୟ ହିତାଧିକାରୀମାନେ ବର୍ଦ୍ଧିତ ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ମତବ୍ୟକ୍ତ କରିଛନ୍ତି। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତୁରନ୍ତ ବର୍ଦ୍ଧିତ ପେନ୍‌ସନ ପ୍ରଦାନ, ପେନ୍‌ସନ ସହ ମହଙ୍ଗାଭତ୍ତା ଦେବା, ସମସ୍ତ ପେନ୍‌ସନଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବା ଏବଂ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ ଅହେତୁକ ବିଳମ୍ବର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥାକୁ ବ୍ୟାପକ କରାଯିବ ବୋଲି ସର୍ବସମ୍ମତକ୍ରମେ ନିଷ୍ପତ୍ତି ହୋଇଛି। ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ, ଖୋର୍ଦ୍ଧା, ପୁରୀ, ଦେବଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଆଦି ଜିଲାର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସରୋଜ କାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

**ବଡ଼ାସ ଦଶଦୋଳ ମେଳଣ ଜମିଲା**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ଅଞ୍ଚଳର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ଆରାଧ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ଦଶଦୋଳ ମେଳଣ ଜମିଯାଇଛି। ଠାକୁର ବାବା ବୈଦ୍ୟନାଥ ସୁସଜ୍ଜିତ ବିମାନରେ ବସି ଗ୍ରାମ ପରିକ୍ରମା କରିବା ସହିତ ଘଣ୍ଟ, ବାଦ୍ୟ, ପେଁକାଳୀ ଧ୍ୱନି ମଧ୍ୟରେ ତଗା ନାଚ, ଘୋଡ଼ା ନାଚ, ସଖୀ ନାଚ ବିଭିନ୍ନ ପଶୁ ପକ୍ଷୀ ନାଚ ମଧ୍ୟରେ ମେଳଣପଡ଼ିଆକୁ ପ୍ରବେଶ କରି ନିଜର ଆସନରେ ବସିଥିଲେ। ମେଳଣର ଆରାଧ ଠାକୁର ବାବା ବୈଦ୍ୟନାଥ ଆସିବା ପରେ ଆଖପାଖ ଗ୍ରାମରୁ ୨୦ରୁ ଉର୍ଦ୍ଧ୍ୱ ଠାକୁର ସୁସଜ୍ଜିତ ବିମାନରେ ଆସିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୩।୨୦୨୬

| | |
|---|---|
| ୯,୧୧,୮୦୦ ଟଙ୍କା | |
| ସୁନା | ୩.୩୦୦ ଗ୍ରାମ୍ |
| ରୁପା | ୫୨.୭୦୦ ଗ୍ରାମ୍ |

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଗ୍ନି ନିରାପତ୍ତା ସମୀକ୍ଷା କଲା ପ୍ରଶାସନ

ପୁରୀ,୧୬।୩(ଅଜିତ୍ କୁମାର ମହାନ୍ତି)

କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ୧୦ରୁ ଅଧିକ ଜୀବନ ଯାଇଥିବା ନେଇ ସୂଚନା ମିଳିଛି। କଟକ ଏସସିବିରେ ଅଗ୍ନିକାଣ୍ଡ ପରେ ପୁରୀ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଛି। ପ୍ରଶାସନ ପକ୍ଷରୁ ସୋମବାର ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମୀକ୍ଷା କରାଯାଇଛି।

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂ, ଅଗ୍ନିଶମ ଅଧିକାରୀ, ମେଡିକାଲ ପରିଚାଳକ, ବୈଷୟିକ ଅଧିକାରୀ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆଇସିୟୁ, ଓଟି, ମହିଳା ଓ ଶିଶୁ ବିଭାଗ ବିଲ୍ଡିଂ ସହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ପୂର୍ବରୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଅନେକ ସମସ୍ୟା ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଷ୍ଟାଫ୍ ନ ଥିବା, ରୋଗୀଙ୍କୁ ଠିକ୍ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଉ ନ ଥିବା ଭଳି ଅଭିଯୋଗ ହୋଇଛି। ମାତ୍ର ରଥଯାତ୍ରା ସମୟରେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଉଥିବା ବେଳେ ରଥଯାତ୍ରା ପରେ ଯେଉଁ କଥାକୁ ସେଇ କଥା। କେବଳ କେଉଁଠି ଅଘଟଣ ଘଟିଲେ ପ୍ରଶାସନର ବ୍ୟବସ୍ଥା କଥା ମନେ ପଡ଼ିଥାଏ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଓ ଭକ୍ତ ଆସିଥାନ୍ତି। ତେଣୁ ଲୋକଙ୍କର ଜୀବନ ସୁରକ୍ଷା ପାଇଁ ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଆସୁଛି। କଟକ ଏସ୍‌ସିବିରେ ଅଘଟଣ ପରେ ପ୍ରଶାସନ ପକ୍ଷରୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ସମୀକ୍ଷା କରାଯାଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆହୁରି ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କିଭଳି କରାଯାଇପାରିବ ସେ ନେଇ ଏକ ରିପୋର୍ଟ ଦେବାକୁ ଜିଲା ଅଗ୍ନିଶମ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଗ୍ନିଶମ ଅଧିକାରୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏକ ମିଳିତ ଟିମ୍ ପୁରୀ ଜିଲା ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ତଦାରଖ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଯାହାକିଛି ଆବଶ୍ୟକ ରହିଛି, ତାହା ଖୁବଶୀଘ୍ର ପୂରଣ କରାଯିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି।

ପୁରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାହା କିଛି ସମସ୍ୟା ରହିଛି, ଏହାର ତାଲିକା କରାଯାଇଛି। ଯାଞ୍ଚ ସମୟରେ ଜଣାପଡ଼ିଛି ସମସ୍ତ ଫାୟାର ନିରୋଧକ ମେଶିନ କାର୍ଯ୍ୟକ୍ଷମ ରହିଛି। ସମସ୍ତ ବିଲ୍ଡିଂ ଓ ୱାର୍ଡ ବୁଲି ଯାଞ୍ଚ କରାଯାଇଛି। ଜିଲାପାଳ ପରିଡ଼ା କହିଛନ୍ତି, ଅଗ୍ନିଶମ ପକ୍ଷରୁ ଯାଞ୍ଚ କରାଯାଇଛି। ତେବେ ଆଗକୁ ଅଗ୍ନିଶମ ବିଭାଗର ପରାମର୍ଶକ୍ରମେ ଅତ୍ୟାଧୁନିକ ମେଶିନ ଲଗାଯିବ। ଟିମ୍ ଗଠନ କରାଯାଇଛି, ଜିଲାରେ ଥିବା ସବୁ ସରକାରୀ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଉଛି। ପୁରୀ ସହରରେ ଯେତେ ଉଚ୍ଚ ଅଟ୍ଟାଳିକା ରହିଛି, ତାହାର ସର୍ଭେ କରାଯାଇଛି। ସେଠାରେ ସବୁପ୍ରକାରର ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ପରିଡ଼ା କହିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ସମୀକ୍ଷା କରୁଛନ୍ତି ଜିଲାପାଳ ଓ ଏସ୍‌ପି।

## ସମାଜର ପ୍ରତ୍ୟେକ ଶିଶୁ ସମ୍ଭାବନାର ପ୍ରତୀକ




ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୧୬।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ଏବିଏସ୍ ଅକ୍ସଫୋର୍ଡ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥିଭାବେ ନିମାପଡ଼ା କଲେଜ ସ୍ନାତକୋତ୍ତର ବିଭାଗର ସଂଯୋଜକ ବିଶିଷ୍ଟ ଭୂତତ୍ତ୍ୱବିତ୍ ମାନସ କୁମାର ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ନିର୍ମଳ ମିଶ୍ର, ବିଦ୍ୟାଳୟର ନିର୍ଦ୍ଦେଶକ ଦେବୀପ୍ରସନ୍ନ ମହାନ୍ତି, ବରିଷ୍ଠ ଶିକ୍ଷାବିତ ବିୟତବିହାରୀ ମିଶ୍ର, ନିବେଦିତା ମଲ୍ଲିକ, ବିଦ୍ୟାଳୟର ଚେୟାରମ୍ୟାନ ରୀନାବାଳା ମଲ୍ଲିକ, ସମ୍ପାଦକ ଟିଟୁ ମଲ୍ଲିକ, ବିଦ୍ୟାଳୟର ଅଧ୍ୟକ୍ଷ ବନମାଳୀ ପାଣି, ପ୍ରଧାନଶିକ୍ଷୟିତ୍ରୀ ଲିପ୍‌ସା ପ୍ରଧାନ ପ୍ରମୁଖ ଯୋଗଦେଇ ସମାଜରେ ପ୍ରତ୍ୟେକ ଶିଶୁ ସମ୍ଭାବନାର ପ୍ରତୀକ, ଶିଶୁମାନଙ୍କ ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୨୦ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। କୁନିକୁନି ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି, ଦର୍ଶକ, ଅଭିଭାବକଙ୍କୁ ବେଶ୍ ଆକର୍ଷିତ କରିଥିଲା।

### ସଂକ୍ଷେପରେ

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ,୧୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ପିପିଲି ବ୍ଲକ ସମ୍ମିଳନୀ ଗୃହରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮ଟି ଅଭିଯୋଗ ମିଳିଥିଲା। ସେଥିରୁ ୩୨ଟି ବ୍ୟକ୍ତିଗତ, ୫ଟି ଗ୍ରାମ ସମ୍ବନ୍ଧୀୟ ଓ ଗୋଟିଏ ରେଡକ୍ରସ ସହାୟତା ସମ୍ପର୍କରେ ରହିଥିଲା। ତତ୍କ୍ଷଣାତ ୧ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। ଶିବିରରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପିପିଲି ବିଡିଓ ସରୋଜ କୁମାର ରାଉତ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ, ଅତିରିକ୍ତ ତହସିଲ୍‌ଦାର ବସନ୍ତ ବେହେରା ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆସନ୍ତା ୨୩ରେ ଡେଲାଙ୍ଗ ଓ ୩୦ରେ ଗୋପ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ଟାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ବଳଙ୍ଗା,୧୬।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଭୀମ ବଜାର ଛକରେ ଚଢ଼ାଉ କରାଯାଇ ପୋଲିସ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ନାଲିହଣା ଗ୍ରାମର ରାମଚନ୍ଦ୍ର ବେହେରା ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଅଭିଯୁକ୍ତ ରାମଚନ୍ଦ୍ର ରବିବାର ସନ୍ଧ୍ୟାରେ ଦେଶୀମଦ ରଖି ଚୋରା କାରବାର କରୁଥିବା ନେଇ ବଳଙ୍ଗା ଥାନାଧିକାରୀ ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଥାନା ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୦ ପେଟି ଦେଶୀ ମଦ ଜବତ କରିଥଲେ। ଏ ନେଇ ଥାନାରେ ୮୮/୨୬ରେ ଏକ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

## ବାଲାଜୀ ମନ୍ଦିରରେ ସାମୂହିକ ବ୍ରତୋପନୟନ

ପୁରୀ,୧୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଶ୍ରୀରାମ ଚନ୍ଦ୍ରସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନ ପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜୀୟର ସ୍ୱାମୀ ମଠର ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିହାର, ଓଡ଼ିଶା ରାଜ୍ୟର ସମ୍ବଲପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ଅନୁଗୁଳ ଜିଲାର ୭ ଜଣ ବ୍ରାହ୍ମଣ ବାଳକ ପରମ୍ପରା ଓ ରୀତିନୀତି ଅନୁସାରେ ବ୍ରହ୍ମଚାରୀ ହୋଇଥିଲେ। କାର୍ଯ୍ୟକ୍ରମସ୍ଥଳରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ଜିୟର ସ୍ୱାମୀ ମଠର ସନ୍ଥ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ ପ୍ରତ୍ୟେକ୍ଷ ପରିଚାଳନା କରିବା ସହିତ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ସମସ୍ତ ବ୍ରହ୍ମଚାରୀଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତ୍ରୀ ରଞ୍ଜିତା ପାତ୍ରୀ, ସଦସ୍ୟ ତଥା କଟକୀ ମଠର ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ସୁରେଶ ଶର୍ମା, ରମେଶ ଶର୍ମା, କମଳ ଟିବରୱାଲ, ବିଷ୍ଣୁ ଜୋଶୀଜୀ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୭ ଜଣ ବ୍ରହ୍ମଚାରୀ ବାଲାଜୀ ମନ୍ଦିର ଦର୍ଶନ କରିବା ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ଭକ୍ତଙ୍କ ସହ ସାମୂହିକ ପ୍ରସାଦ ସେବନ କରିଥିଲେ।



ବାଲାଜୀ ଆଶ୍ରମ ପରିସରରେ ସମୂହ ବ୍ରତୋପନୟନ କାର୍ଯ୍ୟ କରାଯାଉଛି।

## ପାଣିମୋଟର ଚୋରି ବେଳେ ଧରାପଡ଼ିଲେ ଦୁଇ ନାବାଳକ

ଯୋଗେଶ୍ୱରପୁର,୧୬।୩ (ରଶ୍ମିରଞ୍ଜନ ସାହୁ)

ପାଣିମୋଟର ଚାରି ଅଭିଯୋଗରେ ଗ୍ରାମବାସୀ ୨ ନାବାଳକଙ୍କୁ ପୋଲିସ ଜିମା ଦେଇଛନ୍ତି। ସୂଚନାଯୋଗ୍ୟ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବଡ଼ତୋଟା ଗ୍ରାମର ସୁଧୀର ଦାସ ଓ ବାଲିଉପର ଗ୍ରାମର କାବୁ ବିଶ୍ୱାଳଙ୍କ ୨ଟି ପାଣିମୋଟର ଖୋଲି ନେବା ସମୟରେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲେ। ସେଠାରେ ଉତ୍ତମ ମଧ୍ୟମ ଖାଇଲାପରେ କୌଣସି ସୂତ୍ରରୁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଖବରପାଇ ୨ଜଣ ନାବାଳକଙ୍କୁ ଉଦ୍ଧାର କରି ଗୋପ ଥାନାକୁ ନେଇଥିଲେ। ତାଙ୍କ ନିକଟରୁ ଏକ ନାଲି ରଙ୍ଗର ସିଡି ଡିଲକ୍ସ ବାଇକ ଜବତ କରାଯାଇଛି। ଅଟକଥିବା ନାବାଳକଙ୍କ ଘର ନୟାହାଟ ଫାଣ୍ଡି ଅନ୍ତର୍ଗତ ଭୂରୁଭୂରା ଗ୍ରାମ ଓ ଅନ୍ୟ ଜଣଙ୍କର ଘର କୋଣାର୍କ ଥାନା ଅର୍ନ୍ତଗତ ଆମ୍ବିଲିଗାଁ ଅଞ୍ଚଳର ବୋଲି ଜଣାପଡ଼ିଛି।

## ଆତ୍ମରକ୍ଷା କୌଶଳ ହିଁ ଭବିଷ୍ୟତର ରକ୍ଷା କବଚ




ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କାକଟପୁର/ଅସ୍ତରଙ୍ଗ,୧୬।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ସୋମବାର ଅଧ୍ୟକ୍ଷା କୁନିଲତା ରାଉତଙ୍କ ସଭାପତିତ୍ୱରେ ଶେଷ ହୋଇଛି। ଛାତ୍ରୀମାନେ କିଭଳି ନିଜକୁ ନିଜେ ପ୍ରାଥମିକସ୍ତରରେ ସୁରକ୍ଷା ଦେଇପାରିବେ, ସେଥିନେଇ ଆଲୋଚନା କରିଥିଲେ। ଛାତ୍ରୀ ଆତ୍ମରକ୍ଷା କୌଶଳ ହିଁ ବାସ୍ତବରେ ଭବିଷ୍ୟତ ଜୀବନ ପାଇଁ ସେମାନଙ୍କ ରକ୍ଷା କବଚ। ନାରୀ ନିଜକୁ ସୁରକ୍ଷିତ ରଖିଲେ ସମାଜ ଶୃଙ୍ଖଳିତ ରହିବ। ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯାତନା ବଢ଼ି ଚାଲିଥିବା ସହ ଛାତ୍ରୀଙ୍କ ସୁରକ୍ଷା ମଧ୍ୟ ସମସ୍ୟାର ବିଷୟ ହୋଇଛି। ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା କୌଶଳ ଜାଣିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। କଲେଜର ସମସ୍ତ ଛାତ୍ରୀଙ୍କୁ ନେଇ ଶିବିରଟି ୮ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଅଧ୍ୟାପକ ସାଗର କୁମାର ଜେନା, ଅଧ୍ୟାପିକା ମୋନାଲିସା ଶ୍ରୀଚନ୍ଦନ ସିଂ, ସୁଜାତା ଦାସ, ସରସ୍ୱତୀ ପରିଡ଼ା, କବିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷିକା ସାକ୍ଷୀଲତା ନାୟକ (ହାପି) ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

କାକଟପୁର,୧୬।୩ (ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅଧୀନ ଶୁକପୋଖରୀସ୍ଥିତ ସତ୍ୟନାରାୟଣ ୟୁଥ କ୍ଲବର ୩୬ତମ ବାର୍ଷିକ ଉତ୍ସବ ଓ ୨୬ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପୁରୀ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ କାକଟପୁର ବ୍ଲକ ପ୍ରତିନିଧି କୈଳାସ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ଇଂ. ମଙ୍ଗଳା ପ୍ରସାଦ ପରିଡ଼ା, ସାମାଜିକ କର୍ମୀ ଶିବ ଚରଣ ନାୟକ ପ୍ରମୁଖ ଯୋଗଦେଇ ଆମ ପ୍ରତିଭା ଓ ବିଚିତ୍ରାନନ୍ଦ ସାହୁ ସ୍ମାରକୀ ଆମ ସୁନାବୋହୂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ନାଟକ ପ୍ରତିଯୋଗିତାରେ ଗୋବିନ୍ଦପୁର ପାରାଦୀପର କଳାକାରଙ୍କ ଦ୍ୱାରା ନାଟକ 'ହା କୃଷ୍ଣ ବୋଲି ଯାଉ ଯିବ' ମଞ୍ଚସ୍ଥ କରାଯାଇ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ୫୦ ହଜାର ପୁରସ୍କାର ରାଶି ସହିତ ଟ୍ରଫି ଏବଂ ଗୋଖିବାବା ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ଦ୍ୱାରା ମଞ୍ଚସ୍ଥ 'କିଏ କାନ୍ଦିନାହିଁ ହାତଟେକ' ଦ୍ୱିତୀୟ ସ୍ଥାନ ଅଧିକାର କରି ୩୦ ହଜାର ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରତାପ ରାଉତ ଏବଂ ରାଜଗୁରୁ ବିଜୟ କୁମାର ଦାଶ ଦାୟିତ୍ୱ ନେଇଥିବାବେଳେ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପରିଚାଳକ ଛବି ପରିଡ଼ା, ଆଲୋକ ପରିଡ଼ା, ଦୁର୍ଗାଚରଣ ମହାନ୍ତି, ପ୍ରତାପ ଦାଶ, ହରେକୃଷ୍ଣ ସେଣ, କାଳନ୍ଦୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଏବଂ ଉପଦେଷ୍ଟା ଅଭୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ।

### ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଘଟଣା

## ଅଭିଯୋଗକୁ ଚାପି ଦିଆଯାଉଛି: ବିଦ୍ୟାର୍ଥୀ

ସାକ୍ଷୀଗୋପାଳ,୧୬।୩ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଲାଗିରହିଥିବା ନାନା ଅବ୍ୟବସ୍ଥାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଛାତ୍ର ଅଶାନ୍ତି ପ୍ରଶମିତ ପାଇଁ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରୀଛାତ୍ରମାନେ କର୍ତ୍ତୃପକ୍ଷଙ୍କ ବିରୋଧରେ ମୁହଁ ଖୋଲିଥିବା ଜଣାପଡ଼ିଛି। ସେମାନଙ୍କର କୌଣସି ସ୍ୱାଧୀନତା ନାହିଁ ଏବଂ ସବୁ ଅଭିଯୋଗକୁ ଚାପି ଦିଆଯାଉଥିବା ସେମାନେ କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟରେ ଅଧିକ ଜ୍ଞାନ ଆହରଣ ଲକ୍ଷ୍ୟରେ ସେମାନେ ଓଡ଼ିଆ ପିଲା ଭାବେ ଗର୍ବର ସହ ଏଠାରେ ପାଠ ପଢ଼ିବା ପାଇଁ ଆଗେଇ ଆସିଥିଲେ। ମାତ୍ର ସେମାନଙ୍କୁ ଉପଯୁକ୍ତ ଶୈକ୍ଷିକ ସୁବିଧା ଏବଂ ଛାତ୍ରାବାସଠାରୁ କ୍ୟାମ୍ପସ୍‌ରେ ଆବଶ୍ୟକ ସୁବିଧା ନ ଥିବାରୁ ସେମାନେ ହଟହଟା ହେଉଛନ୍ତି।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ମଧ୍ୟରେ ରହିଛୁ, ଯାହାକୁ ନେଇ ଆମେ ବିଶ୍ୱବିଦ୍ୟାଳୟ ଛାତ୍ର ବୋଲି କହିବାକୁ କୁଣ୍ଠାବୋଧ କରୁଛୁ। ଆମ ପାଇଁ ଏଠାରେ କୌଣସି ଖେଳସାମଗ୍ରୀ ଦିଆଯାଉ ନାହିଁ କି ଖେଳିବା ପାଇଁ ଭଲ ପରିବେଶ ନାହିଁ। ପାଠାଗାର ଅଛି, କିନ୍ତୁ ଶିକ୍ଷାଦାନ କ୍ଷେତ୍ରରେ ସହାୟକ ହେଉଥିବା ପୁସ୍ତକ କିମ୍ବା ସମ୍ବାଦପତ୍ର ରଖାଯାଉ ନାହିଁ। ଟିଭି କିମ୍ବା ଇଣ୍ଟରନେଟ୍‌ର ସୁବିଧା ନାହିଁ। ପାନୀୟ ଜଳରେ ପୋକ ଓ ଶିଉଳି ଆସୁଛି, ଯାହା ଶରୀର ପକ୍ଷେ ବହୁ କ୍ଷତିକାରକ ବୋଲି କହିଛନ୍ତି।

ଅନ୍ୟପଟେ ଏଠାରେ ଯେଉଁ ହଷ୍ଟେଲ ରହିଛି, ସେଠାରେ ସ୍ଥାନ ଅଭାବରୁ କିଛି ପିଲା ସାକ୍ଷୀଗୋପାଳ ଠାକୁରଙ୍କ ପାନ୍ଥଶାଳାରେ ରହୁଛନ୍ତି। ସେଠାରେ ଗାଡ଼ିମୋଟର ଶବ୍ଦ ସହ ଠାକୁରଙ୍କ ଦର୍ଶନ ନିମନ୍ତେ ଆସୁଥିବା ଯାତ୍ରୀଙ୍କ କୋଳାହଳରେ ଆମେ ରହିବା କିମ୍ବା ପାଠ ପଢ଼ିବା ଆଦୌ ସମ୍ଭବ ନୁହେଁ। ଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ହଷ୍ଟେଲର ସୁରକ୍ଷା ବ୍ୟବସ୍ଥା ଆଦୌ ଠିକ୍ ନାହିଁ। ଶୌଚାଳୟ ନିୟମିତ ପରିଷ୍କାର କରାଯାଉନାହିଁ। ଶୌଚାଳୟ କବାଟ ଭାଙ୍ଗିଯିବା ସହ ଲକ୍ କାମ କରୁନି। ସବୁଠାରୁ ବଡ଼କଥା, ଆମ ହଷ୍ଟେଲ ଉପରେ ଅନେକ ସମୟରେ ଦୁର୍ବୃତ୍ତମାନେ ଟେକାପଥର ମାଡ଼ କରିବାଠାରୁ ମଦ୍ୟପଙ୍କ ଉତ୍ପାତରେ ଛାତ୍ରୀମାନେ ଭୟଭୀତ ହେଉଛନ୍ତି। ଅଧ୍ୟାପିକା, ଅଧ୍ୟାପକଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରାବାସରେ ପାନୀୟ ଜଳଯୋଗାଣକୁ ନେଇ ସୃଷ୍ଟି ହୋଇଥିବା ଅସୁବିଧା ଦୂର କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ୨/୩ ଦିନ ମଧ୍ୟରେ ସମାଧାନ ହୋଇଯିବ ବୋଲି କୁଳପତି ପାଣିଗ୍ରାହୀ କହିଥିବା ବେଳେ ଅନ୍ୟ ସମସ୍ୟା ଗୁଡ଼ିକ ତାଙ୍କ ନଜରକୁ ଆସି ନ ଥିବା କହିଛନ୍ତି। ସମସ୍ତଙ୍କ ସହଯୋଗ ନେଇ ସେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଆ ଭାଷାର ଉତ୍ପତ୍ତି ପ୍ରସଙ୍ଗରେ କୁଳପତି ଦେଇଥିବା ଅଭିଭାଷଣ ଶାସ୍ତ୍ରୀୟ ପ୍ରାସଙ୍ଗିକତା ଉପରେ ଆଧାରିତ ବୋଲି ସେ ଦୋହରାଇଥିଲେ।

## ସେମିରେ ଭୁବନେଶ୍ୱରର ତମାଣ୍ଡୋ କ୍ରିକେଟ କ୍ଲବ

### ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ

ଗୋପ,୧୬।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ତୃତୀୟ ସର୍ବଭାରତୀୟଧର୍ମେନ୍ଦ୍ରସାହୁମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ତମାଣ୍ଡୋ କ୍ଲବ ୟୁପିର ବନାରସ ପଲ୍ଲି କ୍ରିକେଟ କ୍ଲବ୍‌କୁ ୧୦୧ ରନ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।

ପ୍ରଥମେ ଟସ୍ ଜିତି ଭୁବନେଶ୍ୱରର ତମାଣ୍ଡୋ କ୍ଲବ ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ରାକେଶ ପଟ୍ଟନାୟକ ୨୪ ବଲରେ ୭ଟି ଛକା ଓ ଗୋଟିଏ ଚୌକାରେ ୫୦ ରନ୍, ସୌମ୍ୟ ବିଶ୍ୱାଳ ୧୭ ବଲରେ ୪୪ ରନ୍ ଓ କ୍ଷମାସାଗର ୧୭ ବଲ୍‌ରେ ୩୪ ରନ୍‌ରେ ଦଳ ୮ ଉଇକେଟ ହରାଇ ୨୫୨ ରନ୍ କରିଥିଲା। ଏହାର ଜବାବରେ ୟୁପିର ବନାରସ ପଲ୍ଲି କ୍ଲବ ପ୍ରଥମରୁ କ୍ରମାଗତ ଭାବେ ଉଇକେଟ ହରାଇଥିବା ବେଳେ ଦଳର କ୍ୟାପ୍‌ଟେନ୍ ପଙ୍କଜ ଓଝାଙ୍କ ୨୮ ରନ୍ ବଳରେ ମାତ୍ର ୧୫୦ ରନ୍‌କରି ଦଳ ୧୦୧ ରନ୍‌ରେ ପରାଜୟ ବରଣ କରିଥିଲା। ବିଜୟୀ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଖେଳାଳି କ୍ଷମାସାଗରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଖେଳକୁ ଅମ୍ପାୟର କାଲୁ ସିହ୍ନା ଓ ଦେବେନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଘୋଷକ ଭାବେ ମନୋଜ କୁମାର ପାତ୍ର ଓ ଗୁନାକର ଭୋଇ ଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ତମାଣ୍ଡୋ କ୍ଲବ ଓ ଝାଡ଼ଖଣ୍ଡ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି।




ତମାଣ୍ଡୋ କ୍ଲବ୍‌ର ଖେଳାଳି କ୍ଷମାସାଗରଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଉଛି।

## ଜାତୀୟ ଯୁବ ମହିଳା କନ୍‌ଭେନଶନ ଉଦ୍‌ଘାଟିତ




ସଂସ୍କୃତି ଭବନ ଠାରେ ସୋମବାର ଅନୁଷ୍ଠିତ କନ୍‌ଭେନଶନରେ ଉପସ୍ଥିତ ଅତିଥିମାନେ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୧୬।୩(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ୍) ପକ୍ଷରୁ ସର୍ବଭାରତୀୟ ଯୁବତୀ କନଭେନଶନ ସଂସ୍କୃତି ଭବନ ଠାରେ ସୋମବାର ଅମୁଆ ଜୟଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଏହି ଯୁବ ମହିଳା ଜାତୀୟ କନଭେନଶନକୁ କର୍ମବୀର ଧନୀ ଉଦ୍‌ଘାଟନ କରି ସାମ୍ପ୍ରଦାୟିକ, ଜାତିବାଦୀ ଓ ପୁଞ୍ଜିବାଦୀ ଶୋଷଣ କଷଣରୁ ଲିଙ୍ଗଭେଦ ଦୂର କରିବା ସହ ସ୍ତ୍ରୀ ଲିଙ୍ଗଗତ ଅଧିକାର ହାସଲ ପାଇଁ ଐକ୍ୟଯୁଦ୍ଧ ସଂଘର୍ଷର ଆହ୍ୱାନ ଦେଇଥିଲେ। କନଭେନଶନର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ସମଗ୍ର ଦେଶରୁ ଆସିଥିବା ଯୁବତୀ ପ୍ରତିନିଧିଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। କନ୍‌ଭେନଶନକୁ ପ୍ରୋତ୍ସାହିତ କରିଥିବା ଏଆଇୱାଇଏଫ୍‌ର ସାଧାରଣ ସମ୍ପାଦକ ସୁଖଜିନ୍ଦର ମାହେଶ୍ୱରୀ ଶୁଭେଚ୍ଛା ଜ୍ଞାପନ କରି ସମାଜର ଅଧାଭାଗ ଯୁବ ମହିଳା ଏହି ସଂଘର୍ଷର ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଯୁବ ସଂଘର ପୂର୍ବତନ ଜାତୀୟ ଉପସଭାପତି ତଥା ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର ଶୁଭେଚ୍ଛା ଜଣାଇ କହିଛନ୍ତି, ଯୁବତୀମାନେ ସଂଗ୍ରାମର ଆଗଧାଡ଼ିରେ ରହିଲେ ହିଁ ଉଭୟ ଗୁଣ୍ଡାବାଦୀ ଓ ସାମ୍ରାଜ୍ୟବାଦୀ ବିରୋଧୀ ସଂଘର୍ଷ ତେଜିୟାନ୍ ହେବ। ଆମେରିକାର ସାମ୍ରାଜ୍ୟବାଦ ଆରାଧ ବାଳିକା ବିଦ୍ୟାଳୟ ଧ୍ୱଂସ କରି ଶହ ଶହ ସ୍କୁଲ ଛାତ୍ରୀଙ୍କୁ ହତ୍ୟା, ଲାଭ ଓ ଲୋଭ ପାଇଁ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ ଯେକୌଣସି ବ୍ୟଭିଚାର କରିପାରେ ବୋଲି ମୃତ ଏପଷ୍ଟିନ ଫାଇଲ୍‌ରୁ ଗୁମର ଫିଟୁଛି। ଏଆଇୱାଇଏଫ୍‌ର ସର୍ବଭାରତୀୟ ଉପସଭାପତି ପ୍ରଦୀପ ସେଠୀ ଏ ଶହ ଶହ ବର୍ଷର ଅନ୍ଧବିଶ୍ୱାସ, ଶୋଷଣ ଓ ନିର୍ଯାତନାର ଶେଷ ପାଇଁ ଆମକୁ ହିଁ ସଂଘର୍ଷକୁ ତ୍ୱରାନ୍ୱିତ କରିବାକୁ ହେବ ବୋଲି କହିଥିଲେ। ଏହି କନଭେନଶନରେ ବିଭିନ୍ନ ରାଜ୍ୟରୁ ଯୁବ ନେତ୍ରୀ ବିନିତା ବିନସେଣ୍ଟ, ଆଶ୍ୱିନୀ, ଶ୍ୱେତା, ଶ୍ରେୟା, ରେଶାମ ଇତ୍ୟାଦି ଉଦ୍‌ବୋଧନ ଦେଇଥିବା ବେଳେ ଏଆଇୱାଇଏଫ୍‌ର ଜାତୀୟ ଉପସଭାପତି ସଂଘମିତ୍ରା ଜେନା, ରାଜ୍ୟ ସଭାପତି ସତ୍ୟରଞ୍ଜନ ମହାନ୍ତି, ରାଜ୍ୟ ସମ୍ପାଦକ କାମଦେବ ନାହାକ, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ବର୍ତ୍ତମାନର ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ସୁରେଶ ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରୀତା



@ ସତୀଶଙ୍କର



@ ସୁବ୍ରତ



@ ଦିନେଶ



@ ଧର୍ମେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା: ଅପରାହ୍ଣ ୨ଟା ୩୦ରେ ରଥଟଣା

ପୁରୁଣା ଭୁବନେଶ୍ୱର, ୧୬।୩ (ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୨୬ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା । ଏନେଇ ରଥଖଳାରେ ରଥକାର୍ଯ୍ୟ ଆଗେଇ ଚାଲିଛି । ସୋମବାର ରଥ ଚକ ନିର୍ମାଣ ଶେଷ ପରେ ବିଧି ମୁତାବକ ଚକରେ ଅଖ ସଂଯୋଗ କରାଯାଇଛି । ମନ୍ଦିରରେ ବଲ୍ଲଭ ନୀତି ପରେ ପାଳିଆ ପୂଜାପଣ୍ଡା ସେବକ, ପତ୍ରୀ ସେବକ, ମହାସୁଆର ସେବକ ପ୍ରମୁଖ ଘଣ୍ଟ, ଘଣ୍ଟା ଓ କାହାଳି ଶୋଭାଯାତ୍ରାରେ ରଥଖଳାରେ ପହଞ୍ଚିଥିଲେ । ସେଠାରେ ପୂଜାପଣ୍ଡା ସେବାୟତ ପଞ୍ଚ ଉପଚାରରେ ପୂଜାକାର୍ଯ୍ୟ ସାରିବା ପରେ ମହାରଣା ସେବାୟତମାନେ ଚକ ସହ ଅଖକୁ ସଂଯୋଗ କରିଥିଲେ ।

ସେହିପରି ଅପରାହ୍ଣରେ ମନ୍ଦିର ପ୍ରଶାସନ ପରିସରରେ ଟ୍ରଷ୍ଟ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ନିଯୋଗ ସେବାୟତ ପ୍ରମୁଖଙ୍କୁ ନେଇ ଆୟୋଜିତ ଏହି ବୈଠକରେ ରୁକୁଣା ରଥଯାତ୍ରାର ନୀତିନିର୍ଘଣ୍ଟ ସ୍ଥିର କରାଯାଇଥିଲା । ସେବାୟତମାନଙ୍କ ସହମତିକ୍ରମେ ସେହିଦିନ ଭୋର୍ ୪ଟାରେ ଆଳତି, ଅବକାଶ କରାଯିବା ପରେ ଅନ୍ୟାନ୍ୟ ନୀତି ହେବ । ପୂର୍ବାହ୍ଣ ୧୧ଟାରେ ଠାକୁରମାନେ ରଥକୁ ବିଜେ କରିବେ ଏବଂ ଅପରାହ୍ଣ ୨ଟା ୩୦ରେ ରଥଟଣା ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି । ସନ୍ଧ୍ୟା ୬ଟା ୩୦ ଅର୍ଥାତ୍ ସୂର୍ଯ୍ୟାସ୍ତ ପରେ ରଥଟଣା ବନ୍ଦ କରାଯିବା ପାଇଁ ସ୍ଥିର ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭାରିମଲ୍ଲ, ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ କୁମାର ପୂଜାପଣ୍ଡା, ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ସେବାୟତ ହିମାଂଶୁ ମହାପାତ୍ର, ବିରଞ୍ଚି ନାରାୟଣ ପତି, ଅଞ୍ଚଳ ବଟୁ, ପ୍ରଶାନ୍ତ ସମର୍ଥ ପ୍ରମୁଖ ଉପସ୍ଥିତ ଥିଲେ ।



ରୁକୁଣା ରଥ ପାଇଁ ସୋମବାର ରଥଖଳାରେ ଅଖଚକ ସଂଯୋଗ ଲାଗି ନେଇ ପୂଜାର୍ଚ୍ଚନା କରାଯାଉଛି ।

# ସମୁଦ୍ର ସ୍ନାନବେଳେ ଭାସିଗଲେ ଛାତ୍ର

## ୨୪ ଘଣ୍ଟା ପରେ ବି ପତ୍ତା ମିଳିନି

ପୁରୀ, ୧୬।୩ (ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମିରେ ସୋମବାର ଅଘଟଣ ଘଟିଛି । ସମୁଦ୍ର ସ୍ନାନବେଳେ ଭାସିଗଲେ ଛାତ୍ର । ନିଖୋଜ ଛାତ୍ର ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଅନିମେଶ୍ ସା । ରବିବାର ଭୁବନେଶ୍ୱରରୁ ଅନିମେଶ୍ ତାଙ୍କର କିଛି ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସି ଅପରାହ୍ଣରେ ପୁରୀ ବେଳାଭୂମିର ୧୦ନଂ. ସେକ୍ଟର ତଥା ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିଲେ । ଏହି ସମୟରେ ବଡ଼ ଲହଡ଼ି ଆସିବାରୁ ଅନିମେଶ୍ ସମୁଦ୍ର ଭିତରକୁ ଭାସିଯାଇଥିଲେ । ଲାଇଫ୍‌ଗାର୍ଡ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା । ରବିବାରଠାରୁ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ପୁରୀ ବେଳାଭୂମି ସମେତ ପେଣ୍ଟକଟା ବେଳାଭୂମି, ନୂଆନଈ ବେଳାଭୂମି, ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ ବେଳାଭୂମି ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଲାଇଫ୍‌ଗାର୍ଡଙ୍କ ତରଫରୁ ନିଖୋଜ ଅନିମେଶଙ୍କୁ ଖୋଜାଖୋଜି ଜାରି ରହିଥିବା ବେଳେ ତାଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇ ପାରିନାହିଁ ।

ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ସମୁଦ୍ରରେ ଭାସିଯାଇ ନିଖୋଜ ଥିବା ଛାତ୍ରଙ୍କୁ ଉଦ୍ଧାର କରିବା ପାଇଁ ଲାଇଫ୍‌ଗାର୍ଡର ଏକ ଟିମ୍ ଚେଷ୍ଟା ଜାରି ରଖିଛି । ପ୍ରଶାସନ ପକ୍ଷରୁ ପ୍ରତିଦିନ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଛି । ତେବେ ପୁରୀ ବେଳାଭୂମିରେ ସୁରକ୍ଷିତ ସ୍ନାନକୁ ନେଇ ନିୟମିତ ଅଘଟଣ ଘଟୁଥିବାରୁ ଏଣିକି ପର୍ଯ୍ୟାପ୍ତ ପରିମାଣର ଲାଇଫ୍‌ଗାର୍ଡଙ୍କୁ ମୁତୟନ କରାଯିବ । ଖାଲି ପୁରୀ ନୁହେଁ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ବେଳାଭୂମିରେ ଲାଇଫ୍‌ଗାର୍ଡ ମୁତୟନ କରାଯିବ । ସେହିପରି ଯେଉଁଠି ଟ୍ରେନିଂ ରିସର୍ଚ୍ଚ ସେଣ୍ଟର ରହିଛି, ସେଠାରେ ସ୍ଥାନୀୟ ଲୋକଙ୍କୁ ଟ୍ରେନିଂ ଦିଆଯାଉଛି । ଫଳରେ ଅଧିକ ବ୍ୟକ୍ତିଙ୍କୁ ମୁତୟନ କରାଯାଇପାରିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି ।

# ୧୭ରୁ ଆର୍‌ଟିଇ ନାମଲେଖା

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)

■ ପ୍ରଥମ ପର୍ଯ୍ୟାୟରେ ୨୭୩୭୦ ଛାତ୍ରୀଛାତ୍ର ଚୟନ
■ ନାମଲେଖା ପାଇଁ ଅର୍ଥ ନେଲେ ହେବ କାର୍ଯ୍ୟାନୁଷ୍ଠାନ

ଶିକ୍ଷା ଅଧିକାର ଆଇନ (ରାଇଟ୍ ଟୁ ଏଜୁକେଶନ ବା ଆର୍‌ଟିଇ)-୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାଙ୍କୁ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରବେଶ ସ୍ତରରେ ନିଃଶୁଳ୍କ ଶିକ୍ଷା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଉଛି । ଏହି କ୍ରମରେ ଚଳିତ ଶିକ୍ଷାବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୧୦ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୨୭,୩୭୦ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିବାବେଳେ ମାର୍ଚ୍ଚ ୧୭ରୁ ୩୧ ମଧ୍ୟରେ ନାମ ଲେଖାଯିବ । ଏନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଚଳିତ ଶିକ୍ଷାବର୍ଷରେ ୪,୪୩୮ ବେସରକାରୀ ବିଦ୍ୟାଳୟରେ ୫୪,୩୫୫ ସିଟ୍ ପାଇଁ ମୋଟ୍ ୪୪,୭୭୭ ଅନ୍‌ଲାଇନ ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ଲକ ଶିକ୍ଷା ଅଧିକାରୀମାନେ ମୂଳ ପ୍ରମାଣପତ୍ର ଯାଞ୍ଚ କରି ୩୫,୮୦୦ ଆବେଦନପତ୍ରକୁ ଯୋଗ୍ୟ ବିବେଚିତ କରିଥିଲେ । ଯୋଗ୍ୟ ଆବେଦନପତ୍ରଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ (ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା) ପକ୍ଷରୁ କେନ୍ଦ୍ରୀୟ ଲଟେରି ମାଧ୍ୟମରେ ପ୍ରାଥମିକ ନିର୍ଦ୍ଦେଶକଙ୍କ ଦ୍ୱାରା ଚୟନ କରାଯାଇଥିଲା । ଆବେଦନ ମଧ୍ୟରୁ ୨୭,୩୭୦ ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଲଟେରି ମାଧ୍ୟମରେ ଚୟନ କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ପ୍ରଦାନ କରିବେ । ଏହି ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ ଅଟେ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ କୌଣସି ଅର୍ଥ ଅଭିଭାବକମାନଙ୍କଠାରୁ ନେଇପାରିବେ ନାହିଁ । ଏହାକୁ କୌଣସି ବିଦ୍ୟାଳୟ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚାଇ ଦିଆଯାଇଛି । ଏଥିସହ ଏନେଇ ବିଭାଗ ପକ୍ଷରୁ ୧୮୦୦୩୪୫୬୭୨୨ ସହାୟତା ନମ୍ବର ଜାରି କରାଯାଇଛି ।



୯ ଦଫା ଦାବିରେ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ । (ଫଟୋ- ମନୋରଞ୍ଜନ ମିଶ୍ର) ।

# କାଠଫାଳିଆ ମାଡ଼ରେ ବୃଦ୍ଧା ମୃତ

ବ୍ରହ୍ମଗିରି, ୧୬।୩ (ସ୍ୱାଧୀନ ଚମ୍ପତିରାୟ)

ଅରଖକୁଦା ମେରାଇନ ଥାନା ଅନ୍ତର୍ଗତ ପାଣ୍ଡା ପୋଖରୀ ଗ୍ରାମରେ ସୋମବାର ରାତିରେ ପାରିବାରିକ କଳହକୁ ନେଇ ଜଣେ ବୃଦ୍ଧା କାଠଫାଳିଆ ମାଡ଼ରେ ମୃତ୍ୟୁବରଣ କରିଛନ୍ତି । ଏହା ସହ ୨ ଆହତ ହୋଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ୨ଦିନ ତଳେ ଏକ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଅରଖକୁଦା ମେରାଇନ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଥାନାରେ କୌଣସି ମାମଲା ରୁଜୁ ନ ହୋଇ ଆପୋସ ସମାଧାନ ହେବାକୁ ଥିଲା । କିନ୍ତୁ ସୋମବାର ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିଲା । ଫଳରେ ଉକ୍ତ ନାବାଳିକା ପରିବାର ମଧ୍ୟରେ ଏନେଇ କଳହ ଦେଖାଦେଇଥିଲା । ଏହି କଳହ ଏତେ ପରିମାଣରେ ବଢ଼ିଯାଇଥିଲା ଯେ, ଦୁଇଭାଇଙ୍କ ମଧ୍ୟରେ ହାତାହାତି ହୋଇ କାଠଫାଳିଆରେ ପରସ୍ପରକୁ ଆକ୍ରମଣ ଓ ପ୍ରତିଆକ୍ରମଣ କରୁଥିବା ସମୟରେ ସାନଭାଇର କାଠଫାଳିଆ ଆକ୍ରମଣରେ ବଡ଼ଭାଇଙ୍କ ଶାଶୁ ଲକ୍ଷ୍ମୀ ଜେନାଙ୍କ ଦେହରେ ବାଜିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି । ଭାଉଜ ନମିତା ନାୟକ (୩୪), ଝିଅ ବର୍ଷା ନାୟକ (୧୪) ଗୁରୁତର ହୋଇଛନ୍ତି । ଏମାନେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପାଇଁ ଭର୍ତ୍ତି ହୋଇଥିବା ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଅଲୌକିକ କଳସ ନାମରେ ୮୦ ଲକ୍ଷ ଠକେଇ, ୩ ଗିରଫ

ଚୌଦ୍ୱାର, ୧୬।୩ (ଆଶୁତୋଷ ଦାସ)

ଅଭିନବ ଉପାୟରେ ଅର୍ଥ ଠକେଇ ଅଭିଯୋଗରେ ଚୌଦ୍ୱାର ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଯାଜପୁର କୋରେଇ ଅଞ୍ଚଳର ଅଜୟ ମହାପାତ୍ର, ଗଞ୍ଜାମ ଜିଲା ଜରଡ଼ା ଗ୍ରାମର ବି. ରବୀନ୍ଦ୍ର କୁମାର ପାତ୍ର ଓ ମହାରାଷ୍ଟ୍ର କୋହ୍ଲାପୁର ଅଞ୍ଚଳର ଶଶାଙ୍କ ଭୁପାଲ ସିଲାକେ । ପୋଲିସ ସୂଚନା ଅନୁଯାୟୀ ସ୍ଥାନୀୟ ଦେବୀ ନଗରସ୍ଥିତ ମହାବୀର ଜିମ୍‌ର ମାଲିକ କପାଳେଶ୍ୱର ଅଞ୍ଚଳର ରାଜେଶ କୁମାର ସାହୁ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ୩ଜଣ ତାଙ୍କ ଜିମ୍ ସେଣ୍ଟରକୁ ଆସି ତାଙ୍କ ପାଖରେ ଏକ ଅଲୌକିକ ସୁନା କଳସ ଥିବା କହି ଏହା ଯାହା ପାଖରେ ରହେ ତା'ର ସର୍ବସିଦ୍ଧି ହୋଇଥାଏ ବୋଲି ରାଜେଶଙ୍କ ବିଶ୍ୱାସ ଜନ୍ମାଇଥିଲେ । ରାଜେଶ ଏଥିରେ ପ୍ରଲୋଭିତ ହୋଇ ସେମାନଙ୍କୁ ୮୦ ଲକ୍ଷ ଟଙ୍କା ଦେଇ କଳସଟିକୁ ଆଣିଥିଲେ । ପରେ ସେ ତାହା ସୁନା କଳସ ନୁହେଁ ବୋଲି ଜାଣିବାକୁ ପାଇଥିଲେ । ଏକ ମାଟି କଳସ ଉପରେ ସୁନାରଙ୍ଗ ଦିଆଯାଇଥିଲା । ରାଜେଶଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୧୬୯/୨୬) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ନିକଟ ଅଞ୍ଚଳରେ ପାଖରେ ଅଭିଯୁକ୍ତମାନେ ଅନ୍ୟ ଏକ ବେପାର ପାଇଁ ଯୋଜନା କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଯୋଗେଶ କୁମାର ବେଜ କହିଛନ୍ତି ।



୩ ଦଫା ଦାବିରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିଶାଳ ସମାବେଶ । (ଫଟୋ- ମନୋରଞ୍ଜନ ମିଶ୍ର) ।

# ଗାଡ଼ି ଧକ୍କାରେ ଗଲା ମା', ପୁଅଙ୍କ ଜୀବନ

ଭୁବନେଶ୍ୱର, ୧୬।୩ (ତ୍ରିନାଥ ମହାନ୍ତି)

ତମାଣ୍ଡୋ ଥାନା ଅଧୀନ ଡିଏଲ୍ ରେଗାଲିଆ ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣାରେ ମା' ଓ ପୁଅଙ୍କ ଜୀବନ ଯାଇଛି । ମୃତକ ହେଲେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ଅଧୀନ ଧର୍ମରାଇପୁର ଗ୍ରାମର କାହ୍ନୁ ମିଶ୍ର ଏବଂ ତାଙ୍କ ମା' । କାହ୍ନୁ ଚିକିତ୍ସା ପାଇଁ ମା'ଙ୍କୁ ଭୁବନେଶ୍ୱର ଏମ୍ସକୁ ଆଣିଥିଲେ । ଚିକିତ୍ସା କରାଇ ବାଇକରେ ଘରକୁ ଫେରିବା ସମୟରେ ଡିଏଲ୍ ରେଗାଲିଆ ନିକଟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ମା' ପୁଅଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି ।

ସୂଚନାଯୋଗ୍ୟ, ୭ଦିନ ହେବ ମା' ଦେହ ଭୀଷଣ ଅସୁସ୍ଥ ହେବା ପରେ ତାଙ୍କୁ ବାଇକରେ କାହ୍ନୁ ଏମ୍ସକୁ ଆଣିଥିଲେ । ମା'ଙ୍କ ଚିକିତ୍ସା ହେବା ପରେ ରବିବାର ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ । କାହ୍ନୁ ବାଇକରେ ମା'ଙ୍କୁ ବସାଇ ବରମୁଣ୍ଡା ଅଭିମୁଖେ ଯାଉଥିଲେ । ହେଲେ ଡିଏଲ୍ ରେଗାଲିଆ ନିକଟରେ ଏକ ଗାଡ଼ି ତାଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ରାସ୍ତା ଉପରେ ମା' ଓ ପୁଅଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଥିବା ଦେଖି ଅନ୍ୟ ଯାତ୍ରୀମାନେ ପୋଲିସକୁ ଖବର ଦେଇଥିଲେ । ପୋଲିସ ସେମାନଙ୍କୁ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ ।

## ବସ୍ ଧକ୍କାରେ ମହିଳା ମୃତ ଘଟଣା: ଡ୍ରାଇଭର ଗିରଫ

ଭୁବନେଶ୍ୱର, ୧୬।୩ (ତ୍ରିନାଥ ମହାନ୍ତି)

ଆଇଗିଣିଆ ଛକରେ ଏକ ବସ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ସୋମବାର ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭର ପ୍ରଶାନ୍ତ କୁମାର ଦାସଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ, ଗତ ୧୩ ତାରିଖ ପୂର୍ବାହ୍ଣ ପ୍ରାୟ ୮ଟା ବେଳେ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ଦେଢ଼ଶାଶୁ ବିଜୟଲକ୍ଷ୍ମୀ କର ଭୁବନେଶ୍ୱର ଡୁମୁଡୁମାରେ ଥିବା ତାଙ୍କ ଘରୁ ବାହାରିଥିଲେ । ପ୍ରାୟ ୮ଟା ୩୦ ବେଳେ ସେ ଡୁମୁଡୁମା ପାର୍ଶ୍ୱରୁ ଆଇଗିଣିଆ ପାର୍ଶ୍ୱକୁ ଚାଲିଚାଲି ଜାତୀୟ ରାଜପଥ-୧୬ ଅତିକ୍ରମ କରୁଥିବା ସମୟରେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଶ୍ରୀରଘୁନାଥ ନାମକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା । ସେ ଗୁରୁତର ଆହତ ହୋଇଥିଲେ । ଅଭିଯୁକ୍ତ ଚାଳକ ବସ ସହ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଓ ପିସିଆର୍ କର୍ମଚାରୀମାନେ ଆହତ ବିଜୟଲକ୍ଷ୍ମୀଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

No.36001/2/2526

ODISHA STATE BEVERAGES CORPORATION LIMITED
(A GOVERNMENT OF ODISHA UNDERTAKING)
2nd FLOOR, FORTUNE TOWER, CHANDRASEKHARPUR,
BHUBANESWAR-751023 (ODISHA)
CIN: U51228OR2000SGC006372.
Notice inviting Expression of Interest (EOI) from Advocates for Engagement as Sales Tax Consultant of OSBC Ltd.
EXPRESSION OF INTEREST (EOI)
The Odisha State Beverages Corporation Ltd (OSBCL) invites Expression of Interest (EOI) from experienced Advocates based at Bhubaneswar for engagement as Sales Tax Consultant of OSBC Ltd. for the financial year 2026-27 and further extension subject to satisfactory performance.
The Expression of Interest (EOI) document prescribing the format of application along with information on terms of reference, selection criteria, areas of coverage etc. has been uploaded in the official website of OSBC Ltd. i.e. (www.osbc.co.in). Any updates related to the EOI documents shall be uploaded in website.
Interested Candidates may send their application in the prescribed format along with Annexure under sealed cover addressed to Chief Manager (Finance), OSBC by 25.03.2026 within 5.00 P.M.
OIPR-36001/36014/1/25-26/0002 Sd./- Chief Manager (Finance)

OFFICE OF THE PANCHAYAT SAMITI, SADAR, DHENKANAL
No.898, Date: 13.3.26
"e" Procurement Notice
BID Identification No. DSB 03/2025-26
No.19001/85/2526: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in.
1. Name of the work : Construction work as mentioned in DTCN.
2. No. of works : 18 Nos.
3. Estimated Cost : As per Annexure
4. Period of Completion : 180 days
5. Date & Time of availability of Bid documents in the Portal : 17.03.26 at 10.00 A.M. to 30.03.26 upto 5.00 P.M.
6. Last date & time for receipt of bids in the portal : 30.03.26 upto 05.00 P.M.
7. Bids received online shall be opened on : 31.03.26 at 11.00 A.M.
8. Name and address of the officer inviting Bid : Block Development Officer, Sadar, Dhenkanal
Further details can be seen from the procurement portal i.e. www.tendersodisha.gov.in.
Sd./- Block Development Officer
Sadar Block, Dhenkanal
OIPR-19001/19433/1/25-26/0002



ଧାନମଣ୍ଡିକୁ ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ସୋମବାର ସହରରେ ଫୁଙ୍ଗୁଳା ଦେହରେ ଲଙ୍ଗଳ, ଯୁଆଳି ବେକରେ ପକାଇ ଅଭିନବ ପ୍ରତିବାଦ ଶୋଭାଯାତ୍ରା।

# ବୃଦ୍ଧଙ୍କୁ ଦଳିଦେଲା ହାତୀ

## ଅଧିକାରୀଙ୍କୁ ଘାରିଲାଣି ବନ୍ୟପ୍ରାଣୀ ସୁରକ୍ଷା ଚିନ୍ତା

ଭଞ୍ଜନଗର, ୧୬।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ମୁଜାଗଡ ରେଞ୍ଜରେ ରବିବାର ଜଣେ ବୃଦ୍ଧଙ୍କୁ ହାତୀ ଦଳିଦେଇଛି। ସୋମବାର ସକାଳେ ଏହି ଘଟଣା ଜଣାପଡିଛି। ମୃତକ ହେଲେ ବାଇବାଲି ନୂଆସାହିର କୃପାସିନ୍ଧୁ ସ୍ୱାଇଁ (୭୭)। ରବିବାର ସନ୍ଧ୍ୟାରେ କୃପାସିନ୍ଧୁ ଗାଈ ଆଣିବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। କୃପାସିନ୍ଧୁଙ୍କ ଡାହାଣ ଗୋଡ଼ରେ ପ୍ରବଳ ଆଘାତ ଚିହ୍ନ ରହିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ବନ ବିଭାଗ ଏସିଏଫ, ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ସୂଚନାଯୋଗ୍ୟ, ଘୁମୁସର ଉତ୍ତର ବନଖଣ୍ଡର ତାରସିଂ ରେଞ୍ଜ କଦଳୀଗଡ଼ ନିକଟରେ ଏକ ହାତୀ ମୃତ୍ୟୁ ଘଟିଥିଲା। ପ୍ରାୟ ୫ ଦିନ ଆଗରୁ ହାତୀର ମୃତ୍ୟୁ ହୋଇଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ରବିବାର ଏହା ଜାଣିଥିଲେ। ହାତୀ ମରିବା ଓ ମାରିବା ଘଟଣାକୁ ନେଇ ଜଙ୍ଗଲ, ବନ୍ୟପ୍ରାଣୀ ଓ ଜନଜୀବନ ସୁରକ୍ଷା ନେଇ ଅଧିକାରୀମାନଙ୍କୁ ଚିନ୍ତା ଘାରିଛି। ହାତୀ ସହ ଲୋକଙ୍କ ଫସଲ ସୁରକ୍ଷା ପାଇଁ ରାଜ୍ୟରେ ଗଜସାଥୀ ନିଯୁକ୍ତ ହେଉଛନ୍ତି। ଧାନ ଅମଳ ସମୟରେ ଏହି ନିଯୁକ୍ତି ଦିଆଯାଉଛି। ସରକାର ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେଉଛନ୍ତି। ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ସେମାନେ କାମ କରୁଛନ୍ତି। ଏହି କ୍ରମରେ ସମସ୍ତ ଗଜସାଥୀଙ୍କୁ ଗତ ଫେବୃଆରୀ ୨୮ରୁ ଛଟେଇ କରି ଦିଆଯାଇଛି। ଅନ୍ୟପଟେ ସ୍କ୍ୱାଡ୍ କର୍ମଚାରୀମାନେ ମଧ୍ୟ ସେମାନଙ୍କ ବିଭିନ୍ନ ଦାବିନେଇ ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଛନ୍ତି। ଏଭଳି ସ୍ଥିତିରେ ଜଙ୍ଗଲ, ବନ୍ୟପ୍ରାଣୀ ଓ ଜଙ୍ଗଲ ନିକଟବର୍ତ୍ତୀ ଲୋକେ ବର୍ତ୍ତମାନ ବିପଦରେ ରହିଥିବା ଜଣାପଡିଛି।

# ଗହଣା ଚୋରି: ୩ ନାବାଳକ ସମେତ ୫ ଧରାପଡ଼ିଲେ

ସୋର, ୧୬।୩(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୱାଦା ଗ୍ରାମର ଏକ ଚୋରି ଘଟଣାରେ ପୋଲିସ ଚୋରି ଗହଣା ଓ ନଗଦ ଟଙ୍କା ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୩ ନାବାଳକଙ୍କ ସମେତ ୫ ଜଣଙ୍କୁ ଧରିଛି। ଏହି ଗ୍ରାମର କୁଳମଣି ମନ୍ତ୍ରିଙ୍କ ଘରେ ପଶି ନଗଦ ଟଙ୍କା ଏବଂ ସୁନା ରୁପା ଗହଣା ଚୋରି ହୋଇଥିଲା। ପୋଲିସ ଏକ ମାମଲା(ନଂ. ୨୬୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରି ୩ଜଣ ନାବାଳକ ଧରିଥିବାବେଳେ ଖଇରା ବଗଗଡ଼ିଆର ରାଜେଶ କୁମାର ସାହୁ (୨୬) ଓ ଡାଲଙ୍ଗ ଗ୍ରାମର ଦେବେନ୍ଦ୍ର ମଲିକ (୨୧)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୧୨୦୦ ଟଙ୍କା ଓ ଗୋଟିଏ ସୁନା ଚେନ, ଗୋଟିଏ ରୁପା ଚେନ, ୭ ହଳ କାନଫୁଲ, ତିନି ଭରି ମୁଦି, ୭ ଭରି ସୁନା ଲକେଟ, ଏକ ହଳ ବାହୁଟି ଓ ୪ ଭରି ରୁପା ମୁଦି ଜବତ କରାଯାଇଛି। ସୋମବାର ଅପରାହ୍ଣରେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର ସୂଚନା ଦେଇଛନ୍ତି।

# ରାସ୍ତାରେ ଅଚଳ ହେଲା ଆମ୍ବୁଲାନ୍ସ

## ଦୀର୍ଘ ସମୟ ଅପେକ୍ଷା ପରେ ଗର୍ଭବତୀଙ୍କୁ ନିଆଗଲା ସ୍ୱାସ୍ଥ୍ୟକେନ୍ଦ୍ର

ନନ୍ଦପୁର/ପାଡୁଆ, ୧୬।୩
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଙ୍ଗୁଲୁଙ୍ଗ ପଞ୍ଚାୟତ ଆନ୍ଧ୍ର ସୀମାନ୍ତ ସାରିଆପାଲି ଗାଁର ଆସନ୍ନପ୍ରସବା ଲିମ୍ବେ ମାରି(୪୦)ଙ୍କୁ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପୂର୍ବରୁ ରାସ୍ତାରେ ଅଚଳ ହୋଇ ଅଟକି ରହିଥିବା ଦେଖିବାକୁ ମିଳିଛି। ମହିଳା ଜଣଙ୍କ ପ୍ରସବ ଯନ୍ତ୍ରଣାରେ ଅପେକ୍ଷା କରିଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ସୋମବାର ଲିମ୍ବେଙ୍କୁ ଗର୍ଭଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସ ଡକାଯାଇଥିଲା। କିନ୍ତୁ ଗାଡ଼ି ସାରିଆପାଲି ଗ୍ରାମରେ ପହଞ୍ଚିବା ପୂର୍ବରୁ ୧ କି.ମି. ଦୂରରେ ଅଚଳ ହୋଇ ରାସ୍ତାରେ ଅଟକି ରହିଥିଲା। ଆସନ୍ନପ୍ରସବା ଘରେ କଷ୍ଟ ପାଉଥିବା ଦେଖିବାକୁ ମିଳିଛି। ଅଚଳ ଆମ୍ବୁଲାନ୍ସ ବଦଳରେ ଅନ୍ୟ ଆମ୍ବୁଲାନ୍ସ ପଠାଇବାକୁ ୧୦୮ ନମ୍ବରରେ ଫୋନ କରିବାରୁ ଭୁବନେଶ୍ୱରରୁ ପରିଚାଳକ ଓ ଡ୍ରାଇଭର ଆଉ ଗାଡ଼ି ନ ଥିବା କହିଥିଲେ। ଅନ୍ୟ ଗାଡ଼ି ବ୍ୟବସ୍ଥା କରିବାକୁ କହିବାରୁ କୌଣସି ୧୦୮ ଗାଡ଼ି ୫୦ କି.ମି.ରୁ ଅଧିକ ଦୂର ନ ଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଥିବା ଉତ୍ତର ମିଳିଥିଲା। ଏହା ପରେ ଲିମ୍ବେଙ୍କ ସ୍ୱାମୀ ସୁକୁ ମାରି ଓ ଆଶା କର୍ମୀ ଗୌରମନି ପାଙ୍ଗୀ ଚିନ୍ତା ପ୍ରକଟ କରିବା ସହ ଏ ନେଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଅମିତ୍ କୁମାର ସାହୁ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍ଓ) ଓ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଜଣାଇଥିଲେ। ବିକଳ୍ପ ବ୍ୟବସ୍ଥା ନ ହେବାରୁ ଗ୍ରାମବାସୀ ପାଡୁଆ ଅଞ୍ଚଳରୁ ଏକ କମାଣ୍ଡର ଜିପକୁ ଡକାଇ ସେଥିରେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ବ୍ୟବସ୍ଥା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ସାହୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ଏକ ଆମ୍ବୁଲାନ୍ସକୁ ୫୦ କି.ମି. ଦୂର ସାରିଆପାଲି ଗ୍ରାମକୁ ପଠାଇଥିଲେ। କୁଲାରସିଂ ନିକଟରେ ଜିପରୁ ଗର୍ଭବତୀଙ୍କୁ ଆମ୍ବୁଲାନ୍ସକୁ ସ୍ଥାନାନ୍ତର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଲିମ୍ବେ ଏକ ସୁସ୍ଥ କନ୍ୟାଶିଶୁଙ୍କୁ ଜନ୍ମ ଦେଇଥିଲେ। ପ୍ରସବ ପରେ ଉଭୟ ମା' ଝିଅ ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ସାହୁ ସୂଚନା ଦେଇଛନ୍ତି। ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଖରାପ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ରାସ୍ତାରେ ଅଚଳ ୧୦୮ ଆମ୍ବୁଲାନ୍ସ।

# ଘୂର୍ଣ୍ଣିଝଡ଼ରେ ୨ ହଜାର ଲୋକ ପ୍ରଭାବିତ

ବାରିପଦା, ୧୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ୨ ମୃତ, ୩୪ ଗୁରୁତର
- ବିପନ୍ନଙ୍କୁ ସରକାରୀ ସହାୟତା
- ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଣ

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡରେ ରବିବାର ଅପରାହ୍ନରେ ଘୂର୍ଣ୍ଣିଝଡ଼ ଯୋଗୁ ୮ଟି ଗାଁର ୨୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୨୧୮ଟି ଘରର ଛପର ଉଡ଼ିଯାଇଥିବାବେଳେ ୨ଜଣଙ୍କ ପ୍ରାଣହାନି ଘଟିଛି। ୩୪ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ସରକାରୀ ସହାୟତା ସହ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଥଇଥାନ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, କରଞ୍ଜିଆ ବ୍ଲକ୍ ଅଧୀନ ବଳା ଓ ତାଟୋ ପଞ୍ଚାୟତର କିଆ, ପାନପୋଷି, ଡୁମୁରିଆ, ବନ୍ଧସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡ଼ାକୁ ମିଶାଇ ମୋଟ ୮ଟି ଗ୍ରାମରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଥିଲା। ପ୍ରବଳ ବେଗରେ ପବନ ବହିବାରୁ ଏକ ଯାତ୍ରୀବାହୀ ଅଟୋ, ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଭାରସାମ୍ୟ ହରାଇ ଏକ ପୋଖରୀ ମଧ୍ୟକୁ ପଶିଯାଇଥିଲେ। ଫଳରେ ଅଟୋଚାଳକ ହଳଦୀବଟା ଗ୍ରାମର ପୋଲିସ ନାଏକଙ୍କ ମୃତ୍ୟୁ ଘଟିଛି। ସେହିପରି ରାସ୍ତାରେ ଚାଲି ଚାଲି ଯାଉଥିବା ମାଳତୀ ମହାନ୍ତ(୫୫) ନାମ୍ନୀ ଜଣେ ମହିଳା ପବନରେ ଉଡ଼ିଯାଇ ଏକ ବିଲ ମଧ୍ୟରେ ପଡ଼ି ପ୍ରାଣ ହରାଇଛନ୍ତି। ଘୂର୍ଣ୍ଣିଝଡ ଏତେ ଶକ୍ତିଶାଳୀ ଥିଲା ଯେ ବଡ଼ ବଡ଼ ଗଛ ଭାଙ୍ଗି ପଡିଥିବାରୁ ଗାଁଗୁଡ଼ିକ ଏବେ ମରୁଭୂମି ସଦୃଶ୍ୟ ଦୃଶ୍ୟମାନ ହେଉଛି। ଶତାଧିକ ଘରର ଛପର ଉଡ଼ିଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଓଲଟି ପଡ଼ିଛି। ରବିବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚି ଆହତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିଥିଲେ। ସୋମବାର ସକାଳୁ ପ୍ରଶାସନ ପକ୍ଷରୁ ଡୁମୁରିଆ ଅଙ୍ଗନୱାଡି, କିଆ, ପାନପୋଷି, ବଳା ସ୍କୁଲ ଓ ବାଟପଲସାଠାରେ ୨୦୦୦ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ୩୦୦ ପଲିଥିନ ବଣ୍ଟନ କରାଯାଇଛି। ଘୂର୍ଣ୍ଣିଝଡରେ ୩୪ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ଜଣ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧାବୃଦ୍ଧ ଓ ଶିଶୁମାନଙ୍କ ପାଇଁ ଶୁଖିଲା ଖାଦ୍ୟ, ପାଣି, ରନ୍ଧାଖାଦ୍ୟ ଘରେ ଘରେ ଯୋଗାଇ ଦିଆଯାଉଥିବା ବେଳେ ରାତିରେ ଜେନେରେଟର ଓ କ୍ୟାଣ୍ଡେଲର ବ୍ୟବସ୍ଥା କରାଯାଇଛି। ତେବେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ୪ ଦିନ ଧରି ମୟୂରଭଞ୍ଜ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାରୁ ଲୋକମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭଙ୍ଗା ଘର କାନ୍ଥ ପଡ଼ିବାର ସମ୍ଭାବନା ରହୁଥିବାରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବର୍ଷା ହେଲେ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଉଛି। ପ୍ରଶାସନ ପକ୍ଷରୁ ୬ଟି ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ସୁଚାରୁ ବଳ, କରଞ୍ଜିଆ ଉପଜିଲାପାଳ କସ୍ତୁରୀ ପଣ୍ଡା, ବିଭିନ୍ନ ତହସିଲର ତହସିଲଦାର, ୪ଟି ଦମକଳ ବାହିନୀ, ମେଡିକାଲ ଟିମ୍, ଭେଟେରିନାରି ଟିମ୍, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ ବିଭାଗ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପରିସ୍ଥିତିକୁ ସୁଧାରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।


ଘୂର୍ଣ୍ଣିଝଡ଼ ପ୍ରଭାବରେ ହୋଇଥିବା କ୍ଷୟକ୍ଷତି।

# ନକଲି କାଗଜରେ ଜମି ବିକ୍ରି, ଜଣେ ଗିରଫ

## ଖଜଣା ବାନ୍ଧିବାକୁ ଯାଇ ନିରାଶରେ ଫେରିଲେ ଅସଲି ମାଲିକ

ଛତ୍ରପୁର, ୧୬।୩(ଦିଲୀପ ସାମଲ)

ଜାଲ କାଗଜପତ୍ର ପ୍ରସ୍ତୁତ କରି ଜମି ବିକ୍ରି କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ଚମାଖଣ୍ଡି ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଞ୍ଚଳର ସାଇରାମ ସାହୁ। ଛତ୍ରପୁର ବ୍ଲକ ରଘୁନାଥପୁର ମୌଜାରେ ୨୦୨୨ରେ ଏକ ଏକର ଜମି ବ୍ରହ୍ମପୁର ଅଞ୍ଚଳର ଚିତ୍ତରଞ୍ଜନ ସାହୁ କିଣିଥିଲେ। ସାଇରାମ ଏହି ମୂଲ୍ୟବାନ ଜମି ଉପରେ ନଜର ରଖିଥିଲେ। ସେ ନକଲି ଦସ୍ତାବିଜ ପ୍ରସ୍ତୁତ କରି ଏହି ଜମିକୁ ସଂଗ୍ରାମ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ପରେ ଜମିର ଅସଲ ମାଲିକ ଚିତ୍ତରଞ୍ଜନ ନରେନ୍ଦ୍ରପୁର ଆର୍‌ଆଇ ଅଫିସକୁ ଜମିର ଖଜଣା ବାନ୍ଧିବାକୁ ଯାଇ ସେଠାରେ ଏହି ଜମି ତାଙ୍କ ନାମରେ ନ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଏ ନେଇ ଚମାଖଣ୍ଡି ଥାନାର ଦ୍ୱାରସ୍ଥ ହୋଇ ସବୁ କାଗଜପତ୍ର ପୋଲିସକୁ ଦେଖାଇ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ନଂ. ୨୫୧/୨୨ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାରେ ସମ୍ପୃକ୍ତ ସଂଗ୍ରାମ ମହାନ୍ତିଙ୍କୁ ପୋଲିସ ପ୍ରଥମେ ଗିରଫ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ତେବେ ସାଇରାମ ଫେରାର ଥିଲେ। ଅନୁସନ୍ଧାନ କରି ଚମାଖଣ୍ଡି ପୋଲିସ ତାଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କହିଛନ୍ତି।

୩ୟ ପୃଷ୍ଠାର ଅବଶିଷ୍ଟାଂଶ

## ମର୍ନିଂ ୱାକ୍ ବେଳେ...

ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଗୁରୁତରଙ୍କୁ ଭୁବନେଶ୍ୱର ମେଡିକାଲ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟ ମହିଳାଙ୍କ ସମେତ କାର୍ ଡ୍ରାଇଭରଙ୍କୁ ମୃତ ଘୋଷଣା କରିଥିଲେ। କାର୍‌ରେ ଥିବା ଅନ୍ୟଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମୃତ ମହିଳା ଦୁଇଜଣ ସିଫା ନିକଟ ଅନ୍‌ମୋଲ କଲେଜ ପାର୍ଶ୍ୱ କଲୋନୀରେ ଭଡ଼ାଘରେ ରହୁଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିଥିବା ବେଳେ ମୃତା ବବିଲତା ସାହୁଙ୍କ ପୁତୁରା ସତ୍ୟପ୍ରକାଶ ସାହୁଙ୍କ ଲିଖିତ ଅଭିଯୋଗକ୍ରମେ ଥାନା କେସ୍ ନମ୍ବର ୧୭୬/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

## ମହିଳା ଶ୍ରମିକଙ୍କ...

ଦିଗରୁ ଆସୁଥିବା ଏକ ଟ୍ରକ୍ ସୂର୍ଯ୍ୟମଣୀଙ୍କୁ ଧକ୍କା ଦେଇ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସୂର୍ଯ୍ୟମଣୀଙ୍କ ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ମାଲବାହୀ ଟ୍ରକ୍ ଅଟକି ରହିଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କିଛିଦିନ ପୂର୍ବେ ସୂର୍ଯ୍ୟମଣୀଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

## ବିଜୁ ନବୀନ...

ଦେବାକୁ ହାଇକୋର୍ଟଙ୍କୁ ନିବେଦନ କରାଯାଇଛି। ସେହିପରି ଟ୍ରଷ୍ଟର ଆକାଉଣ୍ଟ, ଡୋନୋର ରେକର୍ଡ, ବ୍ୟାଙ୍କ କାରବାର ଓ ବ୍ୟୟ ଆଦି ଉପରେ ଫାଇନାନ୍ସିଆଲ ଓ ଫୋରେନ୍‌ସିକ୍ ଅଡିଟ ନିର୍ଦ୍ଦେଶ ଦିଆଯାଉ। ଟ୍ରଷ୍ଟ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି କି ନାହିଁ ଏବଂ ଅର୍ଥନୈତିକ ଅନିୟମିତତା, ଆଇନ ଉଲ୍ଲଂଘନ ଓ କୌଣସି ପ୍ରକାର ଅପବ୍ୟବହାର ହେଉଥିବା ଜଣାଗଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଦେଶ ଦେବାକୁ ଆବେଦନକାରୀ ମହାନ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି।

## ଗିରିଜା ବଳୀୟାରସିଂହ...

ଧନ୍ୟବାଦ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର 'ଏକ୍ସ' ଆକାଉଣ୍ଟରେ ଗିରିଜାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କର ଏହି ଉପଲବ୍ଧି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ 'ଏକ୍ସ'ରେ ଗିରିଜାଙ୍କ ଏହି କାଳଜୟୀ ସାରସ୍ୱତ ସାଧନା ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ତାଙ୍କର ଏହି ସଫଳତା ଓଡ଼ିଶାର ସାହିତ୍ୟ ଆକାଶକୁ ଆହୁରି ଉଜ୍ଜ୍ୱଳ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ସୁସ୍ଥ ଜୀବନ ଓ ନିରନ୍ତର ସାହିତ୍ୟ ସୃଷ୍ଟି ପାଇଁ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି। ରାଜ୍ୟର କବି, ସାହିତ୍ୟିକ ଏବଂ ପାଠିକାପାଠକଙ୍କଠାରୁ ଗିରିଜାଙ୍କୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଛି। ସୂଚନାଯୋଗ୍ୟ, ୨୪ଟି ଭାରତୀୟ ଭାଷାରେ ଏହି ପୁରସ୍କାର ଦିଆଯାଉଥିବାବେଳେ ୨୦୨୫ ବର୍ଷ ସକାଶେ ୮ଟି କବିତା ପୁସ୍ତକ, ୪ଟି ଉପନ୍ୟାସ, ୬ଟି କ୍ଷୁଦ୍ରଗଳ୍ପ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା ପୁସ୍ତକ, ୧ଟି ଆତ୍ମଜୀବନୀ ଏବଂ ଦୁଇଟି ସ୍ମରଣିକା ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି।

## 'ୱାନ୍ ବ୍ୟାଟଲ୍...

ଭାବେ ସାନ୍ ପେନ୍ ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପଲ୍ ଥୋମାସ୍ ଆଣ୍ଡରସନ୍ ପୁରସ୍କୃତ ହୋଇଛନ୍ତି। 'ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର' ମୋଟ ୧୩ଟି ନୋମିନେଶନରୁ ୬ଟିରେ ଓସ୍କାର ପୁରସ୍କାର ପାଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଏବଂ ଶ୍ରେଷ୍ଠ ନିର୍ଦ୍ଦେଶନା ସମେତ ବିଭିନ୍ନ ପ୍ରମୁଖ ବିଭାଗରେ ସିନର୍ସ ନିର୍ଦ୍ଦେଶକ ର୍ୟାନ୍ କୁଗ୍‌ଲାର ଏବଂ ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର ନିର୍ଦ୍ଦେଶକ ଆଣ୍ଡରସନ୍‌ଙ୍କ ମଧ୍ୟରେ ଜୋର୍‌ଦାର ପ୍ରତିଯୋଗିତା ହୋଇଥିଲା। ଉଭୟ କ୍ଷେତ୍ରରେ ଆଣ୍ଡରସନ୍ ଆଗରେ ରହିଥିଲେ।

ପୁରସ୍କାର ବିତରଣ ଉତ୍ସବ ମଞ୍ଚରେ ଜିଭିଏର୍ ବାର୍ଡେମ୍‌ଙ୍କ ସହ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଉପସ୍ଥିତ ରହି ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ପୁରସ୍କାର ପ୍ରଦାନ କରିଥିଲେ। ଓସ୍କାର ସ୍ମୃତିଚାରଣ ବିଭାଗରେ ବଲିଉଡ୍ ଲିଜେଣ୍ଡ ଧର୍ମେନ୍ଦ୍ରଙ୍କ ନାମ ନ ଥିଲା। ସେହିପରି ଭାରତୀୟ-ଆମେରିକୀୟ ଚଳଚ୍ଚିତ୍ର ନିର୍ମାତା ଗୀତା ଗାନ୍ଧିଭିର ୨ଟି ମନୋନୟନ ମଧ୍ୟରୁ କୌଣସିଟିରେ ବିଜୟୀ ହୋଇ ନ ଥିଲେ। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଝିଅ ଇଶା ଅମ୍ବାନୀ ତାଙ୍କ ସ୍ୱାମୀ ଆନନ୍ଦ ପିରାମାଲଙ୍କ ସହ ଓସ୍କାର ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ।

# ଲାଞ୍ଚ: ଧରାପଡ଼ିଲେ ଆକାଉଣ୍ଟାଣ୍ଟ

ବରପାଲି, ୧୬।୩(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ୬ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସୋମବାର ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ରଜନୀକାନ୍ତ କର। ଜୁନିୟର କ୍ଲର୍କ-କମ୍-ଆକାଉଣ୍ଟାଣ୍ଟ ରଜନୀକାନ୍ତ ତାଙ୍କ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନ କୁମାର ଭୋଇଙ୍କ ବକେୟା ଦରମା ଓ ବିଲ୍ ପ୍ରସ୍ତୁତ କରିବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ଭୋଇଙ୍କଠାରୁ ବକେୟା ଦରମା ପାଇଁ ରଜନୀକାନ୍ତ ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ।

ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭୋଇଙ୍କ କହିବା ଅନୁସାରେ, ଆଗରୁ ୪ ହଜାର ଟଙ୍କା ଆକାଉଣ୍ଟାଣ୍ଟ କର ନେଇଥିବା ବେଳେ ଆଉ ୬ ହଜାର ଟଙ୍କା ଦାବି କରିଥିଲେ। ଏଥିରେ ଭୋଇ କ୍ଷୁବ୍ଧ ହୋଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହି ଘଟଣାକୁ ନେଇ ଓଡ଼ିଶା ଭିଜିଲାନ୍ସର ବଲାଙ୍ଗୀର ଡିଏସ୍‌ପି ପୁଲସ୍ତି ଛତ୍ରିଆ, ବରଗଡ ଡିଏସ୍‌ପି ସୁଷମା ତିର୍କୀ, ବରଗଡ ଇନ୍ସପେକ୍ଟର ତୁଷାର କାନ୍ତ ମହାପାତ୍ର, ସମ୍ବଲପୁର ଇନ୍ସପେକ୍ଟର ସୁକାନ୍ତ ପଧାନ, ଦିଲୀପ ପ୍ରଧାନ ସହ ଏକ ଟିମ୍ କରଙ୍କୁ ଅଧିକାରୀଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଅଭିଯୁକ୍ତ କରଙ୍କଠାରୁ ସମ୍ପୂର୍ଣ୍ଣ ଦାଗୀ ଲାଞ୍ଚ ଟଙ୍କା ୬,୦୦୦ ଟଙ୍କା ଜବତ କରାଯାଇଛି।

# ୭୦ ହଜାର ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ


ଋଷିକୁଲ୍ୟା ମୁହାଣରେ ସୋମବାର ଅଣ୍ଡାଦାନ ପାଇଁ ଆସିଥିବା ଅଲିଭ୍ ରିଡ୍‌ଲେ।

## ଋଷିକୁଲ୍ୟା ବେଳାଭୂମିରେ ଦ୍ୱିତୀୟ ଦିନ

ଗଞ୍ଜାମ, ୧୬।୩(ଅନାଥ ତରାଇ/ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣର ସୁନେଲି ବାଲୁକା ଶଯ୍ୟାରେ ଏବେ ଅଲିଭ୍ ରିଡ୍‌ଲେ (ସାମୁଦ୍ରିକ କଇଁଛ)ଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଋଷିକୁଲ୍ୟା ମୁହାଣକୁ ବର୍ତ୍ତମାନ ହଜାର ହଜାର ବିରଳ ଅଲିଭ୍ ରିଡ୍‌ଲେଙ୍କ ଆଗମନ ହେଉଛି। ଚଳିତବର୍ଷର ଗଣ ଅଣ୍ଡାଦାନ ବା 'ଅରିବାଡା' ପ୍ରକ୍ରିୟା ରବିବାର ରାତିରୁ ଆରମ୍ଭ ହୋଇ ସୋମବାର ଦ୍ୱିତୀୟ ଦିବସରେ ପ୍ରାୟ ୭୦ ହଜାର ଅଲିଭ୍ ରିଡ଼ଲେ ଅଣ୍ଡାଦାନ କରିଥିବା ରେକର୍ଡ ସୃଷ୍ଟି କରିଛି।

ବନ ବିଭାଗ ସୂଚନା ଅନୁଯାୟୀ, କେବଳ ଦ୍ୱିତୀୟ ଦିବସରେ ପ୍ରାୟ ୬୯ ହଜାର ୯୦୦ ଅଲିଭ୍ ରିଡ୍‌ଲେ ଗଭୀର ସମୁଦ୍ରରୁ କୂଳକୁ ଆସି ଅଣ୍ଡାଦାନ କରିଛନ୍ତି। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୧୦,୨୨୦ ଅଲିଭ୍ ରିଡ୍‌ଲେ ଏବଂ ଛୋଟ ଛୋଟ ସମୂହରେ ୫,୭୦୦ ଅଲିଭ ରିଡ୍‌ଲେ ଅଣ୍ଡାଦାନ କରିଥିଲେ। ପୁରୁଣାବନ୍ଧଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ଋଷିକୁଲ୍ୟାର ବିସ୍ତୀର୍ଣ୍ଣ ବେଳାଭୂମିରେ ବର୍ତ୍ତମାନ ବନ ବିଭାଗ ଓ ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦାୟ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଦିନରାତି ପହରା ଦେଉଛନ୍ତି। ଦ୍ୱିତୀୟ ଦିବସର ଅଣ୍ଡାଦାନ ପ୍ରକ୍ରିୟା ଏପରି ଜାରି ରହିଲେ ଆଗାମୀ କିଛି ଦିନ ମଧ୍ୟରେ ଏହି ସଂଖ୍ୟା ଲକ୍ଷାଧିକ ହେବ ବୋଲି ପରିବେଶବିତ୍‌ମାନେ ଆଶା ପ୍ରକାଶ କରିଛନ୍ତି। ଅଲିଭ୍ ରିଡ୍‌ଲେଙ୍କ ନିରାପତ୍ତା ପ୍ରତି ବନ ବିଭାଗ ଗୁରୁତ୍ୱ ଦେଇ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛି। ସମଗ୍ର ବେଳାଭୂମିକୁ ଜାଲ ଦ୍ୱାରା ଘେରାଯାଇଛି। ସମୁଦ୍ର ମଧ୍ୟରେ ଟ୍ରଲିଂ ଉପରେ କଡ଼ା କଟକଣା ଜାରି କରାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଗଞ୍ଜାମ ନିକଟସ୍ଥ ପୋଡ଼ମପେଟା ବେଳାଭୂମିରେ ପ୍ରାୟ ୯ ଲକ୍ଷରୁ ଅଧିକ ଅଲିଭ୍ ରିଡ୍‌ଲେ ଅଣ୍ଡା ଦେଇ ରେକର୍ଡ କରିଥିଲେ।

# ବାଣିଜ୍ୟ ନିଅଣ୍ଟ: ୨୦୨୫ ତୁଳନାରେ ୨ଗୁଣ ବୃଦ୍ଧି

- ୨୦୨୬ ଫେବୃଆରୀରେ କମିଲା
- ସୁନା, ରୁପା ଆମଦାନୀରେ ବଡ଼ ବୃଦ୍ଧି

ନୂଆଦିଲ୍ଲୀ, ୧୬।୩ (ପି.ଟି.)



ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତର ବୈଦେଶିକ ବାଣିଜ୍ୟ କ୍ଷେତ୍ରରୁ ଏକ ମିଶ୍ରିତ ଖବର ସାମ୍ନାକୁ ଆସିଛି। ଚଳିତ ବର୍ଷ ଫେବୃଆରୀରେ ଦେଶର ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇ ୨୭.୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ଜାନୁଆରୀରେ ୩୪.୬୮ ବିଲିୟନ ଡଲାର ଥିଲା। ଯଦି ଗତବର୍ଷର (ଫେବୃଆରୀ ୨୦୨୫) ତଥ୍ୟ ସହ ତୁଳନା କରାଯାଏ, ତେବେ ସ୍ଥିତି କିଛିଟା ଭିନ୍ନ। ଫେବୃଆରୀ ୨୦୨୫ରେ ବାଣିଜ୍ୟିକ ନିଅଣ୍ଟ ମାତ୍ର ୧୪.୦୫ ବିଲିୟନ ଡଲାର ଥିଲା। ୨୦୨୬ରେ ଏହା ୨୭.୧ ବିଲିୟନ ଡଲାର ହେବା ସୂଚାଉଛି ଯେ, ଗୋଟିଏ ବର୍ଷ ମଧ୍ୟରେ ବାଣିଜ୍ୟିକ ବ୍ୟବଧାନ ପ୍ରାୟ ଦୁଇଗୁଣ ବଢ଼ିଯାଇଛି। ଏହି ବ୍ୟବଧାନ ବଢ଼ିବାର ମୁଖ୍ୟ କାରଣ ହେଉଛି, ଗତ ବର୍ଷ ତୁଳନାରେ ସୁନା, ରୁପା ଏବଂ ଅଶୋଧିତ ତୈଳ ଆମଦାନୀ ପାଇଁ ଭାରତକୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ୁଛି। ଅନ୍ତର୍ଜାତୀୟ ବଜାରରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁ ଆମଦାନୀ ଖର୍ଚ୍ଚ ଅଧିକ ରହୁଛି। ଏହି କ୍ରମରେ ଯୁଦ୍ଧ ସ୍ଥିତି ଯୋଗୁ ଆଗାମୀ ଦିନରେ ରପ୍ତାନି ପାଇଁ ମଧ୍ୟ ଚିନ୍ତା ବଢ଼ାଇଛି।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଫେବୃଆରୀରେ ଭାରତର ସାମଗ୍ରୀ ଆମଦାନୀ ୨୪.୧୧% ବୃଦ୍ଧି ପାଇ ୬୩.୭୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏହାର ମୁଖ୍ୟ କାରଣ ହେଉଛି ସୁନା ଏବଂ ରୁପା ଆମଦାନୀରେ ଅପ୍ରତ୍ୟାଶିତ ବୃଦ୍ଧି। ସୁନା ଆମଦାନୀ ୨୧୮.୫୫% ବୃଦ୍ଧି ପାଇ ୭.୪୪ ବିଲିୟନ ଡଲାର ହୋଇଛି। କେବଳ ସୁଇଜରଲାଣ୍ଡରୁ ଆମଦାନୀ ୭୧୯% ବଢ଼ିଛି। ସେହିପରି ରୁପା ଆମଦାନୀ ୨୮୫.୨୩% ବୃଦ୍ଧି ପାଇ ୧.୬୬ ବିଲିୟନ ଡଲାର ହୋଇଛି। ପେଟ୍ରୋଲିୟମ ଆମଦାନୀ ୯% ବୃଦ୍ଧି ପାଇ ୧୨.୯୭ ବିଲିୟନ ଡଲାର ହୋଇଛି। ରୁଷିଆରୁ ତୈଳ ଆମଦାନୀ ଜାରି ରହିଛି। ତଥ୍ୟ ଅନୁଯାୟୀ ଫେବୃଆରୀରେ ଚାଉଳ, ସାମୁଦ୍ରିକ ଖାଦ୍ୟ, ଫାର୍ମା (ଔଷଧ), ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ସ ରପ୍ତାନିରେ ଉନ୍ନତି ପରିଲକ୍ଷିତ ହୋଇଛି। ହେଲେ ପେଟ୍ରୋଲିୟମ, ପ୍ଲାଷ୍ଟିକ, ବସ୍ତ୍ରଶିଳ୍ପ, ଚମଡ଼ା ଏବଂ ଚା' ରପ୍ତାନିରେ ହ୍ରାସ ଘଟିଛି।

ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ଫେବୃଆରୀ ୨୮ରୁ ଇରାନ୍ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ହୋଇଥିବାବେଳେ ପ୍ରଭାବ ମାର୍ଚ୍ଚ ମାସର ତଥ୍ୟରେ ସ୍ପଷ୍ଟ ଜଣାପଡ଼ିବ। ଅନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁ ରପ୍ତାନି ହ୍ରାସ ପାଇବାର ଆଶଙ୍କା ରହିଛି। ଏହାସହିତ ବିମାନ ଓ ସାମୁଦ୍ରିକ ପରିବହନ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି। ଆମେରିକା ତା'ର ନୂତନ ଟାରିଫ ନୀତି ଚୂଡ଼ାନ୍ତ କରିବା ମାତ୍ରେ ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ବାଣିଜ୍ୟ ସଚିବ ଅଗ୍ରୱାଲ କହିଛନ୍ତି।

## ଆମେରିକାକୁ ରପ୍ତାନି ୧୩% ହ୍ରାସ

ବାଣିଜ୍ୟ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁସାରେ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ (ଟାରିଫ୍) ଏବଂ ଚାଇନା ସହ ବଢୁଥିବା ଆମଦାନୀ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ ହେବା ଯୋଗୁ ଫେବୃଆରୀରେ ରପ୍ତାନି ୧୨.୮୮% ହ୍ରାସ ପାଇ ୬.୮୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ପୂର୍ବରୁ ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିଲା। ତେବେ ଆମେରିକା ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫେବୃଆରୀ ୨୪ରୁ ୧୫୦ ଦିନ ପାଇଁ ସମସ୍ତ ଦେଶ ଉପରେ ୧୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏହି କମ୍ ଶୁଳ୍କର ପ୍ରଭାବ ମାର୍ଚ୍ଚ ମାସର ରିପୋର୍ଟରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଆମେରିକାରୁ ଭାରତକୁ ଆମଦାନୀ ୩୬.୫୩% ବୃଦ୍ଧି ପାଇ ୪.୪୮ ବିଲିୟନ ଡଲାର ହୋଇଛି। ସେହିପରି ଚାଇନା ସହ ବଢୁଛି ବାଣିଜ୍ୟିକ ବ୍ୟବଧାନ।

### ଚାଇନା ସହ ବାଣିଜ୍ୟ ନିଅଣ୍ଟ ୧୦୦ ବିଲିୟନ ଡଲାର ପାର୍

ଚାଇନା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ଏହି ଆର୍ଥିକ ବର୍ଷର ପ୍ରଥମ ୧୧ ମାସରେ (ଏପ୍ରେଲ-ଫେବୃଆରୀ) ୧୦୦ ବିଲିୟନ ଡଲାରରୁ ଅଧିକ ହୋଇଛି। ଚାଇନା ସହ କାରବାର (୧୧ ମାସ)କୁ ଦେଖିଲେ, ୧୭.୫୪ ବିଲିୟନ ଡଲାରର ରପ୍ତାନି (୩୭.୬୬% ବୃଦ୍ଧି) ହୋଇଥିବାବେଳେ ୧୧୯.୫୫ ବିଲିୟନ ଡଲାରର ଆମଦାନୀ (୧୫.୨୧% ବୃଦ୍ଧି) ହୋଇଛି।

# ୨୦ କୁମ୍ଭକାରଙ୍କୁ ଗ୍ରାମୀଣ ବ୍ୟାଙ୍କର ସହାୟତା




ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ସେଲକୋ ଫାଉଣ୍ଡେଶନ ଏବଂ ସ୍ପନ୍ଦନର ମିଳିତ ସହଯୋଗରେ ପୁରୀ ଜିଲାର ପିପିଲିଠାରେ ବିକେନ୍ଦ୍ରୀକୃତ ଅକ୍ଷୟ ଶକ୍ତି ଭିତ୍ତିକ ସମାଧାନ ପାଇଁ ଏକ ଋଣ ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ, ଶିଳ୍ପୀ ଉନ୍ନତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ୨୦ ଜଣ କୁମ୍ଭକାର ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଋଣ କାରିଗରମାନଙ୍କୁ ମାଟିପାତ୍ର ତିଆରି ପାଇଁ ସୌରଚାଳିତ ଯନ୍ତ୍ରପାତି ଗ୍ରହଣ କରିବାରେ ସକ୍ଷମ କରିବ, ଯାହା ଉତ୍ପାଦନ ବୃଦ୍ଧି କରିବାରେ ଏବଂ ସ୍ଥାୟୀ ଆୟର ସୁଯୋଗ ବଢ଼ାଇବାରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପିପିଲି ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର, ସେଲକୋ ଫାଉଣ୍ଡେଶନର ବରିଷ୍ଠ ପରାମର୍ଶଦାତା (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ପ୍ରଭୁ ପ୍ରସାଦ ମିଶ୍ର, ସ୍ପନ୍ଦନର ନିର୍ଦ୍ଦେଶକ ଶାଶ୍ୱତ ମହାପାତ୍ରଙ୍କ ସମେତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ଏବଂ ହିତାଧିକାରୀ କୁମ୍ଭକାରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ସେଲ୍କୋ ଫାଉଣ୍ଡେସନର ସଞ୍ଜୟ କୁମାର ତ୍ରିପାଠୀ, ସ୍ୱାଗତିକା ନାୟକ ଏବଂ ସ୍ପନ୍ଦନର ପ୍ରତିନିଧିମାନଙ୍କ ଦ୍ୱାରା କରାଯାଇଥିଲା।

# ମେମୋରି ଚିପ୍ ଅଭାବ: ସ୍ମାର୍ଟଫୋନ୍ ବଜାରରେ ସଙ୍କଟ

ନୂଆଦିଲ୍ଲୀ, ୧୬।୩

ଭାରତୀୟ ସ୍ମାର୍ଟଫୋନ ବଜାରରେ ବଡ଼ ସଙ୍କଟ ଦେଖାଦେଇଛି। ଗ୍ଲୋବାଲ ବ୍ରୋକରେଜ ଫାର୍ମ ସିଏଲଏସ୍ଏ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜାନୁଆରୀ ମାସରେ ସ୍ମାର୍ଟଫୋନ ବିକ୍ରିରେ ବାର୍ଷିକ ଓ ତ୍ରୈମାସିକ ଆଧାରରେ ପ୍ରାୟ ୨୫% ହ୍ରାସ ହୋଇଛି। ଏହା ଭାରତୀୟ ବଜାର ପାଇଁ ଏକ ବଡ଼ ଝଟକା, କାରଣ ଭାରତ ବିଶ୍ୱର ସବୁଠାରୁ ବଡ଼ ମୋବାଇଲ ବଜାରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ହ୍ରାସର ମୁଖ୍ୟ କାରଣ ହେଉଛି ସ୍ମାର୍ଟଫୋନରେ ବ୍ୟବହୃତ ମେମୋରି ଚିପ୍‌ର ଅଭାବ ଓ ମୂଲ୍ୟ ବୃଦ୍ଧି। ରିପୋର୍ଟରେ କୁହାଯାଇଛି ଯେ, ସେପ୍ଟେମ୍ବର ପରଠାରୁ ସ୍ମାର୍ଟଫୋନର ଏଏସ୍‌ପିରେ ପ୍ରାୟ ୮% ବୃଦ୍ଧି ହୋଇଛି। ଏହା ଯୋଗୁ ଗ୍ରାହକମାନେ ନୂଆ ଫୋନ କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ବିଶେଷକରି ବଜେଟ ଓ ଏଣ୍ଟ୍ରି-ଲେଭଲ ଫୋନ ବିକ୍ରିରେ ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି। ମେମୋରି ଚିପ ସପ୍ଲାଇରେ ସମସ୍ୟା ଏକ ବଡ଼ କାରଣ ହୋଇଛି। ଏଆଇ ଓ କ୍ଲାଉଡ ସର୍ଭିସ ପ୍ରୋଭାଇଡର୍ସମାନଙ୍କୁ ଚିପ ସପ୍ଲାଏରେ ପ୍ରାଥମିକତା ମିଳୁଥିବାରୁ ସ୍ମାର୍ଟଫୋନ ଓ ପିସି ନିର୍ମାତାମାନଙ୍କୁ ପର୍ଯ୍ୟାପ୍ତ ଚିପ ମିଳୁନାହିଁ। ଫଳରେ କମ୍ପାନୀଗୁଡ଼ିକୁ ଫୋନର ଦାମ ବଢ଼ାଇବାକୁ ପଡୁଛି। ରିପୋର୍ଟ ଅନୁଯାୟୀ, ମୋଟୋରୋଲା, ଓପ୍ପୋ, ରିଏଲମି ଓ ଟ୍ରାନ୍ସନ ଭଳି ବ୍ରାଣ୍ଡଗୁଡ଼ିକର ବିକ୍ରିରେ ୨୦%ରୁ ୬୮% ପର୍ଯ୍ୟନ୍ତ ବାର୍ଷିକ ହ୍ରାସ ହୋଇଛି। ଏହି ବ୍ରାଣ୍ଡଗୁଡ଼ିକ ଡିକ୍ସନ ଟେକ୍ନୋଲୋଜିର ମୁଖ୍ୟ ଗ୍ରାହକ ଅଟନ୍ତି। ଏହି ହ୍ରାସ ଯୋଗୁ ଡିକ୍ସନର ମ୍ୟାନୁଫ୍ୟାକ୍ଚରିଂ ଭଲ୍ୟୁମ ଓ ଭବିଷ୍ୟତ ଗ୍ରୋଥ ଟାର୍ଗେଟ ଆର୍ଥିକ ବର୍ଷ୨୬-୨୭ ପୂରଣ କରିବା ଚ୍ୟାଲେଞ୍ଜିଂ ହୋଇପଡ଼ିଛି। ନିବେଶକମାନଙ୍କ ପାଇଁ ଏହା ଏକ ବଡ଼ ଚିନ୍ତାର ବିଷୟ ହୋଇପଡ଼ିଛି। ନିବେଶକ ଓ ଗ୍ରାହକମାନଙ୍କୁ ଆଗାମୀ କିଛି ମାସ ପର୍ଯ୍ୟନ୍ତ ବଜାରର ଗତିବିଧି ଉପରେ ନଜର ରଖିବାକୁ ପଡ଼ିବ, କାରଣ ଚିପ ସପ୍ଲାଏ ଚେନ ସ୍ଥିର ନହେବା ପର୍ଯ୍ୟନ୍ତ ଏହି ଚ୍ୟାଲେଞ୍ଜ ବଜାରରେ ରହିବ।

# ନିତା ଅମ୍ବାନୀଙ୍କୁ କିସ୍ ହ୍ୟୁମାନିଟାରିଆନ ସମ୍ମାନ




ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଚେୟାରପର୍ସନ ନୀତା ଏମ. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସୋମବାର କିସ୍ ଦୂତୀ ଚାନ୍ଦ ଆଥ୍ଲେଟିକ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଉତ୍ସବରେ କିସର ୪୦ ହଜାର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନୀତା ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂହେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ। ରିଲାଏନ୍ସ ଫାଉଣ୍ଡେଶନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତୀକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରି ନୀତା ଅମ୍ବାନୀ କହିଛନ୍ତି, ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି। ଅଚ୍ୟୁତ ସାମନ୍ତ ଦୁଇଟି ମନ୍ଦିର ନିର୍ମାଣ କରିଛନ୍ତି। ତାହା ହେଉଛି ଦୁଇଟି ଆଧୁନିକ ଶିକ୍ଷା ମନ୍ଦିର - କିଟ ଓ କିସ୍। ଏହି ଦୁଇଟି ଅନୁଷ୍ଠାନ ଆମ ଦେଶ ପାଇଁ ଗର୍ବ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଲେ, ପୁଅ ଓ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପୁଅମାନେ ଯାହା କରିପାରିବେ, ଝିଅମାନେ ମଧ୍ୟ ତାହା କରିପାରିବେ। ଛାତ୍ରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଏହା କେବଳ ଆରମ୍ଭ, ତୁମର ଅନ୍ତିମ ଲକ୍ଷ୍ୟ ନୁହେଁ। ତୁମେମାନେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଉଚିତ ଏବଂ ସେହି ସ୍ୱପ୍ନଗୁଡିକ ହାସଲ କରିବା ପାଇଁ ନିଷ୍ଠା ସହିତ କଠିନ ପରିଶ୍ରମ କରିବା ଉଚିତ୍ ବୋଲି ସେ କହିଥିଲେ। ନୀତା ଅମ୍ବାନୀ ତାଙ୍କର ଉତ୍ତମ ସାମାଜିକ ତଥା ମାନବିକ କାର୍ଯ୍ୟ ପାଇଁ ସମସ୍ତଙ୍କଠାରୁ ଭଲପାଇବା ଓ ସମ୍ମାନ ଅର୍ଜନ କରିଛନ୍ତି ବୋଲି ଅଚ୍ୟୁତ ସାମନ୍ତ କହିଥିଲେ।

# ପାଇକାରୀ ମୁଦ୍ରାସ୍ଫୀତି ୧୧ ମାସରେ ସର୍ବାଧିକ

ନୂଆଦିଲ୍ଲୀ, ୧୬।୩(ପି.ଟି.)

ଫେବୃଆରୀ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୨.୧୩ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ୧୧ ମାସ ମଧ୍ୟରେ ସର୍ବାଧିକ। ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ବଢ଼ିଥିବା ସୋମବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। କ୍ରମାଗତ ୪ ମାସ ହେଲା ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଗତ ଜାନୁଆରୀରେ ମୁଦ୍ରାସ୍ଫୀତି ୧.୮୧ ପ୍ରତିଶତ ଥିବାବେଳେ ଗତବର୍ଷ ଫେବୃଆରୀରେ ୨.୪୫ ପ୍ରତିଶତ ଥିଲା। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଯଦି ଜାରି ରହେ ଏବଂ ସାର, ଆଲୁମିନିୟମ ଆଦି ଅନ୍ୟାନ୍ୟ ସାମଗ୍ରୀ ଉପରେ ପ୍ରଭାବ ପକାଏ, ତେବେ ଆଗାମୀ ଦିନରେ ପାଇକାରୀ ମୁଦ୍ରାସ୍ଫୀତି ଅଧିକ ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଡବ୍ଲ୍ୟୁପିଆଇ ତଥ୍ୟ ଅନୁଯାୟୀ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ଫେବୃଆରୀରେ ୨.୧୯% ରହିଛି, ଯାହାକି ପୂର୍ବ ମାସରେ ୧.୫୫% ଥିଲା। ତେବେ ଜାନୁଆରୀରେ ପନିପରିବା ମୁଦ୍ରାସ୍ଫୀତି ୬.୭୮% ଥିବାବେଳେ ଫେବୃଆରୀରେ ଏହା ୪.୭୩%କୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଡାଲି, ଆଳୁ, ଅଣ୍ଡା, ମାଂସ ଓ ମାଛ ମୁଦ୍ରାସ୍ଫୀତି ଫେବୃଆରୀରେ ଅଧିକ ରହିଛି। ଫେବୃଆରୀରେ ଇନ୍ଧନ ଓ ଶକ୍ତି ଅବସ୍ଫୀତି ୩.୭୮%କୁ ହ୍ରାସ ପାଇଛି, ଯାହାକି ଜାନୁଆରୀରେ ୪.୦୧% ଥିଲା।

# ୮ରୁ ୧୦% ପର୍ଯ୍ୟନ୍ତ ବଢ଼ିପାରେ ଏସି ଦର

ନୂଆଦିଲ୍ଲୀ, ୧୬।୩

ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିବାବେଳେ ମଧ୍ୟପ୍ରାଚ୍ୟରେ ଇରାନ ଯୁଦ୍ଧ ଯୋଗୁ ଭାରତରେ ଲିକ୍ୱିଡ ପେଟ୍ରୋଲିୟମ ଗ୍ୟାସ (ଏଲ୍‌ପିଜି)ର ସଙ୍କଟ ଦେଖାଦେଇଛି। ଏହାର ପ୍ରଭାବ ଏସି ନିର୍ମାଣ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ବିଶେଷଜ୍ଞମାନଙ୍କ କହିବାନୁସାରେ, ନୂଆ ଊର୍ଜା ନୀତି ଓ କଞ୍ଚା ମାଲ ମୂଲ୍ୟ ବୃଦ୍ଧି ଯୋଗୁ ପୂର୍ବରୁ ଏସିର ମୂଲ୍ୟରେ ୫% ବୃଦ୍ଧି ହୋଇସାରିଛି ଏବଂ ଆଗାମୀ ଦିନରେ ଏହା ୮ରୁ ୧୦% ପର୍ଯ୍ୟନ୍ତ ବଢ଼ିପାରେ। ଇରାନ ଯୁଦ୍ଧ ଯୋଗୁ ଭାରତର ଏଲପିଜି ଆମଦାନୀରେ ବଡ଼ ଅସୁବିଧା ହୋଇଛି, କାରଣ ଦେଶର ୮୫ରୁ ୯୦% ଏଲପିଜି ମଧ୍ୟପ୍ରାଚ୍ୟରୁ ଆସିଥାଏ। ଏହି ସଙ୍କଟ ଘରୋଇ ବ୍ୟବହାର ପରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରକୁ ପ୍ରଭାବିତ କରୁଛି, ଫଳରେ ଏସି ଭଳି ଉତ୍ପାଦର ଉତ୍ପାଦନ ଓ ମୂଲ୍ୟ ଉଭୟରେ ପ୍ରଭାବ ପଡୁଛି। ଶିଳ୍ପ ବିଶେଷଜ୍ଞମାନଙ୍କ ମତରେ, ଏସି ଉତ୍ପାଦନ ପ୍ରକ୍ରିୟାରେ ଏଲପିଜିର ବ୍ୟବହାର ଅତ୍ୟନ୍ତ ଜରୁରୀ ହୋଇଥାଏ ଯେମିତି ତମ୍ବାକୁ ବ୍ରେଜିଂ କରିବା ଓ ପାଉଡର କୋଟିଂ ପାଇଁ ଏବଂ ପଲିମର ତିଆରି ପାଇଁ ପେଟ୍ରୋକେମିକାଲ୍ସ ମଧ୍ୟ ଅପରିହାର୍ଯ୍ୟ। ଏହି ସାମଗ୍ରୀଗୁଡ଼ିକ ଏସି ୟୁନିଟର ପ୍ଲାଷ୍ଟିକ ଭାଗ ଓ ମେକାନିକାଲ ପାର୍ଟ୍ସ ନିର୍ମାଣରେ ବ୍ୟବହୃତ ହୁଏ। ଯୁଦ୍ଧ ଯୋଗୁ ଏଲପିଜି ଓ ପେଟ୍ରୋକେମିକାଲ୍ସର ସପ୍ଲାଇ କମିବାରେ କଞ୍ଚା ମାଲର ଅଭାବ ସୃଷ୍ଟି ହୋଇଛି, ଯାହା ସିଧାସଳଖ ଏସିର ଉତ୍ପାଦନକୁ ପ୍ରଭାବିତ କରୁଛି। ଯଦିଓ ଏବେ ବଜାରରେ ଏହାର ବଡ଼ ପ୍ରଭାବ ଦେଖାଯାଇନାହିଁ, କିନ୍ତୁ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଶୀଘ୍ର ସୁଧାର ନ ଆସେ ତେବେ ଗ୍ରୀଷ୍ମରେ ଏହା ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିବ। ପୂର୍ବରୁ ଏସି କ୍ରୟ କରୁଥିବା ଗ୍ରାହକମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି ଏବଂ ଏପ୍ରିଲ ଓ ମେ ମାସ ମଧ୍ୟରେ ମୂଲ୍ୟରେ ଆହୁରି ବୃଦ୍ଧି ହେବାର ଆଶଙ୍କା ରହିଛି।

# ଓଏମ୍‌ସିଏଲ୍ କର୍ମଚାରୀଙ୍କ ଇନ୍‌ସ୍ୟୁରାନ୍ସ ଦାବି ସମାଧାନ




ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ଓଡ଼ିଶା ମାଇନିଂ କର୍ପୋରେଶନ ଲିମିଟେଡ୍(ଓଏମ୍‌ସିଏଲ୍) ସହିତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଷ୍ଟମାଇଜ୍ ସାଲାରୀ ପ୍ୟାକେଜ ଅନୁସାରେ ଓଏମ୍‌ସି କର୍ମଚାରୀ ସ୍ୱର୍ଗତ ସତ୍ୟବ୍ରତ ପାଢୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଟର୍ମ ଇନ୍‌ସ୍ୟୁରାନ୍ସ ଦାବି ସମାଧାନ ରାଶି ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି କଷ୍ଟମାଇଜ୍ ସାଲାରି ପ୍ୟାକେଜ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଯୋଗ୍ୟ କର୍ମଚାରୀଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ୧କୋଟି୨୦ ଲକ୍ଷ ଟଙ୍କା ଏବଂ ସାଧାରଣ ମୃତ୍ୟୁ ଘଟିଲେ ୨୦ ଲକ୍ଷ ଟଙ୍କାର ଇନ୍‌ସ୍ୟୁରାନ୍ସ ସୁବିଧା ପ୍ରଦାନ କରାଯାଇଥାଏ। ଏଥି ସହିତ ୭୫ହଜାର ଟଙ୍କାର ଲାଇଫ୍ ଷ୍ଟାଇଲ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଭୁବନେଶ୍ୱରର ଓଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ସତ୍ୟବ୍ରତ ପାଢୀଙ୍କ ଆଇନଗତ ଉତ୍ତରାଧିକାରୀ ପୁଷ୍ପାଞ୍ଜଳି ରଥଙ୍କୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ମୃତ୍ୟୁଞ୍ଜୟ କୁମାର, ସହାୟକ ମହାପ୍ରବନ୍ଧକ,ଦୀନେଶ କୁମାର, ମୁଖ୍ୟ ପ୍ରବନ୍ଧକ, ପଟିଆ ଶାଖାର ଶାଖା ପ୍ରବନ୍ଧକ ଦୀନେଶ ଭୁଜବଳ ଏବଂ ଓଏମ୍‌ସି କ୍ୟାମ୍ପସ ଶାଖାର ଶାଖା ପ୍ରବନ୍ଧକ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓଏମ୍‌ସି ପକ୍ଷରୁ ଅଲୋକ ପାଲ, ନିର୍ଦ୍ଦେଶକ (ମାନବ ସମ୍ବଳ), ନୃସିଂହ ବେହେରା, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ), ଦେବେନ୍ଦୁ ମହାପାତ୍ର, ମହାପ୍ରବନ୍ଧକ (ଅର୍ଥ), ଶ୍ରୀକାନ୍ତ ମହାପାତ୍ର, ସହାୟକ ମହାପ୍ରବନ୍ଧକ, ସନ୍ତୋଷ କୁମାର ନାଏକ, ସହାୟକ ମହାପ୍ରବନ୍ଧକ, ରଶ୍ମିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ଠାରୁ ଟମାଟୋ କିଣୁଛି ଭାରତ ମସଲା

## ଟମାଟୋର ଅଭାବୀ ବିକ୍ରିକୁ ଦୂର ପାଇଁ ପ୍ରୟାସ

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)




ଭାରତ ମସଲା କମ୍ପାନୀ ଟମାଟୋର ଅଭାବୀ ବିକ୍ରିକୁ ଏଡାଇବା ପାଇଁ ବଡ଼ ପଦକ୍ଷେପ ନେଇଛି। ଟମାଟୋ ମୂଲ୍ୟରେ ହ୍ରାସ ଏବଂ ବିକ୍ରି ହୋଇପାରୁ ନ ଥିବା ବିଷୟକୁ ତର୍ଜମା କରି ଓର୍ମାସ ସହାୟତାରେ ଟମାଟୋ କ୍ରୟ ପାଇଁ କମ୍ପାନୀ ନେଇଛି ନିଷ୍ପତ୍ତି। ଦଲାଲି ପ୍ରଭାବରୁ ମୁକ୍ତ କରିବା ପାଇଁ ଭାରତ ମସଲା କମ୍ପାନୀ ଚାଷୀମାନଙ୍କ ଠାରୁ ମେଟ୍ରିକ ମେଟ୍ରିକ ଟନ୍ ବିଲାତି କ୍ରୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। କଟକ ସ୍ଥିତ ଭାରତ ମସଲା କାର୍ଯ୍ୟାଳୟରେ ଏ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓର୍ମାସ କଟକର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଟମାଟୋର ଅଭାବୀ ବିକ୍ରି ସମ୍ପର୍କରେ ଧ୍ୟାନ ଆକର୍ଷଣ କରିବା ପରେ, ଭାରତ ମସଲା ପକ୍ଷରୁ ଟମାଟୋ କ୍ରୟ ପାଇଁ ସମ୍ମତି ପ୍ରକାଶ ପାଇଥିଲା। ଏହାଦ୍ୱାରା ଚାଷୀମାନେ ବଜାର ଦର ତୁଳନାରେ ପ୍ରାୟ ୩୫% ଅଧିକ ଲାଭ କମ୍ପାନୀଠାରୁ ପାଇପାରିବେ। ବର୍ତ୍ତମାନ ସୁଦ୍ଧା କଟକର ଆଠଗଡ଼ ଓ ବଡ଼ମ୍ବା କ୍ଲଷ୍ଟରରୁ ୮ ମେଟ୍ରିକ ଟନ୍ ଏବଂ ଗଞ୍ଜାମ ଜିଲାରୁ ୧୯ ମେଟ୍ରିକ ଟନ୍ ଟମାଟୋ କ୍ରୟ କରିସାରିଛି। ଏସ୍ଏସ୍‌ଜି ମାଧ୍ୟମରେ ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ଗଞ୍ଜାମ ଜିଲାରୁ ପ୍ରାୟ ୫୦୦ ମେଟ୍ରିକ ଟନ୍ ତଥା ସମ୍ବଲପୁରରୁ ୧୫୦ ମେଟ୍ରିକ ଟନ୍, ଝାରସୁଗୁଡ଼ାରୁ ୧୫୦ ମେଟ୍ରିକ ଟନ୍, ଦେବଗଡ଼ରୁ ୧୦୦ ମେଟ୍ରିକ ଟନ୍, ଗଞ୍ଜାମରୁ ୧୦୦ ମେଟ୍ରିକ ଟନ୍ ଶୁଖିଲା ଲଙ୍କା କ୍ରୟ କରିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି, ବ୍ୟବସାୟ କରିବା ଲକ୍ଷ୍ୟ ନୁହେଁ, ଆମ ରାଜ୍ୟର ଚାଷୀ ବଜାରରେ କିଭଳି ସେମାନଙ୍କର ଉତ୍ପାଦକୁ ସହଜରେ ଉପଲବ୍ଧ କରାଇପାରିବେ ଏବଂ ବଜାରକୁ ସୁହାଇଲା ଭଳି ଉନ୍ନତମାନର କୃଷିଜାତ ଦ୍ରବ୍ୟ ପଠାଇ ପାରିବେ ସେଥିପ୍ରତି ଧ୍ୟାନ ଦେବ ଭାରତ ମସଲା କମ୍ପାନୀ। ଆଗାମୀ ବର୍ଷରେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଇ ସେମାନଙ୍କଠାରୁ ଉତ୍ପାଦିତ କୃଷି ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ ସିଧାସଳଖ କିଣିବ। ବିଶେଷ କରି ବର୍ତ୍ତମାନ ଟମାଟୋ ମହଜୁଦ ରଖିଥିବା ଚାଷୀମାନେ ସିଧାସଳଖ ଭାରତ ମସଲା କମ୍ପାନୀ ସହ ଯୋଗାଯୋଗ କରି ସାମଗ୍ରୀ ଦେଇପାରିବେ ବୋଲି ସୁଶାନ୍ତ କହିଛନ୍ତି।

# ୧୬ ପୁରସ୍କାର ଜିତିଲା ଜିନ୍ଦଲ ଷ୍ଟିଲର ଆଇରନ ଓର୍ ମାଇନ୍




ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

୪୩ତମ ବାର୍ଷିକ ମାଇନ୍ସ ସେଫଟି ଫର୍ଟନାଇଟ, ୨୦୨୫ରେ ଜିନ୍ଦାଲ ଷ୍ଟିଲର ଆଇରନ ଓର୍ ମାଇନଗୁଡ଼ିକ ମୋଟ ୧୬ଟି ପୁରସ୍କାର ଲାଭ କରିଛନ୍ତି। କାସିଆ, ରୋଇଡା-୧ ଓ ଟେନସା (ଟିଆରବି) ମାଇନଗୁଡ଼ିକ ସେଫଟି, ଟ୍ରେନିଂ, ଅପରେସନାଲ ପରଫରମାନ୍ସ ଓ ଇନ୍ଫ୍ରାଷ୍ଟ୍ରକ୍ଚର ବିଭାଗରେ ପ୍ରଶଂସିତ ହୋଇଛନ୍ତି। କାସିଆ ମାଇନ୍ସ ଓଭରଅଲ ପରଫରମାନ୍ସ (ଓପନ କାଷ୍ଟ), ମେକାନିକାଲ ମେଣ୍ଟେନାନ୍ସ, ଟ୍ରେନିଂ ହେଲ୍‌ଥ ଓ ଇମର୍ଜେନ୍ସି ପ୍ରିପେୟାର୍ଡନେଶରେ ପ୍ରଥମ ପୁରସ୍କାର ସମେତ ଅନେକ ଶ୍ରେଷ୍ଠ ପୁରସ୍କାର ଜିତିଛି। ରୋଇଡା-୧ ଟ୍ରେନିଂ ଓ ହେଲଥ୍‌ରେ ପ୍ରଥମ ପୁରସ୍କାର ପାଇଛି। ଟେନସା ମାଇନ୍ସ ଡ୍ରିଲିଂ, ବ୍ଲାଷ୍ଟିଂ ଓ ପବ୍ଲିସିଟିରେ ଦ୍ୱିତୀୟ ଓ ଅନ୍ୟାନ୍ୟ ବିଭାଗରେ ତୃତୀୟ ପୁରସ୍କାର ଲାଭ କରିଛି। ଏହା ବ୍ୟତୀତ କମ୍ପାନୀ ଜିଭିଟିସି (ସୋୟାବାଲି)ରେ ଓଭରଅଲ ପରଫରମାନ୍ସ, ବେଷ୍ଟ ସେଫଟି ଷ୍ଟଲ୍ ଓ ଗ୍ରୁପ ଟ୍ରେନିଂ ସେଣ୍ଟରରେ ପୁରସ୍କାର ଜିତିଛି।

# ପୁରୀ ଷ୍ଟେଶନ: ଟ୍ରେନ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପୁରୀ ରେଳ ଷ୍ଟେଶନରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ଘୋଷଣା କରିଛି। ଷ୍ଟେଶନ ୟାର୍ଡରେ ବାଲାଷ୍ଟଲେଶ୍ ଟ୍ରାକ ନିର୍ମାଣ ଏବଂ ପ୍ଲାଟଫର୍ମ ନମ୍ବର ୭ ଏବଂ ୮ର ବିକାଶ ମୂଳକ କାର୍ଯ୍ୟ କରାଯିବ। ପୂର୍ବରୁ କିଛି ଟ୍ରେନକୁ ସାକ୍ଷୀଗୋପାଳ ଷ୍ଟେଶନରେ ସଂକ୍ଷିପ୍ତ-ଅବଧି କିମ୍ବା ସଂକ୍ଷିପ୍ତ-ଉତ୍ପତ୍ତି କରାଯିବାର ଯୋଜନା କରାଯାଇଥିଲା। ସଂଶୋଧିତ ପରିଚାଳନା ବ୍ୟବସ୍ଥା ଅନୁଯାୟୀ, ପୂର୍ବରୁ ଘୋଷିତ ଦିନରେ କିଛି ଟ୍ରେନ ଏବେ ସାକ୍ଷୀଗୋପାଳ ପରିବର୍ତ୍ତେ ମାଳତୀପାଟପୁର ଷ୍ଟେଶନରେ ଟ୍ରେନ ଗୁଡିକୁ ସଂକ୍ଷିପ୍ତ-ଅବଧି କିମ୍ବା ସଂକ୍ଷିପ୍ତ-ଉତ୍ପତ୍ତି କରାଯିବ। ଯାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନଗୁଡ଼ିକର ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ୮୦ ପ୍ରଶିକ୍ଷାର୍ଥୀଙ୍କୁ ସିଏମ୍‌ପିଡିଆଇର ପ୍ରମାଣପତ୍ର ପ୍ରଦାନ

**ରାଞ୍ଚି, ୧୬।୩:** ସେଣ୍ଟ୍ରାଲ ମାଇନ୍ସ ପ୍ଲାନିଂ ଆଣ୍ଡ ଡିଜାଇନ ଇନଷ୍ଟିଚ୍ୟୁଟ (ସିଏମ୍‌ପିଡିଆଇ) ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ସିପେଟ)ରେ ନିଜର ସିଏସଆର୍ ଉଦ୍ୟମ ଅଧୀନରେ ୪ ମାସର ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଇଥିବା ୮୦ ପ୍ରଶିକ୍ଷଣାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛି। ସିଏମପିଡିଆଇର ମହାପ୍ରବନ୍ଧକ (ଏଚଆରଡି/ସିଏସଆର୍) ଡ. ଶିଶିର ଦତ୍ତ ପ୍ରଶିକ୍ଷଣାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିପେଟ, ରାଞ୍ଚିର ନିର୍ଦ୍ଦେଶକ ତଥା ପ୍ରଧାନ ଅବନୀତ କୁମାର ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

**ଦିଲ୍ଲୀରେ ଆଜି...**




ଭାରତ-ଆମେରିକା ବାଣିଜ୍ୟିକ ଚୁକ୍ତିକୁ ଦେଶବିରୋଧୀ ଦର୍ଶାଇ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସୋମବାର ଯୁବକଂଗ୍ରେସ ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ ଦଳୀୟ ନେତା ଉଦୟଭାନୁ ଚିବ୍, ସଚିନ ପାଇଲଟ୍, ଇମ୍ରାନ୍ ପ୍ରତାପଗଡ଼ି, ରଣଦୀପ ସିଂ ସୁର୍ଜେଓ୍ୱାଲା ପ୍ରମୁଖ ମଞ୍ଚାସୀନ। (ଫଟୋ: ଚମନ ଗୌତମ)

# ଇରାନ୍ ଏବେ କାଗଜ ବାଘ: ଟ୍ରମ୍ପ

**ୱାଶିଂଟନ୍, ୧୬।୩**

ଇରାନ୍ ବିରୋଧରେ ଚାଲିଥିବା ଯୁଦ୍ଧ ତୃତୀୟ ସପ୍ତାହରେ ପହଞ୍ଚିଥିଲାବେଳେ ଏହାମଧ୍ୟରେ ଇରାନ୍‌ର ସବୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିଦିଆଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଇରାନ୍‌ର ପ୍ରମୁଖ ସାମରିକ ଘାଟିଠାରୁ ଆରମ୍ଭ କରି ନୌସେନା ଓ ବାୟୁସେନାକୁ ଧ୍ୱଂସ କରିଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୭୦୦ ଠିକଣାରେ ଆକ୍ରମଣ କରାଯାଇ ବହୁ ସଂଖ୍ୟକ ଯୁଦ୍ଧ ଜାହାଜ ବୁଡ଼ାଇ ଦିଆଯାଇଥିବାବେଳେ ଆଣ୍ଟି-ଏୟାରକ୍ରାଫ୍ଟ ବ୍ୟବସ୍ଥାକୁ ମଧ୍ୟ ଉଡ଼ାଇ ଦିଆଯାଇଛି। ବର୍ତ୍ତମାନ ଇରାନ୍ କେବଳ କାଗଜ ବାଘ ହୋଇ ରହିଯାଇଛି ବୋଲି ଟ୍ରମ୍ପ କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି, ଇରାନ୍‌ର ୯୦ ପ୍ରତିଶତ କ୍ଷେପଣାସ୍ତ୍ର ଏବଂ ୯୫ ପ୍ରତିଶତ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିଦିଆଯାଇଛି। ଖର୍ଗ ଦ୍ୱୀପରେ ରହିଥିବା ଇରାନ୍‌ର ଦୃଢ଼ ସାମରିକ ଭିତ୍ତିଭୂମିକୁ ମଧ୍ୟ ଧ୍ୱଂସ କରିଦିଆଯାଇଛି। ବର୍ତ୍ତମାନ ଏଠାରେ କେବଳ ତୈଳ ପାଇପ୍ ରହିଛି। ଆବଶ୍ୟକ ପଡ଼ିଲେ ଏହାକୁ ମଧ୍ୟ ୧୦ ମିନିଟ୍‌ରେ ଶେଷ କରିଦିଆଯିବ ବୋଲି ଟ୍ରମ୍ପ କହିଛନ୍ତି।

## ଲୋହିତ ସାଗର ପଥରେ ହୁତି ବାଧା




**ରିଆଦ, ୧୬।୩**

ଉପସାଗରୀୟ ଦେଶରୁ ତୈଳ ଓ ଗ୍ୟାସ୍ ନେଇ ଯାଉଥିବା ଜାହାଜଗୁଡ଼ିକୁ ଇରାନ ହର୍ମୁଜ୍ ଷ୍ଟ୍ରେଟ୍‌ରେ ଯିବାକୁ ଦେଉ ନ ଥିଲାବେଳେ ଲୋହିତ ସାଗର ଦେଇ ସାମୁଦ୍ରିକ ପଥକୁ ତୈଳ ପରିବହନ ପାଇଁ ସାଉଦି ଆରବ ବିକଳ୍ପ କରିଥିଲା। କିନ୍ତୁ ଏଠାରେ ବି ୟେମେନ୍‌ର ହୁତି ବିଦ୍ରୋହୀ ବାଧକ ସାଜିଛନ୍ତି। ସାଉଦି ଆରବରୁ ତୈଳ ନେଇ ୟାନ୍‌ବୁ ବନ୍ଦରରୁ ବାହାରିଥିବା ଜାହାଜଗୁଡ଼ିକୁ ହୁତି ବିଦ୍ରୋହୀ ଛାଡ଼ିବେ ନାହିଁ ବୋଲି ଧମକ ଦେଇଛନ୍ତି। ଇରାନ୍‌ର ଦୃଢ଼ ସମର୍ଥକ ଭାବେ ହୁତି ବିଦ୍ରୋହୀମାନେ ଏହି ପଥ ଦେଇ କୌଣସି ଜାହାଜ ଯାତାୟାତ କଲେ ଆକ୍ରମଣ କରିବାକୁ କହିଛନ୍ତି।

# ର', ଆର୍‌ଏସ୍‌ଏସ୍ ବିରୋଧରେ କଟକଣା ଲଗାଇବାକୁ ଆମେରିକୀୟ ସଂସ୍ଥାର ଆହ୍ୱାନ

**ନୂଆଦିଲ୍ଲୀ, ୧୬।୩**

**ନିନ୍ଦାକଲା ଭାରତ**

ଭାରତରେ ଧର୍ମୀୟ ସ୍ୱାଧୀନତାର ଉଲ୍ଲଂଘନ ହେଉଥିବ ଅଭିଯୋଗ କରି ଆମେରିକାର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଆୟୋଗ (ୟୁଏସ୍‌ସିଆଇଆର୍‌ଏଫ୍) ଭାରତକୁ ଏକ 'ନିର୍ଦ୍ଦିଷ୍ଟ ଚିନ୍ତାର ଦେଶ' ଭାବେ ନାମିତ କରିବା ପାଇଁ ସୁପାରିସ କରିଛି। ଏଥିସହିତ ଭାରତର ବୈଦେଶିକ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍(ର) ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ବିରୋଧରେ ନିର୍ଦ୍ଦିଷ୍ଟ କଟକଣା ଲଗାଇବାକୁ ଆହ୍ୱାନ ଦେଇଛି। ୟୁଏସ୍‌ସିଆଇଆର୍‌ଏଫ୍‌ର ଏଭଳି ରିପୋର୍ଟକୁ କେନ୍ଦ୍ର ସରକାର ନିନ୍ଦା କରିବା ସହ ଏହାକୁ ଉଦ୍ଦେଶ୍ୟମୂଳକ ଓ ପକ୍ଷପାତପୂର୍ଣ୍ଣ ବର୍ଣ୍ଣନା ବୋଲି କହିଛନ୍ତି। ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ ଉପରେ ଗଣମାଧ୍ୟମ ପ୍ରଶ୍ନ କରିବାରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଏଭଳି ରିପୋର୍ଟକୁ ସରକାର ଏବଂ ଭାରତ ସମ୍ପର୍କିତ ବର୍ଣ୍ଣନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କମିଶନ କ୍ରମାଗତ ଭାବେ ଦେଶର ଏକ ବିକୃତ ଓ ଚୟନାତ୍ମକ ଚିତ୍ର ଉପସ୍ଥାପନ କରିଆସିଛି। ବହୁବର୍ଷ ହେଲା କମିଶନ ବସ୍ତୁନିଷ୍ଠ ତଥ୍ୟ ବଦଳରେ ବିବାଦୀୟ ସୂତ୍ର ଏବଂ ବୈଚାରିକ ବର୍ଣ୍ଣନା ଉପରେ ନିର୍ଭର କରିଆସିଛି। ଏଭଳି ବାରମ୍ବାର ଭୁଲ୍ ଉପସ୍ଥାପନା ଉକ୍ତ ସଂସ୍ଥାର ବିଶ୍ୱସନୀୟତାକୁ ନ୍ୟୂନ କରିଛି ବୋଲି ଜୟସ୍ୱାଲ କହିଛନ୍ତି।

# ମମତାଙ୍କ ବିରୋଧରେ ଲଢ଼ିବେ ଶୁଭେନ୍ଦୁ

**ନୂଆଦିଲ୍ଲୀ, ୧୬।୩**

**ପଶ୍ଚିମବଙ୍ଗ ନିର୍ବାଚନ: ୧୪୪ ପ୍ରାର୍ଥୀ ଘୋଷଣା କଲା ଭାଜପା**

ଆସନ୍ତା ମାସରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭାଜପା ସୋମବାର ୧୪୪ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆସନ କୋଲକାତାର ଭବାନୀପୁରରେ ଭାଜପା ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ପ୍ରାର୍ଥୀ କରିଛି। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ଘୋଷଙ୍କୁ ଖଡ଼ଗପୁର ସଦରରୁ ପ୍ରାର୍ଥୀ କରାଯାଇଥିବାବେଳେ ବିମାନ ମାହତୋଙ୍କୁ ସାଲବୋନିରୁ, ସ୍ୱପନ ଦାସଗୁପ୍ତାଙ୍କୁ ଦକ୍ଷିଣ କୋଲକାତା ରାସବେହାରିରୁ ପ୍ରାର୍ଥୀ କରାଯାଇଛି। ସେହିପରି ପୂର୍ବ ମେଦିନୀପୁର ଜିଲାରୁ କାନ୍ଥି ଉତ୍ତର ଆସନରେ ସୁମିତା ସିହ୍ନା ଲଢ଼ିବାକୁ ଥିବାବେଳେ ହୁଗ୍‌ଲି ଜିଲାର ପୁରସୁରାରୁ ବିମାନ ଘୋଷ ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲାର କୁଲତାଲିରୁ ମାଧବୀ ମାହାଲଦେର ପ୍ରାର୍ଥୀ ହୋଇଛନ୍ତି।

ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ନନ୍ଦିଗ୍ରାମ ଆସନରେ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯିବା ପରେ ୨୦୨୧ ଉପନିର୍ବାଚନରୁ ଭବାନୀପୁର ଆସନରୁ ଜିତି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ହେଲେ ମମତାଙ୍କ ପାଇଁ ଭବାନୀପୁର ଆସନ ଗୁରୁତ୍ୱପୂର୍ଣ୍ଣ। ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଏପ୍ରିଲ ୨୩ ଏବଂ ୨୯ ଦୁଇ ପର୍ଯ୍ୟାୟରେ ହେବାକୁ ଯାଉଛି। ମେ ୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## ଇରାନରୁ ୫୫୦ ଭାରତୀୟ ଉଦ୍ଧାର ହେଲେଣି

**ନୂଆଦିଲ୍ଲୀ, ୧୬।୩**

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗିରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଇରାନରୁ ୫୫୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଆର୍ମେନିଆ ଦେଇ ଉଦ୍ଧାର କରାଯାଇଛି। ଯୁଦ୍ଧାଞ୍ଚଳରେ ଫସିରହିଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଦିଲ୍ଲୀ ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ସ୍ଥଳସୀମା ଦେଇ ଇରାନରୁ ଭାରତୀୟଙ୍କୁ ସ୍ଥାନାନ୍ତର କରିବାରେ ସହାୟତା କରିଥିବା ଆର୍ମେନିଆ ସରକାରଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଧନ୍ୟବାଦ ଜଣାଇଛନ୍ତି। ସେହିପରି ଭାରତୀୟ ଦୂତାବାସ ସହାୟତାରେ ୯୦ ଜଣ ଭାରତୀୟ ଇରାନରୁ ଆଜରବୈଜାନ ଦେଇ ଫେରିଛନ୍ତି। ଇତିମଧ୍ୟରେ ଉପସାଗରୀୟ ଅଞ୍ଚଳରୁ ପ୍ରାୟ ୨୦,୦୦୦ ଭାରତୀୟଙ୍କୁ ଭାରତ ଫେରାଇ ଅଣାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଅସୀମ ମହାଜନ କହିଛନ୍ତି। ବାୟୁସୀମା କଟକଣା ସତ୍ତ୍ୱେ ବିଭିନ୍ନ ଉପସାଗରୀୟ ଦେଶରୁ ବିମାନ ଯୋଗେ ଭାରତୀୟମାନଙ୍କ ପ୍ରତ୍ୟାବର୍ତ୍ତନ ଜାରି ରହିଛି। ସାଉଦି ଆରବର ବିଭିନ୍ନ ଏୟାରପୋର୍ଟରୁ ଭାରତକୁ ବିମାନ ଚଳାଚଳ କରୁଛି। ଏଥିସହିତ ଓମାନ ଓ କାତାରରୁ ମଧ୍ୟ ଭାରତୀୟମାନେ ବିମାନ ଯୋଗେ ଫେରୁଛନ୍ତି।

# ୧୦ କୋଟିର ମାନହାନି ମାମଲା କଲେ ହରଦୀପ ପୁରୀଙ୍କ ଝିଅ

**ନୂଆଦିଲ୍ଲୀ, ୧୬।୩**

**ଏପ୍‌ଷ୍ଟିନ୍‌ଙ୍କ ସହ ସମ୍ପୃକ୍ତି ନେଇ ଅନ୍‌ଲାଇନ୍ ପୋଷ୍ଟ**

କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କ ଝିଅ ହିମାୟନୀ ଆମେରିକାର ବହୁଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ଆପରାଧିକ କାର୍ଯ୍ୟ ସହ ସମ୍ପୃକ୍ତ ଥିବା ନେଇ ସୋସିଆଲ ମିଡିଆରେ ଅପମାନଜନକ କଣ୍ଟେଣ୍ଟ ପ୍ରକାଶ ପାଇଥିଲା। ଏନେଇ ହିମାୟନୀ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକ ବିରୋଧରେ ଅଦାଲତରେ ୧୦ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଛନ୍ତି। ସେ ସେମାନଙ୍କଠାରୁ କ୍ଷତିପୂରଣ ସମେତ ନିଃସର୍ତ୍ତ କ୍ଷମାପ୍ରାର୍ଥନା ଦାବି କରିଛନ୍ତି। ହିମାୟନୀଙ୍କର ନିବେଶ ପେସାରେ ପ୍ରାୟ ୩ ଦଶନ୍ଧିର ବୈଶ୍ୱିକ ଅଭିଜ୍ଞତା ରହିଥିବା ସହ ସେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ କାର୍ଯ୍ୟରତ ଅଛନ୍ତି। ସୋସିଆଲ ମିଡିଆ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମରେ ମିଥ୍ୟା ଓ ବିଭ୍ରାନ୍ତିକର ଅଭିଯୋଗର ପ୍ରସାର କରି ତାଙ୍କ ଖ୍ୟାତିକୁ ନଷ୍ଟ କରିବା ପାଇଁ ଏକ ସୁଚିନ୍ତିତ ଏବଂ ଦ୍ୱେଷପୂର୍ଣ୍ଣ ଅନ୍‌ଲାଇନ ଅଭିଯାନ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଫେବୃଆରୀ ୨୨ରୁ ଅନ୍‌ଲାଇନ୍‌ରେ ତାଙ୍କୁ ଏପ୍‌ଷ୍ଟିନ୍ ଓ ତାଙ୍କ ଅପରାଧ କାର୍ଯ୍ୟ ସହ ଯୋଡ଼ି ଅନେକ ଅପମାନଜନକ ପୋଷ୍ଟ, ନିବନ୍ଧ, ଭିଡିଓ ଆଦି ଛଡ଼ାଯାଉଥିବା ପୁରୀଙ୍କ ଝିଅ ଅଭିଯୋଗ କରିଛନ୍ତି।



ନୂଆଦିଲ୍ଲୀରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ବୈଠକରେ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପାଟି।

# ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ବିମାନରେ ବୈଷୟିକ ତ୍ରୁଟି

**ନୂଆଦିଲ୍ଲୀ, ୧୬।୩**

ନ୍ୟୁୟର୍କରୁ ପ୍ରାୟ ୩୦୦ ଯାତ୍ରୀଙ୍କୁ ଆଣି ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାକୁ ସୋମବାର ସକାଳେ ଆୟର୍ଲାଣ୍ଡରେ ଅବତରଣ କରାଯାଇଛି। ତେବେ ଏୟାର ଇଣ୍ଡିଆ ଘଟଣାକୁ ଗମ୍ଭୀରତାର ସହ ନ ନେଇ ସତର୍କତାମୂଳକ ଅବତରଣ ଭାବେ ଦର୍ଶାଇଛି। ସୂଚନା ଅନୁଯାୟୀ, ଏୟାରବସ୍ ଏ୩୫୦-୯୦୦ ଜେଏଫ୍‌କେ ଏୟାରପୋର୍ଟରୁ ରବିବାର ସନ୍ଧ୍ୟା ୬ଟା ୩୯ରେ ଉଡ଼ାଣ ଆରମ୍ଭ କରିଥିଲା। ୬ ଘଣ୍ଟାର ଉଡ଼ାଣ ପରେ କକ୍‌ପିଟ୍‌ର କ୍ରିଉ ବୈଷୟିକ ତ୍ରୁଟି ଠାବ କରିଥିଲେ। ନିକଟବର୍ତ୍ତୀ ଏୟାରପୋର୍ଟରେ ଅବତରଣ ଅନୁମତି ମିଳିବା ପରେ ଏହାକୁ ଆୟର୍ଲାଣ୍ଡର ଶାନୋନ୍‌ଠାରେ ନିରାପଦର ସହ ଅବତରଣ କରାଯାଇଛି।

# ତଣ୍ଟିରେ ରସଗୋଲା ଲାଖିଯିବାରୁ ମୃତ୍ୟୁ

**ଜାମସେଦପୁର, ୧୬।୩**

ବିବାହ ଉତ୍ସବରେ ଭୋଜି ଖାଇବାବେଳେ ତଣ୍ଟିରେ ରସଗୋଲା ଲାଖିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଗତ ଶନିବାର ଏଠାକାର ମାଲିୟାନ୍ତା ଗ୍ରାମରେ ଅନୁଷ୍ଠିତ ବିବାହ ଭୋଜିରେ ଯୋଗ ଦେଇ ୪୧ ବର୍ଷୀୟ ଲଳିତ ସିଂ ରସଗୋଲା ଖାଇଥିଲେ। କିନ୍ତୁ ଖାଇବା ପରେ ରସଗୋଲା ତଣ୍ଟିରେ ଲାଖି ରହିବା ସହ ଅମ୍ଳଜାନ ଯିବା ବାଟକୁ ରୋକି ଦେଇଥିଲା। ଶରୀରକୁ ଅମ୍ଳଯାନ ନ ଯିବାରୁ ସେ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଅମ୍ଳଜାନ ଅଭାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ।

# ମୋଜ୍‌ତବାଙ୍କ ଅସ୍ତ୍ରୋପଚାର

**ମସ୍କୋ, ୧୬।୩**

ଗୋଟିଏ ପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମୃତ୍ୟୁ ଖବରକୁ ନେଇ ସୋସିଆଲ ମିଡିଆରେ ନାନା ଖବର ପ୍ରସାରିତ ହୋଇଥିଲାବେଳେ ଏବେ ଏକ କଫି ଷ୍ଟଲ୍‌ରେ ନେତାନ୍ୟାହୁ କଫି ପିଉଥିବା ଦେଖାଯିବା ପରେ ପ୍ରସାରିତ ଖବର ଗୁଜବ ଥିଲା ବୋଲି ଜଣାପଡ଼ିଛି। ସେପଟେ ଇରାନ୍‌ର ସୁପ୍ରିମ ଲିଡର ମୋଜ୍‌ତବା ଖାମେନେଇଙ୍କ ଆହତ ହେବା ଖବରକୁ ନେଇ ମଧ୍ୟ ଅନେକ ଖବର ସାମ୍ନାକୁ ଆସିଛି। ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ମୋଜ୍‌ତବା ଗୁରୁତର ଆହତ ହୋଇ ଏବେ ମସ୍କୋରେ ଚିକିତ୍ସିତ ହେଉଥିବା ରିପୋର୍ଟ ସାମ୍ନାକୁ ଆସିଛି। ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ମୋଜ୍‌ତବାଙ୍କୁ ଏକ ସ୍ୱତନ୍ତ୍ର ମିଲିଟାରୀ ବିମାନରେ ରୁଷିଆ ନେବା ସହ ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଇଥିବା କୁହାଯାଇଛି।


# Classified Everyday
**0674-2580101, 9692975378**



**REAL ESTATE**

**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22




All types of physiotherapy and massage contact 9556924059 / 7656969134. D-3591

**AFFIDAVIT**

By this affidavit before the Executive Magistrate, Barpali, Dt.16.12.25 I, Kalakati Bhue, W/o- Judhisthira Bhue, At- Retamunda, P.O.- Bhatigaon, P.S.- Barpali, Dist.- Bargarh (Odisha) declare that, I have changed my name from Koushlya Bhue to Kalakati Bhue. Henceforth, I shall be known as Kalakati Bhue for all purposes. D-3658

By virtue of an affidavit sworn before Executive Magistrate, Bhubaneswar affidavit No.- 07, dated 06.01.2026, I, Jagan Behera, age-21, S/o- Jitendra Behera, At/P.O./P.S.- Baliapanda, Dist.- Puri, PIN- 752001 declare that I have changed my name from Happy Behera to Jagan Behera. Henceforth, I shall be known as Jagan Behera for all purposes.
Jagan Behera D-3656

By virtue of an affidavit sworn before Executive Magistrate, Darpan, Dhanmandal, dtd.- 03.01.2026, I, Kalyanimayee Behera, D/o.- Shyamsundar Behera, At-Rangidaspur, P.O.- Chhatia, P.S.- Byree, Dist.- Jajpur, Odisha, PIN- 754023 declare that I have changed my name from Kalyanimayi Behera to Kalyanimayee Behera. Henceforth, I shall be known as Kalyanimayee Behera for all purposes.
Kalyanimayee Behera D-3657

By virtue of an affidavit sworn before the Executive Magistrate, Bargarh, I, Sumit @ Sujit Bhue, S/o- Santosh Bhue, R.O./Vill- Jada, P.S.- Bhatli, Dist.- Bargarh do hereby declared that in my Aadhaar Card bearing No- xxxx xxxx 7562 my name is mentioned as Sumit Bhue but in my Bank A/C bearing No- 18930100020995 of Bank of Baroda, Bargarh Branch my name is wrongly mentioned as Sujit Bhue. Sujit Bhue and Sumit Bhue is the one and same person for all purposes. D-3655

I Mrs. Medias, W/o.- Joseph Madiath and D/o.- Russel James Goodman, resident of # 4, Green Meadow Homes, Kyalasanahalli Main Road, Kothaur, Bangalore North, Bangalore, Karnataka-560077 declare by affidavit No.37 dated-16.03.2026 duly executed by the court of Executive Magistrate Bhubaneswar that now onwards I shall be known as **Anthya Madiath** for all future purposes. D-3660

**ନିରୁଦ୍ଦିଷ୍ଟ**



ନାମ: ଝୁମା ଦାସ (୩୬), ସ୍ୱାମୀ: ହେମନ୍ତ ଦାସ, ଖୋର୍ଦ୍ଧା, ଡୁମୁଡୁମା, ଗତ ୧୩।୦୩।୨୦୨୬ ୮.୫୫ ଘଟିକା ସମୟରେ ଘରୁ ବାହାରି ଚାଲିଯାଇଥିଲେ। ସେ ମାନସିକ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ୨୦,୦୦୦ ଟଙ୍କା ପୁରସ୍କାର ଦିଆଯିବ। MOB: 7865957875, 9907573102, 8270109081. D-3659

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧରଣୀଧର ବେହେରା**
ପାରାବିଲ୍, କନ୍ଦରପୁର, କଟକ
ଆବିର୍ଭାବ: ୦୩।୦୯।୧୯୩୬
ତିରୋଧାନ: ୦୭।୦୩।୨୦୨୬
ବାପା ଚାହୁଁ ଚାହୁଁ ଆଜିକୁ ୧୦ ଦିନ ବିତିଗଲାଣି, ତୁମର ଅନୁପସ୍ଥିତି ସମସ୍ତଙ୍କୁ ବହୁତ ବ୍ୟଥିତ କରୁଛି। ତୁମେ ଆଉ ସେ ଅଫେରା ରାଇଜରୁ ଫେରିବ କି ନାହିଁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ହତଭାଗ୍ୟ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୬୬୧

## ସୌନ୍ଦର୍ଯ୍ୟ



ତ୍ୱଚାକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ଲାଗି ବିଟ୍ ରୁଟ୍ ବେଶ୍ ଉପକାରୀ। ତେଣୁ ମହିଳାମାନେ ବ୍ୟୁଟିପାର୍ଲର ଯାଇ ଅଧିକ ଟଙ୍କା ଖର୍ଚ୍ଚକରିବା ପରିବର୍ତ୍ତେ ଘରେ ରହି ଅଳ୍ପଖର୍ଚ୍ଚରେ ବିଟ୍‌ରୁଟ୍ ପ୍ୟାକ୍ ପ୍ରସ୍ତୁତକରି ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...



# ଆକର୍ଷଣୀୟ ତ୍ୱଚା ପାଇଁ ବିଟ୍‌ରୁଟ୍

**ବିଟ୍‌ରୁଟ୍– ଆଲୋଭେରା ପ୍ୟାକ୍:** ୨ ଚାମଚ ବିଟ୍‌ରୁଟ୍ ପାଉଡର ସହ ୨ ଚାମଚ ଆଲୋଭେରା ଜେଲ୍ ଏବଂ ୪–୫ ବୁନ୍ଦା ଗୋଲାପ ଜଳ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ତ୍ୱଚା ସଫ୍ଟ ଏବଂ ଗ୍ଲୋଇଂ ଦେଖାଯିବ। ଏହା ମଧ୍ୟ ଟ୍ୟାନିଂ ସମସ୍ୟା ଦୂରକରିବାରେ ସାହାଯ୍ୟ କରିବ।

**ବିଟ୍‌ରୁଟ୍–ଲେମନ୍ ପ୍ୟାକ୍:** ଏକ ବିଟ୍‌କୁ ଭଲ ଭାବେ ଚୋପା ଛଡ଼ାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଛାଣି ଜୁସ୍ ବାହାର କରିଦିଅନ୍ତୁ। ଏକ ଗିନାରେ ଏହି ଜୁସ୍‌ରୁ ୧ ଚାମଚ ନିଅନ୍ତୁ ଏବଂ ସେଥିରେ ୧ ଚାମଚ ଲେମନ୍ ଜୁସ୍ ବା ଲେମ୍ବୁରସ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ମୁହଁକୁ ଧୋଇ ଟାୱେଲରେ ଧୀରେ ଧୀରେ ପୋଛିବା ପରେ ଏକ କଟନ୍ ସାହାଯ୍ୟରେ ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ପ୍ୟାକ୍ ଲଗାଇଲେ ମୁହଁର ଗ୍ଲୋ ବଢ଼ିବା ସହ ନ୍ୟାଚୁରାଲ୍ ବ୍ଲଶ୍ ମଧ୍ୟ ଆସିବ।

**ବିଟ୍‌ରୁଟ୍– କର୍ଡ ପ୍ୟାକ୍:** ଛୋଟ ଆକାରର ବିଟ୍‌ରୁଟ୍ ନେଇ ଚୋପା ଛଡାଇ ଛୋଟ ଛୋଟ କାଟି ଦିଅନ୍ତୁ। ସେଥିରେ ଏକ ଟେବୁଲ୍‌ସ୍ପୁନ୍ ଗୋଲାପ ଜଳ ନେଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏକ କନା କିମ୍ବା ଛଣାରେ ଛାଣି ଜୁସ୍ ଅଲଗା କରିଦିଅନ୍ତୁ। ଉକ୍ତ ଜୁସ୍‌ରେ ଏକ ଟେବୁଲ୍ ସ୍ପୁନ୍ ଦହି ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ୧୫–୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ଦାଗ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ।

## ଖାଦ୍ୟରୁଚି

# ଅଁଳା ଆଚାର



**ଆବଶ୍ୟକ ସାମଗ୍ରୀ:** ୫୦୦ଗ୍ରାମ୍ ଅଁଳା, ୧/୨ କପ୍ ସୋରିଷ ତେଲ, ୧ ଛୋଟ ଚାମଚ ଲେଖାଏ ଲଙ୍କାଗୁଣ୍ଡ, କଶ୍ମୀର ଲଙ୍କାଗୁଣ୍ଡ ୧ ଚାମଚ, ପାନ ମଧୁରୀ ୩ ଚାମଚ, ମେଥି ୧ ଚାମଚ, ଜୁଆଣି ଅଧା ଚାମଚ, ସୋରିଷ ୨ ଚାମଚ, ହଳଦୀଗୁଣ୍ଡ ୧ ଚାମଚ, ଅଳ୍ପ ହେଙ୍ଗୁ, ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଁଳାକୁ ଧୋଇ ଭଲ ଭାବେ ପାଣି ନିଗାଡ଼ି ରଖନ୍ତୁ। ଏହାକୁ ୫–୭ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ କରନ୍ତୁ। କିଛି ସମୟ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପେରେ ସେଥିରୁ ମଞ୍ଜି ଅଲଗା କରିଦିଅନ୍ତୁ। ଏକ ପ୍ୟାନ୍ ଗରମକରି ସେଥିରେ ମେଥି, ପାନମଧୁରୀ, ସୋରିଷକୁ ଅଲଗା ଅଲଗା ଭାଜି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହାକୁ ଏକାଠି ଦରଦରା କରି ଗ୍ରାଇଣ୍ଡ କରିଦିଅନ୍ତୁ। ସେଥିରେ ହଳଦୀ ଏବଂ ଲଙ୍କାଗୁଣ୍ଡକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ସୋରିଷ ତେଲକୁ ଫୁଟାଇ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏକ ସଫା କାଚ ଜାର୍‌ରେ ଅଁଳାକୁ ରଖନ୍ତୁ। ସେଥିରେ ତେଲ, ମସଲାଗୁଣ୍ଡ ଏବଂ ସ୍ୱାଦାନୁସାରେ ଲୁଣ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଜାର୍‌ର କ୍ୟାପ୍‌କୁ ଭଲ ଭାବେ ବନ୍ଦକରି ୨–୩ ଦିନ ଖରାରେ ରଖନ୍ତୁ। ପୁଣି ଥରେ ଅଧା କପ୍ ସୋରିଷ ତେଲକୁ ଫୁଟାଇ ଥଣ୍ଡା ହେବା ପରେ ଜାର୍‌ରେ ଢାଳି ଭଲ ଭାବେ ଗୋଳାଇ ଦିଅନ୍ତୁ ଏବଂ ୪–୫ ଦିନ ଖରାରେ ରଖନ୍ତୁ। ଏହିଭଳି ସହଜ ଉପାୟରେ ଘରେ ପ୍ରସ୍ତୁତ କରିପାରିବେ ଅଁଳା ଆଚାର।

# ମହିଳାଙ୍କ ପାଇଁ ଉପକାରୀ ଡ୍ରାଏଫ୍ରୁଟ୍ସ



**ଆଲମଣ୍ଡ:** ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ପ୍ରୋଟିନ୍, ଫାଇବର, ଭିଟାମିନ୍ ଇ ଅଧିକ ମାତ୍ରାରେ ରହିଛି, ଯାହା ମହିଳାଙ୍କ ଶରୀରରେ ଇମ୍ୟୁନିଟି ପାୱାର ବୃଦ୍ଧି କରିଥାଏ। ପ୍ରତିଦିନ ୫–୬ଟି ଆଲମଣ୍ଡକୁ ପାଣିରେ ଭିଜାଇ ଖାଇଲେ ଓଜନ ନିୟନ୍ତ୍ରଣରେ ରହିଥାଏ, ଆଣ୍ଠୁଗଣ୍ଠି ବିନ୍ଧା ଆଦି କମିଥାଏ, ତ୍ୱଚାକୁ ବି ସୁନ୍ଦର ରଖିଥାଏ ଏବଂ ମସ୍ତିଷ୍କକୁ ସକ୍ରିୟ ରଖିବାରେ ସାହାଯ୍ୟ କରେ।

**ଅଖରୋଟ୍:** ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍, ପ୍ରୋଟିନ୍, ଆଇରନ୍ ଏବଂ ଫାଇବର୍ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇଥାଏ। ପ୍ରତିଦିନ ଏହାକୁ ଭିଜାଇ ଖାଇଲେ ବ୍ଲଡ୍ ପ୍ରେସର ନିୟନ୍ତ୍ରଣରେ ରହିଥାଏ, ହୃତ୍‌ପିଣ୍ଡ ମଜଭୁତ ହୋଇଥାଏ, ଓଜନ ନିୟନ୍ତଣରେ ରହିଥାଏ।

**ଅଞ୍ଜିର:** ଏହା କ୍ୟାଲ୍‌ସିୟମ୍ ଓ ପୋଟାସିୟମ୍ ଭଳି ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ, ଯାହା ହାଡ଼କୁ ମଜଭୁତକରେ ଏବଂ ମହିଳାଙ୍କଠାରେ ଅଷ୍ଟିଓପୋରୋସିସ୍ ଭଳି ସମସ୍ୟା ହେବାକୁ ଦିଏ ନାହିଁ।



**କିସ୍‌ମିସ୍:** ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ, ଆଇରନ୍, ମ୍ୟାଗ୍ନେସିୟମ ଭରି ରହିଛି। ଏହାକୁ ମଧ୍ୟ ଖାଲି ଖାଇବା ଅପେକ୍ଷା ଭିଜାଇ ଖାଇଲେ ବେଶ୍ ଲାଭ ମିଳିଥାଏ। ଏହା ରୋଗ ସହ ଲଢ଼ିବାକୁ ଶରୀରକୁ ପ୍ରାକୃତିକ ଉର୍ଜା ଯୋଗାଇଥାଏ। ତା'ଛଡ଼ା ବୋନ୍ ଡେନ୍‌ସିଟି ବଢ଼ାଇଥାଏ।

**କାଜୁ:** ଏଥିରେ ଫାଇବର ମାତ୍ରା ଅଧିକ ଏବଂ ଏଥିରେ ମ୍ୟାଗ୍ନେସିୟମ ବି ଭରି ରହିଛି। ତେଣୁ ମହିଳାମାନେ ପ୍ରତିଦିନ ୪–୫ଟି କାଜୁ ଖାଇଲେ ଏହା ଶରୀରର ଇମ୍ୟୁନିଟି ପାୱାର ବଢ଼ାଇଥାଏ, ହାଡ଼କୁ ମଜଭୁତ ରଖିଥାଏ ଏବଂ ହର୍‌ମୋନାଲ୍ ବାଲାନ୍ସ ରକ୍ଷା କରିଥାଏ।

**ପିସ୍ତା:** ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ ବି–୬, ଆଇରନ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ତତ୍ତ୍ୱରେ ଭରପୂର ପିସ୍ତା ଶରୀର ପାଇଁ ଖୁବ୍ ଉପକାରୀ। ମହିଳାମାନେ ପ୍ରତିଦିନ ଏହାକୁ ଖାଇଲେ ତ୍ୱଚା ସୁନ୍ଦର ହେବା ସହ ମେଦହ୍ରାସ ହୋଇଥାଏ, ହୃତ୍‌ପିଣ୍ଡ ସୁସ୍ଥ ହୁଏ ଓ ହାଡ ମଜଭୁତ ହୋଇଥାଏ।

# ଗୃହିଣୀଙ୍କୁ ରୋଷେଇ ଚିନ୍ତା

**ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ସୃଷ୍ଟି ହୋଇଥିବା ରନ୍ଧନ ଗ୍ୟାସ୍ ସଙ୍କଟର ପ୍ରଭାବ ଆମ ରାଜ୍ୟରେ ବି ଦେଖାଦେଇଛି; ଯେଉଁଥିପାଇଁ ଗୃହିଣୀମାନଙ୍କୁ ଘାରିଛି ରୋଷେଇ ଚିନ୍ତା। ଯଦି ଆଗକୁ ଗ୍ୟାସ୍ ନ ମିଳେ, ରୋଷେଇ କରିବାରେ ଯେପରି ଅସୁବିଧା ନ ହୁଏ ସେଥିପାଇଁ ସେମାନେ ଆପଣେଇ ନେଉଛନ୍ତି ବିକଳ୍ପ ବ୍ୟବସ୍ଥା...**



କେବଳ କମର୍ସିଆଲ ନୁହେଁ ଘରୋଇ ଗ୍ୟାସ୍ ସିଲିଣ୍ଡରର ଅଭାବ ଏବେ ବଡ଼ ଚିନ୍ତାର କାରଣ ସାଜିଛି। କେଉଁଠି ଗ୍ୟାସ୍ ପାଇଁ କାଉଣ୍ଟର ଆଗରେ ଲମ୍ବା ଲାଇନ ଲାଗୁଛି ତ ଆଉ କେଉଁଠି ଏହି ସାମ୍ପ୍ରତିକ ପରିସ୍ଥିତିର ସୁଯୋଗ ନେଇ ବ୍ଲାକ୍‌ରେ ଦୁଇରୁ ତିନି ଗୁଣା ଅଧିକ ଚଢ଼ା ଦାମ୍‌ରେ ବିକ୍ରି ହେଉଛି ଗ୍ୟାସ୍। ଯୁଦ୍ଧର ସ୍ଥିତିକୁ ଆଖିଆଗରେ ରଖି ଆଗକୁ ଏହି ସମସ୍ୟା ଆହୁରି ମଧ୍ୟ ବଢ଼ିପାରେ। ତେଣୁ ଏହି ସଙ୍କଟପୂର୍ଣ୍ଣ ପରିସ୍ଥିତି କେତେଦିନ ଲାଗି ରହିବ ତାହା ଅନିର୍ଦ୍ଦିଷ୍ଟ ହୋଇଥିବାରୁ ନିଜ ଘରେ ଯେପରି ରୋଷେଇ ବନ୍ଦ ନ ହୋଇଯାଏ ସେଥିପାଇଁ ବିଭିନ୍ନ ବିକଳ୍ପ ବ୍ୟବସ୍ଥା ନିହାତି ରହିବା ଆବଶ୍ୟକ...



**ଇଣ୍ଡକ୍ସନ ଚୁଲା:** ଗ୍ୟାସ୍ ସିଲିଣ୍ଡରର ସବୁଠୁ ଭଲ ବିକଳ୍ପ ହେଉଛି ଇଣ୍ଡକ୍ସନ ଚୁଲା। ଏହି ଇଲେକ୍ଟ୍ରିକ୍‌ଚାଳିତ ଚୁଲାରେ ଖୁବ୍ କମ୍ ଇଲେକ୍ଟ୍ରି ଖର୍ଚ୍ଚ ହେବା ସହ ଏହା ଗ୍ୟାସ୍ ତୁଳନାରେ ୫୦ ପ୍ରତିଶତ ଶୀଘ୍ର ରୋଷେଇ କରିବାରେ ସାହାଯ୍ୟ କରିଥାଏ। ତା'ଛଡ଼ା ଏଥିରେ ଥିବା ବିଲ୍ଟ–ଇନ୍ ଟାଇମର ଖାଦ୍ୟକୁ ଜଳିବାକୁ ଦେଇ ନ ଥାଏ। ମାର୍କେଟ୍‌ରେ ବିଭିନ୍ନ ବ୍ରାଣ୍ଡର ଇଣ୍ଡକ୍ସନ ଚୁଲା ମିଳୁଛି। ସବୁଠୁ ବଡ କଥା ହେଉଛି ଏହା ପ୍ରତ୍ୟେକ ବର୍ଗଙ୍କ ପାଇଁ ବଜେଟ୍ ଫ୍ରେଣ୍ଡ୍‌ଲି।



**ସୋଲାର ଚୁଲା:** ଗ୍ୟାସ୍ ନ ମିଳିଲା ବେଳେ ଯଦି କୌଣସି କାରଣରୁ କରେଣ୍ଟ ନ ରହେ ତେବେ ରୋଷେଇ କିପରି ହେବ, ଏକଥା ମଧ୍ୟ ଅନେକ ଗୃହିଣୀଙ୍କୁ ଚିନ୍ତାରେ ପକାଇଥାଏ। ଏମିତିରେ ସେମାନଙ୍କ ସମସ୍ୟାର ସମାଧାନର ସବୁଠୁ ବେଷ୍ଟ ବିକଳ୍ପ ହେଉଛି ସୋଲାର ଷ୍ଟୋଭ୍। ଏହା ସୂର୍ଯ୍ୟକିରଣରେ ଚାର୍ଜ ହେଉଥିବାରୁ ଇକୋ–ଫ୍ରେଣ୍ଡ୍‌ଲି ହୋଇଥାଏ।

**ଷ୍ଟୋଭ୍:** ରନ୍ଧନ ଗ୍ୟାସ୍ ସଙ୍କଟ ଦେଖା ଦେବାପରେ ଘରେ ଦୀର୍ଘଦିନରୁ ଅବ୍ୟବହୃତ ହୋଇ ପଡି ରହିଥିବା ଷ୍ଟୋଭ୍‌ର ଚାହିଦା ପୁଣି ବଢ଼ିବାରେ ଲାଗିଛି। ଏଥିରେ ଇନ୍ଧନ ଭାବେ କିରୋସିନ ବ୍ୟବହାର ହୋଇଥାଏ।

**ମାଟି ଚୁଲି ଏବଂ ଉଠାଚୁଲି:** ଗ୍ୟାସ୍ ଚୁଲା ବ୍ୟବହାର କରିବା ପରଠାରୁ କେବଳ ଗାଁ ଗହଳିରେ କେତେକ ଘର ଛାଡ଼ିଦେଲେ କାଠ, ଘଷି ଓ କୋଇଲା ଆଦି ଇନ୍ଧନର ବ୍ୟବହାର ବହୁମାତ୍ରାରେ କମିଯାଇଥିଲା। ହେଲେ ବର୍ତ୍ତମାନ ଗ୍ୟାସ୍ ନ ମିଳିବା କାରଣରୁ ପୁନର୍ବାର ସମସ୍ତେ ଏସବୁ ଉପରେ ନିର୍ଭର କରିବା ଆରମ୍ଭ କରିଲେଣି। ତେଣୁ କେହି କେହି ଘରେ ମାଟି ଚୁଲି ବି କଲେଣି। ଗ୍ରାହକଙ୍କ ବଢୁଥିବା ଡିମାଣ୍ଡକୁ ଦେଖି ମାର୍କେଟ୍‌ରେ ମଧ୍ୟ ଉଠାଚୁଲି ବିକ୍ରି ଆରମ୍ଭ ହେଲାଣି। ତେଣୁ ଏହାକୁ ମଧ୍ୟ ଜରୁରିକାଳୀନ ପରିସ୍ଥିତିରେ ଗ୍ୟାସ୍‌ର ବିକଳ୍ପ ଭାବେ ବ୍ୟବହାର କରିପାରିବେ।

**ବାୟୋଗ୍ୟାସ୍:** ଗୋବର କିମ୍ବା କିଚେନ୍ ୱେଷ୍ଟକୁ ବ୍ୟବହାରକରି ଘରେ ବାୟୋଗ୍ୟାସ୍ ପ୍ଲାଣ୍ଟ ବ୍ୟବସ୍ଥା କରିବା ବି ଏହି ସମସ୍ୟାର ଏକ ଭଲ ବିକଳ୍ପ। ଏଥିରେ ଥରେ ଇନ୍‌ଭେଷ୍ଟ କଲେ ଦୀର୍ଘଦିନ ପର୍ଯ୍ୟନ୍ତ ଇନ୍ଧନ ମିଳିବା ସହ ୱେଷ୍ଟ ମ୍ୟାନେଜମେଣ୍ଟ ବି କରିହେବ, ଯାହାଦ୍ୱାରା ଇନ୍ଧନ ପାଇଁ ହେଉଥିବା ଖର୍ଚ୍ଚ ବି କମିଯିବ।

**ଅନ୍ୟ ଇଲେକ୍ଟ୍ରିକ୍ ସାମଗ୍ରୀ:** ଇଲେକ୍‌ଟ୍ରିକ୍ ପ୍ରେସର କୁକର ରୋଷେଇ ପାଇଁ ଏକ ଅଲ୍ ଇନ୍ ୱାନ୍ ସଲ୍ୟୁଶନ। ଏଥିରେ ଖାଦ୍ୟ ଖୁବ୍ ଶୀଘ୍ର ବି ହୋଇଥାଏ। ଏହାବ୍ୟତୀତ ମାଇକ୍ରୋୱେଭ୍ ଓଭନ୍ ବି କିଛି ମାତ୍ରାରେ କାମରେ ଆସିପାରେ।

## ଏମାନେ କ'ଣ କରନ୍ତି



**ତେଜସ୍ୱିନୀ ପାତ୍ର**(ଗୃହିଣୀ, ପାରିଜଅଁର, ପିପିଲି, ପୁରୀ)– ଗ୍ୟାସ୍ ଚୁଲାରେ ରାନ୍ଧିବା ସହଜ ଏବଂ ଏଥିରେ ଧୂଆଁ ହେବା ଏବଂ ଘର କଳା ପଡ଼ିବାର ଟେନ୍‌ସନ ନାହିଁ। ତେଣୁ ଧୀରେ ଧୀରେ ପାରମ୍ପରିକ କାଠ, କୋଇଲା ବ୍ୟବହାର ହେଉଥିବା ମାଟି ଚୁଲିର ଚାହିଦା କମିଯାଇଥିଲା। ହେଲେ ଏବେ ଗ୍ୟାସ୍ ଅଭାବ ଦେଖାଦେବାରୁ ପୁଣି ଏହି ଚୁଲିର ଡିମାଣ୍ଡ ବଢ଼ିଯାଇଛି। ଏହି କିଛିଦିନ ହେବ ଉଠା ମାଟିଚୁଲିରେ କାଠ ଜାଳି ରାନ୍ଧୁଛି। ସତ କହିବାକୁ ଗଲେ ଏଥିରେ ରନ୍ଧାଯାଉଥିବା ଖାଦ୍ୟରେ ଏକ ଭିନ୍ନ ସ୍ୱାଦ ଆସୁଥିବାରୁ ଘର ଲୋକ ବି ଏହାକୁ ବହୁ ପସନ୍ଦ କରୁଛନ୍ତି।



**ସୁଚିସ୍ମିତା ଦାସ**(ଗୃହିଣୀ, ଏୟାରପୋର୍ଟ ଏରିଆ, ଭୁବନେଶ୍ୱର)– ଗ୍ୟାସ୍ ନ ମିଳିବା କଥା ଶୁଣିଲେ ନିଶ୍ଚିତ ଭାବେ ଘରେ ରୋଷେଇ କିପରି ହେବ ତାକୁ ନେଇ ଚିନ୍ତା ବଢ଼ିଯାଏ। ଟିଭିରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଖବର ଦେଖିବା ବେଳକୁ ପରିସ୍ଥିତି ଯେ ଖୁବ୍ ଶୀଘ୍ର ନିୟନ୍ତ୍ରଣକୁ ଆସିଯିବ ଏବଂ ଏହା ପ୍ରଭାବରେ ଦେଖାଦେଇଥିବା ଗ୍ୟାସ୍ ସଙ୍କଟ ବି ସଙ୍ଗେ ସଙ୍ଗେ ସମାଧାନ ହୋଇଯିବ ସେକଥା ବି ଆକଳନ କରି ହେଉନାହିଁ। ତେଣୁ ଇଣ୍ଡକ୍ସନ ଚୁଲାକୁ ଏହାର ବିକଳ୍ପ ଭାବେ ବାଛିନେଇଛି ଏବଂ ଏଥିରେ ହିଁ ରୋଷେଇ କରୁଛି। ଏହାବ୍ୟତୀତ ମାଇକ୍ରୋୱେଭ୍ ଓଭନ ବି ରଖିଛି। ଘରେ ଖୁବ୍ ଶୀଘ୍ର ସୋଲାର ସେଲ୍ ବ୍ୟବସ୍ଥା କରିବାକୁ ବି ପ୍ଲାନିଂ କରିସାରିଛୁ।

# ଇନ୍‌ଡୋର ପ୍ଲାଣ୍ଟରେ ସଜାନ୍ତୁ ଘର

**ଗଛ ଲଗାଇବା ଅନେକଙ୍କୁ ପସନ୍ଦ। ହେଲେ ଘର ବାହାରେ ଜାଗା ନ ଥିବାରୁ ହେଉ କିମ୍ବା ଭଡ଼ାଘରେ ଗଛ ଲଗାଇବାରେ ଅସୁବିଧା ହେଉଥିବାରୁ ଅନେକଙ୍କୁ ନିଜ ରୁଚିକୁ ଦବାଇବାକୁ ପଡ଼ିଥାଏ। ହେଲେ ଏମିତିରେ ଆପଣ କେତେକ ଇନ୍‌ଡୋର ପ୍ଲାଣ୍ଟ ଲଗାଇ ପାରିବେ, ଯାହା ଆପଣଙ୍କ ଘରକୁ ସୁନ୍ଦର କରିବା ସହ ଅକ୍ସିଜେନ୍ ଯୋଗାଇଦେବ...**

- ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ, ଜେଡ୍ ପ୍ଲାଣ୍ଟ ଆଦିକୁ ରଖି ଛାତ ହୁକ୍ କିମ୍ବା ୱିଣ୍ଡୋରେ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।
- ଯଦି ବାଲ୍‌କୋନି ଅଛି ତେବେ ସେଠାରେ ଷ୍ଟାଣ୍ଡ ରଖି ସୁନ୍ଦର ସୁନ୍ଦର ସେରାମିକ୍ ପଟ୍‌ରେ ଏରିକା ପାମ୍, ଫିଲୋଡେଣ୍ଡ୍ରନ୍, ଆଗ୍ଲୋନିମା, ପିସ୍ ଲିଲି, ମନି ପ୍ଲାଣ୍ଟ, ଜେଡ୍ ଜେଡ୍ ପ୍ଲାଣ୍ଟ, ସ୍ନେକ୍ ପ୍ଲାଣ୍ଟ, ରବର ପ୍ଲାଣ୍ଟ ଭଳି ବିଭିନ୍ନ ଇନ୍‌ଡୋର ପ୍ଲାଣ୍ଟ ଆଦି ଲଗାଇ ଘରକୁ ଅଧିକ ଆକର୍ଷଣୀୟ କରିପାରିବେ।
- ଆପଣ ଚାହିଁଲେ ଘରେ ପଡ଼ିଥିବା ଅଦରକାରୀ ଜିନିଷକୁ କାଟି ମଧ୍ୟ ପଟ୍ ତିଆରି କରି ସେଥିରେ ବିଭିନ୍ନ ଇନ୍‌ଡୋର୍ ପ୍ଲାଣ୍ଟ ଲଗାଇ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ। ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ କଣାକରି ସେଥିରେ ମନି ପ୍ଲାଣ୍ଟ ଲଗାଇପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ୍ୟ ଆକର୍ଷଣୀୟ ଡିଜାଇନ କରିପାରିବେ।
- ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ, ଲଗାଇ ଘରକୁ ଡେକୋରେଟ୍ କରିପାରିବେ ।
- ଡ୍ରଇଂରୁମ୍ ଡେକୋରେଶନ ପାଇଁ ମଧ୍ୟ ଇନ୍‌ଡୋର ପ୍ଲାଣ୍ଟ ଏକ ଭଲ ଅପ୍ସନ। ତେଣୁ ସୁନ୍ଦର ପଟ୍‌ରେ ଏରିକା ପାମ୍, ଆଲୋକାସିଆ, ମନ୍‌ଷ୍ଟେରା, ଡ୍ରାଡେସ୍କାନ୍ସିଆ, ଲକି ବାମ୍ବୁ, ଆଗ୍ଲୋନିମା, ବାର୍ଡ ନେଷ୍ଟ ଫର୍ନ ଭଳି ପ୍ଲାଣ୍ଟ ଲଗାନ୍ତୁ। ହେଲେ ଏସବୁକୁ ମଝିରେ ମଝିରେ କିଛି ସମୟ ହାଲ୍‌କା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିବାକୁ ଭୁଲନ୍ତୁ ନାହିଁ।



# ଓଡ଼ିଶା ପୁରୁଷ ଦଳର ରୋମାଞ୍ଚକର ବିଜୟ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

**ଜାତୀୟ ୟୁଥ୍ ଭଲିବଲ**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପୁରୁଷ ଦଳ ରୋମାଞ୍ଚକର ବିଜୟ ହାସଲ କରିଛି। ସୋମବାର ୫ ସେଟ୍‌ରେ ଶେଷ ହୋଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଦଳ ୩-୨ରେ ହରିୟାଣାକୁ ପରାସ୍ତ କରିଛି। ସମକକ୍ଷ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିବାବେଳେ ଶେଷରେ ଓଡ଼ିଶା ୨୫-୧୮, ୨୮-୨୬, ୨୨-୨୫, ୧୭-୨୫, ୧୬-୧୪ରେ ବିଜୟ ହାସଲ କରିଥିଲା। ଏହା ପୂର୍ବରୁ ଅନ୍ୟଏକ ମ୍ୟାଚରେ ଓଡ଼ିଶା ଦଳ ଉତ୍ତର ପ୍ରଦେଶ ବିପକ୍ଷରେ ୩-୦ରେ ସହଜ ବିଜୟ ହାସଲ କରିଥିଲା। ମହିଳା ବର୍ଗରେ ମଧ୍ୟ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଛି। ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ଓଡ଼ିଶା ୩-୦ ସେଟ୍‌ରେ ଛତିଶଗଡ଼କୁ ପରାସ୍ତ କରିଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚଲାଗି ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା (ମହିଳା ଓ ପୁରୁଷ) ଅନୁଷ୍ଠିତ ହେଉଛି। ଭାରତୀୟ ଭଲିବଲ ଇତିହାସରେ ପ୍ରଥମଥରପାଇଁ କୌଣସି ଏକ ଜାତୀୟ ପ୍ରତିଯୋଗିତା ଗୋଟିଏ ଉନ୍‌ଡୋର ଷ୍ଟାଡିୟମର ୬ଟି କୋର୍ଟରେ ଖେଳାଯାଉଛି।



ଓଡ଼ିଶା ଓ ହରିୟାଣା ମଧ୍ୟରେ ସୋମବାର ଅନୁଷ୍ଠିତ ମ୍ୟାଚ।

# ଜେଏମ୍ ରୀତିକାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ**

ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଚଣ୍ଡିଗଡର ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜେଏମ୍ ରିତିକା ଦାସ ସଫଳତା ଅର୍ଜନ କରିଛନ୍ତି। ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରିତିକା ବ୍ୟକ୍ତିଗତ ବାଲାନ୍ସିଙ୍ଗ୍ ବିମ୍‌ରେ ୧୦.୨୦୦ ପଏଣ୍ଟ ପାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେ ୧୯୬.୬୦୦ ପଏଣ୍ଟରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମାତ୍ର ୬ ବର୍ଷ ବୟସରୁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ କରିଥିବା ରିତିକା ଏବେ କଳିଙ୍ଗ ଷ୍ଟାଡିୟମ ହାଇପରଫର୍ମାନ୍ସ ସେଣ୍ଟରରେ ଅଭ୍ୟାସରତ। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ମୁଖ୍ୟ ପୃଷ୍ଠପୋଷକ ଅତିଶ କୁମାର ରାଉତ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର ଓ ଏକାଡେମୀର ସମସ୍ତ କର୍ମକର୍ତ୍ତା ଏଂ ଅଭିଭାବକବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



ଜେଏମ୍ ରିତିକା ଦାସ

## ମହିଳା ହକି ନେଶନ୍ସ କପ୍‌ରେ ଖେଳିବ ଭାରତ

**ଲୌସାନେ, ୧୬।୩ (ପି.ଟି.)**

ଆସନ୍ତା ଜୁନ୍ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ରାଜଧାନୀ ଅକ୍‌ଲାଣ୍ଡରେ ହେବାକୁ ଥିବା ଏଫ୍‌ଆଇଏଚ୍ ହକି ନେଶନ୍ସ କପ୍‌ରେ ଭାରତୀୟ ମହିଳା ଦଳ ଖେଳିବ। ୨୦୨୧ରେ ଆରମ୍ଭ ହୋଇଥିବା ହକି ନେଶନ୍ସ କପ୍ ଟୁର୍ନାମେଣ୍ଟରେ ହକି ପ୍ରୋ ଲିଗ୍‌ରେ ଖେଳୁ ନ ଥିବା ଶୀର୍ଷ ର୍ୟାଙ୍କଧାରୀ ଦଳମାନେ ଖେଳନ୍ତି। ଚାମ୍ପିୟନ ଦଳକୁ ପରବର୍ତ୍ତୀ ସିଜନରେ ପ୍ରୋ ଲିଗ୍‌କୁ ପ୍ରମୋଟ କରାଯାଏ। ପ୍ରୋ ଲିଗ୍‌ର ୨୦୨୪-୨୫ ସିଜନରେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିବାରୁ ଭାରତୀୟ ଦଳକୁ ରିଲିଗେଟ କରାଯାଇଥିଲା। ଭାରତ ବ୍ୟତୀତ ନ୍ୟୁଜିଲାଣ୍ଡ, ଆମେରିକା, ଜାପାନ, କୋରିଆ, ଚିଲି, ସ୍କଟଲାଣ୍ଡ ଓ ଫ୍ରାନ୍ସ ଭାଗ ନେବେ।

## ଗେଲ୍‌ଙ୍କ ରେକର୍ଡ ଉପରେ ସୂର୍ଯ୍ୟବଂଶୀଙ୍କ ନଜର

**ଜୟପୁର, ୧୬।୩**

ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରାଜସ୍ଥାନ ରୟାଲ୍‌ସକୁ ଚାମ୍ପିୟନ କରାଇବା ଲକ୍ଷ୍ୟରେ ରହିଛନ୍ତି ଯୁବ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ। ଏଥିସହିତ କ୍ରିସ୍ ଗେଲ୍‌ଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୧୭୫ ରନର ରେକର୍ଡ ଭାଙ୍ଗିବା ମଧ୍ୟ ତାଙ୍କର ଅଭିଳାଷ ଥିବା ପ୍ରକାଶ କରିଛନ୍ତି। ଗେଲ୍ ୨୦୧୩ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ୬୬ ବଲ୍‌ରୁ ୧୭୫ ରନକରି ଅପରାଜିତ ରହିଥିଲେ। ପୁରୁଷ ଟି୨୦ରେ ଏହା ଏପର୍ଯ୍ୟନ୍ତ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇ ରହିଛି।

## ସିନରଙ୍କୁ ଇଣ୍ଡିଆନ ୱେଲ୍ସ ଓପନ ଟାଇଟଲ



ଟ୍ରଫି ସହ ଜାନିକ ସିନର।

**ଇଣ୍ଡିଆନ ୱେଲ୍ସ, ୧୬।୩(ପି.ଟି.)**

ୱାର୍ଲ୍ଡ ନଂ-୨ ଜାନିକ ସିନର ଚଳିତ ଇଣ୍ଡିଆନ ୱେଲ୍ସ ଓପନ ଟାଇଟଲ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସିନର ୭-୬(୮-୬), ୭-୬ (୭-୪) ସେଟ୍‌ରେ ୧୧ତମ ସିଡ୍ ଡାନିଲ ମେଡଭେଡେଭଙ୍କୁ ହରାଇଛନ୍ତି। ଏହା ଚଳିତବର୍ଷ ସିନରଙ୍କ ପ୍ରଥମ ଓ କ୍ୟାରିୟରର ୨୫ତମ ଟାଇଟଲ। ଏଥିସହିତ ସେ ରୋଜର ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ପରେ ତୃତୀୟ ଖେଳାଳି ଭାବେ ହାର୍ଡ କୋର୍ଟରେ ସମସ୍ତ ୬ଟି ଏଟିପି ମାଷ୍ଟର୍ସ ୧୦୦୦ ଟାଇଟଲ ହାସଲ କରିଛନ୍ତି।

### ସାବାଲେଙ୍କା ଚାମ୍ପିୟନ

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ମହିଳା ସିଙ୍ଗଲ୍ସ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ସେ ଫାଇନାଲରେ ୩-୬, ୬-୩, ୭-୬(୮-୬) ଏଲିନା ରିବାକିନାଙ୍କୁ ହରାଇଛନ୍ତି। ଏଥିପୂର୍ବରୁ ୨୭ ବର୍ଷୀୟା ସାବାଲେଙ୍କା ୨୦୨୩ ଓ ୨୦୨୫ ସଂସ୍କରଣରେ ରନରଅପ୍ ଭାବେ ଅଭିଯାନ ଶେଷ କରିଥିଲେ। ରିବାକିନାଙ୍କ ବିପକ୍ଷ ୧୬ ମ୍ୟାଚ୍‌ରେ ଏହା ସାବାଲେଙ୍କାଙ୍କ ନବମ ବିଜୟ। କାଜଖସ୍ତାନର ରିବାକିନା ୨୦୨୫ ଡବ୍ଲ୍ୟୁଟିଏ ଫାଇନାଲ୍ସ ଚାମ୍ପିୟନଶିପ୍ ଓ ଅଷ୍ଟ୍ରେଲିଆନ ଓପନରେ ସାବାଲେଙ୍କାଙ୍କୁ ହରାଇଥିଲେ।

## ଆସାଇଲମ ନିଷ୍ପତ୍ତିରୁ ଓହରିଲେ ଇରାନ ମହିଳା ଫୁଟ୍‌ବଲ ଖେଳାଳି

**କୁଆଲାଲମ୍ପୁର, ୧୬।୩ (ଏପି)**

ଇରାନ ମହିଳା ଫୁଟବଲ ଦଳ ଖୁବ୍‌ଶୀଘ୍ର ମାଲେସିଆ ଛାଡ଼ି ଓମାନ ଅଭିମୁଖେ ଯାତ୍ରା କରିବ। ଅଷ୍ଟ୍ରେଲିଆରେ ଆସାଇଲମ ଲାଗି ଆବେଦନ କରିଥିବା ଦଳର କିଛି ଖେଳାଳି ସେମାନଙ୍କ ନିଷ୍ପତ୍ତି ବଦଳାଇବା ପରେ କୁଆଲାଲମ୍ପୁରରେ ଦଳ ସହ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ଏଏଫ୍‌ସି ସମ୍ପାଦକ ୱିଣ୍ଡସର ଜନ କହିଛନ୍ତି, ଇରାନ ଦଳ ଲାଗି ଇରାନର ଦୂତାବାସ ପକ୍ଷରୁ ଯାତ୍ରା ବ୍ୟବସ୍ଥା କରାଯାଇଛି। ଏଏଫ୍‌ସି ସେମାନଙ୍କୁ ସହଯୋଗ କରୁଛି। ସେମାନେ ଓମାନ ଯାତ୍ରା କରିବେ। କିନ୍ତୁ ତାହା ତାଙ୍କର ଅନ୍ତିମ ଗନ୍ତବ୍ୟ ସ୍ଥଳ ନୁହେଁ। ତେବେ ଦଳର ସମ୍ପୂର୍ଣ୍ଣ ଟ୍ରାଭେଲ ଯୋଜନା ସମ୍ପର୍କରେ ମୋତେ ଜଣାନାହିଁ।

ଅଷ୍ଟ୍ରେଲିଆରେ ଖେଳାଯାଉଥିବା ମହିଳା ଏସିଆନ କପ୍‌ରୁ ବିଦାୟ ନେବା ପରେ ଇରାନ ଦଳ ଗତ ୧୦ ତାରିଖରେ ସିଡ୍‌ନୀରୁ କୁଆଲାଲମ୍ପୁରରେ ପହଞ୍ଚିଥିଲା। ପ୍ରାରମ୍ଭିକ ଭାବେ ଦଳର ୬ ଖେଳାଳି ଓ ଜଣେ ସପୋର୍ଟ ଷ୍ଟାଫ ସଦସ୍ୟ ପ୍ରୋଟେକଶନ ଭିଜା ପାଇବା ପରେ ଦଳ ସହ କୁଆଲାଲମ୍ପୁର ଆସି ନ ଥିଲେ। ହେଲେ ୪ ଖେଳାଳି ଓ ସପୋର୍ଟ ଷ୍ଟାଫ ସୋମବାର ଦଳ ସହ ଯୋଗଦେଇଛନ୍ତି। ନିଷ୍ପତ୍ତିରେ ପରିବର୍ତ୍ତନ ପଛରେ ସେମାନଙ୍କ ପକ୍ଷରୁ କୌଣସି କାରଣ ଦିଆଯାଇ ନାହିଁ। ହେଲେ ସେମାନଙ୍କ ନିଷ୍ପତ୍ତିକୁ ଇରାନ ଫେଡେରେଶନ ଅଧିକାରୀ ସ୍ୱାଗତ କରିବା ସହ ଅଷ୍ଟ୍ରେଲିଆ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିପକ୍ଷରେ ଏହାକୁ ଏକ ବିଜୟ ବୋଲି କହିଛନ୍ତି।

## ଇରାନ ଫିଫା ବିଶ୍ୱକପ୍‌ରେ ଖେଳିବ

**କୁଆଲାଲମ୍ପୁର, ୧୬।୩(ଏପି)**

ଆସନ୍ତା ଜୁନରେ ଆମେରିକା, କାନାଡା ଓ ମେକ୍ସିକୋରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍‌ରେ ଇରାନ ଖେଳିବ। ଏ ନେଇ ଏସିଆନ ଫୁଟବଲ କନ୍‌ଫେଡେରେଶନ ପକ୍ଷରୁ ସୋମବାର କୁହାଯାଇଛି। ବର୍ତ୍ତମାନ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହିଥିବାରୁ ଇରାନ ଦଳ ବିଶ୍ୱକପ୍‌ରେ ଖେଳିବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଏଏଫ୍‌ସ ସମ୍ପାଦକ ୱିଣ୍ଡସର ଜନ କହିଛନ୍ତି, ଇରାନ ଆମ ସଦସ୍ୟ। ଆମେ ଚାହୁଁ ସେମାନେ ଖେଳନ୍ତୁ। ଯେଉଁ ପର୍ଯ୍ୟନ୍ତ ଆମକୁ ଜଣାଅଛି, ଇରାନ ଖେଳୁଛି। ଅନେକ ଲୋକ ଅନେକ କଥା କହୁଛନ୍ତି। ଇରାନ ଦଳ ବିଶ୍ୱକପ୍‌ରେ ଖେଳିବ କି ନାହିଁ, ସେ ସମ୍ପର୍କରେ ଇରାନ ଫୁଟବଲ ଫେଡେରେଶନ ଅନ୍ତିମ ନିଷ୍ପତ୍ତି ନେବ। ଗତ ସପ୍ତାହରେ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକପୂର୍ଣ୍ଣ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଇରାନ ଫୁଟବଲ ଦଳ ପକ୍ଷରୁ କୁହାଯାଇଥିଲା ଯେ, ଆମକୁ କେହି ବିଶ୍ୱକପ୍‌ରେ ଖେଳିବାରୁ ରୋକିପାରିବେ ନାହିଁ।

## ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବ ଆଇପିଏଲ୍ ଫାଇନାଲ

**ବେଙ୍ଗାଲୁରୁ, ୧୬।୩(ପି.ଟି.)**

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚଳିତ ବର୍ଷର ଆଇପିଏଲ ଆୟୋଜନ କରିବାକୁ କର୍ନାଟକ ସରକାର ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରିଛନ୍ତି। ଏଥିଯୋଗୁ ଆଇପିଏଲ୍‌ର ୧୯ତମ ସଂସ୍କରଣର ଉଦ୍‌ଘାଟନୀ ଓ ଫାଇନାଲ ମ୍ୟାଚ୍ ଏଠାରେ ଖେଳାଯିବ ବୋଲି ସ୍ପଷ୍ଟ ହୋଇଛି। ଆସନ୍ତା ୨୮ ତାରିଖରେ ଆରମ୍ଭ ହେବାକୁ ଥିବା ଆଇପିଏଲ-୧୯ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ।

ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ବିଶେଷଜ୍ଞ କମିଟି ଗତ ଶୁକ୍ରବାର ଷ୍ଟାଡିୟମର ପ୍ରସ୍ତୁତିକୁ ଯାଞ୍ଚ କରିବା ପରେ ରିପୋର୍ଟ ପ୍ରଦାନ କରିଥିଲା। ସୋମବାର କର୍ନାଟକର ଗୃହମନ୍ତ୍ରୀ ଜି ପରମେଶ୍ୱରଙ୍କ ନେତୃତ୍ୱରେ ବସିଥିବା ବୈଠକ ପରେ ଅନୁମତି ପ୍ରଦାନ କରାଯାଇଛି। ଏହି ବୈଠକରେ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ), ଆର୍‌ସିବି ଓ ବିଶେଷଜ୍ଞ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଭେନ୍ୟୁ ପାଖରେ ଅତ୍ୟଧିକ ଗହଳି ଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ଟିକେଟ୍‌ରେ କ୍ୟୁଆର କୋଡ୍, ମ୍ୟାଚ୍ ଦିନ ରାତି ୧ଟା ପର୍ଯ୍ୟନ୍ତ ମେଟ୍ରୋ ସୁବିଧା ଭଳି ଅନେକ ପଦକ୍ଷେପ ଫ୍ରାଞ୍ଚାଇଜ ଓ କେଏସ୍‌ସିଏ ପକ୍ଷରୁ ନିଆଯାଇଛି। ତେବେ ଆର୍‌ସିବି ବେଙ୍ଗାଲୁରୁରେ ୫ଟି ମ୍ୟାଚ୍ ଖେଳିବ ଏବଂ ବଳକା ୨ଟି ମ୍ୟାଚ୍ ରାୟପୁରର ଶହିଦ ବୀର ନାରାୟଣ ସିଂ ଷ୍ଟାଡିୟମରେ ଖେଳିବ।

## କିଶନ ଏସ୍‌ଆର୍‌ଏଚ୍‌ର ନେତୃତ୍ୱ ନେଇପାରନ୍ତି

**ନୂଆଦିଲ୍ଲୀ, ୧୬।୩(ଏପି)**

ଭାରତର ବାମହାତୀ ବିସ୍ଫୋରକ ବ୍ୟାଟର ଇଶାନ କିଶନ ଆଗାମୀ ଆଇପିଏଲ୍‌ର ପ୍ରାରମ୍ଭିକ କିଛି ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱ ନେଇପାରନ୍ତି। ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଦଳ ସହିତ କେବେ ଯୋଡ଼ି ହେବେ ସେ ନେଇ କୌଣସି ସ୍ପଷ୍ଟତା ନାହିଁ। ଏଣୁ ଦଳର ନେତୃତ୍ୱ ଲାଗି ଟିମ ମ୍ୟାନେଜମେଣ୍ଟ କିଶନଙ୍କୁ ବାଛିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ୨୭ ବର୍ଷୀୟ କିଶନ ଟି୨୦ ବିଶ୍ୱକପ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଏଥିସହିତ ତାଙ୍କ ନିକଟରେ ନେତୃତ୍ୱରେ ନେବାର ଅଭିଜ୍ଞତା ରହିଛି। ତାଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ଗତ ବର୍ଷ ପ୍ରଥମଥର ପାଇଁ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ଜିତିଥିଲା।

# ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜୀ କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପୁରୀର ପାୟୋନିୟରକୁ ୩ ଉଇକେଟରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାୟୋନିୟର ୩୮.୫ ଓଭରରେ ୧୯୪ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ କୁମାର ଅଶ୍ୱିନ ସର୍ବାଧିକ ୭୨ ରନ କରିଥିଲେ। ପ୍ରଗତି ବୋଲର ମିଲନ ସାମଲ ଚମତ୍କାର ବୋଲିଂ କରି ୮ ଓଭରରେ ୨୩ ରନ ଦେଇ ୫ ଉଇକେଟ ନେଇ ପାୟୋନିୟରର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୯୫ ରନର ବିଜୟ ଲକ୍ଷ୍ୟକୁ ପ୍ରଗତି ୩୮.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। କୁଲଦୀପ ଯାଦବ ୭୯ ରନରେ ଅପରାଜିତ ରହି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶାନ୍ତନୁ ମିଶ୍ର ୪୭ ରନ କରିଥିଲେ। ପୁରୀ ଦଳର ବୋଲରଙ୍କ ମଧ୍ୟରେ ଅବଦୁଲ ଖାଁ ଓ ଲାଲୁ ମହାନ୍ତି ଯଥାକ୍ରମେ ୩ ଓ ୨ଟି ଉଇକେଟ ନେଇଥିଲେ। ୮-୨-୨୩-୫ ସ୍ପେଲ୍ ବୋଲିଂ କରିଥିବା ମିଲନ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ କ୍ଲବ ସଦସ୍ୟ ଆଶିଷ ପ୍ରତିହାରୀ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ସହିଦ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ବିସିସିଆଇ ମ୍ୟାଚ ରେଫରି ତଥା ପୂର୍ବତନ ରଣ୍ଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର ଏବଂ ପୂର୍ବତନ ରଣ୍ଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।




ମିଲନ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଓସିଏ କ୍ଲବ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କ୍ଲବ ଲିଗ୍ ସୋମବାର ଆରମ୍ଭ ହୋଇଛି। ଏହି ଦିନିକିଆ ଟୁର୍ନାମେଣ୍ଟର ପ୍ରଥମ ଦିବସରେ କଟକର ୪ଟି ଗ୍ରାଉଣ୍ଡରେ ଗ୍ରୁପ୍ 'ଏ' ଓ 'ସି'ର ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହୋଇଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ କ୍ଲବ ୨୨ ରନରେ ଏଲ୍‌ଆଇସି ସ୍ପୋର୍ଟ୍ସ କ୍ଲବକୁ ପରାସ୍ତ କରିଛି। ୟୁନିୟନ ସ୍ପୋର୍ଟିଂ ୪୯.୪ ଓଭରରେ ୨୭୦ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ଏଲଆଇସି ସ୍ପୋର୍ଟ୍ସ କ୍ଲବ ୫୦ ଓଭରରେ ୯ ଉଇକେଟ ହରାଇ ୨୪୮ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଶତକ ହାସଲ କରିଥିବା ଶିବମ ଚୌଧାରୀ (୧୨୩ ରନ) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ରେଭେନ୍‌ଶା-୧ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ପୁର ଆଥଲେଟିକ୍ ଆସୋସିଏଶନ ୪ ଉଇକେଟରେ ସନ୍‌ରାଇଜ୍ କ୍ଲବକୁ ହରାଇ ଦେଇଛି। ସନ୍‌ରାଇଜ୍ କ୍ଲବ ୫୦ ଓଭରରେ ୮ ଉଇକେଟ ହରାଇ ୨୫୨ ରନ କରିଥିଲା। ଜଗତପୁର ଦଳ ୪୫.୨ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଗୋଟିଏ ଉଇକେଟ ନେବାସହ ୪୩ ବଲ୍‌ରୁ ୭୩ ରନରେ ଅପରାଜିତ ରହିଥିବା ଜଗତ୍‌ପୁର ଦଳର ଭଗେଶ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ୪ ଉଇକେଟରେ ସନ୍‌ସାଇନ୍ କ୍ଲବକୁ ପରାସ୍ତ କରିଛି। ସନ୍‌ସାଇନ୍ ୪୦ ଓଭରରେ ୨୨୯ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ବିଶ୍ୱ ଭାରତୀ ୪୦.୫ ଓଭରରେ ୬ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ଗୋଟିଏ ଉଇକେଟ ନେବା ସହ ୪୭ ରନ କରିଥିବା ବିଶ୍ୱ ଭାରତୀର ଅଙ୍କିତ୍ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସନ୍‌ସାଇନ୍ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ଏସ୍‌ବି ସ୍ପୋର୍ଟ୍ସ କ୍ଲବ ୪ ରନରେ ରୋଭାର୍ସ ଆଥ୍‌ଲେଟିକ୍ କ୍ଲବକୁ ହରାଇଛି। ଏସ୍‌ବି ସ୍ପୋର୍ଟ୍ସ ୩୭.୧ ଓଭରରେ ୨୩୧ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ରୋଭର୍ସ ୪୪ ଓଭରରେ ୨୨୭ ରନ ମଧ୍ୟରେ ସମସ୍ତ ଉଇକେଟ ହରାଇଥିଲା। ଏସ୍‌ବି ସ୍ପୋର୍ଟ୍ସ ଶତକ ହାସଲକାରୀ ପ୍ରବୀଣ କୁମାର ଲୁହା (୧୨୦) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।



ପଞ୍ଜାବର ମୋହାଲିରେ ଅନୁଷ୍ଠିତ ୩ୟ ଜାତୀୟ ବଧିର ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ରାଇଫଲ୍ ପୁରୁଷ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବା ମୋହିତ କୁମାର ପାଣ୍ଡାନଙ୍କୁ ସୋମବାର ଓଡ଼ିଶା ରାଇଫଲ ସଂଘ ଓ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ